ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, March 2/2026 | Page 14 | ₹ 7.00
୫୨ଶ ଭାଗ ୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 98 | ମୂଲ୍ୟ ₹୭/-



**ଭାରତୀୟ ହକି ଦଳରେ ସୁନେଲିତା**
ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର ପାଇଁ ମନୋନୀତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ଏକମାତ୍ର ଖେଳାଳି ସୁନେଲିତା ଟୋପ୍ପୋ । ୧୪

୦୫ **ଆବୁଧାବିରେ ଫସିଛନ୍ତି ଇଶା ଗୁପ୍ତା**
ଆମେରିକା-ଇସ୍ରାଏଲ୍‌ର ଇରାନ୍ ଆକ୍ରମଣ ପରିପ୍ରେକ୍ଷୀରେ ଅଭିନେତ୍ରୀ ଇଶା ଗୁପ୍ତା ଆବୁଧାବିରେ ଅଟକି ରହିଛନ୍ତି।



# ହୋର୍ମୁଜ ଷ୍ଟ୍ରେଟ୍‌ରେ ସଙ୍କଟ

ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଆମେରିକା-ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଥିବା ସ୍ପଷ୍ଟ ହେବା ପରେ ରବିବାର ହୋର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଏକ ତୈଳ ଟ୍ୟାଙ୍କରକୁ ତେହରାନ୍ ଆକ୍ରମଣ କରିଛି। ଉକ୍ତ ଟ୍ୟାଙ୍କରରେ ଥିବା ୨୦ କ୍ରିଉ ସଦସ୍ୟଙ୍କ ମଧ୍ୟରୁ ୧୫ ଜଣ ହେଉଛନ୍ତି ଭାରତୀୟ। ଏହି ଅତର୍କିତ ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ବିଶ୍ୱ ତୈଳ ଯୋଗାଣର ୨୦-୩୦% ହୋର୍ମୁଜ ପ୍ରଣାଳୀ ଦେଇ ପରିବହନ ହୋଇଥାଏ। ମଧ୍ୟପ୍ରାଚ୍ୟର ତୈଳ ରପ୍ତାନିକାରୀ ରାଷ୍ଟ୍ର ସାଉଦି ଆରବ, ଇରାକ୍ ଏବଂ ୟୁଏଇର ସର୍ବାଧିକ ତୈଳ ଏହି ପ୍ରଣାଳୀ ଦେଇ ଯାଇଥାଏ। ଯୁଦ୍ଧ ଲାଗିରହିଲେ ଇରାନ୍ ହୋର୍ମୁଜ ପ୍ରଣାଳୀ ବନ୍ଦ କରିଦେବା ଆଶଙ୍କା ରହିଛି। ତେଣୁ ଯୁଦ୍ଧ ଅବଧି ବୃଦ୍ଧି ତୈଳ ଦରକୁ ୯୦ ଡଲାରରେ ପହଞ୍ଚାଇପାରେ। ପ୍ରାକୃତିକ ବାଷ୍ପ ଦର ମଧ୍ୟ ବଢ଼ିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏପରି ହେଲେ ଭାରତରେ କେବଳ ତୈଳ ନୁହେଁ, ଅନ୍ୟ ଆବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ମଧ୍ୟ ବଢ଼ିବା ଆଶଙ୍କା କରାଯାଉଛି।




- **ତୈଳ ଟ୍ୟାଙ୍କରକୁ ଇରାନ୍‌ର ଆକ୍ରମଣ**
- **ରହିଛନ୍ତି ୧୫ ଭାରତୀୟ କ୍ରିଉ**
- **ବଢ଼ିପାରେ ତୈଳ ଦର**

ଦୁବାଇ/ ୱାଶିଂଟନ୍/ ତେହରାନ୍,୧।୩ (ଏ.ପି./ ଅଲ୍‌ଜଜିରା)

ଆମେରିକା ଓ ଇସ୍ରାଏଲ୍‌ର ଜଏଣ୍ଟ ଅପରେଶନ୍‌ରେ ଶନିବାର ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହୋଇଥିବା ସ୍ପଷ୍ଟ ହୋଇଛି। କେବଳ ଖାମେନେଇ ନୁହନ୍ତି, ତାଙ୍କ ସେନା, ଗୋଇନ୍ଦା ଏଜେନ୍ସି ଏବଂ ପରିବାରର କେତେଜଣ ସଦସ୍ୟ ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ଯାଇ ଇରାନ୍ ରବିବାର ଇସ୍ରାଏଲ୍ ସମେତ ମଧ୍ୟପ୍ରାଚ୍ୟର ଅନେକ ଦେଶରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରିଛି। କେବଳ ଏତିକି ନୁହେଁ, ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଦେଇ ଯାଉଥିବା ଏକ ତୈଳ ଟ୍ୟାଙ୍କରକୁ ମଧ୍ୟ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ଆକ୍ରମଣ କରାଯାଇଛି। ଓମାନ୍‌ର ମୁସାଦାମ୍‌ଠାରୁ ପ୍ରାୟ ୫ ନଟିକାଲ ମାଇଲ୍ ଦୂରରେ ଥିବା କସାବ ବନ୍ଦରରେ ଏହି ତୈଳ ଭେସେଲ୍‌କୁ ଟାର୍ଗେଟ କରାଯାଇଥିଲା। ଫଳରେ ସେଥିରେ ନିଆଁ ଲାଗିଯାଇଥିଲା। ଭେସେଲ୍‌ରୁ କଳା ଧୂଆଁ ବାହାରି ସମ୍ପୃକ୍ତ ଅଞ୍ଚଳର ଆକାଶକୁ ଆଚ୍ଛାଦିତ କରି ରଖିଥିବା ଦେଖିବାକୁ ମିଳିଥିଲା। ଛୋଟ ଜାହାଜଟି ପରେ ବୁଡ଼ିଯାଇଥିବା ଏକ ଇରାନୀୟ ଟିଭି ଚ୍ୟାନେଲ ଦାବି କରିଥିଲା। ଉକ୍ତ ଟ୍ୟାଙ୍କରରେ ୧୫ ଭାରତୀୟ ଓ ୫ ଇରାନୀୟ ଥିଲେ। ଆକ୍ରମଣରେ ୪ ଜଣ ଆହତ ହୋଇଥିବାବେଳେ ସମସ୍ତଙ୍କୁ ଉଦ୍ଧାର କରାଯାଇଛି। ଆହତମାନଙ୍କୁ ☞ପୃଷ୍ଠା-୪

SIKSHA 'O' ANUSANDHAN
SAAT-2026
Empowering students for a brighter future
LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year
APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
NIRF INDIA RANKINGS 2025
- 10th Best in Law Category
- 15th Best in University Category
INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026
To apply for admission through SAAT, Please visit: www.soa.ac.in

VOLLEYBALL WORLD BEACH PRO TOUR | FIVB | Government Of India | KHELO INDIA | KISS



FIVB
1st TIME in INDIA in a University Campus
WORLD BEACH VOLLEYBALL CHAMPIONSHIP 2026
(MEN & WOMEN)
Proudly Hosted By
KIIT UNIVERSITY
Bhubaneswar, Odisha
4th-8th March, 2026 | KIIT, BHUBANESWAR, ODISHA
52 + COUNTRIES | 82 TEAMS | 164 ATHLETES | 306 PARTICIPANTS | OLYMPIC GOLD MEDALLISTS | CHAMPIONSHIP TROPHY (MEN & WOMEN) | UNLIMITED PASSION ON THE SAND
Participating Countries:
Australia | Austria | Belgium | Brazil | Canada | China | Czech Republic | Denmark | England | Estonia | Finland | France | Germany | Greece | ungary | India | Israel | Italy | Japan | Korea | Latvia | Lithuania | New Zealand | Norway | Poland | Portugal | Puerto Rico | Qatar | Romania | Saudi Arabia | Serbia | Singapore | Slovakia | Slovenia | Spain | Sri Lanka | Switzerland | Thailand | Türkiye | Ukraine | United Arab Emirates | United Kingdom | United States | Argentina | Bulgaria | Cuba | Egypt | Hong Kong | Peru | Philippines | Netherlands | Nigeria
KIIT, Patia, Bhubaneswar, Odisha, India 751024 | kiit@kiit.ac.in | kiit.ac.in | KISS Campus-3, Bhubaneswar, Odisha, India 751024 | info@kiss.ac.in | kiss.ac.in







ଆମେରିକା-ଇସ୍ରାଏଲ୍ର ମିଳିତ ଆକ୍ରମଣରେ ଇରାନ୍ ସୁପ୍ରିମ ଲିଡର ଆୟୋତୋଲ୍ଲା ଅଲୀ ଖାମେନେଇ ନିହତ ହୋଇଥିବା ସ୍ପଷ୍ଟ ହେବା ପରେ ରବିବାର ତେହରାନ୍, ଅଷ୍ଟ୍ରେଲିଆର ସିଡ୍ନୀ ସମେତ ବିଶ୍ୱର ବିଭିନ୍ନ ଭାଗରେ ଇରାନୀୟମାନେ ଉତ୍ସବ ପାଳନ କରୁଥିବାବେଳେ ଜମ୍ମୁ-କଶ୍ମୀରର ଶ୍ରୀନଗରରେ ମହିଳାମାନେ କାନ୍ଦି ଶୋକବ୍ୟକ୍ତ କରୁଥିବା ଦେଖିବାକୁ ମିଳିଛି।

# ଖାମେନେଇଙ୍କ ମୃତ୍ୟୁରେ ଭାରତରେ ବିକ୍ଷୋଭ

ଶ୍ରୀନଗର/ଲକ୍ଷ୍ନୌ, ୧।୩

ଇସ୍ରାଏଲ୍-ଆମେରିକାର ମିଳିତ ଆକ୍ରମଣରେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ଘଟଣାରେ ଭାରତର କଶ୍ମୀରଠାରୁ କର୍ନାଟକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିଆ ସମ୍ପ୍ରଦାୟର ଲୋକମାନେ ରାସ୍ତାକୁ ଓହ୍ଲାଇବା ସହ ଖାମେନେଇଙ୍କ ମୃତ୍ୟୁରେ ସେମାନଙ୍କ ଦୁଃଖ ଓ କ୍ରୋଧ ପ୍ରକାଶ କରିଛନ୍ତି। ଶନିବାର ସକାଳେ ତେହରାନ୍ରେ ଏୟାରଷ୍ଟ୍ରାଇକ୍ରେ ଖାମେନେଇ ନିହତ ହୋଇଥିବା ଇରାନ୍ୀୟ ଗଣମାଧ୍ୟମ ରବିବାର ସ୍ପଷ୍ଟ କରିବା ପରେ ଭାରତ ସମେତ ବିଶ୍ୱବ୍ୟାପୀ ବିକ୍ଷୋଭ ଓ ଶୋକ ପ୍ରକାଶ ପାଇଛି। କଶ୍ମୀରରେ ଶିଆ ସମ୍ପ୍ରଦାୟର ପ୍ରାୟ ୧୫ ଲକ୍ଷ ଲୋକ ରହୁଥିବାବେଳେ ସେମାନେ ଲାଲ୍ଚୌକ, ସାଇଦା କାଡାଲ, ବଡ୍ଗାମ୍, ବନ୍ଦିପୋରା, ଅନନ୍ତନାଗ ଏବଂ ପୁଲ୍ୱାମାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଛାତି ବାଡ଼େଇ ଆମେରିକା ଏବଂ ଇସ୍ରାଏଲ୍ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ଇରାନ୍ ଘଟଣାରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗଭୀର ଚିନ୍ତାବ୍ୟକ୍ତ କରିବା ସହ ଲୋକମାନଙ୍କୁ ଶାନ୍ତ ରହିବା ପାଇଁ କହିଛନ୍ତି। ଉତ୍ତେଜନା କମ୍ବା ଅଶାନ୍ତି ସୃଷ୍ଟି ହେଲା ଭଳି କୌଣସି କାର୍ଯ୍ୟ ନ କରିବାକୁ ସେ ଲୋକମାନଙ୍କୁ ନିବେଦନ କରିଛନ୍ତି। ନ୍ୟାଶନାଲ କନ୍ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ପ୍ରଶାସନକୁ ସମ୍ବେଦନଶୀଳତାର ସହ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦେଇଛନ୍ତି। କଶ୍ମୀରର ମୁଖ୍ୟ ମୌଲବୀ ମିର୍ୱାଇଜ୍ ଉମର ଫାରୁକ୍ ଇରାନ୍ ସୁପ୍ରିମ ଲିଡରଙ୍କ ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରିବା ସହ ରାଜ୍ୟବାସୀ ମିଳିତ ଭାବେ ଏହି ନିଷ୍ଠୁର ଆକ୍ରମଣକୁ ନିନ୍ଦା କରିବାକୁ ଆହ୍ୱାନ ଦେଇଛନ୍ତି। ତାଙ୍କ ନେତୃତ୍ୱାଧୀନ ଇସ୍ଲାମୀୟ ଧର୍ମୀୟ ସଂଗଠନ ମୁତାହିଦା ମଜଲିସ୍-ଇ-ଉଲମା (ଏମ୍ଏମ୍ୟୁ) ଖାମେନେଇଙ୍କ ହତ୍ୟା ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ସୋମବାର କଶ୍ମୀର ବନ୍ଦ ପାଇଁ ଆହ୍ୱାନ ଦେଇଛି।


ଆୟାତୋଲ୍ଲା ଅଲୀ ଖାମେନେଇ

## କଶ୍ମୀର ବନ୍ଦ ପାଇଁ ଏମ୍ଏମ୍ୟୁର ଡାକରା

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌର ବାରା ଇମାମବାରା ମସ୍ଜିଦ ନିକଟରେ ବହୁସଂଖ୍ୟାରେ ଲୋକ ଏକାଠି ହୋଇ ବିକ୍ଷୋଭ କରିବା ସହ ଇରାନ୍ ସୁପ୍ରିମଲିଡରଙ୍କ ଫଟୋ ଧରି ମହିଳାମାନେ କାନ୍ଦୁଥିବା ଦେଖାଯାଇଛି। ସୋମବାର ବିକ୍ଷୋଭ ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ଅଲ୍ ଇଣ୍ଡିଆ ଶିଆ ପର୍ସୋନାଲ ଲ' ବୋର୍ଡର ସାଧାରଣ ସମ୍ପାଦକ ମୌଲାନା ୟାସୁବ ଆବ୍ବାସ ଘୋଷଣା କରିଛନ୍ତି। ଶିଆ ସମ୍ପ୍ରଦାୟ ପକ୍ଷରୁ ୩ ଦିନିଆ ଶୋକ ଘୋଷଣା କରାଯାଇଛି। ଏହି ସମୟରେ ଲୋକେ କଳା ପୋଷାକ ପିନ୍ଧିବା ସହ ଘରେ କଳା ପତାକା ଲଗାଇବେ ଏବଂ ସ୍ୱତନ୍ତ୍ର ନମାଜ ପାଠ ଆୟୋଜନ କରିବେ। ସେହିପରି ପଞ୍ଜାବର ଲୁଧିଆନାରେ ମୁସଲମାନମାନେ ବିକ୍ଷୋଭ କରିବା ସହ କୁଶ ପୁତ୍ତଳିକା ଦାହ କରିଛନ୍ତି। କେନ୍ଦ୍ର ସରକାର ସପ୍ତାହେ ଜାତୀୟ ଶୋକ ପାଳନ ପାଇଁ ଘୋଷଣା କରିବାକୁ ଶାହି ଇମାମ ମୌଲାନା ମହମ୍ମଦ ଉସ୍ମାନ ରହମାନି ଲୁଧିଆନଭି ଦାବି କରିଛନ୍ତି। ସେ ଖାମେନେଇଙ୍କୁ ଶହୀଦ କହିବା ସହ ତାଙ୍କ ନିଧନକୁ କଡ଼ା ଶବ୍ଦରେ ନିନ୍ଦା କରିଛନ୍ତି। ଏହି ଚ୍ୟାଲେଞ୍ଜ ବିରୋଧରେ ବିଶ୍ୱବ୍ୟାପୀ ମୁସଲମାନ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି।

ସେହିପରି ନୂଆଦିଲ୍ଲୀ, ବିହାର, ଝାଡ଼ଖଣ୍ଡ ଏବଂ ତେଲଙ୍ଗାନାରେ ବିକ୍ଷୋଭକାରୀମାନେ ଖାମେନେଇଙ୍କ ପୋଷ୍ଟର ଧରି ଆମେରିକା ଓ ଇସ୍ରାଏଲ୍ର ସାମରିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏକଦା ଖାମେନେଇ କର୍ନାଟକର ଚିକ୍କବଲ୍ଲପୁର ଜିଲ୍ଲାକୁ ଆସିଥିବାବେଳେ ସେଠାରେ ରବିବାର ଲୋକେ ନୀରବତା ପାଳନ କରିବା ସହ ସ୍ୱେଚ୍ଛାକୃତ ଭାବେ ଦୋକାନବଜାର ବନ୍ଦ କରିଥିଲେ। ଶିଆ ସୁପ୍ରିମ ଲିଡରଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ସେଠାର ଗ୍ରାମବାସୀମାନେ ୩ ଦିନିଆ ଶୋକ ଘୋଷଣା କରିଛନ୍ତି ଏବଂ ଉତ୍ସବ ଓ ସାଧାରଣ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି।

# ଉପସାଗରୀୟ ଦେଶକୁ ଇରାନ୍ର ଟାର୍ଗେଟ

ତେହରାନ୍, ୧।୩

ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଶନିବାର ଇରାନ୍ ଉପରେ ଆକ୍ରମଣ କରିବା ପରେ ଇରାନ୍ ସେନା ପକ୍ଷରୁ ଇସ୍ରାଏଲ ସମେତ ଉପସାଗରୀୟ ଅଞ୍ଚଳର ବହୁ ଇସ୍ଲାମିକ୍ ରାଷ୍ଟ୍ର ଉପରେ ଆକ୍ରମଣ କରାଯାଇଥିଲା। ସାଉଦି ଆରବ, ୟୁଏଇ, କାତାର, ବାହାରିନ୍, କୁଏତ୍ ଆଦି ଦେଶରେ ରହିଥିବା ଆମେରିକୀୟ ସାମରିକ ବେସ୍ଗୁଡ଼ିକୁ ଟାର୍ଗେଟ କରି ଇରାନ୍ ସେନା କ୍ଷେପଣାସ୍ତ୍ର ମାଡ଼ କରିଥିଲା। କିନ୍ତୁ ମଧ୍ୟରାତ୍ରରେ ଇରାନ୍ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ନିହତ ଖବର ସ୍ପଷ୍ଟ ହେବା ପରେ ଇରାନ୍ ଏହିସବୁ ଦେଶ ଉପରେ ଆକ୍ରମଣ ଆହୁରି ଜୋର୍ଦାର କରିଛି, ଯାହାକୁ ନେଇ ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଦୁବାଇ, ଆବୁଧାବି, ରିଆଦ୍, ଦୋହା ଏବଂ ମାନାମା ଆଦି ପ୍ରମୁଖ ସହରଗୁଡ଼ିକରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ବିଭିନ୍ନ ସହର ଉପରେ ଇରାନ୍ କ୍ଷେପଣାସ୍ତ୍ର ମାଡ଼ କରୁଥିବାରୁ ବିସ୍ଫୋରଣର ଶବ୍ଦରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଇରାନ୍ ଟାର୍ଗେଟରୁ ବଡ଼ ହୋଟେଲ ଏବଂ ଉଚ୍ଚ ଅଟ୍ଟାଳିକା ମଧ୍ୟ ବାଦ୍ ପଡ଼ିନାହିଁ। ଦୁବାଇ, ଆବୁଧାବି ଏବଂ ଦୋହା ଆଦି ସହରରେ ବିସ୍ଫୋରଣ ଯୋଗୁ ପ୍ରବାସୀ ନାଗରିକମାନଙ୍କ ଭିତରେ କୋକୁଆଭୟ ସୃଷ୍ଟି ହୋଇଛି। ଦୁବାଇ ଅନ୍ତର୍ଜାତୀୟ ବିମାନ ବନ୍ଦର ଏବଂ ଅନେକ ବିଳାସପୂର୍ଣ୍ଣ ହୋଟେଲ କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ସେପଟେ ଉପସାଗରୀୟ ଦେଶଗୁଡ଼ିକରେ ବିମାନଚଳାଚଳ ବନ୍ଦ କରିଦିଆଯାଇଥିବାରୁ ଲୋକେ ଅନ୍ୟତ୍ର ଯିବା ସମ୍ଭବ ହୋଇପାରି ନାହିଁ। ବିଭିନ୍ନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅନେକ ହଜାର ଯାତ୍ରୀ ପଡ଼ି ରହିଛନ୍ତି। ଇରାନ୍ ସେନାର ଏଭଳି ଆଭିମୁଖ୍ୟକୁ ସାଉଦି ଆରବ, ୟୁଏଇ, କାତାର ଏବଂ ବାହାରିନ୍ ଆଦି ରାଷ୍ଟ୍ର ନିନ୍ଦା କରିଛନ୍ତି। ଇରାନ୍ ଜାଣିଶୁଣି ତାହାର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ଉପରେ ଆକ୍ରମଣ ଚଳାଇଥିବା ସେମାନେ କହିଛନ୍ତି। ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାହେଦ୍ ଅଲ୍ ନାହିୟାନ ଇରାନ୍ ସେନାକୁ ଦୃଢ଼ ନିନ୍ଦା କରିବା ସହ ୟୁଏଇ ଭଳି ଏକ ପଡ଼ୋଶୀ ରାଷ୍ଟ୍ରକୁ ଟାର୍ଗେଟ କରାଯିବା ଆଦୌ ସମୀଚିନ ନୁହେଁ ବୋଲି କହିଛନ୍ତି।

# ୧୨ ଘଣ୍ଟାରେ ଇରାନ୍ର ୯୦୦ ଠିକଣାରେ ବୋମାମାଡ଼

ତେହରାନ୍, ୧।୩

ଆମେରିକା ଏବଂ ଇସ୍ରାଏଲର ମିଳିତ ସେନା ଗତ ୧୨ ଘଣ୍ଟା ମଧ୍ୟରେ ଇରାନ୍ର ପ୍ରମୁଖ ୯୦୦ ଠିକଣାରେ ବୋମାମାଡ଼ କରିଛନ୍ତି। ଏଥିମଧ୍ୟରୁ ସର୍ବାଧିକ ଇରାନ୍ର ସାମରିକ ପ୍ରତିଷ୍ଠାନ ଏବଂ ଅସ୍ତ୍ର ଭଣ୍ଡାର ରହିଛି। ଏହାମଧ୍ୟରେ ଇରାନ୍ର ଏକ ଯୁଦ୍ଧ ଜାହାଜକୁ ଇସ୍ରାଏଲ ଆକ୍ରମଣ କରି ବୁଡ଼ାଇ ଦେଇଥିବା ଦାବି କରିଛି। ଅନ୍ୟପକ୍ଷରେ ଇରାନ୍ ମଧ୍ୟପ୍ରାଚ୍ୟର ବିଭିନ୍ନ ଆମେରିକୀୟ ସାମରିକ ବେସ୍ ଉପରେ ଆକ୍ରମଣ କରିବା ସହ ରବିବାର ଆରବସାଗରରେ ମୁତୟନ ହୋଇଥିବା ଆମେରିକାର ଯୁଦ୍ଧଜାହାଜ ଆବ୍ରାହମ୍ ଲିଙ୍କନ୍ ଉପରେ ମଧ୍ୟ ଆକ୍ରମଣ କରିଥିବା ଦାବି କରିଛି। ଏହି ଜାହାଜ ଉପରେ ୪ଟି କ୍ଷେପରାସ୍ତ୍ର ମାଡ଼ କରାଯାଇଛି ବୋଲି ଇରାନ୍ ସେନା ଆଇଆର୍ଜିସି ପକ୍ଷରୁ କୁହାଯାଇଛି। କିନ୍ତୁ ଆମେରିକା ଏହାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ଅପରେଶନ ଏପିକ୍ ଫ୍ୟୁରି ବେଳେ କେବଳ ୩ ଜଣଙ୍କ ମୃତ୍ୟୁ ହୋଇଥିବା କହିଛି। ସେପଟେ ଇରାନ୍ ଆକ୍ରମଣରେ ଇସ୍ରାଏଲରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ସ୍ପଷ୍ଟ ହୋଇଛି। ତେବେ ଆଗକୁ ଇସ୍ରାଏଲ ଇରାନ୍ ଉପରେ ଆହୁରି ଜୋରଦାର୍ ଆକ୍ରମଣ କରିବ ବୋଲି ରବିବାର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି।


ଇରାନୀୟ ଯୁଦ୍ଧ ଜାହାଜ ଉପରେ ଆମେରିକାର ଆକ୍ରମଣ।

# ଆକ୍ରମଣ, ଖାମେନେଇଙ୍କ ମୃତ୍ୟୁକୁ ନେଇ ବିଶ୍ୱନେତାଙ୍କ ପ୍ରତିକ୍ରିୟା

ବ୍ରୁସେଲ୍ସ, ୧।୩

ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ୍ର ମିଳିତ ଆକ୍ରମଣ ଏବଂ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁକୁ ନେଇ ବିଶ୍ୱନେତାମାନେ ମାପିଚୁପି ପ୍ରତିକ୍ରିୟା ଦେଇଛନ୍ତି। ଆମେରିକାର ଆକ୍ରମଣକୁ ଅଷ୍ଟ୍ରେଲିଆ ଏବଂ କାନାଡା ଖୋଲା ସମର୍ଥନ କରିଥିବାବେଳେ ଚାଇନା ଏବଂ ରୁଷିଆ ଏହାକୁ ସମାଲୋଚନା କରିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ଏବଂ ଜର୍ମାନ ଚାନ୍ସେଲର ଫ୍ରେଡରିକ୍ ମେର୍ଜ ଆମେରିକା ଏବଂ ଇରାନ୍କୁ ପୁନର୍ବାର ଆଲୋଚନାକୁ ଫେରିବା ପାଇଁ ଆହ୍ୱାନ ଦେଇଛନ୍ତି। ଆପୋସ ସମାଧାନକୁ ସେମାନେ ସମର୍ଥନ କରିଛନ୍ତି। ସେମାନଙ୍କ ଦେଶ ଇରାନ୍ ଆକ୍ରମଣରେ ଭାଗ ନେଇନାହିଁ କିନ୍ତୁ ଆମେରିକା, ଇସ୍ରାଏଲ୍ ଓ ଉକ୍ତ ଅଞ୍ଚଳର ସହଯୋଗୀମାନଙ୍କ ସହ ଯୋଗାଯୋଗରେ ରହିଛି। ଇରାନ୍ର ଆଣବିକ କାର୍ଯ୍ୟକ୍ରମ ଉପରେ ସମାଧାନରେ ପହଞ୍ଚିବାକୁ ଉକ୍ତ ୩ ଦେଶ ଉଦ୍ୟମ କରିଛନ୍ତି। ଇରାନ୍ ମଧ୍ୟପ୍ରାଚ୍ୟର ଦେଶଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଥିବାରୁ ସେମାନେ ଏହାକୁ ନିନ୍ଦା କରିଛନ୍ତି। ଇରାନ୍ ଅବିଚାରିତ ସାମରିକ କାର୍ଯ୍ୟାନୁଷ୍ଠାନରୁ ବିରତ ରହୁ। ଇରାନ୍ୀୟମାନଙ୍କୁ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଅନୁମତି ମିଳିବା ଜରୁରୀ ବୋଲି ସେମାନେ କହିଛନ୍ତି।

## ଆଲୋଚନାକୁ ଫେରିବାକୁ ଆହ୍ୱାନ

ଇରାରର ଆକ୍ରମଣ ବିଭିନ୍ନ ଦେଶର ସାର୍ବଭୌମତ୍ୱର ଘୋର ଉଲ୍ଲଂଘନ ବୋଲି ଆରବ ଲିଗ୍ର ୨୨ଟି ଦେଶ କହିଛନ୍ତି। ସେମାନେ ଶାନ୍ତି ଓ ସ୍ଥିରତା ଫେରିବା ସପକ୍ଷରେ ମତ ଦେଇଛନ୍ତି। ଇସ୍ରାଏଲ୍ ଇ ଆମେରିକାର ଆକ୍ରମଣକୁ ଉକ୍ତ ଦେଶଗୁଡ଼ିକ ନିନ୍ଦା କରିଛନ୍ତି। ସେମାନଙ୍କ ଆକ୍ରଣ ଆଞ୍ଚଳିକ ଅସ୍ଥିରତା ସୃଷ୍ଟି କରିବ ବୋଲି ଆରବ ରାଷ୍ଟ୍ରଗୁଡ଼ିକ କହିଛନ୍ତି। କୁଏଟ୍, ବାହରିନ୍, କାତାର ଏବଂ ଏମିରେଟ୍ସରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଇରାନ୍ ଆକ୍ରମଣକୁ ମରକ୍କୋ, ଜୋର୍ଡାନ, ସିରିଆ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ନିନ୍ଦା କରିଛନ୍ତି। ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଆମେରିକାର ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କିମ୍ବା ସିଧାସଳଖ ନିନ୍ଦା ନ କରି ମାପିଚୁପି ପ୍ରତିକ୍ରିୟା ଦେଇଛନ୍ତି। ଆମେରିକା ଏବଂ ଇସ୍ରାଏଲ୍ର ଆକ୍ରମଣକୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପୂର୍ବପ୍ରସ୍ତୁତ ଯୋଜନା ଏବଂ ଏକ ସାର୍ବଭୌମ ତଥା ନିରପେକ୍ଷ ଜାତିସଂଘ ସଦସ୍ୟ ରାଷ୍ଟ୍ର ବିରୋଧରେ ଅକାରଣ ସଶସ୍ତ୍ର ଆକ୍ରମଣ। ଇରାନ୍ ଆଣବିକ କାର୍ଯ୍ୟକ୍ରମଜନିତକୁ ନେଇ ୱାଶିଂଟନ ଏବଂ ତେଲ୍ ଆଭିଭ୍ର ଲୋକଦେଖାଣିଆ ଉଦ୍‌ବେଗ ପ୍ରକାଶ କରୁଥିବାବେଳେ ବାସ୍ତବରେ ସେଠାର ଶାସନ ବଦଳାଇବାକୁ ଚାହୁଁଛି ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ସେହିପରି ଇରାନ୍ ଉପରେ ଇସ୍ରାଏଲ୍ ଓ ଆମେରିକାର ଆକ୍ରମଣକୁ ନେଇ ଚାଇନା ସରକାର ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ତୁରନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରି ବୁଝାମଣାକୁ ଫେରିବା ପାଇଁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ଇରାନ୍ର ସାର୍ବଭୌମତ୍ୱ, ସୁରକ୍ଷା ଓ ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ବେଜିଂ କହିଛି।

# ଖାମେନେଇଙ୍କ ସମର୍ଥନରେ ବିକ୍ଷୋଭ, ପାକିସ୍ତାନରେ ୨୩ ମୃତ

କରାଚୀ, ୧।୩

ଇସ୍ରାଏଲ ଆକ୍ରମଣରେ ଇରାନ୍ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ପାକିସ୍ତାନର ଶିଆ ସମ୍ପ୍ରଦାୟ ଆମେରିକା ବିରୋଧରେ ବିଭିନ୍ନ ସ୍ଥାନରେ ବିକ୍ଷୋଭ କରିଛି। କରାଚୀରେ ବିକ୍ଷୋଭ ବେଳେ ଆମେରିକୀୟ ଦୂତାବାସରେ ଧସେଇ ପଶିବା ଉଦ୍ୟମ କରାଯିବାରୁ ଆମେରିକାର ମେରିନ୍ ସୁରକ୍ଷାକର୍ମୀ ଗୁଳିରେ ୧୦ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଉତ୍ତର ପାକିସ୍ତାନ ସ୍କର୍ଦ୍ଦୁ ସହରରେ ଜାତିସଂଘ ଅଫିସ ସାମ୍ନାରେ ବିକ୍ଷୋଭବେଳେ ସୁରକ୍ଷା କର୍ମୀଙ୍କ ଗୁଳିରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଇସଲାମାବାଦରେ ମଧ୍ୟ ଶିଆ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଥିଲା। ତେବେ ସୁରକ୍ଷାବଳ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରେ ଏଠାରେ ୨ଜଣଙ୍କ ମୃତ୍ୟୁ ହୋଇଛି।

# ୪୮ ଇରାନୀୟ ନେତା ନିହତ: ଟ୍ରମ୍ପ୍

## ୯ ଇରାନୀୟ ଜାହାଜ ବୁଡ଼ାଇ ଦେଇଥିବା ଆମେରିକାର ଦାବି

ୱାଶିଂଟନ୍, ୧।୩

ଇସ୍ଲାମିକ୍ ରିପବ୍ଲିକ୍ ବିରୋଧରେ ଆମେରିକା-ଇସ୍ରାଏଲ୍ର ମିଳିତ ଆକ୍ରମଣରେ ୪୮ ଜଣ ଇରାନ୍ୀୟ ନେତା ନିହତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର କହିଛନ୍ତି। ସାମରିକ ଅଭିଯାନ ଅତ୍ୟନ୍ତ ସଫଳ ହେବ ସହ ଆଶାତୀତ ଅଗ୍ରଗତି କରିଛି। ଆମେ କେତେ ସଫଳ ହୋଇଛୁ, ତାହା କେହି ବିଶ୍ୱାସ କରିପାରିବେ ନାହିଁ ବୋଲି ଟ୍ରମ୍ପ୍ ଫକ୍ସ ନ୍ୟୁଜ୍କୁ କହିଛନ୍ତି।

ଇରାନ୍ର ନୂଆ ନେତୃତ୍ୱ ୱାଶିଂଟନ ସହ ଆଲୋଚନା ଚାହୁଁଥିବାବେଳେ ସେ ମଧ୍ୟ କଥାବାର୍ତ୍ତା ପାଇଁ ଆଗ୍ରହୀ ବୋଲି ଟ୍ରମ୍ପ୍ ଦି ଆଟଲାଣ୍ଟିକ୍କୁ ଏକ ସାକ୍ଷାତ୍କାରରେ କହିଥିବା ରଏଟର୍ସ ପ୍ରକାଶ କରିଛି। ତେବେ ଇରାନ୍ୀୟ ନେତୃତ୍ୱ ଯଥେଷ୍ଟ ପୂର୍ବରୁ ଡିଲ୍ କରିବାର ଥିଲା। ସେମାନେ ଅଧିକ ଚାଲକ ମନେକରି ବୁଝାମଣାରେ ବିଳମ୍ବ କଲେ। ଏବେ ସେଠାର ଲୋକେ ରାସ୍ତାକୁ ଆସି ଖୁସିରେ ଚିତ୍କାର କରୁଥିବାବେଳେ ବହୁସଂଖ୍ୟାରେ ବୋମା ପଡୁଛି ବୋଲି ଟ୍ରମ୍ପ୍ କହିଛନ୍ତି। ଆମେରିକା ସହ ଆଲୋଚନା ପାଇଁ ଇରାନ୍ର ସମ୍ଭାବ୍ୟ ନେତୃତ୍ୱ ପ୍ରସ୍ତାବ ଦେଇଥିବା ହ୍ୱାଇଟ୍ ହାଉସ୍ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଇରାନ୍ ବିରୋଧରେ ଆମେରିକାର ସାମରିକ ଅଭିଯାନ ଏପିକ୍ ଫ୍ୟୁରିରେ ଆମେରିକାର ୩ ସୈନ୍ୟ ନିହତ ହେବା ସହ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ କେତେଜଣ ସାମାନ୍ୟ ଆହତ ହୋଇଥିବା ଏହାର କେନ୍ଦ୍ରୀୟ କମାଣ୍ଡ କହିଛି।


ଡୋନାଲ୍ଡ ଟ୍ରମ୍ପ୍

## ଇରାନର ନୂଆ ନେତା ଆଲୋଚନା ପାଇଁ ଆଗ୍ରହୀ

ଇରାନ୍ ଉପରେ ଦ୍ୱିତୀୟ ଦିନରେ ଆମେରିକା ଆକ୍ରମଣକୁ ଆହୁରି ଜୋରଦାର୍ କରିବା ସହ ଇରାନ୍ର ନୌସେନା ମୁଖ୍ୟାଳୟ ଏବଂ ଭୂମିତଳ ଅସ୍ତ୍ରଭଣ୍ଡାର ଉପରେ ଘନ ଘନ ବୋମା ମାଡ଼ କରିଛି। ଆମେରିକାର ଶକ୍ତିଶାଳୀ ବି-୨ ଷ୍ଟେଲ୍ଥ ଲଢୁଆ ବିମାନ ଦ୍ୱାରା ବିଭିନ୍ନ ସ୍ଥାନରେ ଆକ୍ରମଣ କରାଯାଇ ଇରାନ୍ର ପ୍ରମୁଖ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଭାରି କ୍ଷତି ପହଞ୍ଚାଯାଇଛି। ରବିବାର ସୁଦ୍ଧା ଇରାନ୍ର ୯ ଯୁଦ୍ଧ ଜାହାଜକୁ ବୁଡ଼ାଇ ଦିଆଯାଇଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି।

ଧରିତ୍ରୀ 52 Years

# ଧରିତ୍ରୀ DHARITRI



## ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

ନୂଆପଡା/ବରଗଡ଼, ୧।୩ (ମକାରୁ ବେମାଲ/ପ୍ରେମାନନ୍ଦ ଖମାରୀ)

ଭାରତକୁ ମାଓବାଦୀମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଡେଡ୍ ଲାଇନ୍ ମାର୍ଚ୍ଚ ୩୧ ପାଖେଇ ଆସୁଥିବାବେଳେ ଛତିଶଗଡ଼ ପୋଲିସକୁ ରବିବାର ବଡ଼ ସଫଳତା ମିଳିଛି। ବରଗଡ଼, ବଲାଙ୍ଗୀର ଓ ଛତିଶଗଡ଼ର ମହାସମୁନ୍ଦ ଡିଭିଜନାଲ କମିଟିର ୧୫ ଜଣ ମାଓବାଦୀ ମହାସମୁନ୍ଦ ଜିଲା ବୋଲଦା ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୯ ମହିଳା ଓ ୬ ପୁରୁଷ ମାଓବାଦୀ ରହିଛନ୍ତି। ସେମାନେ ହେଲେ ତେଲଙ୍ଗାନା ରାଜ୍ୟ ତାରଲାପଲ୍ଲୀ ଗାଁର ବିକାଶ ଓରଫ ସୁଦର୍ଶନ ଉର୍ଫଜଙ୍ଗୁ (୫୭), ଛତିଶଗଡ଼ ରାଜ୍ୟ ହିନ୍ଦୁର ଗାଁ ମଙ୍ଗେଶ ଓରଫ ମେଶ ପଦ୍ମା(୩୫), କୋହକାମଟା ଗାଁର ବାବୁ ଓରଫ ସେତୁ (୩୫), ପୋଞ୍ଜେର ଗାଁ ମନୋଜ ଓରଫ ରିଙ୍କୁ(୩୦), କୋରମା ଗାଁର ପ୍ରମିଳା ଓରଫ ପରନିତା(୩୦), ପଙ୍ଗୋଡ ଗାଁର କରୁଣା ଓରଫ ଅସ୍ମିତା(୩୦), ପୂର୍ତ୍ତୀ ଗାଁର ରୋଜା ଓରଫ ଦେବୀ ଓ ହୋଲିକା(୩୦), ଚିତାଗୁଫା ଗାଁର ରୋସନୀ ଓରଫ ସୋନି ଓ ନୀଲା (୨୮), ବିଝାପୁର ଗାଁର ରାଧିକା ଓରଫ ଅସ୍ମିତା(୧୯), ପିଡିୟା ଗାଁର ମୀନା ଓରଫ ଶାନ୍ତି(୨୨), ସାବନାର ଗାଁର ଦୀପନା ଓରଫ ନାନୀ ଓ ଅମିତା(୨୦), ପୁସନାର ଗାଁର ରୀନା ଓରଫ କବିତା(୨୧), ପିଡିୟା ଗାଁର ସୋନୁ ଓରଫ ☞ପୃଷ୍ଠା-୪



କୋଲକାତାର ଇଡେନ୍ ଗାର୍ଡେନ୍ସରେ ରବିବାର ୱେଷ୍ଟଇଣ୍ଡିଜ ବିପକ୍ଷରେ ମ୍ୟାଚ ବିଜୟୀ ଇନିଂସ ଖେଳିବା ଅବସରରେ ଭାରତର ସଞ୍ଜୁ ସାମସନ।

## ସେମିରେ ଭାରତ

**ଟି୨୦ ବିଶ୍ୱକପ**

**ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ**

କୋଲକାତା, ୧।୩

ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି। ଇଡେନ ଗାର୍ଡେନ୍ସରେ ରବିବାର ଅନୁଷ୍ଠିତ ସୁପର-୮ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୫ ଉଇକେଟରେ ପରାସ୍ତ କରିଛି ଡିଫେଣ୍ଡିଂ ଚାମ୍ପିୟନ ଟିମ୍ ଇଣ୍ଡିଆ। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ କରିଥିଲା। ୧୯୬ ରନ ବିଜୟ ଲକ୍ଷ୍ୟର ପିଛାକରି ଭାରତ ୧୯.୨ ଓଭରରେ ୫ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରି ନେଇଥିଲା। ମ୍ୟାଚର ହିରୋ ସାବ୍ୟସ୍ତ ହୋଇଥିଲେ ସଞ୍ଜୁ ସାମସନ। ସେ ସେ ୫୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୨ ଚୌକା ଓ ୪ ଛକା ସହାୟତାରେ ୯୭ ରନରେ ଅପରାଜିତ ରହିଥିଲେ। ଏଥିସହ ୨୦୦୭ ଓ ୨୦୨୪ରେ ଚାମ୍ପିୟନ ଭାରତ କ୍ରମାଗତ ଦ୍ୱିତୀୟ ଏବଂ ଓଭରଅଲ୍ ତୃତୀୟ ଥର ଟାଇଟଲ ଜିତିବା ସମ୍ଭାବନା ସୃଷ୍ଟି କରିଛି। ଅନ୍ୟପକ୍ଷରେ ୨୦୧୨ ଓ ୨୦୧୬ରେ ଚାମ୍ପିୟନ ୱେଷ୍ଟଇଣ୍ଡିଜ ଅଭିଯାନ ଶେଷ ହୋଇଛି। ଏହି ମ୍ୟାଚ ଶେଷ ହେବା ସହିତ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ସ୍ପଷ୍ଟ ହୋଇଯାଇଛି। ୪ ତାରିଖରେ କୋଲକାତାର ଇଡେନ ଗାର୍ଡେନ୍ସରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ୫ରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ। ମ୍ୟାଚ୍ ଦେଖିବା ପାଇଁ ଆଇସିସି ମୁଖ୍ୟ ଜୟ ଶାହା, ବିସିସିଆଇ ମୁଖ୍ୟ ମିଥୁନ ମାନହାସ, ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ପ୍ରମୁଖ ଉପସ୍ଥିତ ଥିଲେ।

ବଡ଼ ସ୍କୋରର ପିଛା କରିଥିବା ଭାରତ ଭଲ ଆରମ୍ଭ କରିପାରି ନ ଥିଲା। ସଞ୍ଜୁ ସାମସନ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରିଥିଲେ ମଧ୍ୟ ଓପନର ଅଭିଷେକ ଶର୍ମା ୧୦ ଓ ଇଶାନ କିଶନ ୧୦ ରନକରି ଆଉଟ ହେବାରୁ ଘରୋଇ ଦଳକୁ ଡବଲ୍ ଝଟ୍‌କା ଲାଗିଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ମାତ୍ର ୧୮ ରନକରି ପ୍ୟାଭିଲିୟନ ଫେରିଥିଲେ। ଏଭଳି ସ୍ଥିତିରେ ସାମସନ ଓ ତିଲକ ବର୍ମାଙ୍କ ୪୨ ରନର ଭାଗୀଦାରି ଆଶା ଉଜ୍ଜୀବିତ ରଖିଥିଲା। ତିଲକ ୨୭ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସାମସନ କିନ୍ତୁ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜାସନ ହୋଲ୍ଡର ଓ ଶମର ଜୋସେଫ ୨ଟି ଲେଖାଏ ଏବଂ ଆକେଲ ହୋସେନ ଗୋଟିଏ ଉଇକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜକୁ ଶାଇ ହୋପ ଓ ରଷ୍ଟନ ଚେଜ୍ ୬୮ ରନର ଆରମ୍ଭ ପ୍ରଦାନ କରିଥିଲେ। ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀ ☞ପୃଷ୍ଠା-୪

# ଇରାନ୍ ମୁରବୀବିହୀନ

ତେହରାନ୍, ୧।୩(ପି.ଟି.)

ତେହରାନରେ ଶନିବାର ଇସ୍ରାଏଲ୍‌ର ଟାର୍ଗେଟେଡ୍ ପ୍ରିସାଇଜ୍ ଆକ୍ରମଣରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ନିହତ ହୋଇଥିବା ଇସ୍ରାଏଲ୍ ପ୍ରତିରକ୍ଷା ବଳ (ଆଇଡିଏଫ୍) ଆନୁଷ୍ଠାନିକ ଭାବେ ଘୋଷଣା କରିବା ସହ ଇରାନ ଗଣମାଧ୍ୟମ ସ୍ପଷ୍ଟ କରିଛି। ଫଳରେ ଇରାନ ମୁରବୀବିହୀନ ହୋଇଯାଇଥିବାବେଳେ ବରିଷ୍ଠ ନେତା ୬୭ ବର୍ଷୀୟ ଆୟାତୋଲ୍ଲା ଅଲିରେଜା ଅରାଫିଙ୍କୁ ଦେଶର ଅନ୍ତରୀଣ ସର୍ବୋଚ୍ଚ ନେତା କରାଯାଇଛି। ଅରାଫି ପୂର୍ବରୁ ଇରାନର ଜାତୀୟ ଇସ୍‌ଲାମିକ୍ ସେମିନାରିଗୁଡ଼ିକର ମୁଖ୍ୟ ଏବଂ ଗାର୍ଡିଆନ କାଉନ୍‌ସିଲ୍‌ର ମୌଲବୀ ଭାବେ କାର୍ଯ୍ୟ କରୁଥିଲେ।

ଶନିବାର ସକାଳେ ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବେ ଇରାନର ଅନେକ ସାମରିକ ଟାର୍ଗେଟ ଉପରେ ଆକ୍ରମଣ କରିଥିଲେ। ଇରାନ ଶାସନ ବିରୋଧରେ ଏକ ବ୍ୟାପକ ସମନ୍ୱିତ ଓ ମିଳିତ ଆକ୍ରମଣର ଅଂଶ ସ୍ୱରୂପ ଏହି ଆକ୍ରମଣ କରାଯାଇଥିଲା, ଯାହାର ଲକ୍ଷ୍ୟ ଇରାନ୍ ରାଷ୍ଟ୍ର ପ୍ରତି ଲାଗିରହିଥିବା ଅସ୍ତିତ୍ୱଗତ ବିପଦକୁ ସମାପ୍ତ କରିବା । ଆଇଡିଏଫ୍‌ର ନିର୍ଭୁଲ ଗୋଇନ୍ଦା ତଥ୍ୟ ଆଧାରରେ ଖାମେନେଇଙ୍କୁ ଟାର୍ଗେଟ କରି ଇସ୍ରାଏଲୀ ବାୟୁସେନା ପ୍ରିସାଇଜ୍ ଏବଂ ବିସ୍ତୃତ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ତେହରାନ୍‌ର କେନ୍ଦ୍ରସ୍ଥଳରେ ଥିବା ଖାମେନେଇଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ବରିଷ୍ଠ ଅଧିକାରୀମାନେ ଏକାଠି ହୋଇଥିବା ନେଇ ଆଇଡିଏଫ୍ ଗୋଇନ୍ଦା ସୂଚନା ଦେଇଥିଲା। ଆତଙ୍କବାଦ ମେରୁଦଣ୍ଡର ନେତା ଖାମେନେଇଙ୍କ ମୃତ୍ୟୁରେ ବହୁ ଦଶନ୍ଧିର ଅଧ୍ୟାୟର ଅନ୍ତ ଘଟିଲା ବୋଲି ଆଇଡିଏଫ୍ କହିଛି। ଶନିବାର ସକାଳେ ଖାମେନେଇ ତାଙ୍କ କାର୍ଯ୍ୟାଳୟରେ ନିଜ ଦାୟିତ୍ୱ ସମ୍ପାଦନ କରୁଥିବାବେଳେ ଆକ୍ରମଣରେ ନିହତ ହୋଇଥିବା ଫାର୍ସ ନିଉଜ୍ ଏଜେନ୍ସି କହିଛି।

୧୯୮୯ରୁ ଖାମେନେଇ ଇରାନ୍ ସାଧାରଣତନ୍ତ୍ରର ସୁପ୍ରିମ ଲିଡର ରହିଆସିଥିଲେ। ବହୁବର୍ଷ ଧରି ଇରାନୀୟଙ୍କ ଉପରେ ହିଂସାତ୍ମକ ଦମନଲୀଳା ପାଇଁ ସେ ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ଇସ୍ରାଏଲୀ ସେନା କହିଛି। ଇସ୍ରାଏଲ୍‌କୁ ଧ୍ୱଂସ କରିବା ଯୋଜନାର ବିନ୍ଧାଣି ହେଉଛନ୍ତି ଖାମେନେଇ ଏବଂ ସେ ଇରାନୀୟ ଅକ୍ଟୋପସ୍‌ର ମୁଖ୍ୟ ଭାବେ ଜଣାଶୁଣା। ସେ ସମଗ୍ର ମଧ୍ୟପ୍ରାଚ୍ୟ ଏବଂ ଇସ୍ରାଏଲ୍ ସୀମା ପର୍ଯ୍ୟନ୍ତ ସଶସ୍ତ୍ର ଆତଙ୍କବାଦ ବିସ୍ତାର କରିଥିଲେ। ସେମାନଙ୍କ ମଧ୍ୟରେ ଲେବାନନ୍‌ର ହେଜବୋଲ୍ଲା ଆତଙ୍କବାଦୀ ସଂଗଠନ ଅନ୍ୟତମ। ଇସ୍ରାଏଲ ବିରୋଧରେ ଆତଙ୍କବାଦୀ ଆକ୍ରମଣ ପାଇଁ ଇରାନ୍ ସୁପ୍ରିମ ଲିଡର ଦାୟୀ ଏବଂ ସାରା ବିଶ୍ୱର ଅନେକ ସାଧାରଣ ନାଗରିକଙ୍କ ରକ୍ତ ତାଙ୍କ ହାତରେ ଲାଗିଥିବା ଆଇଡିଏଫ୍ କହିଛି। ତାଙ୍କ ନିଧନ ଫଳରେ ବହୁ ଦଶନ୍ଧି ଧରି ଚାଲିଆସିଥିବା ଅଧ୍ୟାୟର ଅନ୍ତ ଘଟିଥିବା ଇସ୍ରାଏଲୀ ସେନା କହିଛି।

ଇସ୍ରାଏଲ୍ ଏବଂ ଆମେରିକାର ମିଳିତ ଆକ୍ରମଣରେ ଇରାନ୍ ସୁପ୍ରିମ ଲିଡର ନିହତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବାର କିଛି ଘଣ୍ଟା ପରେ ଇରାନ ଗଣମାଧ୍ୟମ ତାହା ସ୍ପଷ୍ଟ କରିଥିଲା। ଆକ୍ରମଣରେ ଖାମେମେନଇଙ୍କ ଝିଅ, ଜ୍ୱାଇଁ ଏବଂ ନାତୁଣୀଙ୍କ ମୃତ୍ୟୁ ଘଟିଥିବା ଇରାନ ଗଣମାଧ୍ୟମ କହିଛି। ଆକ୍ରମଣରେ ଇରାନ୍‌ର ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଏବଂ ପ୍ରତିରକ୍ଷା ମନ୍ତ୍ରୀ ନିହତ ହୋଇଛନ୍ତି। ଦେଶର ପ୍ରତିରକ୍ଷା ପରିଷଦ ବୈଠକ ଚାଲିଥିବାବେଳେ ଏହାକୁ ଟାର୍ଗେଟ କରି ଆକ୍ରମଣ ହୋଇଥିଲା ☞ପୃଷ୍ଠା-୪

## ଆୟାତୋଲ୍ଲା ଅରାଫି ଅନ୍ତରୀଣ ସର୍ବୋଚ୍ଚ ନେତା

ତେହରାନ୍, ୧।୩



ଇରାନ୍‌ର ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ପରେ ଆୟାତୋଲ୍ଲା ଅଲ୍ଲୀରେଜା ଅରାଫିଙ୍କୁ ଅନ୍ତରୀଣ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତ କରାଯାଇଛି। ଖାମେନେଇଙ୍କ ପରେ ତାଙ୍କ ବଂଶଧରମାନଙ୍କ ମଧ୍ୟରୁ କାହାକୁ ଉତ୍ତରାଧିକାରୀ କରାଯିବ ବୋଲି ଆକଳନ କରାଯାଉଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ସେଭଳି କିଛି ଦେଖିବାକୁ ମିଳିନାହିଁ। ୬୭ ବର୍ଷୀୟ ଆରାଫି ଖାମେନେଇଙ୍କ ଜଣେ ଅତ୍ୟନ୍ତ ଘନିଷ୍ଠ ହୋଇଥିବା ବେଳେ ଇରାନ୍‌ର ୩ ଜଣିଆ ଲିଡରଶିପ୍ କାଉନ୍‌ସିଲ୍‌ର ସଦସ୍ୟ ରହିବା ସହିତ ଗାର୍ଡିଆନ୍ କାଉନ୍‌ସିଲ୍‌ର ମଧ୍ୟ ଜଣେ ଅଭିଜ୍ଞ ଧାର୍ମିକ ନେତା ଭାବେ ପରିଚିତ। ଇରାନ୍‌ର ୟାଜଦ୍ ପ୍ରଦେଶରେ ମେବୋଡ୍‌ରେ ୧୯୫୯ରେ ଜନ୍ମ ଗ୍ରହଣ କରିଥିବା ଆରାଫି ମାତ୍ର ୧୧ ବର୍ଷ ବୟସରୁ ଧାର୍ମିକ ଶିକ୍ଷା ଗ୍ରହଣ କରିବା ସହ ପ୍ରାଥମିକ ସ୍ତରରେ ତାଙ୍କ ବାପାଙ୍କଠାରୁ ତାଲିମ ନେଇଥିଲେ। ☞ପୃଷ୍ଠା-୪

## ପିଲା ଚୋର ସନ୍ଦେହରେ ଯୁବକଙ୍କୁ ପିଟି ମାରିଦେଲେ

**ଅଭିଯୁକ୍ତ ଗିରଫ**

ବାସୁଦେବପୁର, ୧।୩ (କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କଷିଆ ସାମୁଦ୍ରିକ ଥାନା ଅଞ୍ଚଳରେ ପିଲା ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ପିଟି ମାରି ଦିଆଯାଇଛି। ଶନିବାର ବାସୁଦେବପୁର-ଧାମରା ରାସ୍ତାର ଚାନ୍ଦିମାଳ ବଜାର ସଂଲଗ୍ନ ଏକ ଦୋକାନ ପାଖରୁ ଯୁବକଙ୍କ ମୃତଦେହ ମିଳିଥିବାବେଳେ ରବିବାର ମୃତ୍ୟୁର କାରଣ ସାମ୍ନାକୁ ଆସିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରିଛି। ସେ ହେଲେ ସାନକୃଷ୍ଣପୁର ପଞ୍ଚାୟତ ଚାନ୍ଦିମାଳ ଗ୍ରାମର ଶ୍ୟାମସୁନ୍ଦର ଜେନା।

ପ୍ରକାଶ ଯେ, ଶନିବାର କଷିଆ ଅଞ୍ଚଳରେ ବୁଲୁଥିବା ଜଣେ ଅପରିଚିତ ଯୁବକଙ୍କ ମୃତ୍ୟୁ ଘଟିଥିବା ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଚିହ୍ନଟ ପାଇଁ ମୃତଦେହ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଥିଲା। ରବିବାର ମୃତକଙ୍କ ଭଣଜା କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ରବୀନ୍ଦ୍ର ନାଥ ମଣ୍ଡଳ କଷିଆ ସାମୁଦ୍ରିକ ଥାନାରେ ତାଙ୍କ ମାମୁ ସୁକୁଲ ବିନ୍ଧାଣି(୪୧)ଙ୍କୁ ମାରି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ମଞ୍ଜୁରୀ ଗ୍ରାମର ସୁକୁଲ ମାନସିକ ବିକାରଗ୍ରସ୍ତ ଓ ନିଶାସକ୍ତ ଭାବେ ଶନିବାର କଷିଆ ଅଞ୍ଚଳରେ ବୁଲୁଥିଲେ। ତାଙ୍କୁ ପିଲାଚୋର ଭାବି ଶ୍ୟାମସୁନ୍ଦର ଅପରାହ୍ନରେ ନିସ୍ତୁକ ମାଡ଼ ମାରିଥିଲେ। ମାଡ଼ ଖାଇ ସୁକୁଲ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତ ସୁକୁଲଙ୍କ ଭଣଜା ରବୀନ୍ଦ୍ରଙ୍କ ଅଭିଯୋଗ ଆଧାରରେ ଥାନାଧିକାରିଣୀ କୁନି ବେସ୍ରା ଘଟଣାର ତଦନ୍ତ କରିଥିଲେ। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୩୪/୨୬) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରିଣୀ ବେସ୍ରା କହିଛନ୍ତି।

## ସିଏଜିଙ୍କୁ ମିଳୁନି ୪୩,୮୩୦ କୋଟିର ହିସାବ

ଭୁବନେଶ୍ୱର, ୧।୩(ରବିନାରାୟଣ ଜେନା)

ରାଜ୍ୟରେ ଦୀର୍ଘବର୍ଷ ଧରି ବିଭାଗୀୟ ଅଧିକାରୀମାନେ ସରକାରୀ ଅର୍ଥକୁ ଏଣେତେଣେ ଖର୍ଚ୍ଚ କରିଛନ୍ତି; ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ସରକାରୀ ଅର୍ଥର ହିସାବ ଠିକଣା ଭାବେ ମହାଲେଖାକାର (ଏଜି)ଙ୍କୁ ମିଳୁନାହିଁ। ଯେପର୍ଯ୍ୟନ୍ତ ହିସାବ କିତାବ ଠିକ୍ ହୋଇନାହିଁ, ସେପର୍ଯ୍ୟନ୍ତ ମହାଲେଖାକାର ମଧ୍ୟ ଛାଡୁ ନାହାନ୍ତି। ସରକାରଙ୍କ ପକ୍ଷରୁ ଯେତେ ଥର ସମୀକ୍ଷା କରାଯାଉଛି ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ପକ୍ଷରୁ ସେତେଥର ହିସାବ ତଥ୍ୟ ଧରାଇ ଦିଆଯାଉଛି। ସେଥିମଧ୍ୟରେ କେତେକ ବିଭାଗ ୨୦୦୩-୦୪ରୁ ଏପର୍ଯ୍ୟନ୍ତ ବିନିଯୋଗ ପ୍ରମାଣପତ୍ର(ୟୁସି) ଦେଇ ପାରୁ ନ ଥିବାବେଳେ ଆଉ କେତେକ ବିଭାଗ ୨୦୦୭-୦୮ରୁ ଦେଇପାରୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଜାନୁଆରୀ ୨୦ରେ ସିଏଜିଙ୍କ ପକ୍ଷରୁ ଯେଉଁ ପରିମାଣର 'ୟୁସି' ବିଭିନ୍ନ ବିଭାଗ ଉପରେ ବକେୟା ଥିବା ଦର୍ଶାଯାଇଥିଲା ତାହା ଫେବୃଆରୀ ୨୫ ବେଳକୁ ୧,୪୬୮ କୋଟି ଟଙ୍କାକୁ ବଢ଼ି ଯାଇଛି। ଫଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଉପରେ ଡିସେମ୍ବର ସୁଦ୍ଧା ୪୩,୮୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର 'ୟୁସି' ବକେୟା ଥିବା ଅର୍ଥ ପରାମର୍ଶଦାତା ସମ୍ମିଳନୀର ଦ୍ୱିତୀୟ ସମୀକ୍ଷା ବୈଠକରୁ ଜଣାଯାଇଛି।

ଫେବୃଆରୀ ୨୫ରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକର ତଥ୍ୟ ଅନୁଯାୟୀ, ମହାଲେଖାକାରଙ୍କ ପକ୍ଷରୁ ୪୩,୮୩୦.୩୮ କୋଟି ଟଙ୍କାର 'ୟୁସି' ବକେୟା ରିପୋର୍ଟ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ୨୧ଟି ବିଭାଗ ଉପରେ ୨୦୨୩-୨୪ ଆର୍ଥିକବର୍ଷ ସୁଦ୍ଧା ୧୭ହଜାର ୬୦କୋଟି ଟଙ୍କାର ୟୁସି ବାକି ରହିଛି। ଏହାବାଦ୍ ଅବଶିଷ୍ଟ ଅର୍ଥ ପରବର୍ଷର ରହିଛି।

ତଥ୍ୟ ଅନୁଯାୟୀ, ରାଜ୍ୟର ଦୁଇଟି ପ୍ରମୁଖ ବିଭାଗ ପଞ୍ଚାୟତିରାଜ ଏବଂ ନଗର ଉନ୍ନୟନ ବିଭାଗ ଲୋକଙ୍କ ସହିତ ସିଧାସଳଖ ଜଡ଼ିତ ରହିଥିଲେ ହେଁ ଏହି ବିଭାଗ ଉପରେ ପ୍ରାୟ ୧୦, ୭୦୦କୋଟି ଟଙ୍କାର 'ୟୁସି' ବକେୟା ରହିଛି। ନଗର ଉନ୍ନୟନ ବିଭାଗ ଉପରେ ୨୦୦୩-୦୪ରୁ ୨୦୨୩-୨୪ ବର୍ଷ ମଧ୍ୟରେ ୫,୪୦୯.୧୧କୋଟି ଟଙ୍କାର 'ୟୁସି' ବକେୟା ରହିଥିବାବେଳେ ପଞ୍ଚାୟତିରାଜ ବିଭାଗ ଉପରେ ୫,୨୬୮.୩୨କୋଟି ଟଙ୍କାର 'ୟୁସି' ପଡ଼ିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ଉପରେ ୨,୫୧୭କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପରେ ୨୦୧୧-୧୨ରୁ ୨୦୨୩-୨୪ ମଧ୍ୟରେ ୯୫୩ କୋଟି, ଏସ୍‌ସିଏସ୍‌ଟି ବିଭାଗ ଉପରେ ୨୦୦୭-୦୮ରୁ ୮୪୯.୬୫କୋଟି, ଉଚ୍ଚଶିକ୍ଷା ବିଭାଗ ଉପରେ ୨୦୧୬-୧୭ରୁ ଏହି ଅବଧି ମଧ୍ୟରେ ୮୨୦.୬୭ କୋଟି ଟଙ୍କା ବକେୟା ରହିଛି। ଏହାବାଦ୍ ଅନ୍ୟାନ୍ୟ ବିଭାଗ ଉପରେ ☞ପୃଷ୍ଠା-୪

## ୩୫ ଡିଗ୍ରୀ ଉପରେ ୧୨ ସହର

ଭୁବନେଶ୍ୱର, ୧।୩ (ବନ୍ଦନା ସେଠୀ)

ରାଜ୍ୟରେ ଏବେ ପ୍ରବଳ ଖରା ଅନୁଭୂତ ହେଉଛି। ସକାଳ ୯ଟାରୁ ଖରାତାତି ବାରିହୋଇ ପଡୁଥିବାବେଳେ ମଧ୍ୟାହ୍ନରୁ ପ୍ରବଳ ଗରମ ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତ ୨୪ ଘଣ୍ଟାରେ ରାଜ୍ୟର କେତେକ ସ୍ଥାନରେ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି। କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨ ଡିଗ୍ରୀ ଏବଂ ଆଉ କିଛି ସ୍ଥାନରେ ୩ ଡିଗ୍ରୀରୁ ଅଧିକ ବଢ଼ିଛି। ତେବେ କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରାରେ ୪ରୁ ୫ ଡିଗ୍ରୀ ବୃଦ୍ଧି ପାଇଛି। ଫଳରେ ୧୨ଟି ସହରର ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ଏବଂ ତା'ଠାରୁ ଅଧିକ ରହିଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଇରାନ୍ ନିଆଁ**

## ସୌନ୍ଦର୍ଯ୍ୟ ପ୍ରତିଯୋଗିତାରୁ ୨୦ ଓଟ ବାଦ୍



**କରିଥିଲେ କସ୍‌ମେଟିକ୍ ସର୍ଜରୀ, ଲିପ୍ ଫିଲର୍ସ**

ମସ୍କଟ, ୧।୩

କସ୍‌ମେଟିକ୍ ସର୍ଜରୀ କରିଥିବାରୁ ୨୦ ଓଟଙ୍କୁ ଆରବୀୟ ଦେଶ ଓମାନର ଏକ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରୁ ବାଦ୍ ଦିଆଯାଇଛି। ଏହି ଘଟଣା ଏବେ ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଉତ୍ତର ଓମାନର ଅଲ୍ ମୁସନ୍ନାହ ସହରରେ ଓମାନ କ୍ୟାମେଲ ରେସିଂ ଫେଡେରେଶନ ପକ୍ଷରୁ ଫେବୃଆରୀରେ ଆୟୋଜିତ ଏହି ଓଟ ସୌନ୍ଦର୍ଯ୍ୟ ପ୍ରତିଯୋଗିତା କେବଳ ପରମ୍ପରା ନୁହେଁ, ବରଂ ବିଜୟୀ ଓଟ ପାଇଁ ବିପୁଳ ପୁରସ୍କାର ରାଶି ଦିଆଯାଇଥାଏ। ଏହି ଲୋଭରେ ଅନେକ ଲୋକ ସେମାନଙ୍କ ଓଟକୁ ପ୍ରତିଯୋଗିତାରେ ସାମିଲ କରାଇଥିବାବେଳେ କେତେଜଣ ଓଟ ମାଲିକ ଜିତିବା ଆଶାରେ ନିୟମ ବହିର୍ଭୂତ କାର୍ଯ୍ୟ କରିଛନ୍ତି। ଯେଭଳି ସେଲିବ୍ରିଟିମାନେ ସୁନ୍ଦର ଦେଖାଯିବା ପାଇଁ ଫିଲର୍ସ ଏବଂ ବୋଟକ୍ସ ବ୍ୟବହାର କରନ୍ତି, ସେହିପରି ମାଲିକମାନେ ଓଟଙ୍କୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେହି ସମାନ ପ୍ରକ୍ରିୟା (ଓଠରେ ଫିଲର୍ସ ଏବଂ ମୁହଁରେ ବୋଟକ୍ସ) ବ୍ୟବହାର କରିଥିଲେ। ପ୍ରତିଯୋଗିତା ସମୟରେ ପ୍ରାଣୀ ଚିକିତ୍ସକମାନେ ୨୦ଟି ଓଟଙ୍କ ଶରୀରରେ ବିଭିନ୍ନ ପ୍ରକାରର ଅସ୍ତ୍ରୋପଚାର ଓ କସ୍‌ମେଟିକ୍ ସର୍ଜରୀ ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୪ର୍ଥ ଓଡ଼ିଶା ୱାଇଲ୍ଡ କନ୍‌କ୍ଲେଭ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୮ଟା।
- ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାରଣାଙ୍କ ୧୧୮ତମ ଜୟନ୍ତୀ ଅବସରରେ ଆଲୋଚନା ସଭା, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସନ୍ଧ୍ୟା ୫ଟା ୩୦।

**କଟକ**
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅରୁଣୋଦୟ ନଗର ନାଗରିକ ପରିଷଦର ୪୧ତମ ବାର୍ଷିକ ମିଳନ ଓ ବସନ୍ତୋତ୍ସବ, ସ୍ଥାନ: ପରିଷଦ ସଭାଗୃହ, ଅରୁଣୋଦୟ ନଗର, ସମୟ: ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ଆଞ୍ଚଳିକ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ସାମୁକାପାଟଣା ଖେଳପଡ଼ିଆ (ଗେଡ଼ିଆପଲ୍ଲୀ), ସମୟ: ଅପରାହ୍ନ ୩ଟା।

**ବାଲେଶ୍ୱର**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନିଆରା ହୋଲି ଉତ୍ସବ, ସ୍ଥାନ: ଭିନ୍ନକ୍ଷମ ବିଦ୍ୟାଳୟ, ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

**ଭଦ୍ରକ**
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- 'ରଙ୍ଗ ତୁମ ମନ୍ଦ ନୁହଁ' କାର୍ଯ୍ୟକ୍ରମ, ସ୍ଥାନ: ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ଲଉଡ଼ି ଖେଳ ପ୍ରତିଯୋଗିତା, ସ୍ଥାନ: ପାଟଣାମିଶ୍ରପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ଅଷ୍ଟମ ପ୍ରହର ନଗର ପରିକ୍ରମା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ରାଧାନଗରପାଟଣା, ହାଟଡିହୀ, ସମୟ: ଅପରାହ୍ନ ୩ଟା।
- ଲକ୍ଷ୍ମୀ ନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ, କଳସ ଶୋଭାଯାତ୍ରା ଏବଂ ଯଜ୍ଞ,ସ୍ଥାନ: ସରଳା, ହାଟଡିହୀ, ସମୟ :ଅପରାହ୍ନ ୩ଟା।
- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଡିମ୍ବୋସ୍ଥିତ ରାଧାକୃଷ୍ଣ ମନ୍ଦିର, କେନ୍ଦୁଝର, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି, ସମୟ: ସକାଳ ୮ଟା।
- ଦୋଳ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦା, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ପ୍ରବକ୍ତା କାଳିଆ ଦାସ ବ୍ରହ୍ମଚାରୀଙ୍କ ସପ୍ତଦିବସ ବ୍ୟାପୀ ଶ୍ରୀମଦ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ଚାଉଳଘୋରୀ, ଶୀର୍ଷା, ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ସ୍ମୃତିସଭା, ସ୍ଥାନ: ଉତ୍କଳ ଆଶ୍ରମ ପରିସର, ସମୟ: ସନ୍ଧ୍ୟା ୫ଟା।

**ଗଞ୍ଜାମ**
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଶେରଗଡ଼ ବ୍ଲକ କରଡ଼ାକଣା ପଞ୍ଚାୟତ ସଭା ଗୃହ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅହିର ପୋଡ଼ି, ସ୍ଥାନ: ଶେରଗଡ଼ ବ୍ଲକ ହରିକୃଷ୍ଣପୁର ଗ୍ରାମ ଛକ,ସମୟ: ସନ୍ଧ୍ୟା ୭ଟା।

**ଢେଙ୍କାନାଳ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦେବାଦେବୀ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଓଡାପଡା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ନିରୁପମା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ସ୍ୱଦେଶୀ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବାଲିଯାତ୍ରା ପଡ଼ିଆ, ପାରାଦୀପ, ସମୟ:ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ପ୍ରସିଦ୍ଧ ଶାଗପଖାଳ ଓ ଦହିଭାତ ଭୋଗ, ସ୍ଥାନ: ଭକ୍ତ ବିଦୁର ମନ୍ଦିର, ଅରାଖଣ୍ଡ, ଏଣ୍ଡର, ଡେରାବିଶ, ସମୟ:ସକାଳ ୮ଟା।
- ଜିଲା ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- କସପା ମେଳଣ, ସ୍ଥାନ: ଦୁମୁକା ହାଟ, ଡେରାବିଶ, ସମୟ: ଅପରାହ୍ନ ୨ଟା।
- ସାଗର ବେଳା ମହୋତ୍ସବ, ସ୍ଥାନ: ପେଣ୍ଠ, ରାଜନଗର, ସମୟ: ଅପରାହ୍ନ ୫ଟା।
- ସାହାରାସୁନ୍ଦରୀ ମେଳଣ, ସ୍ଥାନ: ନୂଆଗାଁ, ଡେରାବିଶ: ସନ୍ଧ୍ୟା ୫ଟା।
- ନରସିଂହପୁର ମେଳଣ, ସ୍ଥାନ: ମେଳଣ ପଡିଆ, ନରସିଂହପୁର, ଡେରାବିଶ, ସମୟ: ସନ୍ଧ୍ୟା ୫ଟା।
- ପ୍ରସିଦ୍ଧ ଓଲକଣା ମେଳଣ, ସ୍ଥାନ: ଓଲକଣା, ସମୟ: ରାତି ୧୦ଟା।

**ଯାଜପୁର**
- ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ୭୦ତମ ବାର୍ଷିକ ନାମ ସଂକିର୍ତ୍ତନ ଉତ୍ସବ, ସ୍ଥାନ: କଲ୍ୟାଣପୁର ଦେଓ୍ୱାନସାହି, ସମୟ: ସକାଳ ୭ଟା।

**ନୟାଗଡ଼**
- କପିଳେଶ୍ୱର ଦେବଙ୍କର ଦୋଳ ପରିକ୍ରମା ୩ୟ ଦିବସ, ସ୍ଥାନ: ଜଗନ୍ନାଥ ପ୍ରସାଦ ପଞ୍ଚାୟତ କୁଆହରା, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଶୋଭାଯାତ୍ରା, ଜିଲାପାଳ ଅଫିସ ଘେରାଉ, ସ୍ଥାନ: ରାୟଗଡ଼ା ରେଳ ଷ୍ଟେସନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାମନାଗୁଡ଼ା, ସମୟ: ଅପରାହ୍ନ ୫ଟା ୩୦।

**ନବରଙ୍ଗପୁର**
- ଅଷ୍ଟମ ପିଏମ୍ ଜନ ଔଷଧି ସପ୍ତାହ ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ପିଏମ୍ ଜନ ଔଷଧି କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛ ସମାଜ ପାଇଁ ମହିଳାମାନଙ୍କ ଭୂମିକା ଆଲୋଚନା ଚକ୍ର, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଉପଖଣ୍ଡସ୍ତରୀୟ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ, ସ୍ଥାନ: ଉମରକୋଟ ଚିକିତ୍ସାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ବିଲାପୁଟ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଏଚ୍‌ପିଭି ଭେକସିନ ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବଡଶୁକୁ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଏଚ୍‌ପିଭି ଟୀକାକରଣ ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ସୁତିପଦର ପଞ୍ଚାୟତ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ଠିକାଦାର ସଂଘର ବୈଠକ ଓ କର୍ମକର୍ତ୍ତା ଚୟନ, ସ୍ଥାନ: ବାଲିମେଳା ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ରାଧା ଗୋବିନ୍ଦ ଧାମ ପକ୍ଷରୁ ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**
- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଲୋଇସିଂହା ଏନଏସି ବୁର୍ଡା ବସ୍ତିରେ ହରିହର ଭେଟ, ସ୍ଥାନ: କୁମ୍ଭାରପଡା ଛକ,ବୁର୍ଡା, ସମୟ: ରାତି ୧୦ଟା।

**ରାଉରକେଲା**
- ୩୧ତମ ଶ୍ରୀ ଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଇସ୍ପାତ ଗଜପତି ମାର୍କେଟ, ସମୟ: ସକାଳ ୮ଟା।
- ମାନସ ପରିଷଦ ପକ୍ଷରୁ ହୋଲିକା ଦହନ, ସ୍ଥାନ: ସେକ୍ଟର-୨୦ ରାଇଜିଂ ପଡ଼ିଆ, ସମୟ: ସନ୍ଧ୍ୟା ୮ଟା।

**ସୁନ୍ଦରଗଡ଼**
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ:ଲେଫ୍ରିପଡା ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ:୧୦ଟା୩୦।

**ବରଗଡ଼**
- ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ,ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଗାଇସିଲେଟ, ସମୟ:ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଦୋଳ ପୂର୍ଣ୍ଣିମା ଅବସରରେ ଶିଶୁ ନାଟକ ମଞ୍ଚସ୍ଥ, ସ୍ଥାନ:ବଡ଼ଧରା, ଅମ୍ବାଭୋନା, ସମୟ: ସନ୍ଧ୍ୟା ୬ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ଦିଶା କମିଟି ବୈଠକ, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଫଗୁ ମହୋତ୍ସବ ଆରମ୍ଭ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା ଗ୍ରାମ, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ଘଣ୍ଟାପଡା ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଘଣ୍ଟାପଡା ରଘୁନାଥ ମନ୍ଦିର ପ୍ରାଙ୍ଗଣ, କଣ୍ଟାମାଳ, ସମୟ: ଅହୋରାତ୍ର।
- ଯୁଗ୍ମ ଜଣଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ୧୦ଟା।

**ଦେବଗଡ଼**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଭୀମଟିକିରା ଗ୍ରାମପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଫଗୁଣ ପୂର୍ଣ୍ଣମୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବହଳପଦର, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନୂଆପଡା ସଦର ବ୍ଲକ କୁଲିଆବନ୍ଧା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ଅପରାହ୍ନ ୩ଟା।

**ଝାରସୁଗୁଡ଼ା**
- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ଅଭିଯୋଗ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ମାଇକ୍ରୋକଣ୍ଟିନେଣ୍ଟାଲ, ସମୟ: ପୂର୍ବାହ୍ନ ୧୦ଟା।
- ଟିକାକରଣ କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦ୍ୱାଦଶଭାବସ୍ଥ କର୍ମାଧିପ ଶନି ଆପଣଙ୍କ କର୍ମ ସମୂହକୁ ସମ୍ପନ୍ନ କରିବାରେ ବହୁତ ସମୟ ନେଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ସରଳ ଭାବରେ ବିଶ୍ୱାସ କରି ଅସୁବିଧାରେ ପଡିପାରନ୍ତି। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ସଫଳ ହେବେ। ସଭାସମିତିରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଉତ୍ସାହିତ ହେବେ।

**ବୃଷ**
ଚନ୍ଦ୍ର ଲଗ୍ନର ଅଷ୍ଟମସ୍ଥ ଗ୍ରହମାନେ ଆପଣଙ୍କୁ ଶୁଭଫଳ ଦେବାର ସାମର୍ଥ୍ୟ ହରାଇପାରନ୍ତି। ଭାବପ୍ରବଣତାବଶତଃ ବନ୍ଧୁଙ୍କ ସହ ଥଟ୍ଟାମଜା କଥା ଅଶାନ୍ତିର କେନ୍ଦ୍ରବିନ୍ଦୁ ପାଲଟିବ । ପାପଗ୍ରହ ଯୁକ୍ତ ରାଶ୍ୟାଧିପ ମିତ୍ରକ୍ଷେତ୍ରସ୍ଥ ହେଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଭଲ। ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ନେଇ ବ୍ୟବସାୟକୁ ବଢାଇପାରନ୍ତି।

**ମିଥୁନ**
ରାଶି ଓ ଚତୁର୍ଥାଧିପ ବୁଧ ଉଚ୍ଚାରୋହଣ କରୁଥିବାରୁ ସାମାଜିକ ସ୍ତରରେ ପ୍ରତିଷ୍ଠିତ କରାଇପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ନେଇ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ଲାଭର ମଉକା ପାଇବେ। କର୍ମାରମ୍ଭ ସହ ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି।

**କର୍କଟ**
ପରିବାରାଧିପତି ଶୁକ୍ର ଭାଗ୍ୟଭାବସ୍ଥ ଯୋଗୁ ପାରିବାରିକ ଜୀବନ ସୁଖ, ସ୍ୱାଚ୍ଛନ୍ଦ୍ୟରେ ଅତିବାହିତ ହେବ। କର୍ମକ୍ଷେତ୍ରରୁ ସମ୍ମାନ ପ୍ରତିଷ୍ଠା ପାଇବାରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାରେ ବିଫଳ ହୋଇପାରନ୍ତି।

**ସିଂହ**
ସପ୍ତମଭାବରେ ଏକାଧିକଗ୍ରହ ଅବସ୍ଥାନ କରିଥିବାରୁ ଯାତ୍ରା ସମସ୍ୟାବହୁଳ ହୋଇପାରେ। ଶିଳ୍ପ, ବାଣିଜ୍ୟ, ଆଇନ, ଅଦାଲତ ଓ ପ୍ରତିଯୋଗିତା କ୍ଷେତ୍ରରେ ସୁଫଳ ପାଇବା କଷ୍ଟକର ହେବ। ଭାଙ୍ଗି ପଡିଥିବା ସମ୍ପର୍କ ଯୋଡିବା ପାଇଁ ଚେଷ୍ଟାକଲେ ମଧ୍ୟ ବିଫଳ ହେବେ। ପଡୋଶୀଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ବ୍ୟଥା ଅନୁଭବ କରିବେ।

**କନ୍ୟା**
ରାଶି ଓ କର୍ମାଧିପ ଦୁଃସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ଆଶା ମଉଳିଯିବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାର୍ଯ୍ୟ ସକାଶେ ସମ୍ମତି ପ୍ରଦାନ କରିପାରନ୍ତି। ପଡୋଶୀଙ୍କ ସହ ପିଲା କଳିକୁ ନେଇ ଅଶାନ୍ତି ସୃଷ୍ଟି ହୋଇପାରେ। ଯାତ୍ରା, ସଭାସମିତି, ପ୍ରଶାସନ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୂର ହୋଇଯିବ।

**ତୁଳା**
ଭାଗ୍ୟସ୍ଥ ବୃହସ୍ପତି ତୃତୀୟ ଏବଂ ଚତୁର୍ଥଭାବକୁ ଦେଖୁଥିବାରୁ ଭ୍ରାତୃ ସମ୍ପର୍କହାନି ସାଙ୍ଗକୁ ପାରିବାରିକ ସ୍ଥିତିକୁ ବେସାହାରା କରିପାରନ୍ତି। ଭୁଲ୍ ବୁଝାମଣାରୁ ଆତ୍ମୀୟଙ୍କ ସହ ସୁସମ୍ପର୍କ ରହି ନ ପାରେ। ସ୍ତ୍ରୀକାରକ ଗ୍ରହ ଶୁକ୍ର ମିତ୍ର ଶନିଙ୍କ କ୍ଷେତ୍ରସ୍ଥ ହେତୁ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ବନ୍ଧୁଙ୍କ ସହ ମତାନ୍ତର ଦୂର ହେବ।

**ବିଛା**
ଆଜିର ସ୍ୱରାଶିସ୍ଥ ଚନ୍ଦ୍ର ଆପଣଙ୍କ ଉନ୍ନତ ଚିନ୍ତା ଓ ଯୋଜନାକୁ ସାକାର କରିବାରେ ସାହାଯ୍ୟ କରିବେ। ଶିକ୍ଷା, ସନ୍ତାନ, ମନ୍ତ୍ରଣା, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ। ଅଯଥା କାମରେ ବ୍ୟୟାଧିକ୍ୟଜନିତ ମନସ୍ତାପ କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସମ୍ପର୍କୀୟଙ୍କ ସହଯୋଗ ପାଇବେନାହିଁ।

**ଧନୁ**
ଦେବଗୁରୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ନିରାମୟ ସ୍ୱାସ୍ଥ୍ୟ ସାଙ୍ଗକୁ ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରଖିବେ। ବନ୍ଧୁ ସମ୍ପର୍କ, ଗୃହାରମ୍ଭ, ଯାନ କ୍ରୟ, ଆଭୂଷଣ ପ୍ରାପ୍ତି ହେବ। ଆଜିର ଯାତ୍ରା, ବାଣିଜ୍ୟ, ସଭାସମିତି ଓ ଆନୁଷ୍ଠାନିକ କାମରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ପରୀକ୍ଷା, ଇଣ୍ଟରଭ୍ୟୁ ଏବଂ ସାଙ୍ଗଠନିକ କ୍ଷେତ୍ରରେ ସଫଳତା ପାଇବେ।

**ମକର**
ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ମନ ଅନୁଯାୟୀ କାର୍ଯ୍ୟହାସଲ କରିବା ସହ ଅଭିଳକ୍ଷିତ ଜିନିଷ ପାଇବେ। ସଭାସମିତି ଅବସରରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ନୂତନ କର୍ମାରମ୍ଭ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। ଷଷ୍ଠଭାବରେ ବ୍ୟୟାଧିପ ସ୍ୱାସ୍ଥ୍ୟ, ସମସ୍ୟା ସମାଧାନ, ଦୂରଯାତ୍ରା କ୍ଷେତ୍ରରେ ଖର୍ଚ୍ଚାନ୍ତ କରାଇପାରନ୍ତି।

**କୁମ୍ଭ**
ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ରାଜଯୋଗ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ଉଚ୍ଚାରୋହୀ ରବି ହେତୁ ସରକାରୀ ସୁବିଧା, କାର୍ଯ୍ୟସିଦ୍ଧି ସାଙ୍ଗକୁ ଲୋକସମ୍ପର୍କ ବଢ଼ିବ। ପ୍ରତିପକ୍ଷ ମିତ୍ରତାର ହାତ ବଢାଇବେ ଏବଂ ବିଭିନ୍ନ ଦିଗରୁ ସହଯୋଗ ପାଇବାରେ ଅସୁବିଧା ହେବନାହିଁ। ଅସୁବିଧାଜନକ ପରିସ୍ଥିତି ଦୂରେଇ ଯିବ ।

**ମୀନ**
ରାଶିରେ ଶୁକ୍ର ଏବଂ ଶନିଙ୍କ ସ୍ଥିତିଜନିତ କୌଣସି କାମ ସହଜରେ ସମ୍ପନ୍ନ ହେବନାହିଁ। ସାମାଜିକ ସ୍ତରରେ ତ୍ୟାଗ, ସହନଶୀଳତା ଓ ଉଦାରତା ଗୁଣରୁ ପ୍ରଶଂସିତ ହେବେ। ବନ୍ଧୁମିଳନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ପ୍ରଶାସନିକ ସ୍ତରରେ, ରାଜନୀତିରେ, ସଭାସମିତରେ ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ମାର୍ଚ୍ଚ ୨ ତାରିଖ, ଫାଲ୍‌ଗୁନ ଶୁକ୍ଳପକ୍ଷର ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ସୋମବାର, ଶ୍ରୀମନ୍ଦିରରେ ରାଜାଗ୍ନି, ଦୋଳବେଦୀକୁ ଦୋଳଗୋବିନ୍ଦଙ୍କ ବିଜେ, ମେଷ ରାକ୍ଷସ ଦହନ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ସକାଳ ଘ.୦୭।୫୧ ମି. ଗତେ, ରାଶିନକ୍ଷତ୍ର- ମଘା/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୯ ଗତେ, ଘ.୦୭।୩୬ ମଧ୍ୟେ, ଘ.୧୦।୪୯ ଗତେ, ଘ. ୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୩୬ ଗତେ, ଘ.୦୯।୦୪ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୧୫ ମାଓବାଦୀଙ୍କ...

ଜୁଗନୁ(୨୩), ବଡା ବଟଟୁମା ଗାଁର ପାଣ୍ଡୁ ଓରଫ ଦିନେଶ (୨୪) ଓ କୁବିସ ଗାଁର ନୀଳା ଓରଫ ପୋଜେଓ ସବିତା (୨୨)। ଏହି ୧୫ ମାଓବାଦୀ ଓଡ଼ିଶାର ବଲାଙ୍ଗୀର,ବରଗଡ଼ ଜିଲା ଓ ଛତିଶଗଡ଼ ରାଜ୍ୟର ମହାସମୁଦ୍ର ଜିଲାରେ ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲେ। ବରଗଡ଼, ବଲାଙ୍ଗୀର ଓ ମହାସମୁଦ୍ର ଡିଭିଜନ କମିଟି ମୁଖ୍ୟ ବିକାଶ ରହିଥିଲେ। ତାଙ୍କ ନେତୃତ୍ୱରେ ୧୫ ଜଣ ମାଓବାଦୀ କାର୍ଯ୍ୟ କରୁଥିଲେ। ୧୫ ମାଓବାଦୀଙ୍କ ନାମରେ ମୋଟ ୭୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ବିକାଶ ତେଲଙ୍ଗାନା ରାଜ୍ୟରୁ ଆସି ରାଜ୍ୟ କମିଟି ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଅନ୍ୟ ୧୪ ଜଣ ଛତିଶଗଡ଼ ରାଜ୍ୟର ବିଭିନ୍ନ ଜିଲା ଓ ଗାଁର ରହିଛନ୍ତି। ସେମାନଙ୍କ ନାମରେ ମଧ୍ୟ ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି ରହିଥିଲା। ମଙ୍ଗେଶଙ୍କ ନାମରେ ୮ ଲକ୍ଷ, ବାବୁଙ୍କ ନାମରେ ୫ ଲକ୍ଷ ଏହିପରି ୧୫ ଜଣଙ୍କ ନାମରେ ମୋଟ ୭୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସେମାନେ ବନ୍ଧୁକ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ରବିବାର ଛତିଶଗଡ଼ ରାଜ୍ୟ ମହାସମୁଦ୍ର ଜିଲା ବଲୋଦା ଥାନାରେ ଭୋର ୪ଟାରେ ଆତ୍ମସମର୍ପଣ କରିଛନ୍ତି। ଏହା ପୂର୍ବରୁ ଗତ ୨୨ ତାରିଖରେ ଛତିଶଗଡ଼ ରାଜ୍ୟର ଗୃହମନ୍ତ୍ରୀଙ୍କଠାରେ ଆତ୍ମସମର୍ପଣ କରିବା ପାଇଁ ଚିଠି ମାଧ୍ୟମରେ ଅନୁରୋଧ କରି ବରଗଡ଼ ଓ ବଲାଙ୍ଗୀର ଜିଲା ପୋଲିସଙ୍କୁ କମ୍ବିଂ ଅପରେଶନ ନ କରି ଆତ୍ମସମର୍ପଣ କରିବା ପାଇଁ ସମୟ ମାଗିଥିଲେ। ସେମାନେ ଓଡ଼ିଶାରେ କାମ କରି ଛତିଶଗଡ଼ ରାଜ୍ୟରେ ଯାଇ ଆତ୍ମସମର୍ପଣ କରିଛନ୍ତି। ବିକାଶ ୧୯୮୫ ମସିହାଠାରୁ ମାଓବାଦୀ ସଙ୍ଗଠନରେ ସାମିଲ ହୋଇ ସକ୍ରିୟ ଭାବରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ୧୪ ଜଣ ୨୦୦୫, ୨୦୦୯, ୨୦୧୦, ୨୦୨୨ଠାରୁ କାର୍ଯ୍ୟ କରି ଆସୁଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାର ମାଓବାଦୀମୁକ୍ତ ଭାରତ ଗଠନ କରିବା ପାଇଁ ବାରମ୍ବାର ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ କରିଛନ୍ତି।

### ସେମିରେ ଭାରତ...

୯ମ ଓଭରରେ ହୋପ(୩୨ ରନ, ୩ ଚୌକା ଓ ୧ ଛକା)ଙ୍କୁ କ୍ଲିନ ବୋଲ୍ଡ କରି ଭାରତକୁ ବ୍ରେକଥ୍ରୁ ଦେଇଥିଲେ। ଏହାପରେ ୧୨ଶ ଓଭରରେ ଯଶପ୍ରୀତ ବୁମରା ବିସ୍ଫୋରକ ବ୍ୟାଟିଂ କରୁଥିବା ଶିମରନ ହେଟମେୟର (୧୨ ବଲ ୨୭ ରନ, ୧ ଚୌକା ଓ ୨ ଛକା) ଓ ଚେଜ (୪୦ ରନ, ୫ ଚୌକା ଓ ୧ ଛକା)ଙ୍କୁ ପାଭିଲିୟନ ପଠାଇଥିଲେ। ଶେଷ ଆଡ଼କୁ ରୋଭମାନ ପାୱେଲ ଓ ଜାସନ ହୋଲ୍ଡର ବିସ୍ଫୋରକ ବ୍ୟାଟିଂ କରି ପଞ୍ଚମ ଉଇକେଟରେ ୩୫ ବଲରେ ୭୬ ରନ କରି ଦଳକୁ ଭଲ ଫିନିଶିଂ ପ୍ରଦାନ କରିଥିଲେ। ଫଳରେ ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ କରିଥିଲା। ପାୱେଲ ୧୯ ବଲରେ ୩୪ (୩ ଚୌକା ଓ ୨ ଛକା) ଓ ହୋଲ୍ଡର ୨୨ ବଲରେ ୩୭ (୨ ଚୌକା ଓ ୩ ଛକା) ରନ କରି ଅପରାଜିତ ଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମରା ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

### ଇରାନ୍ ମୁରବୀବିହୀନ...

ବୋଲି ଇରାନ ସରକାରୀ ଟେଲିଭିଜନ ରବିବାର ରିପୋର୍ଟ କରିଛି। ଜେନେରାଲ ଅବଡୋଲ ରହିମ ମୌସାଭି ଏବଂ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଅଜିଜ ନାସିରଜାଦେହ ବୈଠକରେ ଥିବାବେଳେ ଆକ୍ରମଣରେ ନିହତ ହୋଇଛନ୍ତି। ଏଥିସହିତ ଇରାନ୍ ଅର୍ଦ୍ଧସାମରିକ ବାହିନୀ ରିଭଲ୍ୟୁଶନାରୀ ଗାର୍ଡର ମୁଖ୍ୟ, ସୁରକ୍ଷା ପରାମର୍ଶଦାତା ଅଲି ଶାମଖାନିଙ୍କର ମଧ୍ୟ ମୃତ୍ୟୁ ଘଟିଛି। ସୁପ୍ରିମ ଲିଡର ଖାମେନେଇଙ୍କ ମୃତ୍ୟୁରେ ଇରାନ୍‌ରେ ୪୦ ଦିନିଆ ଶୋକ ଘୋଷଣା କରାଯାଇଥିବାବେଳେ ୭ ଦିନ ସର୍ବସାଧାରଣ ଛୁଟି ଘୋଷଣା କରାଯାଇଛି।

### ଆୟାତୋଲ୍ଲା ଅରାଫି ...

ପରବର୍ତ୍ତୀ ସମୟରେ ସେ ଧର୍ମଯାଜକ ଭାବେ କାର୍ଯ୍ୟ କରିବା ପରେ ଖାମେନେଇଙ୍କ ଘନିଷ୍ଠ ଲୋକଙ୍କ ମଧ୍ୟରେ ସାମିଲ ହୋଇଥିଲେ। ଏହାପରେ ସେ ଖାମେନେଇ ଶାସକ ଗୋଷ୍ଠୀରେ ସାମିଲ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ଇରାନ୍‌ର ଗାର୍ଡିଆନ୍ କାଉନ୍‌ସିଲ୍‌ର ସଦସ୍ୟ ହୋଇଥିଲେ। ଗାର୍ଡିଆନ୍ କାଉନ୍‌ସିଲ୍ ଇରାନ୍ ସଂସଦ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇଥିଲାବେଳେ ଆଇନକାନୁନ ଅନୁମୋଦନ ଏବଂ ରାଜନୈତିକ ସ୍ତରରେ ନିଷ୍ପତ୍ତି ନେବା ଦିଗରେ ଏହାର ସଦସ୍ୟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତେବେ ଆରାଫି ଗତ କିଛି ବର୍ଷ ଧରି ଏହି କାଉନ୍‌ସିଲ୍‌ରେ କାର୍ଯ୍ୟ କରି ଖାମେନେଇଙ୍କ ଅତ୍ୟନ୍ତ ବିଶ୍ୱସ୍ତ ହୋଇପାରିଥିଲେ।

ଇରାନ୍ ସମ୍ବିଧାନର ଧାରା ୧୧୧ ଅନୁସାରେ ସ୍ଥାୟୀ ଭାବେ ପରବର୍ତ୍ତୀ ନେତା ଚୟନ ନ ହେବା ପର୍ଯ୍ୟନ୍ତ ଲିଡରଶିପ୍ କାଉନ୍‌ସିଲ୍ ଶାସନ କ୍ଷମତାରେ ରହିବ। ଏହି କାଉନ୍‌ସିଲ୍‌ରେ ଆରାଫିଙ୍କ ବ୍ୟତୀତ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ ଏବଂ ପ୍ରଧାନବିଚାରପତି ଜି ମୋହସେନି ଇଜେଇ ରହିଛନ୍ତି। ଏହି ୩ ସଦସ୍ୟ ଶାସନ ବ୍ୟବସ୍ଥାର ବିଭିନ୍ନ ଦିଗରେ ସମନ୍ୱୟ ରଖି କାର୍ଯ୍ୟ କରିବେ।

### ସିଏଜିଙ୍କୁ ମିଳୁନି...

୨୦୨୩-୨୪ ବର୍ଷ ସୁଦ୍ଧା ଅବଶିଷ୍ଟ ଅର୍ଥର 'ୟୁସି' ବକେୟା ରହିଛି। ତେବେ ବର୍ଷ ବର୍ଷ ଧରି ବିଭାଗୀୟ ଅଧିକାରୀମାନେ କାହିଁକି ୟୁସିର ପୂର୍ଣ୍ଣାଙ୍ଗ ବିବରଣୀ ଦେଇପାରୁ ନାହାନ୍ତି ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ଅର୍ଥ ବିଭାଗ ପ୍ରମୁଖ ସଚିବ ସମ୍ପୃକ୍ତ ବିଭାଗକୁ ବାରମ୍ବାର ତାଗିଦ କରୁଛନ୍ତି। ଏପରି କି ସଚିବସ୍ତରୀୟ ବୈଠକରେ ଏହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ହେଲେ କୌଣସି ସୁଫଳ ମିଳୁନାହିଁ, ବରଂ ମାସକୁ ମାସ 'ୟୁସି' ବକେୟା ବଢ଼ି ଚାଲିଛି। ଯଦି ପୂର୍ବ ଅଧିକାରୀମାନେ ଅବାଟରେ ଟଙ୍କା ଖର୍ଚ୍ଚ କରିଛନ୍ତି ତେବେ ସରକାରଙ୍କ ନିୟମ ଅନୁଯାୟୀ, କାହିଁକି ସମ୍ପୃକ୍ତ ଅଧିକାରୀଙ୍କୁ ଦାୟୀ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଲୋକସେବା ଭବନରେ ଚର୍ଚ୍ଚା ହେଉଛି।

### ୩୫ ଡିଗ୍ରୀ ଉପରେ...

ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୩୬.୪ ଡିଗ୍ରୀ ରହିଥିଲାବେଳେ ଭୁବନେଶ୍ୱରରେ ୩୬.୨ ଡିଗ୍ରୀ, ସୋନପୁର ୩୬.୨ ଡିଗ୍ରୀ, ଅନୁଗୋଳ ୩୬.୧ ଡିଗ୍ରୀ, ବାରିପଦା ୩୬ ଡିଗ୍ରୀ, ଚାନ୍ଦବାଲିରେ ୩୫.୮, ଢେଙ୍କାନାଳ ୩୫.୮ ଡିଗ୍ରୀ, ତାଳଚେର ୩୫.୮ ଡିଗ୍ରୀ, ଟିଟିଲାଗଡ ୩୫.୮ ଡିଗ୍ରୀ, ସମ୍ବଲପୁର ୩୫.୬ ଡିଗ୍ରୀ, ଭବାନୀପାଟଣା ୩୫.୪ ଡିଗ୍ରୀ ଏବଂ ବଲାଙ୍ଗୀରରେ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ ହୋଇଥିଲା। ଏଥିସହ ଦକ୍ଷିଣ ଉପକୂଳ ଓଡ଼ିଶାର ଖୋର୍ଦ୍ଧା ଜିଲାର କିଛି ସ୍ଥାନରେ ମଧ୍ୟମ କୁହୁଡ଼ି ଦେଖାଦେଇଥିଲା ବୋଲି ସୂଚନା ଦିଆଯାଇଛି।

### ସୌନ୍ଦର୍ଯ୍ୟ ପ୍ରତିଯୋଗିତାରୁ...

କରାଯାଇଥିବା ଯାଞ୍ଚରୁ ଜାଣିପାରିଥିଲେ। ଉକ୍ତ ଓଟମାନଙ୍କ ମୁହଁର ମାଂସପେଶୀକୁ କୋମଳ କରିବା ପାଇଁ ବୋଟକ୍ସ ବ୍ୟବହାର କରାଯାଇଥିଲା। ସେହିପରି ଲିପ୍ ଫିଲର୍ସ କରାଯାଇଥିଲା, ଅର୍ଥାତ୍ ଓଟର ଓଠକୁ ମୋଟା ଓ ସୁନ୍ଦର ଦେଖାଇବା ପାଇଁ ଇଞ୍ଜେକ୍ସନ ଦିଆଯାଇଥିଲା। ଓଟର କୁଜକୁ ବଡ଼ କରିବା ଏବଂ ଶରୀରର ଗଠନକୁ ସୁଦୃଢ଼ କରିବା ପାଇଁ ସିଲିକନ ଓ ହର୍ମୋନ ପ୍ରୟୋଗ କରାଯାଇଥିଲା। ଡାକ୍ତରମାନଙ୍କ ମତରେ ଏହି ଇଞ୍ଜେକ୍ସନ ଦ୍ୱାରା ଓଟମାନଙ୍କୁ ପ୍ରବଳ ଯନ୍ତ୍ରଣା ହୁଏ ଏବଂ ସେମାନଙ୍କର ଖାଇବା ପିଇବାରେ ମଧ୍ୟ ସମସ୍ୟା ଦେଖାଦିଏ। ପ୍ରତିଯୋଗିତାର ନିୟମ ଅନୁଯାୟୀ ଏସବୁକୁ ନିଷିଦ୍ଧ କରାଯାଇଥିବାବେଳେ ପୁରସ୍କାର ବାବଦ ବଡ଼ ଅର୍ଥରାଶି ଲୋଭରେ ଓଟ ମାଲିକମାନେ ଏଭଳି ସର୍ଜରୀ ଓ ଅନ୍ୟାନ୍ୟ ପନ୍ଥା ଆପଣାଇଥିଲେ। ଓମାନର ଓଟ କ୍ଲବ୍ ଏବଂ ସରକାରୀ ସଂସ୍ଥା ଏହାକୁ ନିନ୍ଦା କରିବା ସହ ନିୟମକୁ କଡ଼ାକଡ଼ି କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ସୌନ୍ଦର୍ଯ୍ୟ କେବଳ ପ୍ରାକୃତିକ ହେବା ଉଚିତ। ସୋସିଆଲ ମିଡିଆରେ ଲୋକମାନେ ଏହି ଓଟମାନଙ୍କୁ ହଲିଉଡ୍ ସେଲିବ୍ରିଟି କିମ୍ କାର୍ଦାଶିଆନ୍‌ଙ୍କ ନାମ ଅନୁସାରେ 'କ୍ୟାମେଲ କାର୍ଦାଶିଆନ୍ସ' ବୋଲି କହି ପରିହାସ କରୁଛନ୍ତି।

### ହୋର୍ମୁଜ ଷ୍ଟ୍ରେଟ୍‌ରେ...

ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଥିବା ଓମାନ୍‌ର ମାରିଟାଇମ୍ ସିକ୍ୟୁରିଟି ସେଣ୍ଟର (ଏମ୍‌ଏସ୍‌ସି) ସୂଚନା ଦେଇଛି। ଅନ୍ୟପକ୍ଷେ ବଡ଼ ଜାହାଜଗୁଡ଼ିକର ମାଲିକମାନେ ହୋର୍ମୁଜ ପ୍ରଣାଳୀ ଦେଇ ତୈଳ ପରିବହନ ବନ୍ଦ କରିଦେଇଛନ୍ତି। ମରିନ୍ ବୀମାକର୍ତ୍ତାମାନେ ମଧ୍ୟ ସମ୍ପୃକ୍ତ ଅଞ୍ଚଳ ପାଇଁ କଭରେଜ୍‌କୁ ସ୍ଥଗିତ ରଖିଛନ୍ତି। ଅର୍ଥାତ୍ ବର୍ତ୍ତମାନ ସ୍ଥିତିରେ ହୋର୍ମୁଜ୍ ପ୍ରଣାଳୀ ଦେଇ କୌଣସି ତୈଳ ଜାହାଜ ଯାଉଥିବାବେଳେ ଆକ୍ରମଣର ଶିକାର ହୋଇ କ୍ଷତିଗ୍ରସ୍ତ ହେଲେ କିମ୍ବା ତାହା ସମୁଦ୍ରରେ ବୁଡ଼ିଗଲେ ବୀମା ରାଶି ମିଳିବ ନାହିଁ।

ପାରସ୍ୟ ଉପସାଗର ସହ ଓମାନ୍ ଉପସାଗରକୁ ଯୋଡୁଥିବା ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ହେଉଛି ବୈଶ୍ୱିକ ତୈଳ ପରିବହନର ଏକ ରଣନୈତିକ ରୁଟ୍, ଯାହାକୁ ସର୍ବାଧିକ ସମ୍ବେଦନଶୀଳ ଚୋକ୍‌ପଏଣ୍ଟ ବିବେଚନା କରାଯାଏ। ଏହି ସଂକୀର୍ଣ୍ଣ କରିଡର ଦେଇ କୌଣସି ଜାହାଜ ଚଳାଚଳକୁ ଅନୁମତି ଦିଆଯିବ ନାହିଁ ବୋଲି ଶନିବାର ଇରାନୀୟ ନୌସେନା ସ୍ପଷ୍ଟ କରିଥିଲା। ଏହାସତ୍ତ୍ୱେ ପଲଉ ସାଧାରଣତନ୍ତ୍ରର ପତାକା ଲାଗିଥିବା ତୈଳ ଟ୍ୟାଙ୍କର ସେହି କରିଡର ଦେଇ ଯାଇଥିବାରୁ ଆକ୍ରମଣର ଶିକାର ହୋଇଛି। ଏହି ଧାରା ଜାରି ରହିଲେ କ୍ରୁଡ୍ ମହଙ୍ଗା ହେବା ଅନୁମାନ କରାଯାଉଛି। କାରଣ ମଧ୍ୟପ୍ରାଚ୍ୟରୁ ବିଶ୍ୱର ବିଭିନ୍ନ ଭାଗକୁ ତୈଳ ଯୋଗାଣ ହୋଇପାରିବ ନାହିଁ। ଆମେରିକା ଓ ଇସ୍ରାଏଲ୍ ଇରାନ୍‌ର ତୈଳ ଭିତ୍ତିଭୂମି, ପାଇପ୍ ଲାଇନ୍ କିମ୍ବା ଜାହାଜଗୁଡ଼ିକ ଉପରେ ଆକ୍ରମଣ କଲେ ତୈଳ ଦର ଆକାଶଛୁଆଁ ହେବ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ହୋର୍ମୁଜ ପ୍ରଣାଳୀ ଦେଇ ଇରାନୀୟ ଟ୍ୟାଙ୍କରଗୁଡ଼ିକ ତୈଳ ପରିବହନ କରୁଥିବାରୁ ୟୁଏସ୍ ନେଭିର କଡ଼ା ନଜର ରହିଛି। ଯୁଦ୍ଧ ଆଶଙ୍କାରେ ଶୁକ୍ରବାର ବ୍ରେଣ୍ଟ କ୍ରୁଡ୍ ୭ ମାସର ସର୍ବାଧିକ ମୂଲ୍ୟ ବ୍ୟାରେଲ ପିଛା ୭୨.୮୭ ଆମେରିକୀୟ ଡଲାରକୁ ଉଠି କାରବାର ବନ୍ଦ ହୋଇଥିଲା। ସମ୍ପ୍ରତି ଓମାନ୍ ଉପସାଗରରେ ଅନେକ ତୈଳ ଟ୍ୟାଙ୍କର ଯାତ୍ରା ବନ୍ଦ କରି ପଡ଼ିରହିଛି। ଇରାନ୍ ଦୈନିକ ୧.୬ ନିୟୁତ ବ୍ୟାରେଲ୍ ତୈଳ ରପ୍ତାନି କରିଥାଏ। ଏଥିରୁ ସର୍ବାଧିକ ତୈଳ ଚାଇନା ଆମଦାନୀ କରିଥାଏ। ଏହି ଯୋଗାଣ ବାଧାପ୍ରାପ୍ତ ହେଲେ ଚାଇନା ଗ୍ରାହକ ବିଶ୍ୱର ଅନ୍ୟ ବଜାର ଉପରେ ନିର୍ଭର କରିବେ। ଫଳରେ ତୈଳ ଦର ବୃଦ୍ଧି ପାଇବ। ସପ୍ତାହାନ୍ତ ଛୁଟି ପରେ ସୋମବାର ତୈଳ ବଜାର ଖୋଲିବା ମାତ୍ରେ ଅଏଲ୍ ମାର୍କେଟରେ ନିଆଁ ଲାଗିବା ଅନୁମାନ କରାଯାଉଛି।

ଇତିମଧ୍ୟରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ହୋର୍ମୁଜ ବନ୍ଦ ନେଇ ଚିନ୍ତାବ୍ୟକ୍ତ କରିଛି। ଯାହାଦ୍ୱାରା ବିଶ୍ୱ ତୈଳ ଓ ବାଷ୍ପ ବଜାର ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ତୁରନ୍ତ ଉତ୍ତେଜନା ହ୍ରାସ କରି ରାଜନୈତିକ ଓ କୂଟନୈତିକ ଆଲୋଚନା ଜରିଆରେ ସମାଧାନର ବାଟ ବାହାର କରିବା ପାଇଁ ମସ୍କୋ ପରାମର୍ଶ ଦେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମାନିଆ ପୁଅ କୋଣରେ ପଶେ**
**ମାନିଆ ପୁଅ କୋଳରେ ବସେ ।**

ମାତାପିତା ତଥା ଗୁରୁଜନଙ୍କ ଉପଦେଶକୁ କର୍ଣ୍ଣପାତ କରୁ ନ ଥିବା ପୁତ୍ର କୁଳ ବାଳୁଙ୍ଗା ବୋଲାଇଥାଏ। ସେହିପରି ଯେଉଁ ପୁତ୍ର ସମସ୍ତଙ୍କ ହିତୋପଦେଶକୁ ଗ୍ରହଣ କରିଥାଏ, ଯଥୋଚିତ ସମ୍ମାନ ଦେଇଥାଏ ସେହି ପୁତ୍ର ସ୍ନେହାଶୀର୍ବାଦ ଲାଭ କରିଥାଏ। ସମସ୍ତଙ୍କ ପ୍ରିୟଭାଜନ ହେବା ସହ ଜୀବନରେ ବହୁତ ଉନ୍ନତି କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅରୁଆ ଚାଉଳ ଖିରି କି**
**ଆମ ରାଇଜର ନୋହୁଁରେ ନାଗର**
**କେତେ ଅନଉଛୁ ନିରେଖି।**

ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚିରେ ଟାଣି ହୋଇ ଯାଇଥାଏ। ଯୁବତୀଙ୍କୁ ରାସ୍ତାଘାଟରେ ଗଲାବେଳେ କେହି କେହି ତା'ର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଅନେଇଥାନ୍ତି। ତେବେ ଚିହ୍ନା ଜଣା ନ ଥିବା ଅପରିଚିତ ବ୍ୟକ୍ତିଙ୍କର ଏପରି ନିରେଖି ଅନେଇରହିବା ଉକ୍ତ ଯୁବତୀ ପକ୍ଷେ ଆଦୌ ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ନବୀନଙ୍କ ଶୋକ**

ଭୁବନେଶ୍ୱର,୧।୩(ରବିନାରାୟଣ ଜେନା): ବିଜୁ ଜନତା ଦଳ(ବିଜେଡି)ର ବରିଷ୍ଠ ନେତା ଗୋଲକ ବିହାରୀ ନାୟକଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସମାଜବାଦୀ ଆଦର୍ଶରେ ବିଶ୍ୱାସୀ ସ୍ୱର୍ଗତ ନାୟକ ଚାଷୀ ଓ ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସର୍ବଦା କାର୍ଯ୍ୟରତ ଥିଲେ। ତାଙ୍କର ବିୟୋଗରେ ବିଜେଡି ଜଣେ ସମର୍ପିତ ଜନସେବକଙ୍କୁ ହରାଇଲା। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନବୀନ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଆବଶ୍ୟକ ସ୍ଥଳେ ତୁରନ୍ତ ଜମି ଅଧିଗ୍ରହଣ କର

## ପ୍ରସ୍ତାବିତ ଜଳପଥ ନିର୍ମାଣ

ଯାଜପୁର,୧।୩(ହର୍ଷବର୍ଦ୍ଧନ ବେହେରା)

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ପ୍ରାଧିକରଣ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ୫ଟି ଜଳପଥ ନିର୍ମାଣ ପ୍ରସ୍ତାବ ରହିଛି। ଏହିକ୍ରମରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଗତ ଡିସେମ୍ବରରେ ପତ୍ର ଦିଆଯାଇଥିଲା। ଉକ୍ତ ପତ୍ର ଆଧାରରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ କାର୍ଯ୍ୟାଳୟରୁ ବୁଧବାର ପ୍ରସ୍ତାବିତ ଜଳପଥ ପ୍ରକଳ୍ପଗୁଡ଼ିକରେ ଆବଶ୍ୟକସ୍ଥଳେ ତୁରନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ବିଭାଗୀୟ ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ ଇନ୍‌ଲାଣ୍ଡ ୱାଟରୱେ ଅଥରିଟି ଅଫ୍ ଇଣ୍ଡିଆ(ଆଇଡବ୍ଲୁଏଆଇ) ବା ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ଗାଇଡଲାଇନ ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ, ଖରସ୍ରୋତା, ତନ୍ତିଘାଇ, ଚିଙ୍ଗୁଡ଼ିଆ, ପଣ୍ଟୁଆ, ବିରୂପା, ବଡ଼ଗେଙ୍ଗୁଟି ନଦୀରେ ନିର୍ମାଣାଧୀନ ଏବଂ ମଞ୍ଜୁରିପ୍ରାପ୍ତ ବ୍ରିଜ୍‌ଗୁଡ଼ିକର ସ୍ଥିତି ସଂକ୍ରାନ୍ତରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ବର୍ତ୍ତମାନ ପ୍ରସ୍ତାବିତ ଜଳପଥ ଅଞ୍ଚଳରେ ୯ଟି ବ୍ରିଜ୍ ଟେଣ୍ଡର ଷ୍ଟେଜ୍‌ରେ ରହିଥିବାବେଳେ ୧୫ଟି ବ୍ରିଜ୍ ନିର୍ମାଣାଧୀନ ଓ ୨୦୨୪-୨୫ ବର୍ଷରେ ୬ଟି ବ୍ରିଜ୍ ମଞ୍ଜୁର ହୋଇଛି। ତେବେ ଆଇଡବ୍ଲୁଏଆଇର ଗାଇଡ୍‌ଲାଇନ୍ ଅନୁସାରେ ବ୍ରିଜ୍‌ଗୁଡ଼ିକର ଆପ୍ରୋଚ ରାସ୍ତା ପାଇଁ ଜମି ଅଧିଗ୍ରହଣ ନିତାନ୍ତ ଆବଶ୍ୟକ ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି।

ବ୍ରାହ୍ମଣୀ-ଖରସ୍ରୋତା-ଧାମରା ପର୍ଯ୍ୟନ୍ତ ୨୬୫ କି.ମି., ବୈତରଣୀ ନଦୀର ୪୮ କି.ମି., ବିରୂପା-ବଡ଼ଗେଙ୍ଗୁଟି-ବ୍ରାହ୍ମଣୀ ରିଭର ସିଷ୍ଟମର ୧୫୬ କି.ମି. ସମେତ ମହାନଦୀର ୪୨୬ କି.ମି., ବୁଢ଼ାବଳଙ୍ଗ ନଦୀର ୫୬ କି.ମି. ଜଳପଥର ବିକାଶ ପାଇଁ ପ୍ରସ୍ତାବ ରହିଛି। ଏହିସବୁ ପ୍ରସ୍ତାବ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ତତ୍ପରତା ପ୍ରକାଶ ପାଇଛି। ଏହିସବୁ ନଦୀ ଉପରେ ନିର୍ମାଣାଧୀନ ଓ ମଞ୍ଜୁର ବ୍ରିଜ୍ ପ୍ରକଳ୍ପଗୁଡ଼ିକ ଉପରେ ଆଇଡବ୍ଲୁଏଆଇ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗ୍ରାମ୍ୟ ନିର୍ମାଣ ବିଭାଗର ରିପୋର୍ଟ ଅନୁସାରେ ଭଦ୍ରକ ଜିଲାର କୋଷ୍ଟ କେନାଲ ଉପରେ ବ୍ରିଜ୍, ବ୍ରାହ୍ମଣୀ, ଖରସ୍ରୋତା, ତନ୍ତିଘାଇ ଓ ପଣ୍ଟୁଆ ନଦୀରେ ଯାଜପୁର ଜିଲାର ଭଅଁରା-ଭୁରୁଙ୍ଗା ରାସ୍ତା, କଣ୍ଟିଆ, ବରୀ-ବିଞ୍ଝାରପୁର, ସାହାସପୁର-ଡଅଁରାକୁଲ ଏବଂ କେନ୍ଦ୍ରାପଡା ଜିଲାର କୃଷ୍ଣଦାସପୁର-ସିଂହଗାଁ ଓ ବଳଣ-ଆଦମପୁର ରାସ୍ତାରେ ବ୍ରିଜଗୁଡ଼ିକ ନିର୍ମାଣାଧୀନ ରହିଛି। ସେହିପରି ବିରୂପା, ବଡଗେଙ୍ଗୁଟି, ବ୍ରାହ୍ମଣୀ ନଦୀରେ କଟକ ଜିଲାର ରୁଦ୍ରପୁର ରାସ୍ତା, ବୁଢ଼ାବଳଙ୍ଗ ନଦୀ ଉପରେ ବାଲେଶ୍ୱର ଜିଲାର କେଶପୁର-କୋସମିଲା ରାସ୍ତା, ମହାନଦୀରେ କଟକ ଜିଲାର ଜନାର୍ଦ୍ଦନପୁରଠାରୁ କୁଲିଆ, କେନ୍ଦ୍ରାପଡ଼ା ଜିଲାର ବେଲାରପୁର-ନୂଆଗାଁ, ବର୍ତ୍ତୁଙ୍ଗା ରାସ୍ତା, ବଳରାମପୁର ରାସ୍ତା, ଗହଗାଠାରୁ ନରସିଂହପୁର ଓ ସାନସଲାରଠାରୁ ଷଠିଲୋ ରାସ୍ତାରେ ବ୍ରିଜ୍‌ଗୁଡ଼ିକ ନିର୍ମାଣାଧୀନ ରହିଛି। ସେହିପରି ବାଲେଶ୍ୱର ଜିଲାର କୋଷ୍ଟ କେନାଲରେ ୩ଟି ବ୍ରିଜ୍, ବ୍ରାହ୍ମଣୀ-ଖରସ୍ରୋତା, ତନ୍ତିଘାଇ, ଚିଙ୍ଗୁଡ଼ିଆ ଓ ପଣ୍ଟୁଆ ନଦୀରେ ଯାଜପୁର ଜିଲାର ୩ଟି, ଢେଙ୍କାନାଳ ଜିଲାର ଗୋଟିଏ ଓ କେନ୍ଦ୍ରାପଡ଼ା ଜିଲାର ଗୋଟିଏ ବ୍ରିଜ୍, ବୁଢ଼ାବଳଙ୍ଗ ନଦୀରେ ବାଲେଶ୍ୱର ଜିଲାର ଗୋଟିଏ ବ୍ରିଜ୍ ଟେଣ୍ଡରସ୍ତରରେ ରହିଛି। ଏହାବାଦ ବିରୂପା, ବଡ଼ଗେଙ୍ଗୁଟି ଓ ବ୍ରାହ୍ମଣୀ ନଦୀରେ କଟକ ଜିଲାର ୩ଟି ଓ କେନ୍ଦ୍ରାପଡ଼ା ଜିଲାର ୩ଟି ଏବଂ ମହାନଦୀରେ କଟକ ଜିଲାର ୧ଟି ବ୍ରିଜ୍ ନିର୍ମାଣ ପାଇଁ ମଞ୍ଜୁର ହୋଇଛି। ଏହିସବୁ ବ୍ରିଜ୍ ଆଇଡବ୍ଲୁଏଆଇ ଗାଇଡ୍‌ଲାଇନ୍‌ରେ ନିର୍ମାଣ କିମ୍ବା ଯୋଜନା ହୋଇଛି କି ନାହିଁ ତାହା ଅନୁଧ୍ୟାନଯୋଗ୍ୟ ବୋଲି ନିର୍ଦ୍ଦେଶ ହୋଇଛି।

ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ଆଇଡବ୍ଲୁଏଆଇ ପକ୍ଷରୁ ତଦନ୍ତ କରାଗଲା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ଜମି ଅଧିଗ୍ରହଣ ପ୍ରକ୍ରିୟା ଆବଶ୍ୟକସ୍ଥଳେ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି।

# ୬ ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରୀୟ ପାହ୍ୟା

ଭୁବନେଶ୍ୱର,୧।୩ (ରବିନାରାୟଣ ଜେନା)

ଭାରତ ସରକାରଙ୍କ କ୍ୟାବିନେଟ୍ ନିଯୁକ୍ତି କମିଟି(ଏସିସି) ପକ୍ଷରୁ ଶନିବାର ଦୁଇଟି ପର୍ଯ୍ୟାୟରେ ୬୯ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କୁ କେନ୍ଦ୍ର ପକ୍ଷରୁ ସଚିବ ତଥା 'ଇକ୍ୟୁଭାଲେଣ୍ଟ' ପାହ୍ୟା ପ୍ରଦାନ କରାଯାଇଛି। ଏସିସିର ଅନୁମୋଦନକ୍ରମେ ପ୍ରଥମ ପର୍ଯ୍ୟାୟରେ ୪୧ଜଣଙ୍କ ମଧ୍ୟରେ କେନ୍ଦ୍ରରେ କାର୍ଯ୍ୟ କରୁଥିବା ୧୯୯୫ ବ୍ୟାଚର ଆଇଏଏସ୍ ସୁଶୀଲ କୁମାର ଲୋହାନୀଙ୍କୁ କେନ୍ଦ୍ରର ସଚିବ ପାହ୍ୟା ମିଳିଥିବାବେଳେ ୧୯୯୧ ବ୍ୟାଚର ସଞ୍ଜୟ ରସ୍ତୋଗୀଙ୍କୁ ସଚିବ ସହ 'ଇକ୍ୟୁଭାଲେଣ୍ଟ' ପାହ୍ୟା ମିଳିଛି। ସେହିପରି ଏସିସିର ଦ୍ୱିତୀୟ ପର୍ଯ୍ୟାୟ ପାହ୍ୟା ଅନୁମୋଦନରେ ୨୮ଜଣ ଆଇଏଏସ୍ ରହିଥିବାବେଳେ ଓଡ଼ିଶାର ୪ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୦୦୧ ବ୍ୟାଚ୍‌ର ଡୋଡା ଭେଙ୍କଟ ସ୍ୱାମୀ, ୧୯୯୯ ବ୍ୟାଚ୍‌ର ଭାସ୍କର ଜ୍ୟୋତି ଶର୍ମା ଏବଂ ସେହି ବ୍ୟାଚ୍‌ର ଶୁଭା ଶର୍ମାଙ୍କ ସହିତ ୨୦୦୧ ବ୍ୟାଚର ଆର୍. ସନ୍ଥଗୋପାଳନ ରହିଛନ୍ତି। ଅନୁମୋଦନ ଅନୁଯାୟୀ, ଏହି ୪ ଆଇଏଏସ୍ ଯେଉଁ ପାହ୍ୟାରେ ରାଜ୍ୟରେ ଅଛନ୍ତି ତାହା ଇକ୍ୟୁଭାଲେଣ୍ଟ ବୋଲି ଦର୍ଶାଯାଇଛି। ତେବେ ଅଧିକାରୀଙ୍କ ସୁପାରିସକ୍ରମେ ଏସିସିର ଏହି ପାହ୍ୟା ଅନୁମୋଦନକୁ ନେଇ ଏବେ କେଉଁ ଆଇଏଏସ୍ କେନ୍ଦ୍ରୀୟ ଡେପୁଟେଶନ ଯିବେ କି ନାହିଁ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।




# ରୋଗୀ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା


ଡାକ୍ତରଖାନାରେ ମୃତକଙ୍କ ସମ୍ପର୍କୀୟ।

- ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବା ଅଭିଯୋଗ
- ମୃତକଙ୍କ ସମ୍ପର୍କୀୟ-ଡାକ୍ତର ମୁହାଁମୁହିଁ

ପାଟଣା,୧।୩(ବୀର କିଶୋର ଦାଶ)

ରୋଗୀ ମୃତ୍ୟୁକୁ ନେଇ କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ରୋଗୀ ସମ୍ପର୍କୀୟ ଏବଂ ଡାକ୍ତର ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ମୃତକ ହେଲେ କେନ୍ଦୁଝର ଜିଲା ତେଲକୋଇ ବ୍ଲକ ମଲଦା ଗ୍ରାମର ଶିଖର ମୁଣ୍ଡାଙ୍କ ପୁଅ ଭୂଆଁ ମୁଣ୍ଡା(୪୨)।

ହାତୀ ଘର ଭାଙ୍ଗି ଦେଇଥିବାରୁ ୬ ମାସ ହେବ ସେ ଶ୍ୱଶୁର ଘର ଘଟଗାଁ ବ୍ଲକ୍ ମୁକ୍ତାପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ରହୁଥିଲେ। ତେବେ ଜ୍ୱରରେ ପୀଡ଼ିତ ହୋଇ ଗୁରୁତର ହେବାରୁ ଶନିବାର ରାତି ୯ଟାରେ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆବଶ୍ୟକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କେନ୍ଦୁଝର ରେଫର କରିଥିଲେ। ପରିବାର ଲୋକେ ରାତି ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଆମ୍ବୁଲାନ୍ସକୁ ଫୋନ କରି ଅପେକ୍ଷା କରିଥିଲେ ହେଁ ଆମ୍ବୁଲାନ୍ସ ନିର୍ଦ୍ଧାରିତ ସମୟରେ ପହଞ୍ଚି ନ ଥିଲା। ଆମ୍ବୁଲାନ୍ସକୁ ଅପେକ୍ଷା କରି ଭୂଆଁ ଆଖି ବୁଜିଥିଲେ। ତେବେ ଚିକିତ୍ସା କରୁଥିବା ଡାକ୍ତର ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିବା ଓ ଚିକିତ୍ସାରେ ଅବହେଳା କରିବା ଯୋଗୁ ଭୂଆଁଙ୍କ ମୃତ୍ୟୁ ହୋଇଥିବା ନେଇ ରାମଚନ୍ଦ୍ରପୁର ଗ୍ରାମର ଲକ୍ଷ୍ମଣ ମୁଣ୍ଡା, ଜଗନ୍ନାଥ ମହାନ୍ତ ଓ ଲକ୍ଷ୍ମଣ ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଚିକିତ୍ସା କରିଥିବା ଡାକ୍ତର ନିରଞ୍ଜନ ସାହୁ କହିଛନ୍ତି, ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ। ରୋଗୀ ଗୁରୁତର ଅବସ୍ଥାରେ ଡାକ୍ତରଖାନା ଆସିଥିଲେ। ଆବଶ୍ୟକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ରେଫର୍ କରାଯାଇଥିବା ବେଳେ ଆମ୍ବୁଲାନ୍ସ ଉପଲବ୍ଧ ନ ଥିଲା। ଦେଢ଼ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ଆସିବା ବେଳକୁ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ରୋଗୀ ସମ୍ପର୍କୀୟଙ୍କୁ କୌଣସି ଦୁର୍ବ୍ୟବହାର କରାଯାଇନାହିଁ। ରାତି ୧୨ଟାରେ ୨ଜଣ ନିଶାସକ୍ତ ଯୁବକ ଆସି ପ୍ରଥମେ ସିକ୍ୟୁରିଟି, ଡାକ୍ତରଖାନା କର୍ମଚାରୀ ଓ ପରେ ଆମକୁ ଗାଳିଗୁଲଜ କରିଥିଲେ। ଏନେଇ ପାଟଣା ଥାନାରେ ଅଭିଯୋଗ କରିଥିବା ଡାକ୍ତର ସାହୁ କହିଛନ୍ତି। ତେବେ ରୋଗୀ ମୃତ୍ୟୁକୁ ନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ଅପରାହ୍ନ ୪ଟାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୨ ମନ୍ତ୍ରୀ, ଦେବାଶିଷଙ୍କ ପାଇଁ ନାଲି ପୋଷାକ ପିନ୍ଧୁଛି

## ବର୍ଷିଲେ ପ୍ରଭାତ ବିଶ୍ୱାଳ

କଟକ,୧।୩(ଶିଳ୍ପା ପ୍ରିୟଦର୍ଶିନୀ)


ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିବୃତି ଦେଉଛନ୍ତି।

ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଏବଂ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ମଧ୍ୟରେ କଳି ତେଜିବାରେ ଲାଗିଛି। ଉଭୟ ନେତା ପରସ୍ପରକୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି। ଶନିବାର ପ୍ରଭାତ ବିଜେଡିରୁ ବହିଷ୍କାର ହେବା ପରେ ତାଙ୍କ ବିରୋଧରେ ଦେବାଶିଷ ପ୍ରବଳ ବର୍ଷିଥିଲେ। ରବିବାର ଏହାର କଡ଼ା ଜବାବ ଦେଇଛନ୍ତି ପ୍ରଭାତ। ମହାନଦୀ ବିହାରସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତ କହିଛନ୍ତି, ଦେବାଶିଷଙ୍କ ଚରିତ୍ର ବିଷୟରେ ସମସ୍ତେ ଜାଣନ୍ତି। ୨ଜଣ ମନ୍ତ୍ରୀ ଓ ଦେବାଶିଷଙ୍କ ପାଇଁ ନାଲି ପୋଷାକ ପିନ୍ଧୁଛି। ପ୍ରଣବ ପ୍ରକାଶ ଦାସ ହେଲେ ମୁଖ୍ୟ ଲୋକ। ତାଙ୍କ ବିଷୟରେ ସବୁ ଭିଡିଓ ରଖିଛି। ଦେବାଶିଷ ସ୍ୱାଧୀନ ଭାବେ କର୍ପୋରେଟର ହୋଇ ନିର୍ବାଚନ ଲଢ଼ି ଦେଖନ୍ତୁ, ତେବେ ଜାଣିପାରିବେ ତାଙ୍କ ଲୋକପ୍ରିୟତା କ'ଣ ରହିଛି। ସେ ବିଜେଡିକୁ ଠିକା ସଂସ୍ଥା ଭାବେ ବ୍ୟବହାର କରି କାର୍ଯ୍ୟ କରୁଛନ୍ତି। ଏପରିକି ଚିଟ୍‌ଫଣ୍ଡ ଠକେଇରେ ଦେବାଶିଷଙ୍କ ସମ୍ପୃକ୍ତି ରହିଥିଲା। କଟକ ସହରରେ ସଫେଇ କାର୍ଯ୍ୟ ପାଇଁ ସେ କୋଟି କୋଟି ଟଙ୍କା ହଡ଼ପ କରିଛନ୍ତି। ସେ କ୍ଷମତାରେ ଥିବାବେଳେ ଲୋକଙ୍କ ଟଙ୍କାକୁ ହରିଲୁଟ କରିଛନ୍ତି। ଏପରିକି ପ୍ରତ୍ୟେକ ମାସରେ ୨କୋଟିରୁ ଅଧିକ ଟଙ୍କାର ବିଲ୍ କରି ଟଙ୍କା ନେଉଥିଲେ। ସମସ୍ତ ପ୍ରମାଣ ସର୍ବସମ୍ମୁଖରେ ଉପସ୍ଥାପନ କରୁଛି। ସେହିପରି ସେ ପାଣ୍ଡିଆନ ଗୋ ବ୍ୟାକ୍‌ର ନାରା ଦେଉଥିଲେ। ଏପରିକି ବିଜେଡିରେ ନବୀନ ପଟ୍ଟନାୟକ କିଛି ନିଷ୍ପତ୍ତି ନିଅନ୍ତି ନାହିଁ ବୋଲି ସେ କହିଥିଲେ, କିନ୍ତୁ ଏବେ କିଭଳି ସହମତି ଦେଉଛନ୍ତି। ମୋର ରାଜନୈତିକ କ୍ୟାରିୟର ନଷ୍ଟ କରିବାକୁ ଦେବାଶିଷ ଉଦ୍ୟମ କରିଥିଲେ। ଯେତେ ଚକ୍ରାନ୍ତ କଲେ ବି ମତେ ଜେଲ୍ ପଠାଇପାରିଲେ ନାହିଁ। ସେହିପରି ୨୦୧୮ ମେ'ରେ ପ୍ରତାପ ଜେନା, ଚନ୍ଦ୍ରସାରଥୀ ବେହେରା, ଦେବାଶିଷ ସାମନ୍ତରାୟ, ରଞ୍ଜନ ବିଶ୍ୱାଳ, ମୀନା ମହାନ୍ତି, ପ୍ରଦୀପ ପଟ୍ଟନାୟକଙ୍କ ଭଳି ବ୍ୟକ୍ତିଙ୍କ ବିରୋଧରେ ଚୌଦ୍ୱାର ଜେଲରୁ ମଧ୍ୟ ଚିଠି ଆସିଥିଲା। ମୋ ଘରେ ସିବିଆଇ ରେଡ୍ କରାଗଲା, ହେଲେ କିଛି ପାଇଲା ନାହିଁ। ନୀତିକୁ ବନ୍ଧା ପକେଇ ମୁଁ କେବେ ବି କିଛି କାମ କରିନାହିଁ। ଦଳର ରଣନୀତି ଏବଂ ଅନ୍ୟାନ୍ୟ ତଥ୍ୟ ସବୁ ମୁଁ ପ୍ରସ୍ତୁତ କରେ। ମୋର ଏଭଳି କାର୍ଯ୍ୟକୁ ସହି ନ ପାରି ପ୍ୟାରୀବାବୁ ଓ ମୋତେ ମେ ୨୯ ଅପରେଶନରେ ସମ୍ପୃକ୍ତି ନେଇ ଆଖ୍ୟା ଦିଆଯାଇଛି। ମୋର ୩୩ ବର୍ଷର ରାଜନୈତିକ ଜୀବନର ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମର ଚିଠା ରଖିଛି। ନବୀନ ବାବୁଙ୍କୁ ନେଇ ବିଜେଡି ନାଁରେ ଆଉ ଗୋଟିଏ ଆକାଉଣ୍ଟ ଖୋଲାଯାଇଛି। ତିନିଜଣଙ୍କ ଦସ୍ତଖତରେ ଏହି ଆକାଉଣ୍ଟ ଖୋଲାଯାଇଛି। ଏହି ଆକାଉଣ୍ଟ ଖୋଲିବାର କ'ଣ ଆବଶ୍ୟକ ଥିଲା ତାହାର ଉତ୍ତର ରଖନ୍ତୁ। ଅନ୍ୟପଟେ ସଂତୃପ୍ତ ମିଶ୍ରଙ୍କ ସହ ମୋର କୌଣସି ବ୍ୟକ୍ତିଗତ ଶତ୍ରୁତା ନାହିଁ। କିଛି ଭୁଲ୍ ନିଷ୍ପତ୍ତି ହୋଇ ନ ଯାଉ, ସେଥିପାଇଁ ମୁହଁ ଫିଟାଇଲି। ନବୀନ ଜଣେ ଭଲ ମଣିଷ, ସେଥିପାଇଁ ଦୀର୍ଘବର୍ଷ ସରକାର ଚଳାଇଥିଲେ। ତେବେ ସେ ଦୁଇଜଣଙ୍କ ଉପରେ ନିର୍ଭରଶୀଳ ବୋଲି ପ୍ରଭାତ କହିଛନ୍ତି। ଏନେଇ ଦେବାଶିଷଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇପାରି ନାହିଁ।

# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା: ଯୁବକ ଗିରଫ

ପାରାଦୀପ,୧।୩(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଜଣେ ୭ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ୩ ଦିନ ଧରି ବଳାତ୍କାର କରିବା ଅଭିଯୋଗରେ ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶେଖ୍ ରାଜା (୨୮)। ଏ ନେଇ ଥାନାରେ ମାମଲା (ନଂ.୫୭/୨୬) ରୁଜୁ ହୋଇଛି। ଏଥିସହ ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ସୂଚନାଯୋଗ୍ୟ, ଏହି ଥାନା ଅଞ୍ଚଳର ଏକ ବସ୍ତିରେ ରହୁଥିବା ମା'ଛେଉଣ୍ଡ ଅନୁସୂଚିତ ଜନଜାତି ନାବାଳିକା ପ୍ରାୟତଃ ମାଗି ଖାଇଥାନ୍ତି। ଏହାର ସୁଯୋଗ ନେଇ ପାଖ ବଜାରର ଚିକେନ୍ ଦୋକାନରେ କାମ କରୁଥିବା ଅଭିଯୁକ୍ତ ରାଜା ପ୍ରାୟ ସମୟରେ ଉକ୍ତ ଝିଅକୁ କ୍ୟାବିନ୍‌କୁ ଡାକି ଖାଇବାକୁ ଦେଇଥାନ୍ତି। ଏଥିସହ ଥଣ୍ଡା ପାନୀୟରେ ନିଶାଦେଇ ବଳାତ୍କାର କରିଥାନ୍ତି। ଶନିବାର ସେପରି କାର୍ଯ୍ୟ କରିବାକୁ ଗଲାବେଳେ ବସ୍ତିର କେତେଜଣ ମହିଳା ରାଜାଙ୍କୁ କାବୁ କରି ଗଛରେ ବାନ୍ଧି ମାଡ଼ ମାରିଥିଲେ ଏବଂ ପରେ ପୋଲିସ ଜିମା ଦେଇଥିଲେ।

# ଭାଜପାକୁ ସୁହାଇବ କ୍ରସ୍‌ଭୋଟିଂ

ଭୁବନେଶ୍ୱର,୧।୩(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ତାକୁ ନେଇ ରାଜନୈତିକ ଉଷ୍ମତା ସେତିକି ଜୋର୍ ଧରୁଛି। ଓଡ଼ିଶାର ୪ଟି ରାଜ୍ୟ ସଭା ଆସନ ଖାଲି ପଡୁଥିବାବେଳେ ସେଥିରୁ କେବଳ ଗୋଟିଏ ଆସନ ପାଇଁ ତ୍ରିମୁଖୀ ଲଢ଼େଇ ହେବାକୁ ଯାଉଛି। ଭାଜପା ପାଖରେ ୨ଟି, ବିଜେଡି ହାତରେ ଗୋଟିଏ ଆସନ ପାଇଁ ଆବଶ୍ୟକ ସଂଖ୍ୟକ ବିଧାୟକ ରହିଥିଲେ ହେଁ ବଳକା ଚତୁର୍ଥ ଆସନ ଲାଗି ୩ ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ପାଖରେ ଏକକ ସଂଖ୍ୟାଗରିଷ୍ଠତା ନାହିଁ। ଯଦି ବିଜେଡି ଓ କଂଗ୍ରେସ ଏକ ହୁଅନ୍ତି ଏବଂ କ୍ରସ୍‌ଭୋଟିଂ ନ ହୁଏ ତେବେ ଭାଜପା ପାଇଁ ଆହ୍ୱାନ ସୃଷ୍ଟି ହୋଇପାରେ। କିନ୍ତୁ କ୍ରସଭୋଟିଂ ଭାଜପାକୁ ତୃତୀୟ ଆସନ ଜିତାଇବାରେ ସହାୟକ ହେବ।

ବିଜେଡି ପକ୍ଷରୁ ଶନିବାର ସଂତୃପ୍ତ ମିଶ୍ରଙ୍କୁ ପ୍ରଥମ ଏବଂ ବରିଷ୍ଠ ଚିକିତ୍ସକ ଡା. ଦତ୍ତେଶ୍ୱର ହୋତାଙ୍କୁ ଦଳର ଦ୍ୱିତୀୟ ତଥା ବଳକା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହାସହିତ ମାର୍ଚ୍ଚ ୫ରେ ସମସ୍ତ ବିଧାୟକ ଯେପରି ରାଜ୍ୟ ସଭା ନିର୍ବାଚନ ବେଳେ ଉପସ୍ଥିତ ରହିବେ ସେନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଯଦିଓ ଡା. ହୋତାଙ୍କ ପ୍ରତି ତାଙ୍କର ନୈତିକ ସମର୍ଥନ ଜଣାଇଛନ୍ତି, ତେବେ ଦଳର ହାଇକମାଣ୍ଡଙ୍କ ନିଷ୍ପତ୍ତି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ରବିବାର ଆଉ ପାଦେ ଆଗକୁ ଯାଇ କହିଛନ୍ତି, ଦଳ ପକ୍ଷରୁ ଏଥର କ୍ରସ୍ ଭୋଟିଂ ହେବ ନାହିଁ। କଂଗ୍ରେସ ଭିତରେ ସହମତି ରହିଛି। ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ସୋମବାର ବିଧାୟକ ଦଳର ବୈଠକ ବସିବ ବୋଲି ସେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ସମସ୍ତଙ୍କ ନଜର ଏବେ ଭାଜପା ଉପରେ ରହିଛି। ରାଜ୍ୟରେ ଭାଜପା ସରକାରରେ ରହିଥିବାରୁ ତା'ର ଗୋଟି ଚାଳନା ଟିକେ ଅଧିକ କ୍ଷିପ୍ର ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏହାକୁ ନେଇ ଭାଜପା ପକ୍ଷରୁ କୋର୍ କମିଟି ବୈଠକ ଅନୁଷ୍ଠିତ ହେବା ସହିତ ଦଳରୁ ପ୍ରାର୍ଥୀ କିଏ ହେବେ ସେନେଇ ସଂସଦୀୟ ବୋର୍ଡକୁ ନାମ ପଠାଯାଇଥିବା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ହେଲେ ଯେ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ, ସେପର୍ଯ୍ୟନ୍ତ ଦଳ କେବଳ ତିନୋଟି ଆସନ ଅକ୍ତିଆର କରିବ ବୋଲି ଦମ୍ଭୋକ୍ତି ଦେଖାଉଛି। ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କଠାରୁ ଆରମ୍ଭ କରି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପର୍ଯ୍ୟନ୍ତ ସମସ୍ତେ ତିନୋଟି ଆସନ ଭାଜପା ନେବ ବୋଲି କହିଛନ୍ତି। ତେବେ ଭାଜପା ଏଥର ତୃତୀୟ ତଥା ବଳକା ଆସନ ପାଇଁ ଜଣେ ବରିଷ୍ଠ ନେତାଙ୍କୁ ଦିଲ୍ଲୀ ଦରବାରକୁ ପଠାଇବ ନା ଡା. ହୋତାଙ୍କ ଭଳି ଜନସେବକଙ୍କୁ ପଠାଇବ ତାହା ଉପରେ ସମସ୍ତଙ୍କ ନଜର। ଭାଜପା ଯଦି କୌଣସି ବ୍ୟବସାୟୀଙ୍କୁ ପ୍ରାର୍ଥୀ କରିବ, ତେବେ ସେ କ୍ଷେତ୍ରରେ ଦଳର ରଣନୀତି କ'ଣ ରହିବ ତାକୁ ନେଇ ବୈଠକ ତୁହାକୁ ତୁହା ବସୁଛି। ଏନେଇ ରାଜ୍ୟ ଭାଜପା ସଭାପତି ସାମଲ କହିଛନ୍ତି, ଦଳର ପ୍ରାର୍ଥୀ କିଏ ହେବେ ତାହା ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏନେଇ ପାର୍ଲାମେଣ୍ଟରି ପାର୍ଟି ନିଷ୍ପତ୍ତି ନେବ। ତେବେ ବିଜେଡି-କଂଗ୍ରେସ ମିଶିକି ଲଢ଼ିବା ପ୍ରସଙ୍ଗକୁ ନେଇ ମନମୋହନ କହିଛନ୍ତି, ସେମାନେ ଆଗରୁ ମିଶିକି ଥିଲେ। ମିଶିକି ଲଢ଼ିଲେ ଭାଜପାକୁ ଫାଇଦା ହେବ। ଦୁଇରୁ ତିନିଦିନ ଅପେକ୍ଷା କରନ୍ତୁ, ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ସାମଲ କହିଛନ୍ତି।

# ଆବୁଧାବିରେ ଫସିଛନ୍ତି ଇଶା ଗୁପ୍ତା

ଆବୁଧାବି,୧।୩



ଇରାନ୍‌ର ସାମରିକ ଓ ପରମାଣୁ କେନ୍ଦ୍ର ଉପରେ ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବେ ଶନିବାର ବଡ଼ଧରଣର ଆକ୍ରମଣ କରିଛନ୍ତି। ଏହାର ପ୍ରତିବାଦରେ ଇରାନ୍ ମଧ୍ୟ ବାହାରିନ୍, ୟୁଏଇ, ଜୋର୍ଡାନ ଆଦି କେତେକ ଦେଶରେ ଥିବା ଆମେରିକା ଓ ଇସ୍ରାଏଲର ସେନା ଘାଟି ଉପରେ ପାଲଟା ଆକ୍ରମଣ କରିଛି, ଯାହା ଫଳରେ ସମ୍ପୂର୍ଣ୍ଣ ଅଞ୍ଚଳ ଅର୍ଥାତ୍ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭୟ ଦେଖାଦେଇଛି। ଏଭଳିସ୍ଥଳେ ୟୁଏଇର ଆବୁଧାବିକୁ ଛୁଟି କାଟିବାକୁ ଯାଇଥିବା ବଲିଉଡ୍ ଅଭିନେତ୍ରୀ ଇଶା ଗୁପ୍ତା ସେଠାରେ ଫସିଯାଇଛନ୍ତି। ସେ ସୁରକ୍ଷିତ ଥିବା ସୋସିଆଲ ମିଡିଆ ମାଧ୍ୟମରେ ନିଜ ପ୍ରଶଂସକଙ୍କୁ ଜଣାଇଛନ୍ତି। ସେ କହିଛନ୍ତି ଯେ, ସେଠାକାର ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ଏବଂ ଚିନ୍ତାଜନକ ରହିଛି। ସ୍ଥାନୀୟ ସୁରକ୍ଷା ବ୍ୟବସ୍ଥା ଉପରେ ଭରସା ରଖିଛନ୍ତି ଏବଂ ଶୀଘ୍ର ଘରକୁ ଫେରିବା ପାଇଁ ପ୍ରାର୍ଥନା କରୁଛନ୍ତି ବୋଲି ସେ କହିଛନ୍ତି। ସେହିପରି ଅଭିନେତ୍ରୀ ତଥା ଗାୟିକା ସୋନାଲ ଚୌହାନ ଦୁବାଇରେ ଫସି ରହିଛନ୍ତି। ବିମାନ ଚଳାଚଳ ବନ୍ଦ ହୋଇଯିବାରୁ ସେ ଭାରତ ଫେରିପାରୁ ନାହାନ୍ତି। ସେ ସୁରକ୍ଷିତ ଭାବେ ଘରକୁ ଫେରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସହାୟତା ମାଗିଛନ୍ତି। ସୂଚନାଥାଉ କି ଯୁଦ୍ଧସ୍ଥିତି ଯୋଗୁ ଦୁବାଇ ଏବଂ ଆବୁଧାବି ବିମାନବନ୍ଦରରେ ଶତାଧିକ ବିମାନ ବାତିଲ ହୋଇଛି, ଯାହା ଫଳରେ ବହୁ ହଜାର ଭାରତୀୟ ପର୍ଯ୍ୟଟକ ସେଠାରେ ଅଟକି ରହିଛନ୍ତି। ଭାରତୀୟ ଦୂତାବାସ ପକ୍ଷରୁ ସେଠାରେ ଥିବା ଭାରତୀୟମାନଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସେମାନଙ୍କୁ ଅନାବଶ୍ୟକ ଭାବେ ବାହାରକୁ ନ ବାହାରିବାକୁ ଏବଂ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶ ମାନିବାକୁ କୁହାଯାଇଛି।

# ମହାନଦୀ ଟ୍ରିବ୍ୟୁନାଲଙ୍କ ବିଳାସମୟ ଗସ୍ତକୁ ବିରୋଧ

## ହୋଟେଲ ସମ୍ମୁଖରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୧।୩(ବନ୍ଦନା ସେଠୀ)



ମହାନଦୀ ଟ୍ରିବ୍ୟୁନାଲ ଟିମ୍‌ର ଓଡ଼ିଶା ଗସ୍ତକୁ ବିରୋଧ କରି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ହୋଟେଲ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ମହାନଦୀ ଟ୍ରିବ୍ୟୁନାଲ ଟିମ୍ ୨ ତାରିଖ ପର୍ଯ୍ୟନ୍ତ ୫ଦିନିଆ ଓଡ଼ିଶା ଗସ୍ତରେ ଅଛି। ତେବେ ଟ୍ରିବ୍ୟୁନାଲର ଏହି ଗସ୍ତକୁ ପାରିବାରିକ ବିଳାସମୟ ପିକ୍‌ନିକ ବୋଲି କହି ତୀବ୍ର ବିରୋଧ କରୁଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ରବିବାର ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଟ୍ରିବ୍ୟୁନାଲ ଟିମ୍ ରହୁଥିବା ସ୍ଥାନୀୟ ଏକ ହୋଟେଲ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଛି। ସୁଦର୍ଶନ କହିଛନ୍ତି, ଓଡ଼ିଶା ଗସ୍ତରେ ଥିବା ମହାନଦୀ ଟ୍ରିବ୍ୟୁନାଲର ୧୦ ସଦସ୍ୟଙ୍କ ଭିତରୁ ୪ଜଣ ହେଉଛନ୍ତି ସେମାନଙ୍କ ପରିବାର ସଦସ୍ୟ। ସେମାନେ ପାଣି ଅଭାବରୁ ପ୍ରଭାବିତ ଅଞ୍ଚଳ ନ ଯାଇ ହୀରାକୁଦ ଡ୍ୟାମ୍, ଦେବ୍ରିଗଡ଼ ଜଙ୍ଗଲ, ସମଲେଇ ମନ୍ଦିର, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ରାମଚଣ୍ଡୀ, କୋଣାର୍କ ଓ ଚିଲିକା ସି-ମାଉଥ୍ ବୁଲିବା ସହ ବୋଟିଂର ମଜା ନେଉଛନ୍ତି। କେବଳ ହୀରାକୁଦକୁ ଛାଡିଦେଲେ ଅନ୍ୟ ସ୍ଥାନଗୁଡିକ ମହାନଦୀର ସ୍ଥିତି ଆକଳନ ପାଇଁ ଉଦ୍ଦିଷ୍ଟ ନୁହେଁ। ଏଗୁଡିକ କେବଳ ପର୍ଯ୍ୟଟନସ୍ଥଳୀ। ତେଣୁ ପରିବାର ବନ୍ଧୁବାନ୍ଧବ ଧରି ଗରିବ ଓଡିଶା ଲୋକଙ୍କ ଟିକସ ପଇସାରେ ବୁଲି ମଉଜ କରିବାକୁ ଆସିଥିବା ଟ୍ରିବ୍ୟୁନାଲକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ କରୁଛି। ୨୦୨୩ରେ ଟ୍ରିବ୍ୟୁନାଲର ଓଡିଶା ଗସ୍ତ ସମୟରେ ରାଜ୍ୟ ସରକାରଙ୍କ ୫କୋଟି ଖର୍ଚ୍ଚ ହୋଇଥିବାବେଳେ ଏଥର ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ରାଜ୍ୟ ସରକାରଙ୍କ ବିଳାସପୂର୍ଣ୍ଣ ଅତିଥିଭବନ ଥିବାବେଳେ ପାଞ୍ଚତାରକା ହୋଟେଲରେ ଟ୍ରିବ୍ୟୁନାଲଙ୍କ ରହଣି କ'ଣ ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁ ଅଧିକାରୀ ଏହି ଗସ୍ତ ପାଇଁ ଅନୁମତି ଦେଇଛନ୍ତି ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ଦରମାରୁ ଅର୍ଥ ଅସୁଲ ପାଇଁ ମଧ୍ୟ ସଂଗଠନ ଦାବି କରିଛି। ଏଥିସହ ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତୀକାଳୀନ ଅନ୍ତରୀଣ ଆଦେଶରେ ଅଣମୌସୁମୀ ସମୟରେ ମହାନଦୀର ନିତାନ୍ତ ଆବଶ୍ୟକ ପାଣି ଛାଡିବାକୁ ଛତିଶଗଡ଼କୁ ତୁରନ୍ତ ନିର୍ଦ୍ଦେଶ ଦେବା, କଲମା ବ୍ୟାରେଜରେ ପାଣିକୁ ସମ୍ପୂର୍ଣ୍ଣ ବନ୍ଦ କରିବାରୁ ନିବୃତ୍ତ ରହିବା ପାଇଁ ଛତିଶଗଡ଼କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବାହକ ସୁଦର୍ଶନ କହିଛନ୍ତି। ପ୍ରତିବାଦରେ ସଙ୍ଗଠନର ସହଆବାହକ ବାସୁଦେବ ଭଟ୍ଟ, ମୁଖପାତ୍ର ପ୍ରସନ୍ନ ବିଶୋଇ, ଫର୍‌ୱାର୍ଡ ବ୍ଲକ ନେତା ଜ୍ୟୋତି ମହାପାତ୍ର, ଏନ୍ଏର୍ଆର୍‌ସି କୋର୍ ମେମ୍ବର ମନୋଜ ଜେନା, ସିପିଏମ୍‌ର ପ୍ରଦୀପ୍ତ ନାୟକ, ଓଡିଶା ପାଣି ପଞ୍ଚାୟତ ସଂଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ଅଶୋକ ପାଇକରାୟ, ମିଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

"ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହଁ।)–ଶ୍ରୀମା

-ବରାହ ଦୋଳ, ରାଜାଗ୍ନି ଓ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା



# ଇରାନ ନିଆଁ

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଦେଇଛି। ଇରାନର ଏକ ସ୍କୁଲରେ ୮୫ ଛାତ୍ରୀଙ୍କ ସହ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକେ ଆହତ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ। ଇରାନକୁ ଦୃଢ଼ ହସ୍ତରେ ଦମନ କରି ଶାସନ ଚଳାଉଥିବା ଖାମେନେଇଙ୍କ ପରେ କିଏ ନେତୃତ୍ୱ ନେବେ ତାହା କହିବା କଷ୍ଟକର। ଶୁଣିବାକୁ ମିଳୁଥିଲା ତାଙ୍କ ପୁଅ ମୋଜତାବା ଖାମେନେଇ ଆଗକୁ ନେତୃତ୍ୱ ନେଇପାରନ୍ତି। କିନ୍ତୁ ଆୟାତୋଲ୍ଲା ଅଲୀରେଜା ଅରାଫି ଅନ୍ତରୀଣ ସର୍ବୋଚ୍ଚ ନେତା ହୋଇଥିବା ଶୁଣିବାକୁ ମିଳୁଛି। ୩ ଜଣିଆ ଟ୍ରାଞ୍ଜିଶନାଲ କାଉନ୍‌ସିଲର ସେ ଅନ୍ୟତମ ନେତା। ସେ ମଧ୍ୟ ଗାର୍ଡିଅନ କାଉନ୍‌ସିଲର ସଦସ୍ୟ ଅଛନ୍ତି।

ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଦୀର୍ଘବର୍ଷ ହେବ ଆମେରିକା ବିରୋଧ କରିଚାଲିଛି। ଇସ୍‌ଲାମିକ ସାଧାରଣତନ୍ତ୍ର ଇରାନର କାର୍ଯ୍ୟକଳାପ ପାଶ୍ଚାତ୍ୟ ଦୁନିଆ ପାଇଁ ବିପଦ ବୋଲି ଆମେରିକା କହି ଆସୁଥିବା ବେଳେ ଇସ୍ରାଏଲ ସହ ମିଳିତ ଆକ୍ରମଣ ଇରାନକୁ ଡରେଇ ଦେଇଛି ବୋଲି ଆଲୋଚନା ହେଉଛି। ଅନ୍ୟ ଏକ ଘଟଣା ହେଲା ଇରାନ ଉପରେ ଆକ୍ରମଣ ବିଶେଷକରି ଖାମେନେଇଙ୍କ ମୃତ୍ୟୁକୁ ଅନ୍ୟ ଇସ୍‌ଲାମିକ୍ ରାଷ୍ଟ୍ର ନିନ୍ଦା କରୁ ନ ଥିବା ଦେଖିବାକୁ ମିଳିଛି। ସାଉଦି ଆରବ ଇସ୍‌ଲାମିକ୍ ବିଶ୍ୱର ନେତୃତ୍ୱ ନେବାକୁ ଚାହୁଁଥିବା ବେଳେ ଖାମେନେଇ ନିଜର ପତିଆରା ବଢ଼ାଇବାକୁ ଚାହୁଁଥିଲେ। ତେଣୁ ଖାମେନେଇଙ୍କ ଯୁଗ ଶେଷ କରିବାକୁ କିଛି ଇସ୍‌ଲାମିକ ଦେଶ ଆମେରିକାକୁ ସମର୍ଥନ କରୁଥିଲେ। ପୁଣି ଦେଖିଲେ ଇରାନ ଏକ ଶିୟାବହୁଳ ରାଷ୍ଟ୍ର। ଇସ୍‌ଲାମିକ୍ ବିଶ୍ୱରେ ସୁନ୍ନିଙ୍କ ପ୍ରଭାବ ଥିବାରୁ ଇରାନ ନେତୃତ୍ୱ ନେଉ ବୋଲି ଅନେକ ଦେଶ ଚାହୁଁନାହାନ୍ତି। ଏଥିସହିତ କୁହାଯାଇପାରେ ଯେ, ଖାମେନେଇଙ୍କୁ ବିରୋଧ କରୁଥିବା ଇରାନୀୟ ଗୋଷ୍ଠୀ ଏହି ଆକ୍ରମଣରେ ଖୁସିବ୍ୟକ୍ତ କରିଛନ୍ତି। ସେମାନେ ଶାସନ ପରିବର୍ତ୍ତନ ପାଇଁ ଯେଉଁ ଆନ୍ଦୋଳନ କରୁଥିଲେ ତାହା ଏହି ଘଟଣାକ୍ରମ ଦ୍ୱାରା ଫଳପ୍ରସୂ ହେବାର ସମ୍ଭାବନା ବଢ଼ିଛି। ଅନ୍ୟପକ୍ଷରେ ଖାମେନେଇଙ୍କ ସମର୍ଥକମାନେ ଅତ୍ୟନ୍ତ କଠୋରପନ୍ଥୀ ହୋଇଥିବାରୁ ସେମାନେ ଆମେରିକା ଓ ଇସ୍ରାଏଲ ଉପରେ ପ୍ରତିହିଂସାପରାୟଣ ହୋଇଯାଇଥିବାରୁ ଯୁଦ୍ଧ ବଢ଼ିବା ବିଷୟକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ।

ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ତାହାର ଜବାବ ଦେବାକୁ ଯାଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ୍, ଜୋର୍ଡାନ ଓ କୁଏଟ୍ ସମେତ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ଘାଟି ଉପରେ ଇରାନ୍ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ କରିଛି। ଏଥିସହିତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ବନ୍ଦ କରିଦେବା ପରେ ବିଶ୍ୱବ୍ୟାପୀ ଅନ୍ୟ ଏକ ସଙ୍କଟ ଦେଖାଦେଲାଣି। ପ୍ରାୟ ୨୦ ନିୟୁତ ବ୍ୟାରେଲ ଆଶୋଧିତ ତୈଳ ଏବଂ ଶୋଧିତ ଉତ୍ପାଦ ଇରାନ ଓ ଓମାନ ମଧ୍ୟରେ ଥିବା ସଂକୀର୍ଣ୍ଣ ଜଳପଥ ମାଧ୍ୟମରେ ପରିବହନ ହୋଇଥାଏ। ଏକ ହିସାବରୁ ଜଣାପଡ଼ିଛି ଯେ, ବିଶ୍ୱବ୍ୟାପୀ ତେଲ ବ୍ୟବହାରର ପ୍ରାୟ ଏକ ପଞ୍ଚମାଂଶ ଏହି ପଥ ଦ୍ୱାରା ହୋଇଥାଏ। ତେଣୁ ଏହି ଆକ୍ରମଣ ବିଶ୍ୱ ଶକ୍ତି ବଜାରରେ ନୂତନ ଅନିଶ୍ଚିତତା ସୃଷ୍ଟି କରିପାରେ, ଯାହା ଆମେରିକା ଚାହୁଁଥାଇପାରେ। ଏଥିଯୋଗୁ ଅନ୍ତର୍ଜାତୀୟ ଅର୍ଥନୀତି ଘୋର ପ୍ରଭାବିତ ହେବା ଥୟ। କୋଭିଡ୍ ୧୯ ମହାମାରୀ ପରେ ବିଶ୍ୱ ଅର୍ଥନୀତି ମାନ୍ଦା ହୋଇଯାଇଥିବା ବେଳେ ରୁଷିଆ–ୟୁକ୍ରେନ୍ ଏବଂ ଇସ୍ରାଏଲ–ହମାସ ଯୁଦ୍ଧ ଏହି ସଙ୍କଟକୁ ବଢ଼ାଇ ଦେଇଥିଲା। ଏଭଳି ଅସ୍ଥିରତା ଭିତରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ସ୍ଥିତିକୁ ଅଧିକ ସଙ୍ଗିନ କରିଦେବା ଦେଖାଯାଉଛି। ଖାମେନେଇଙ୍କ ମୃତ୍ୟୁ ପରେ ଯଦି ଇରାନ ଆଲୋଚନା ଟେବୁଲକୁ ଆସେ ତାହା ହେଲେ ଯୁଦ୍ଧ ସ୍ଥିତି ଥମିପାରେ। ତାହା ନ ହୋଇ ଯଦି ଯୁଦ୍ଧର ପରିସର ବ୍ୟାପକ ହୁଏ, ତେବେ ଭୂରାଜନୈତିକ ପ୍ରେକ୍ଷାପଟରେ ଏକ ବିଭୀଷିକା ସୃଷ୍ଟି ହେବ। ଏପରି ମଧ୍ୟ ହୋଇପାରେ ଯେ ଆହୁରି ଘୋର କଠୋରପନ୍ଥୀଙ୍କ ହାତକୁ ଇରାନର ଭାଗ୍ୟ ଟେକି ହୋଇଯିବ। ଇରାନକୁ ରୁଷିଆ ସମର୍ଥନ କରି ତାହାକୁ ଟିହାଇଲେ ଅସମ୍ଭାଳ ପରିସ୍ଥିତି ଉପୁଜିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କଲେଣି। ଇରାନର ଦୀର୍ଘ ଦିନର ବାଣିଜ୍ୟ ସହଯୋଗୀ ଚାଇନା ଏବର ଆମେରିକା–ଇସ୍ରାଏଲର ଆକ୍ରମଣକୁ ବିରୋଧ କରିଛି। ମନେରଖିବାକୁ ହେବ ଯେ, ଇରାନ ତୈଳର ସିଂହଭାଗ ଚାଇନା ଶସ୍ତାରେ କିଣିଥାଏ। ୨୦୨୫ରେ ଇରାନର ୮୦ ପ୍ରତିଶତ ତୈଳ ଚାଇନା କିଣିଥିଲା। ଚାଇନାର ଦୈନିକ ମୋଟ ତୈଳ ଆମଦାନୀର ୧୩ ପ୍ରତିଶତରୁ ଅଧିକ ଥିଲା ଇରାନୀୟ ତେଲ। ଏଥିସହିତ ୨୦୨୧ରେ ଚାଇନା ଓ ଇରାନ ଏକ ୨୫ ବର୍ଷିଆ ରଣନୀତିକ ସହଭାଗିତା ବୁଝାମଣା ସ୍ୱାକ୍ଷର କରିଥିଲେ। ଏପରିକି ବ୍ରିକ୍ସ ପ୍ଲସ୍‌ରେ ଇରାନକୁ ଚାଇନା ସଦସ୍ୟ ଭାବେ ଆମନ୍ତ୍ରିତ କରି ସ୍ଥାନ ଦେଇଛି। ଏସବୁକୁ ଦେଖିଲେ ଆମେରିକାର ଇରାନ ଉପରେ ଆକ୍ରମଣର ମୁଖ୍ୟ କାରଣ ଜଳଜଳ ଦିଶୁଛି। ଭେନେଜୁଏଲା ନେତା ନିକୋଲାସ ମାଦୁରୋଙ୍କୁ ଆମେରିକା ଉଠାଇନେଇ ସେହି ଦେଶ ଉପରେ ଅକ୍ତିଆର ଜମାଇବାର ମୁଖ୍ୟ କାରଣ ତୈଳ ବୋଲି କୁହାଯାଉଛି। ଏବର ଯୁଦ୍ଧ ଆରମ୍ଭ ହେବା ପରଠୁ ତୈଳ ଦରରେ ନିଆଁ ଲାଗିଲାଣି।

ଖାମେନେଇଙ୍କୁ ହତ୍ୟା କରିବା ପରେ ଇରାନ ଉପରେ ଆମେରିକାର ଆଧିପତ୍ୟ କେତେ ବଢ଼ିବ ତାହାକୁ ନେଇ ଚର୍ଚ୍ଚା ହେଲାଣି। ଇତିହାସ ଦେଖିଛି, ଆମେରିକା ସବୁବେଳେ ଇସ୍‌ଲାମିକ୍ ବିଶ୍ୱକୁ ଟାର୍ଗେଟ୍ କରିଆସିଛି। ଫଳରେ ମଧ୍ୟପ୍ରାଚ୍ୟରେ ସ୍ଥିତି ସ୍ୱାଭାବିକ ହୋଇପାରୁ ନାହିଁ। ଗୋଟେ ପଟେ ଅନେକ ଯୁଦ୍ଧ ବନ୍ଦ କରି ନୋବେଲ ଶାନ୍ତି ଚାହୁଁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜର ଲାଭକୁ ଦେଖି ବିଶ୍ୱବ୍ୟାପୀ ଅରାଜକତା ସୃଷ୍ଟି କରୁଛନ୍ତି। ତାଙ୍କ ସହ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଯୋଗଦାନ ଆଉ ଏକ ବିଶ୍ୱ ବିଶୃଙ୍ଖଳାର ବୀଜ ବପନ କଲା ବୋଲି ଧରାଯିବ। ତୈଳ ପାଇଁ ଆମେରିକା ଲଗାଉଥିବା ନିଆଁ କେବେ ଥମିବ ଆକଳନ କରିବା କଷ୍ଟକର।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 2 | | | | 7 | |
| | 1 | 2 | 6 | | | | | |
| | 6 | 7 | | 8 | 5 | 2 | | |
| | | | | | 2 | 3 | 1 | |
| | | | 9 | | | 5 | | 8 |
| | 5 | 9 | | | 8 | | 4 | |
| | 2 | | 5 | | | 1 | | 7 |
| | 9 | | 1 | | 7 | | | |
| | 4 | | 8 | 3 | 9 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 9 | 8 | 5 | 2 | 4 | 7 | 3 |
| 7 | 8 | 2 | 4 | 9 | 3 | 1 | 6 | 5 |
| 5 | 4 | 3 | 1 | 6 | 7 | 9 | 8 | 2 |
| 4 | 7 | 5 | 3 | 1 | 9 | 8 | 2 | 6 |
| 2 | 6 | 8 | 5 | 7 | 4 | 3 | 1 | 9 |
| 3 | 9 | 1 | 2 | 8 | 6 | 5 | 4 | 7 |
| 8 | 2 | 6 | 9 | 4 | 5 | 7 | 3 | 1 |
| 1 | 5 | 7 | 6 | 3 | 8 | 2 | 9 | 4 |
| 9 | 3 | 4 | 7 | 2 | 1 | 6 | 5 | 8 |

ଗତକାଲିର ଉତ୍ତର

# ଜୀବନରେ ଭୁଲ୍



ପ୍ରକାଶ ତ୍ରିପାଠୀ

ସମସ୍ତେ ଭୁଲ୍ କରନ୍ତି ଏବଂ ଏହା ପ୍ରତ୍ୟେକଙ୍କ ଜୀବନର ଏକ ଅଂଶ। କେତେକେ ଭୁଲ୍ କଲେ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥାନ୍ତି । କେତେଜଣ ଭୁଲ୍‌କରି ଜାଣିପାରନ୍ତି, ସେମାନେ ସେଥିରୁ ଶିଖନ୍ତି, ସଂଶୋଧନ କରନ୍ତି ଏବଂ ତା'ପରେ ଆଗକୁ ବଢ଼ିଥାନ୍ତି। ସେମାନେ ଜାଣନ୍ତି ଯେ, ଯଦି ସେମାନେ ଏକ ଭୁଲ୍‌କୁ ଅଣଦେଖା କରନ୍ତି ତେବେ ସେମାନେ ଏକ ନକାରାତ୍ମକ ଚକ୍ରରେ ଫସିଯାଇପାରନ୍ତି, ଯାହା ସେମାନଙ୍କୁ ବିଫଳତା ଆଡ଼କୁ ନେଇଯିବ। ଜୀବନରେ ଭୁଲ୍‌ହେବା ସ୍ୱାଭାବିକ। ଆମେ ସମସ୍ତେ ଭୁଲ୍ କରିଥାଉ। କୁହାଯାଏ, ମଣିଷ ଭୁଲ୍‌ର ଉତ୍ପାଦ। ଏହାର ଏକ ଅର୍ଥ ହୋଇପାରେ ଯେ ଜଣେ ବ୍ୟକ୍ତି କେବଳ ନିଜ ଭୁଲ୍‌ରୁ ଶିଖି ଭଲ ମଣିଷ ହୋଇଯାଏ। ଯେପରି ବିଭିନ୍ନ ଅସୁବିଧା ମଣିଷକୁ କଷ୍ଟକର ପରିସ୍ଥିତିରେ ବଞ୍ଚିବା ଏବଂ ଉନ୍ନତି କରିବା ଶିଖାଏ, ସେହିପରି ସେମାନଙ୍କର ଭୁଲ୍ ମଧ୍ୟ ସର୍ବୋତ୍ତମ ଶିଖିବାର ସୁଯୋଗ ପ୍ରଦାନ କରେ। ଭୁଲ୍ ବିନା ମଣିଷ କିଛି ଶିଖିପାରିବ ନାହିଁ। ଭୁଲ୍ ଅପରାଧ ନୁହେଁ, କିନ୍ତୁ ସେଗୁଡ଼ିକୁ ସଂଶୋଧନକରିବା ଜରୁରୀ। ଯଦି ଆମେ କୌଣସି ଭୁଲ୍ ସଂଶୋଧନ ନ କରୁ, ତେବେ ଏହା ଏକ ଅଭ୍ୟାସ ହୋଇଯାଏ। ଏହା ଆମ ଆଚରଣର ଏକ ଅଂଶ ପାଲଟିଯାଏ ଏବଂ ଶେଷରେ ଆମକୁ କ୍ଷତି ପହଞ୍ଚାଏ। ତେଣୁ ଭୁଲ୍ ବୁଝିବା ପରେ ମଧ୍ୟ ସଂଶୋଧନ ନ କରିବା କିମ୍ବା ତାହାକୁ ବାରମ୍ବାର ପୁନରାବୃତ୍ତି କରିବା ଅପରାଧଠାରୁ କମ୍ ନୁହେଁ ବୋଲି ବିବେଚନା କରାଯାଏ।

ବାରମ୍ବାର ସମାନ ଭୁଲ୍ କରୁଥିବା ବ୍ୟକ୍ତିଙ୍କୁ କୁହାଯାଏ ତ୍ରୁଟିବାଦୀ । ଜଣେ ତ୍ରୁଟିବାଦୀ ଏବଂ ଅପରାଧୀଙ୍କ ମଧ୍ୟରେ କୌଣସି ବିଶେଷ ପାର୍ଥକ୍ୟ ନ ଥାଏ । ଜଣେ ବ୍ୟକ୍ତି ଯେତେବେଳେ ନିଜର ଭୁଲ୍‌କୁ ସ୍ୱୀକାରକରିବା ଏବଂ ସଂଶୋଧନ କରିବା ପରିବର୍ତ୍ତେ ବାରମ୍ବାର ସେହି ଭୁଲ୍ କରନ୍ତି ସେତେବେଳେ ସେ ଅପରାଧୀ ହୋଇଯାଆନ୍ତି। ଚୋରି କରିବା, ଅତ୍ୟଧିକ ଲୋଭ କରିବା, ମିଛ କହିବା, ଧମକ ଏବଂ ହିଂସାର ଆଶ୍ରୟ ନେବା, ସମୟ ଥିଲେ ମଧ୍ୟ ଆଜିର କାର୍ଯ୍ୟକୁ ଆସନ୍ତାକାଲି ପର୍ଯ୍ୟନ୍ତ ସ୍ଥଗିତ ରଖିବା, ନିଜର ଭାବନା କିମ୍ବା ଚିନ୍ତାଧାରାକୁ ନିୟନ୍ତ୍ରଣ ନ କରିବା, ସାମାନ୍ୟ କଥାରେ କ୍ରୋଧିତ ହେବା, କ୍ଷମା ଏବଂ ସମ୍ବେଦନଶୀଳତାର ଅଭାବ, ପ୍ରତ୍ୟେକ ପରିସ୍ଥିତିରେ ଅସନ୍ତୁଷ୍ଟ ରହିବା ଏବଂ ଦୋଷ ଖୋଜିବା ଓ ଅନ୍ୟାନ୍ୟ ନକାରାତ୍ମକ ଭାବନା କିମ୍ବା ଅଭ୍ୟାସ ହେଉଛି ଭୁଲ୍ ଯାହାକୁ ସ୍ୱୀକାର କରିବା ଏବଂ ସଂଶୋଧନ କରିବା ଆବଶ୍ୟକ। ସେଥିପାଇଁ କୁହାଯାଏ, ଭୁଲ୍ କରିବା ମଣିଷର ପ୍ରକୃତି, ନିଜର ଭୁଲ୍‌କୁ ସ୍ୱୀକାର କରିବା



ସଂସ୍କୃତି ଏବଂ ଭୁଲ୍‌କୁ ସୁଧାରିନେବା ମଣିଷର ପ୍ରଗତି। ନଚେତ୍, ଆମକୁ ଜଣେ ସାଧାରଣ ବ୍ୟକ୍ତିରୁ ଜଣେ ହୀନବ୍ୟକ୍ତି ହେବାକୁ ବହୁ ସମୟ ଲାଗିବ ନାହିଁ। ଏହି ଭୁଲ୍‌ଗୁଡ଼ିକ ହିଁ ଜଣେ ବ୍ୟକ୍ତିକୁ କୁଖ୍ୟାତ କରିଥାଏ ଏବଂ ସେଗୁଡ଼ିକୁ ସଂଶୋଧନକରି ଜଣେ ପ୍ରସିଦ୍ଧ କିମ୍ବା ପ୍ରଖ୍ୟାତ ହୋଇଯାଏ। ବାସ୍ତବରେ, ଆମର ସମସ୍ତ ନକାରାତ୍ମକ ଭାବନା ଏବଂ ସେଗୁଡ଼ିକରୁ ସୃଷ୍ଟି ହେଉଥିବା କାର୍ଯ୍ୟଗୁଡ଼ିକ ଆମର ଭୁଲ୍। ଯେଉଁମାନେ ନିଜର ଭୁଲ୍‌କୁ ସକାରାତ୍ମକ ଢଙ୍ଗରେ ସଂଶୋଧନକରି ନିଜର ପରବର୍ତ୍ତୀ କାର୍ଯ୍ୟ ସମ୍ପାଦନ କରିଥାନ୍ତି ସେମାନେ ଜୀବନରେ ଈପ୍ସିତ ପ୍ରଗତି ହାସଲ କରିପାରିଥାନ୍ତି ।

କିଏ ଭୁଲ୍ କରେନାହିଁ? ମହାତ୍ମା ଗାନ୍ଧୀ ଆତ୍ମଜୀବନୀରେ ତାଙ୍କ ଭୁଲ୍ ଏବଂ ତ୍ରୁଟି ବିଷୟରେ ସ୍ପଷ୍ଟଭାବରେ ଲେଖିଛନ୍ତି। ସେ ତାଙ୍କ ଜୀବନରେ ଅନେକ ଭୁଲ୍ କରିଥିଲେ, କିନ୍ତୁ ସେ କେବେ ସେ ଭୁଲ୍‌କୁ ଲୁଚାଇ ନ ଥିଲେ କିମ୍ବା ତା'ର ପୁନରାବୃତ୍ତି କରି ନ ଥିଲେ। ସେ ସାହସର ସହ ତାଙ୍କର ଭୁଲ୍ ସ୍ୱୀକାର କରିଥିଲେ ଏବଂ ସେଗୁଡ଼ିକୁ ସଂଶୋଧନ କରିଥିଲେ। ଗାନ୍ଧିଜୀଙ୍କ ପିଲାଦିନର ଏକ ଘଟଣା । ସେ ଜଣେ ଦୋକାନୀଙ୍କଠାରୁ ଅଧିକ ବାକି କରିଦେଇଥିଲେ। ସେ ଏକଥା ଘରେ କାହାକୁ ନ କହି ଋଣ ପରିଶୋଧ କରିବା ପାଇଁ ଏକ ଭୁଲ୍ ପନ୍ଥାର ଆଶ୍ରୟ ନେଲେ। ସେ ତାଙ୍କ ମାଆଙ୍କ ସୁନାଚୁଡ଼ିରୁ ଅଳ୍ପ ପରିମାଣର ସୁନା କାଟି ବିକ୍ରିକରି ଋଣ ପରିଶୋଧ କରିଥିଲେ। ପରେ କିନ୍ତୁ ଏହି କାର୍ଯ୍ୟ ତାଙ୍କୁ ଗଭୀର ଦୁଃଖ ଦେଇଥିଲା। ସେ ଅନୁତାପରେ ଜଳିବାକୁ ଲାଗିଲେ। ତା' ପରେ ସେ ସବୁ ସତକଥା ନିଜର ବାପାଙ୍କୁ କହିବାକୁ ନିଷ୍ପତ୍ତି ନେଲେ। ହେଲେ ବାପାଙ୍କ ସମ୍ମୁଖରେ ଏସବୁ କହିବାକୁ ତାଙ୍କର ସାହସ ନ ହେବାରୁ ସବୁକିଛି ଏକ ଚିଠିରେ ଲେଖି ତାଙ୍କ ବାପାଙ୍କୁ ଦେଲେ। ସେ ସମୟରେ ତାଙ୍କ ବାପା ଅସୁସ୍ଥ ଥିଲେ। ଚିଠିଟି ପଢ଼ିବା ପରେ ତାଙ୍କ ଆଖିରେ ଲୁହ ଆସିଗଲା। ଗାନ୍ଧିଜୀ ମଧ୍ୟ କାନ୍ଦିବାକୁ ଲାଗିଲେ ଏବଂ ତାଙ୍କ ବାପାଙ୍କ ସମ୍ମୁଖରେ ଶପଥକଲେ ଯେ ସେ ଜୀବନରେ ଆଉ କେବେ ଏପରି ଭୁଲ୍ କରିବେ ନାହିଁ। ଗାନ୍ଧିଜୀ ତାଙ୍କ ଜୀବନସାରା କେବଳ ତାଙ୍କର ପ୍ରତିଜ୍ଞା ପୂରଣ କରି ନ ଥିଲେ ବରଂ ତାଙ୍କର ଅନ୍ୟାନ୍ୟ ଦୁର୍ଗୁଣକୁ ମଧ୍ୟ ପରିତ୍ୟାଗ କରିଥିଲେ ଏବଂ ସଦ୍‌ଗୁଣକୁ ଜୀବନର ବ୍ରତ କରିଥିଲେ। ଯେତେବେଳେ ପ୍ରଥମ ଥର ପାଇଁ ଏକ ଭୁଲ୍ କରାଯାଏ, ତାହାକୁ ସ୍ୱୀକାର କରିବା ଏବଂ ଲୁଚାଇବା ପରିବର୍ତ୍ତେ ସଂଶୋଧନ କରିବା ହେଉଛି ଏକ ଖରାପ ମଣିଷରୁ ଭଲ ମଣିଷ ହେବା ଦିଗରେ ଏକ ପଦକ୍ଷେପ। ସେହିପରି ନିଜର ଭୁଲ୍‌ରୁ ଶିକ୍ଷା ନ କରି ଯିଏ ବାରମ୍ବାର ଭୁଲ୍ କରନ୍ତି, ସେମାନେ ଏହାର କୁଫଳ ଭୋଗନ୍ତି। ମହମ୍ମଦ ଘୋରୀଙ୍କୁ ପ୍ରଥମ ତରାଇ ଯୁଦ୍ଧରେ ପରାସ୍ତ କରିଥିଲେ ପୃଥ୍ୱୀରାଜ ଚୌହାନ ଓ ମାନବିକତା ଆଧାରରେ ହତ୍ୟା ନ କରି କ୍ଷମା କରିଥିଲେ। ଘୋରୀଙ୍କୁ ପ୍ରଥମ ଥର ପରାସ୍ତ କରିବା ବେଳେ ତାଙ୍କୁ ହତ୍ୟା କରିବାକୁ ମନ୍ତ୍ରୀ ପରିଷଦ ଏବଂ ତାଙ୍କ ସ୍ତ୍ରୀ ପରାମର୍ଶ ଦେଇଥିଲେ ପୃଥ୍ୱୀରାଜଙ୍କୁ। ହେଲେ ପରାମର୍ଶ ଗ୍ରହଣ ନ କରି ମସ୍ତବଡ଼ ଭୁଲ୍ କରିଥିଲେ ପୃଥ୍ୱୀରାଜ ଚୌହାନ। ଶେଷରେ ସେହି ମହମ୍ମଦ ଘୋରୀ ପୃଥ୍ୱୀରାଜଙ୍କୁ ତା' ପରବର୍ଷ ପରାସ୍ତକରି ବନ୍ଦୀ କରିବା ସହ ମୃତ୍ୟୁଦଣ୍ଡ ଦେଇଥିଲେ। ପୃଥ୍ୱୀରାଜଙ୍କ ଏହି ଭୁଲ୍ ପାଇଁ ଭାରତ ଅନେକ ଶହ ବର୍ଷ ଧରି ପରାଧୀନ ହୋଇଗଲା । କେତେଜଣ ଐତିହାସିକ ମତ ଦିଅନ୍ତି ଯେ ଥରେ ନୁହେଁ, ଅନେକ ଥର ମହମ୍ମଦ ଘୋରୀଙ୍କୁ ପରାସ୍ତ କରିଥିଲେ ମଧ୍ୟ ପ୍ରତିଥର ପୃଥ୍ୱୀରାଜ ଦୟା ପ୍ରଦର୍ଶନକରି ଘୋରୀଙ୍କୁ ଛାଡ଼ି ଲଗାତର ଭୁଲ୍ କରୁଥିଲେ ଯାହାର ପରିଣାମ ସେ ଓ ସମଗ୍ର ଭାରତବର୍ଷ ଭୋଗିଥିଲା।

କେବଳ ଜଣେ ଅପରାଧୀ ନୁହେଁ,ଜଣେ ଭୀରୁ କିମ୍ବା ଭୟଭୀତ ବ୍ୟକ୍ତି ମଧ୍ୟ କେବେ ବି ନିଜର ଭୁଲ୍ ସ୍ୱୀକାର କରନ୍ତି ନାହିଁ। ତେଣୁ ସେ ସେଗୁଡ଼ିକୁ ସଂଶୋଧନ କରନ୍ତି ନାହିଁ କିମ୍ବା ଜୀବନରେ ଆଗକୁ ବଢ଼ିପାରନ୍ତି ନାହିଁ। ଯେତେବେଳେ ରତ୍ନାକର ନାମକ ଜଣେ ବ୍ୟକ୍ତି ନିଜର ଭୁଲ୍‌ଗୁଡ଼ିକୁ ଅନୁଭବ କଲେ ଏବଂ ନିଜର ନୀଚ ଦସ୍ୟୁବୃତ୍ତି ପରିତ୍ୟାଗ କରିବାକୁ ନିଷ୍ପତ୍ତି ନେଲେ, ତାଙ୍କ ଜୀବନରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା। ତାଙ୍କର କରୁଣା ଏପରି ଶୀର୍ଷରେ ପହଞ୍ଚିଲା ଯେ ସେ ମହାକାବ୍ୟ ରାମାୟଣ ରଚନାକଲେ ଏବଂ ବାଲ୍ମୀକି ଭାବରେ ପ୍ରସିଦ୍ଧ ହେଲେ। ଆମର ତ୍ରୁଟିଗୁଡ଼ିକୁ ଆବିଷ୍କାରକରି ସେଗୁଡ଼ିକୁ ସଂଶୋଧନକଲେ ଆମେ ଚାହିଁଲେ ସନ୍ଥ ହୋଇପାରିବା, ନ ଚାହିଁଲେ ଅପରାଧୀ ହୋଇପାରିବା। ''ଯେଉଁ ବ୍ୟକ୍ତି କେବେ ଭୁଲ୍ କରିନାହିଁ, ସେ କେବେ ନୂଆ କିଛି କରିବାକୁ ଚେଷ୍ଟା କରିନାହିଁ।'' – ଆଲବର୍ଟ ଆଇନ୍‌ଷ୍ଟାଇନଙ୍କ ଏହି ଉକ୍ତି ଆମକୁ ମନେପକାଇ ଦିଏ ଯେ ଭୁଲ୍‌ଗୁଡ଼ିକ ବିଫଳତାର ଲକ୍ଷଣ ନୁହେଁ, ବରଂ ପ୍ରୟାସର ପ୍ରମାଣ। କିଛି ନୂଆ ଚେଷ୍ଟା କରିବା ସର୍ବଦା ଅନିଶ୍ଚିତତା ସହ ଜଡ଼ିତ ଏବଂ ତ୍ରୁଟିଗୁଡ଼ିକରୁ ଶିଖିବା ଅଭିବୃଦ୍ଧିର ଏକ ଅଂଶ। ଦାର୍ଶନିକ କ୍ୟୁଲେନ୍ ହାଇଟାୱାରଙ୍କ ମତରେ ନିଜର ଭୁଲ୍‌ରେ ହସିବା ଜୀବନକୁ ଦୀର୍ଘ କରିପାରେ। ହେଲେ ଅନ୍ୟ କାହାର ଭୁଲ୍‌କୁ ଦେଖି ହସିବା ଜୀବନକୁ ହ୍ରାସ କରିପାରେ। ସେହିମାନେ ହିଁ ଭୁଲ୍ କରି ନ ଥାନ୍ତି, ଯେଉଁମାନେ ଜୀବନରେ କିଛି କରି ନ ଥାନ୍ତି ଓ ସେମାନଙ୍କ ପାଇଁ ତାହା ହିଁ ବଡ଼ ଭୁଲ୍ ।

ମୋ:୯୪୩୭୨୩୨୪୬୩

# ପ୍ରଶ୍ନ: କ'ଣ, କିପରି, କାହିଁକି



ବିଭାବସୁ ଦତ୍ତ

ମାନବର ବିବର୍ତ୍ତନ ସମ୍ବନ୍ଧୀୟ ବିଦ୍ୟା ବା ନୃତତ୍ତ୍ୱ ଅନ୍ୟ ସମସ୍ତ ଜୀବଙ୍କଠାରୁ କିଛିଟା ଅଲଗା। ଅନ୍ୟ ପ୍ରାଣୀ ଓ ଉଦ୍ଭିଦମାନଙ୍କଠାରେ ମୁଖ୍ୟତଃ ଦେଖାଦିଏ କ୍ରମିକ ଶାରୀରିକ ପରିବର୍ତ୍ତନ। ମାନବ ଶରୀରରେ ମଧ୍ୟ ବିଭିନ୍ନ ସମୟରେ ବିଭିନ୍ନ ପରିବର୍ତ୍ତନ ଆସିଛି। କିନ୍ତୁ ସର୍ବୋପରି ମାନବର ବୌଦ୍ଧିକ ଶକ୍ତି ଏବଂ ଚେତନାର ଉତ୍ତରଣ ଘଟିଛି। ଅନ୍ୟାନ୍ୟ ଜୀବଜନ୍ତୁ ସମୟ ସହିତ ତାଳଦେଇ ଚାଲାକ୍ ଚତୁର ହୋଇଛନ୍ତି। କିନ୍ତୁ ମାନବର ଚେତନା ଓ ଧୀ ଶକ୍ତିର ଅଗ୍ରଗତି ତୁଳନାରେ ତାହା ଅତି ନଗଣ୍ୟ।

ତେବେ କାହିଁକି ମଣିଷ କ୍ରମାଗତ ଭାବେ ବୁଦ୍ଧିମାନ୍ ହେବା ଅବସରରେ ଅନ୍ୟ ପ୍ରାଣୀମାନେ ଏତେ ପଛରେ ରହିଯାଇଛନ୍ତି? ପ୍ରଶ୍ନଟି ଯେତିକି ଜଟିଳ, ତା'ର ଉତ୍ତରଟି ସେତିକି ସରଳ। ପ୍ରକୃତରେ ଏ ପ୍ରଶ୍ନର ସମାଧାନ ହେଉଛି ଖୋଦ୍ ସେଇ 'ପ୍ରଶ୍ନ'। କିନ୍ତୁ 'ପ୍ରଶ୍ନ' ବା ନିଜେ 'ପ୍ରଶ୍ନର' ଉତ୍ତର ହେଲା କେମିତି? କ'ଣ ଏମିତି ଅଛି ସେ 'ପ୍ରଶ୍ନ'ରେ! ଅପରପକ୍ଷରେ ପୁଣି ପ୍ରଶ୍ନ ପଚାରିବାର ଆବଶ୍ୟକତା ବା କାହିଁକି ଅଛି?

ବିଚାର କରନ୍ତୁ, ପ୍ରଶ୍ନ ପଚାରିବାର ଏହି ଅଭ୍ୟାସ ଆମକୁ ଆଣିଦେଇଛି ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଉତ୍ତରଣ। ସଭ୍ୟତାର ଆରମ୍ଭରୁ ମଣିଷ ମୁଖ୍ୟତଃ ଦୁଇ ପ୍ରକାରର ପ୍ରଶ୍ନ ପଚାରିବା ଆରମ୍ଭ କରିଛି। ପ୍ରଥମଟି ଭୌତିକ ସ୍ତରରେ ଓ ଅନ୍ୟଟି ଆଧିଭୌତିକ ସ୍ତରରେ। ଭୌତିକ ସ୍ତରରେ ପ୍ରଶ୍ନ; ଯେପରି ମଣିଷ ନିଜ ଚତୁଃପାର୍ଶ୍ୱରେ ଦୈନନ୍ଦିନ ଦେଖୁଥିବା ସମସ୍ତ ପ୍ରକ୍ରିୟାର କାରଣ ଜାଣିବାକୁ ଚାହିଁଛି। ଆକାଶଟି କାହିଁକି ନୀଳାଭ? ଝରଣା କାହିଁକି ଊର୍ଦ୍ଧ୍ୱମୁଖୀ ପ୍ରବାହିତ ହେଉନାହିଁ? କେବଳ ନିମ୍ନଗାମୀ ହେଉଛି। ଗଛର ପତ୍ର କାହିଁକି ସବୁଜ? ଏ ପ୍ରଶ୍ନଗୁଡ଼ିକର ଅନ୍ତ ନାହିଁ; ପ୍ରଶ୍ନର ଆଦି କେବେଠାରୁ ତାହା ମଧ୍ୟ ଜଣାନାହିଁ। ପ୍ରକୃତି ପୁଣି ନିଜେ ଅନନ୍ତ। ତେବେ ଏ ସମସ୍ତ ଭୌତିକ ସ୍ତରର ପ୍ରଶ୍ନର ଉତ୍ତରରୁ ଜନ୍ମ ନେଇଛି 'ବିଜ୍ଞାନ' ବା ବିଶେଷ ଜ୍ଞାନ। ସେଇ ବିଜ୍ଞାନ ହିଁ ମଣିଷ ପାଇଁ ଆଣିଦେଇଛି ମାନସିକ ଓ ବୌଦ୍ଧିକ ବିକାଶ। ତା'ହେଲେ ଆଧିଭୌତିକ ସ୍ତରର ପ୍ରଶ୍ନର ମହତ୍ତ୍ୱ ପୁଣି କ'ଣ?

ଆଧିଭୌତିକ ପ୍ରଶ୍ନର ମର୍ମ ହେଲା, ମଣିଷ ନିଜ ଚାରିପାଖର ପ୍ରକୃତି ପରିବର୍ତ୍ତେ ନିଜକୁ ନିଜ ବିଷୟରେ ପ୍ରଶ୍ନ କରିବା ଆରମ୍ଭ କରିଛି। ମୁଁ କିଏ? ମୋର ଏ ଜଗତକୁ ଆସିବାର ଉଦ୍ଦେଶ୍ୟ କ'ଣ? ମୋର କର୍ମ କ'ଣ? ବର୍ତ୍ତମାନର ଏ ଜୀବନର ପରବର୍ତ୍ତୀ ସୋପାନ କ'ଣ? ଇତ୍ୟାଦି ଇତ୍ୟାଦି। ଏ ସମସ୍ତ ଆଧିଭୌତିକ ପ୍ରଶ୍ନର ଉତ୍ତରର ସମ୍ଭାରରେ ସୃଷ୍ଟି ହୋଇଛି 'ଦର୍ଶନ ଶାସ୍ତ୍ର'। ବିଜ୍ଞାନର ଜିଜ୍ଞାସା ହେତୁ ଆମର ବୌଦ୍ଧିକ ବିକାଶ ଯେପରି ସମ୍ଭବପର ହୋଇଥିଲା, ସେହିପରି ଦର୍ଶନଶାସ୍ତ୍ର କରିଛି ମାନବିକ ଚେତନାର ଉତ୍ତରଣ।

ଏ ଇଣ୍ଟରନେଟ୍ ଯୁଗରେ କିନ୍ତୁ ପ୍ରଶ୍ନର ପ୍ରକୃତି ଓ ସ୍ୱରୂପ ପୂରାପୂରି ବଦଳିଯାଇଛି। ଆମେମାନେ ପୂର୍ବର 'କାହିଁକି' ଓ 'କିପରି' ପ୍ରଶ୍ନ ପରିବର୍ତ୍ତେ ମୁଖ୍ୟତଃ ମନୋନିବେଶ କରୁଛୁ ''କ'ଣ'' ବର୍ଗର ପ୍ରଶ୍ନ ପଚାରିବା ସମ୍ବନ୍ଧରେ। ଇଣ୍ଟରନେଟ୍ ଆମକୁ ଠିକ୍ ତଥ୍ୟଟିଏ କ୍ଷଣିକ ମଧ୍ୟରେ ଯୋଗାଇ ଦେଇପାରେ। ପୁଣି 'କିପରି' ଓ 'କାହିଁକି' ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ମଧ୍ୟ କିଛିମାତ୍ରାରେ ଦେଇପାରୁଛି। କିନ୍ତୁ ପ୍ରଶ୍ନ ପଚାରିବାର ପ୍ରବୃତ୍ତିକୁ ଆମ ଭିତରେ ଅଙ୍କୁରୋଦ୍‌ଗମ କରାଇବା ପାଇଁ ଇଣ୍ଟରନେଟ୍ ଅସମର୍ଥ।



କିଛି ପ୍ରଶ୍ନ ପୁଣି ଉଭୟ ବୌଦ୍ଧିକ ଓ ଚେତନାର ବିକାଶକୁ ଭିତ୍ତିଭୂମି ଭାବେ ନେଇ ମାନବର ସାମଗ୍ରିକ ବିକାଶରେ ସାହାଯ୍ୟ କରନ୍ତି। ଏ ସଂଯୋଗ କେବଳ ସମ୍ଭବପର ହୋଇପାରିଛି ମଣିଷର ନାନ୍ଦନିକତା ଓ ଜିଜ୍ଞାସା ପାଇଁ। କାରଣ ଏଭଳି ପ୍ରଶ୍ନର ଉତ୍ତରରେ ଆମେ ତିଆରି କରିପାରିଛୁ 'ଚିତ୍ରକଳା', ସଙ୍ଗୀତ' ଏବଂ 'ସାହିତ୍ୟ' ଭଳି ସୃଜନଶୀଳ ବିଭାଗଗୁଡ଼ିକୁ। ତେଣୁ ମଣିଷର ନିଜସ୍ୱ ଉତ୍କଣ୍ଠା ଓ ସେ ଉତ୍କଣ୍ଠାର ପ୍ରଶମନ ପାଇଁ ପ୍ରାସଙ୍ଗିକ ପ୍ରଶ୍ନଟିଏ ଲୋଡ଼ା। କାରଣ ସେହି ପ୍ରାସଙ୍ଗିକ ପ୍ରଶ୍ନଟିଏ ହିଁ ଯୁଗଯୁଗ ଧରି ମାନବ ସଭ୍ୟତାର ବିକାଶ ନିମିତ୍ତ ଇନ୍ଧନ ଯୋଗାଇ ଚାଲିଛି।

ପ୍ରଶ୍ନ ପଚାରିବାର ବିଭିନ୍ନ ସ୍ତର ରହିଛି। ତା' ମଧ୍ୟରୁ ସବୁଠାରୁ ନିମ୍ନତମ ବର୍ଗ ବୋଧହୁଏ 'କ'ଣ' ପ୍ରଶ୍ନର; ତା' ଉପରେ ରହେ 'କିପରି' ସମ୍ବନ୍ଧୀୟ ପ୍ରଶ୍ନ ଏବଂ ସର୍ବଶୀର୍ଷରେ ରହେ 'କାହିଁକି' ସ୍ତରର ପ୍ରଶ୍ନ। ଭାବିଦେଖନ୍ତୁ ଇଣ୍ଟରନେଟ୍ ଓ ପୁସ୍ତକ ମଧ୍ୟରେ ପ୍ରଭେଦ। ଇଣ୍ଟରନେଟ୍ ଖାଲି ଆପଣଙ୍କ 'କ'ଣ' ପ୍ରଶ୍ନର ତୃଷ୍ଣାକୁ ହୁଏତ ମେଣ୍ଟାଇପାରେ। କିନ୍ତୁ ବହିଟିଏ ନିଜେ ପଢ଼ିଲେ ଆପଣଙ୍କ ମନରେ ବିଭିନ୍ନ ପ୍ରକାର 'କାହିଁକି' ପ୍ରଶ୍ନ ଉଙ୍କିମାରିବ ଓ ତା' ସାଙ୍ଗରେ ସେ 'କାହିଁକି' ପ୍ରଶ୍ନର ଉତ୍ତର ମିଳିଲେ ଯାଇ ଆପଣଙ୍କର ବୌଦ୍ଧିକ ବିକାଶ ହୋଇପାରିବ। ଇଣ୍ଟରନେଟ୍ କେବଳ ଆପଣଙ୍କ ତଥ୍ୟଭିତ୍ତିକ ଜ୍ଞାନ ପରିସରକୁ ଅଳ୍ପ ମାତ୍ରାରେ ହୁଏତ ବଢ଼ାଇପାରେ। ପୁସ୍ତକ କିନ୍ତୁ ମାନବର ଧୀ ଶକ୍ତି ସମେତ ସାମଗ୍ରିକ ପ୍ରଜ୍ଞାର ବିକାଶ କରେ।

ଏହା କେବଳ ଆଜି ପ୍ରାସଙ୍ଗିକ ନୁହେଁ। ମହାଭାରତ ଯୁଗର ଏକ ଉଦାହରଣ ନେଲେ ସରଳ ଭାବେ 'ପ୍ରଶ୍ନ'ର ପ୍ରକାର ଭେଦ ବୁଝିହେବ। ମହାଭାରତ ଯୁଦ୍ଧରେ 'କ'ଣ' ଯୁଦ୍ଧ ହେଉଛି ପ୍ରଶ୍ନ ପଚାରୁଥିଲେ ଧୃତରାଷ୍ଟ୍ର। ତାଙ୍କର ଶେଷଦଶା ତ ସଭିଙ୍କୁ ଜ୍ଞାତ। ସେଠାରୁ ଗୋଟିଏ ସୋପାନ ଅତିକ୍ରମ କରି ଆସିଥାଏ, 'କିପରି' ସ୍ତରର ପ୍ରଶ୍ନ। ଯେମିତି ଯୁଦ୍ଧ କରିବାର କୌଶଳ ସମ୍ବନ୍ଧରେ ପ୍ରଶ୍ନ। ଏ ପ୍ରଶ୍ନ ଓ ତା'ର ଉତ୍ତର ପ୍ରାୟତଃ ସମସ୍ତ ମହାଯୋଦ୍ଧା ଯଥା ପିତାମହ ଭୀଷ୍ମ, କର୍ଣ୍ଣ, ଦୁର୍ଯ୍ୟୋଧନ, ଯୁଧିଷ୍ଠିର, ଭୀମ ପ୍ରମୁଖଙ୍କୁ ଜଣାଥିଲା। ସେଥିପାଇଁ ସେମାନଙ୍କର ବୀରତ୍ୱର ଗାଥା ଆଜି ଅମର। କିପରି ଯୁଦ୍ଧ କରିବି ପ୍ରଶ୍ନର; କେବଳ ଅଧା ଉତ୍ତର ଜାଣିଥିବା ହେତୁ ଅଭିମନ୍ୟୁ ଯୁଦ୍ଧରେ ବୀରଗତି ପ୍ରାପ୍ତ ହେଲେ। କିନ୍ତୁ ସେହି କୁରୁକ୍ଷେତ୍ରରେ ଅଂସଖ୍ୟ ବୀର, ଯୋଦ୍ଧା ଓ ଶସ୍ତ୍ରଚାରୀଙ୍କ ମଧ୍ୟରେ କେବଳ ଅର୍ଜୁନ ପଚାରିଥିଲେ; 'କାହିଁକି'ଯୁଦ୍ଧ କରିବି ଭଳି ପ୍ରଶ୍ନ।' ସେହି କାହିଁକି ପ୍ରଶ୍ନର ଉତ୍ତର ସ୍ୱରୂପ କେବଳ ଅର୍ଜୁନଙ୍କୁ ପ୍ରାପ୍ତି ହୋଇପାରିଲା ଶ୍ରୀମଦ୍ ଭଗବଦ୍ ଗୀତାର ଗଭୀର ଜ୍ଞାନ। କେବଳ ଅର୍ଜୁନ ଦିବ୍ୟଚକ୍ଷୁରେ ବିଶ୍ୱରୂପ ଦର୍ଶନର ସୌଭାଗ୍ୟ ଲାଭ କଲେ। ତାଙ୍କର ବୌଦ୍ଧିକ, ଚୈତନିକ ଓ ସର୍ବୋପରି ଆଧ୍ୟାତ୍ମିକ ସ୍ତରରେ ଉତ୍ତରଣ ହେଲା। ତେଣୁ ଅଧୁନାତନ ଇଣ୍ଟରନେଟ୍ ଯୁଗରେ ପ୍ରାସଙ୍ଗିକ 'କାହିଁକି' ସମ୍ବଳିତ ପ୍ରଶ୍ନଟିଏ ହିଁ ଆମର ଧ୍ୟେୟ ହେଉ।

ମୋ: ୭୩୮୧୬୫୧୬୯୭

## ଏଇ ଭାରତରେ

କମ୍ପ୍ୟୁଟର ସାଇନ୍ସରେ ଡିଗ୍ରୀ ହାସଲ କରିବା ପରେ ଅଧିକାଂଶ ଛାତ୍ରଛାତ୍ରୀ ଚାକିରି କରିବାକୁ ପସନ୍ଦ କରୁଥିବାବେଳେ ଅନଶୁଲ ମିଶ୍ରା ଚାଷକୁ ବୃତ୍ତି ଭାବେ ଗ୍ରହଣ କରିଛନ୍ତି। ଉତ୍ତରପ୍ରଦେଶ ଶାହାଜାହାନପୁରର ୨୮ ବର୍ଷୀୟ ଅନଶୁଲ ଚେନ୍ନାଇରେ କମ୍ପ୍ୟୁଟର ସାଇନ୍ସରେ ଡିଗ୍ରୀ କରିବା ପରେ ଚାଷ କରିବାକୁ ୨୦୧୮ରେ ଗାଁକୁ ଫେରିଥିଲେ। ପ୍ରଥମେ ବିଭିନ୍ନ ଫସଲକୁ ନେଇ ପରୀକ୍ଷାନିରୀକ୍ଷା କରିବା ପରେ ଶେଷକୁ ଡ୍ରାଗନଫ୍ରୁଟ୍ସ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୦ରେ ସେ ମହାରାଷ୍ଟ୍ର ସୋଲାପୁରରୁ ୧୬୦୦ ଡ୍ରାଗନଫ୍ରୁଟ୍ସ ଚାରା ଆଣି ୧ ଏକରରେ ଲଗାଇଥିଲେ। ୧୮ ମାସ ପରେ ପ୍ରଥମ ଫଳ ଆସିଥିଲା। ଏବେ ସେ ସେଥିରୁ ୨୫ରୁ ୩୦ କୁଇଣ୍ଟାଲ ଡ୍ରାଗନଫ୍ରୁଟ୍ସ ପାଉଛନ୍ତି ଏବଂ ବର୍ଷକୁ ୨୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ୬ ବର୍ଷ ମଧ୍ୟରେ ଚାଷକୁ ୫ ଏକରକୁ ସମ୍ପ୍ରସାରଣ କରିପାରିଛନ୍ତି। ଏହା ସହ ଡ୍ରାଗନଫ୍ରୁଟ୍ସ ନର୍ସରି କରି ଚାଷୀଙ୍କୁ ଶସ୍ତାରେ ଚାରା ଯୋଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ମାର୍ଚ୍ଚ ୧୯୭୭

- ଢେଙ୍କାନାଳ ଜିଲା କଂଗ୍ରେସ କମିଟିର ଜଣେ ସମ୍ପାଦକଙ୍କ ସମେତ ହିନ୍ଦୋଳ ବ୍ଲକର ୧୫ ଜଣ ସରପଞ୍ଚଙ୍କ କଂଗ୍ରେସ ଦଳରୁ ଇସ୍ତଫା।
- ରାଜ୍ୟ ସରକାର ଚଳଚ୍ଚିତ୍ର ପ୍ରଯୋଜନାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ନୂଆକରି ପ୍ରତିଷ୍ଠା କରାଯାଇଥିବା ସିନେମାହଲ୍‌ଗୁଡ଼ିକ ଉପରୁ ୫ ବର୍ଷ ପାଇଁ ପ୍ରମୋଦ କର ଛାଡ଼ କରିଦେବାକୁ ସ୍ଥିର କରିଛନ୍ତି।
- ଗୁଜରାଟର ଅହମ୍ମଦାବାଦଠାରେ ବିଷାକ୍ତ ମଦ୍ୟପାନ କରି ଜଣେ ମହିଳାଙ୍କ ସମେତ ୪୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## ଚିରନ୍ତନୀ

ପାଞ୍ଚ ଇନ୍ଦ୍ରିୟେ ଷଡ଼ରିପୁ କଲେ ବିହାର
ମହାତୋଷେ
ସରସ ହୋଇଲା ଏ ଦେହର ଦଶ ଦୁଆର
ନବରସେ ।
–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅସହାୟଙ୍କୁ ସହଯୋଗ କରନ୍ତୁ

ମହାଶୟ,

ବର୍ତ୍ତମାନ ଗାଁ କି ସହର ସବୁଠାରେ ବିବାହ, ବ୍ରତ, ଏକୋଇଶିଆରେ ଡିଜେରେ ଲକ୍ଷାଧିକ ଟଙ୍କା ବରବାଦ କରାଯାଉଛି। ଡିଜେ ପିଛା ପ୍ରାୟ ଲକ୍ଷେ ଟଙ୍କା ଖର୍ଚ୍ଚ ହୋଇ ଭୟଙ୍କର ଶବ୍ଦରେ ଲୋକେ ଅତିଷ୍ଠ ହୋଇ ମରୁଛନ୍ତି । ପୋଲିସ ଇଲିଶିରୂପୀ ଦକ୍ଷିଣା ପାଇ ଚୁପ୍। ମୋର ଅନୁରୋଧ ସେହି ଟଙ୍କାରେ ଅବହେଳିତ ଶ୍ରେଣୀର ଗରିବଙ୍କୁ ଯଦି ଘରଟିଏ କରି ଦିଆଯାଇ ଘର ସାମ୍ନାରେ ନିଜ ପିଲା କି ସଦସ୍ୟଙ୍କ ମାର୍ବଲ ଫଳକ ଲଗାଇ ଦିଆଯାଆନ୍ତା ତେବେ ଅନେକ ଦୁଃଖୀ ରଙ୍କୀ ବ୍ଲକ କିମ୍ବା ପଞ୍ଚାୟତରେ ହାତଗୁଞ୍ଜା ଦେଇ ଆତ୍ମସମ୍ମାନ ହରାଇ ନେହୁରା ହୁଅନ୍ତେ ନାହିଁ। ଆମ ସହାୟତାରେ ସେମାନେ ଘରଟିଏ ପାଇ ଆଶୀର୍ବାଦ କରନ୍ତେ । ଡିଜେ ତ କେତେ ଘଣ୍ଟାର ମାତ୍ର ଉନ୍ମାଦନା। ସଚେତନ ନାଗରିକମାନେ ସେମାନଙ୍କ ପରିବାରର ଅପବ୍ୟୟ ରୋକି ଗରିବଙ୍କୁ ସହାୟତା ପାଇଁ ହାତ ବଢ଼ାନ୍ତୁ। ସହଯୋଗର ହାତ ସହସ୍ରଙ୍କର ଉଠିଲେ ସହସା ସମାଜ ପରିବର୍ତ୍ତନ ଆଡକୁ ଅଗ୍ରସର ହୋଇପାରିବ ଏହା ନିଶ୍ଚିତ।

–ଡ.ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡା, ଜୟପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଛାତ୍ରୀଛାତ୍ରଙ୍କ ଶାରୀରିକ ସୁସ୍ଥତା, ମାନସିକ ସ୍ଥିରତା ଲାଗି ଯୋଗଶିକ୍ଷା ଜରୁରୀ

ବାଲିଅନ୍ତା,୧।୩(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ କୋମଲ ପ୍ଲେ ସ୍କୁଲର ୧୬ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପତଞ୍ଜଳିର ରାଜ୍ୟ ସଂଯୋଜକ ସୁଧାଂଶୁ ଶେଖର ଅଧିକାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶାରୀରିକ ସୁସ୍ଥତା ଓ ମାନସିକ ସ୍ଥିରତା ପାଇଁ ନୈତିକ ଓ ଯୋଗ ଶିକ୍ଷାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜଣାଶୁଣା ଲେଖକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନେ ଚରିତ୍ର ଗଠନ ଓ ଗୀତା ଭାଗବତ ପଠନ ଦିଗରେ ମନୋନିବେଶ କରି ଭଲ ମଣିଷଟିଏ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଊର୍ମି ପରିଡ଼ା ଯୋଗଦେଇ ଅଭିଭାବକମାନେ ପିଲାମାନଙ୍କ ପାଇଁ ଉଦାହରଣ ହୁଅନ୍ତୁ ଓ ସେମାନଙ୍କୁ ମୋବାଇଲଠାରୁ ଯଥାସମ୍ଭବ ଦୂରରେ ରଖନ୍ତୁ ବୋଲି କହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଅନ୍ୟତମ ଅତିଥିଭାବେ ଡ. ଗଗନ ବିହାରୀ ରାଉତ ଯୋଗଦେଇ ନିଜ ପିଲାଙ୍କୁ ସ୍ନେହ ଓ ମମତା ଦେଇ ବଢ଼ାନ୍ତୁ ବୋଲି କହିଥିଲେ। ଶେଷରେ ଛୋଟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବକୁ ଲିଲୁଶୀ ପ୍ରଧାନ, ସସ୍ମିତା ପାଣି, କରିଷ୍ମା ବେହେରା, ବୈଶାଖୀ ନାୟକ, ସସ୍ମିତା ମହାରଣା ଓ ଡଲି ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଯୁବପିଢ଼ି ଜଳବାୟୁ ସୁରକ୍ଷା କାର୍ଯ୍ୟରେ ସକ୍ରିୟ ଜଡ଼ିତ ହେବା ଜରୁରୀ




## 'ଓ' କାର୍ନିଭାଲ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୩(ବନ୍ଦନା ସେଠୀ)

ଯୁବପିଢ଼ିଙ୍କୁ ଜଳବାୟୁ ସୁରକ୍ଷା କାର୍ଯ୍ୟରେ ସକ୍ରିୟ ଭାବେ ଜଡ଼ିତ ହେବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରବିବାର ରେଡକ୍ରସ ଭବନରେ 'ଓ' କାର୍ନିଭାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ୍ ଓଡ଼ିଶା ତଥା ୟୁଥ୍ ଫର୍ ୱାଟର ପ୍ଲସ୍‌ର ପରାମର୍ଶଦାତା ସିପ୍ରା ସକ୍ସେନା ଯୋଗଦେଇ ଯୁବକୈନ୍ଦ୍ରିକ ଆନ୍ଦୋଳନ ଗଠନରେ ସହଭାଗୀ ସଂଗଠନମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଭବିଷ୍ୟତରେ ଯୁବକମାନେ ଜଳବାୟୁ କାର୍ଯ୍ୟର ନେତୃତ୍ୱ ନେବା ଓ ସହଯୋଗକୁ ଆହୁରି ଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ ବେହେରା ଯୋଗଦେଇ ଅନିୟମିତ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ଭିଜନ ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ ସରକାର ସହଭାଗୀ ସଂଗଠନ ଓ ଯୁବପିଢ଼ିଙ୍କ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଟାଟା ପାୱାର ଓଡ଼ିଶାର ସିଏସ୍ଆର୍ ମୁଖ୍ୟ ତଥା ୟୁଥ୍ ଫର୍ ୱାଟର ପ୍ଲସ୍‌ର ଅନ୍ୟତମ ପରାମର୍ଶଦାତା ପ୍ରଦୀପ ଘୋଷାଲ ଯୋଗଦେଇ ସହଭାଗୀତା ମାଧ୍ୟମରେ ଜଳବାୟୁ ମୁକାବିଲାର ଦୀର୍ଘକାଳୀନ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ ଉପସଚିବ ରମେଶ ଚନ୍ଦ୍ର ବେହେରା ଏନ୍ଏସ୍ଏସ୍ ଶିବିରରେ ପୁନଃବ୍ୟବହାର ଯୋଗ୍ୟ ସାମଗ୍ରୀ ବ୍ୟବହାର, ପ୍ଲାଷ୍ଟିକମୁକ୍ତ ପଦକ୍ଷେପ ଓ ଜୈବିକ ବ୍ୟାନର ବ୍ୟବହାର ଭଳି ଛୋଟ ପଦକ୍ଷେପମାନ ଦ୍ୱାରା ଜଳବାୟୁ ପରିଚାଳନା ପାଇଁ ନିଆଯାଉଥିବା ପଦକ୍ଷପ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି କହିଥିଲେ। ଗଞ୍ଜାମର ୟୁଥ୍ ଫର୍ ସୋସିଆଲ ଡେଭଲପମେଣ୍ଟର ସମ୍ପାଦକ ବିଭୁ ପ୍ରସାଦ ସାହୁ ସମ୍ପ୍ରଦାୟ-ଆଧାରିତ ଯୁବ ପଦକ୍ଷେପଗୁଡ଼ିକୁ ବିସ୍ତାର କରିବା ଓ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଜାରି ରଖିବାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଭୂମିକା ବିଷୟରେ ମତ ରଖିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ୟୁଥ୍ ଫର୍ ୱାଟର ପ୍ଲସ ପରାମର୍ଶଦାତା ତଥା ପାଣ୍ଟିସ ଫାଉଣ୍ଡେଶନର ସିଇଓ ଷ୍ଟାଲିନ ନାୟକଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା। ୟୁଥ ଫର୍ ୱାଟର ପ୍ଲସ ନିର୍ଦ୍ଦେଶକ ବ୍ଲୋରିନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳକଙ୍କୁ ଆକ୍ରମଣ ଘଟଣା: ୩ଦିନ ପରେ ବି ରୁଜୁ ହୋଇନି ମାମଲା

ପୁରୁଣା ଭୁବନେଶ୍ୱର,୧।୩(ସୁବାସ ଚନ୍ଦ୍ର ପ୍ରଧାନ)

ଲିଙ୍ଗରାଜ ଥାନା ଅନ୍ତର୍ଗତ ଡାକବଙ୍ଗଳା ଛକ ନିକଟରେ ଗାଡ଼ି ଧକ୍କାକୁ କେନ୍ଦ୍ରକରି ଗତ ଶୁକ୍ରବାର କେତେଜଣ ଯୁବକ ସଂଘବଦ୍ଧ ଭାବେ ଜଣେ ନାବାଳକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତେବେ ଅଭିଯୋଗକୁ ତିନିଦିନ ବିତିଯାଇଥିଲେ ମଧ୍ୟ ମାମଲା ରୁଜୁ ହୋଇନାହିଁ। ସୂଚନା ମୁତାବକ, ନାବାଳକ ଜଣଙ୍କ ବ୍ୟାଟେରିଚାଳିତ ଗାଡ଼ିଚଲାଇ ଯାଉଥିଲେ। ଏହି ସମୟରେ ଜଣେ ଯୁବକ ରାସ୍ତା ପାରି ହେଉଥିବା ବେଳେ ଗାଡ଼ିଟି ତାଙ୍କୁ ଧକ୍କା ଦେଇଥିଲା। ନାବାଳକ ଜଣକ କିଛିବାଟ ଗାଡ଼ିରେ ପଳାଇଥିଲେ। ଯୁବକ ଜଣକ ପିଛା କରି ନାବାଳକଙ୍କୁ ଅଟକାଇଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଯୁବକ ଜଣଙ୍କ ସହଯୋଗୀମାନଙ୍କୁ ଡାକି ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ଯୋଗୁ ନାବାଳକ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ଏନେଇ ନାବାଳକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗର ୩ଦିନ ପରେ ବି ଥାନାରେ ମାମଲା ରୁଜୁ ହୋଇ ନ ଥିବା ବେଳେ ଆକ୍ରମଣକାରୀଙ୍କୁ ମଧ୍ୟ ଗିରଫ କରାଯାଇ ନାହିଁ। ଏନେଇ ଥାନାଧିକାରୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ କହିଛନ୍ତି, ଉଭୟ ପକ୍ଷରୁ ଦୁଇଟି ଅଭିଯୋଗ ହୋଇଛି। ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣା ହେବା ନେଇ ସେମାନେ ପୋଲିସକୁ ସହମତି ଦେବାରୁ କୌଣସି ମାମଲା ରୁଜୁ କରାଯାଇନାହିଁ।

# କାହିଁକି ଏମିତି ହଉଲୋ...

## ୫ ନୂଆ ମ୍ୟୁଜିକ୍ ଅଡ଼ିଓ ରିଲିଜ୍




ମ୍ୟୁଜିକ୍ ଅଡ଼ିଓ ରିଲିଜ୍ ଅବସରରେ ଅତିଥିଙ୍କ ସହ କଣ୍ଠଶିଳ୍ପୀ ଓ ଅନ୍ୟମାନେ।

ଭୁବନେଶ୍ୱର,୨୮।୨ (ସୌମ୍ୟରଞ୍ଜନ ରାଉତ)

ରିସୋମ୍ ମ୍ୟୁଜିକ୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ୫ ନୂଆ ମ୍ୟୁଜିକ୍ ଅଡ଼ିଓ ରିଲିଜ୍ ଶନିବାର ସୂଚନା ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ରଜନୀ ରଞ୍ଜନ ଦାସଙ୍କ ରଚିତ ତଥା ଜେ. ଦାସଙ୍କ ନିର୍ଦ୍ଦେଶିତ 'ଧନ ରିଅଲି ଆଇ ଆମ୍ ଭେରି ସରି', 'ହେ ମୋର କଳା ଠାକୁର', 'ଜାପାନି ଅତର'ରେ ଉଦିତ୍ ମହାନ୍ତି କଣ୍ଠଦାନ କରିଥିବାବେଳେ ଓମ୍‌କାର ଲେଙ୍କାଙ୍କ ରଚିତ ଚନ୍ଦ୍ରଶେଖରଙ୍କ ନିର୍ଦ୍ଦେଶିତ 'କାହିଁକି ଏମିତି ହଉଲୋ', 'ତୋ ପାଇଁ ଖୋଲା ମୋର ଦିଲ୍ ଦରଜା'ରେ ଉଦିତ୍ ମହାନ୍ତିଙ୍କ ସହ ତୁଳସୀ ଦାସ କଣ୍ଠଦାନ କରିଛନ୍ତି। ଏହି ଅବସରରେ ଆୟୋଜିତ ଅଭୁଲା ଅଲିଭା ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପଲିତ୍, ଉଦିତ ମହାନ୍ତି, ତୁଳସୀ ମହାନ୍ତି, ଗାୟତ୍ରୀ, ଅକ୍ଷୟ ପ୍ରମୁଖ କଣ୍ଠଶିଳ୍ପୀ ଗୀତଗାଇ ଦର୍ଶକଙ୍କୁ ବିମୋହିତ କରିଥିଲେ। ଅତିଥି ଭାବେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଚେୟାରମ୍ୟାନ ସଂଗ୍ରାମ କେଶରୀ ପାଇକାରାୟ, ଦିବ୍ୟଯୁଗ ପରିବାରର ଚେୟାରମ୍ୟାନ ଦେବବ୍ରତ ନାୟକ, ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି, କାର୍ଟୁନିଷ୍ଟ ଅଶୋକ, ଓଡ଼ିଆ ଚଳଚ୍ଚିତ୍ର ସଂଳାପକାର ଡ. ରଜନୀ ରଞ୍ଜନ ଦାସ, ସମାଜିକ କର୍ମୀ ବିଭୂତି ବିହାରୀ ତ୍ରିପାଠୀ, ସମାଜିକ କର୍ମୀ ସୁବ୍ରତ ମହାନ୍ତି, ଚଳଚିତ୍ର ପ୍ରଯୋଜକ ରମେଶ ବାରିକ, ଅନୁଷ୍ଠାନ ପ୍ରତିଷ୍ଠାତା ଉଦିତ୍ ମହାନ୍ତି, ତୁଳସୀ ମହାନ୍ତି ଉପସ୍ଥିତ ଥିଲେ। ସୁଶାନ୍ତ କୁମାର ପଣ୍ଡା, ଭିଜୟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କବିତା ସଂକଳନ 'ବିଭୋର ବେଦନା' ଉନ୍ମୋଚିତ

ଭୁବନେଶ୍ୱର,୧।୩ (ସୌମ୍ୟରଞ୍ଜନ ରାଉତ)

ବ୍ଲାକ୍ ଇଗଲ୍ ବୁକ୍ସ ପକ୍ଷରୁ କବି ନିଳୟକାନ୍ତ ମହାପାତ୍ରଙ୍କ କବିତା ସଂକଳନ 'ବିଭୋର ବେଦନା' ଶନିବାର ରେଡ୍‌କ୍ରସ୍ ଭବନଠାରେ ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ଡ. ଗୌରହରି ଦାସ ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ କବି ଡ. ପ୍ରସନ୍ନ କୁମାର ମହାନ୍ତି ଯୋଗଦେଇ କହିଲେ, ଏକଦା ତରୁଣ ବୟସରେ ନିଳୟକାନ୍ତ ବେଶ୍ ପରିପକ୍ୱ ବୟସର କବିତା ଲେଖୁଥିଲେ। ଆଜି ମଧ୍ୟ ଠିକ୍ ସେହି ଧାରା ସେ ବଜାୟ ରଖିଛନ୍ତି। ନିରୁତା ଆବେଗ, ପ୍ରେମ ଓ ଈଶ୍ୱର ପ୍ରେମ ନିଳୟଙ୍କ କବିତାର ପ୍ରାଣ ବୋଲି ସେ ମତ ଦେଇଥିଲେ। ଡ. ଗୌରହରି ଦାସ କହିଲେ, ଜଣେ କେତେ ଲେଖିଛନ୍ତି ତାହା ବଡ଼ କଥା ନୁହେଁ, ବଡ଼ କଥା ହେଉଛି କବିତାରେ କ'ଣ ନୂଆ କଥା ଲେଖିଛନ୍ତି ବୋଲି ସେ କହିଥିଲେ। ନିଜ ଲେଖକୀୟ ବକ୍ତବ୍ୟରେ ନିଳୟକାନ୍ତ କହିଲେ, ଇଚ୍ଛା କରି ଲେଖିଲେ ତାହା ପଦ୍ୟ ହୋଇପାରେ, କବିତା ହୋଇ ନ ପାରେ। କବି ଶତ୍ରୁଜିତଙ୍କ ସଂଯୋଜନାରେ ବ୍ଲାକ୍ ଇଗଲ ବୁକ୍ସର ମୁଖ୍ୟ ଅଶୋକ ପରିଡ଼ା ଧନ୍ୟବାଦ ଦେଇଥିଲେ।

# କ୍ୟାନ୍‌ସର ସଚେତନତା ପାଇଁ ଗଣଦୌଡ଼




ଭୁବନେଶ୍ୱର, ୧।୩ (ବନ୍ଦନା ସେଠୀ)

କ୍ୟାନ୍‌ସର ସଚେତନତା ପାଇଁ କ୍ରିୟା ଫାଉଣ୍ଡେଶନ, ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଶନିବାର ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଶିଖରଚଣ୍ଡୀ ପାହାଡ ଛକଠାରୁ ଏହି ଗଣଦୌଡ଼ ବାହାରି ୭ କିମି ପର୍ଯ୍ୟନ୍ତ ଯାଇ ଲୋକଙ୍କ ମଧ୍ୟରେ କ୍ୟାନ୍‌ସର ନେଇ ସଚେତନତା ସୃଷ୍ଟି କରିଥିଲା। ଏଥିସହ ୩ କି.ମି. ଧରି ମନୋରଞ୍ଜନ ଦୌଡ଼ କରାଯାଇଥିଲା। ଦୌଡ଼ରେ ପ୍ରାୟ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରି କର୍କଟ ନିରାକରଣର ବାର୍ତ୍ତା ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ଅର୍ଜୁନ ପୁରସ୍କାରପ୍ରାପ୍ତ ଅଲିମ୍ପିକ୍ସ ଖେଳାଳି ରବି କୁମାର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ଡ. ଲଲାଟେନ୍ଦୁ ଷଡ଼ଙ୍ଗୀ ଯୋଗଦେଇ ଫାଉଣ୍ଡେଶନର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଓଡ଼ିଶାରେ ମହିଳା କର୍କଟ ନିରାକରଣ ଏବଂ ସଚେତନତା ସୃଷ୍ଟି ଦିଗରେ କ୍ରିୟା ଫାଉଣ୍ଡେଶନ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସେମାନେ କହିଥିଲେ। ସେହିପରି ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ଏମ୍ସର ବିକିରଣ କର୍କଟ ଚିକିତ୍ସା ବିଭାଗ ସହଯୋଗରେ 'ଡିୟର ଜିନ୍ଦେଗୀ' ଯୁବ ମହୋତ୍ସବର ଅନ୍ତିମ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଡାକ୍ତରୀ ଓ ନର୍ସିଂ ଛାତ୍ରୀଛାତ୍ରଙ୍କୁ ନେଇ ପୋଷ୍ଟର ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇଥିଲା। ଏହି ଅବସରରେ କର୍କଟ ସଚେତନତା ଭିତ୍ତିକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଫାଉଣ୍ଡେଶନ ଅଧ୍ୟକ୍ଷା ଲିଲି ଜେନାମଣି କୃତଜ୍ଞତା ଜଣାଇଥିଲେ।

# ଭାରସାମ୍ୟ ହରାଇ ବିଦ୍ୟୁତ୍‌ଖୁଣ୍ଟକୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ୍

ବାରଙ୍ଗ,୧।୩(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ପଞ୍ଚୁପାଳ ମଧୁସୂଦନପୁର ନିକଟରେ ଭାରସାମ୍ୟ ହରାଇ ବିଦ୍ୟୁତ୍‌ଖୁଣ୍ଟକୁ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଛି। ସୌଭାଗ୍ୟବଶତଃ ବିଦ୍ୟୁତ୍ ଖୁଣ୍ଟ ପାଇଁ ଗାଡ଼ିଟି କେନାଲ ମଧ୍ୟକୁ ପଶି ନପାରି କେନାଲ ପାର୍ଶ୍ୱକୁ ଝୁଲି ରହିଛି। ଏଥିରେ ଚାଳକ ବର୍ତ୍ତି ଯାଇଥିବା ବେଳେ ଆହତ ହୋଇଛନ୍ତି। ସେହେଲେ ତେଲେଙ୍ଗାପେଣ୍ଠ ଅଞ୍ଚଳର ଉମାକାନ୍ତ ଖୁଣ୍ଟିଆ। ଏହି ଦୁର୍ଘଟଣାରେ ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରବିବାର ଅପରାହ୍ନ ପ୍ରାୟ ୩ଟାରେ ପଞ୍ଚୁପାଳ ନିକଟ ମଧୁସୂଦନପୁର ପୁରୀ ମୁଖ୍ୟ କେନାଲ ବନ୍ଧରେ ଏକ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତ ଗତିରେ ଆସୁଥିଲା। ଏହି ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ବନ୍ଧ କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହେଉଥିବା ବେଳେ ଚାଳକ ଉମାକାନ୍ତ ଆହତ ହୋଇଛନ୍ତି।


## ଆବଶ୍ୟକ

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।


# ପୂଜ୍ୟପୂଜା ସମାରୋହ: ୭୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ



ପୁରୁଣା ଭୁବନେଶ୍ୱର,୧।୩ (ସୁବାସ ଚନ୍ଦ୍ର ପ୍ରଧାନ)

ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଇଟିପୁର ପଞ୍ଚାୟତର ଡିହପୁର ଦୟାନଦୀ ପଠାରେ ରବିବାର ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ଭୁବନେଶର ମହାନଗର ନିଗମ ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିଶୁପାଳଗଡ ଲିଙ୍ଗିପୁର ଭଳି ୬ଟି ପଞ୍ଚାୟତ ଓ ମ୍ୟୁନିସିପାଲିଟି ଅଞ୍ଚଳର ୭୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଏହି ସମାରୋହରେ ସେମାନଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶିବିର ହୋଇଥିଲା। ଅନ୍ୟତମ ଅତିଥିଭାବେ ହାସ୍ୟ ଅଭିନେତା ପପୁ ପମ୍‌ପମ୍, ନୟାଗଡ଼ ଜିଲା ପୂର୍ବତନ ଜିଲାପାଳ ରବୀନ୍ଦ୍ର ସାହୁ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର ଯୋଗଦେଇଥିଲେ। ପରିଷଦର ସଭାପତି ବୃନ୍ଦାବନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ଅକ୍ଷୟ ସ୍ୱାଇଁ ସଂଯୋଜନା କରିଥିଲେ। ସମ୍ପାଦକ ଅରୁଣ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସୁମନ୍ତ କୁମାର ସୁବୁଦ୍ଧି, ଡ.ଚିନ୍ମୟ ବଡ଼ଜେନା, ବୈଶାଳିନୀ ପଟ୍ଟନାୟକ, ସବିତା ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୀରେ ଶାମୁକା ପ୍ରକଳ୍ପ, କ୍ରୁଜ୍ ଟୁରିଜମ୍

## ହୋଟେଲ, ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ ଓଡ଼ିଶାର ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟମାନେ ।

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ପର୍ଯ୍ୟଟନର ବିକାଶ ପାଇଁ ୪ ଦଶନ୍ଧି ଧରି ଉତ୍ସର୍ଗୀକୃତ ସେବାକୁ ମନେ ପକାଇ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ୪୦ତମ ପ୍ରତିଷ୍ଠା ଦିବସ ରବିବାର ପୁରୀସ୍ଥିତ ହଲିଡେ' ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ପୁରୀ କିମ୍ବା ଗୋପାଳପୁରରେ ଡିଜ୍‌ନି ୱାର୍ଲ୍ଡ ପାଇଁ ପ୍ରସ୍ତାବ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନ ଯୋଜନା କରୁଥିବା ନେଇ ମତପ୍ରକାଶ ପାଇଛି।

ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ପୁରୀରେ ୧୫୦୦ ଏକର ଜମିରେ ଶାମୁକା ପ୍ରକଳ୍ପ ହେବା ସହ ସେଠାରେ କ୍ରୁଜ୍ ଟୁରିଜମ୍ ହେବ। ଶାମୁକା ପ୍ରକଳ୍ପ ହେଲେ ଏକ ନୂଆ ସହର ସୃଷ୍ଟି ହେବ। ଏହାଦ୍ୱାରା କେବଳ ପୁରୀ ନୁହେଁ, ସମଗ୍ର ଓଡ଼ିଶାରେ ପର୍ଯ୍ୟଟନର ଦ୍ରୁତ ଅଭିବୃଦ୍ଧି ହେବ ବୋଲି ସେ କହିଛନ୍ତି। ସଂଘ ଯେଉଁସବୁ ଦାବି କରିଆସୁଥିଲା ତାହାଠାରୁ ଅଧିକ ଯଥେଷ୍ଟ ରାଜ୍ୟ ସରକାର ନୂତନ ପର୍ଯ୍ୟଟନ ପଲିସିରେ ବ୍ୟବସ୍ଥା କରିଛନ୍ତି। ପର୍ଯ୍ୟଟନ ପାଇଁ ବଜେଟରେ ୧୦୦୦ କୋଟିର ବ୍ୟବସ୍ଥା ହୋଇଛି। ଓଡ଼ିଶାରେ ପର୍ଯ୍ୟଟନର ବିକାଶ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ନୀତି ହୋଟେଲିୟରଙ୍କ ପାଇଁ ସହାୟକ ହୋଇଥିବା ଅନୁଷ୍ଠିତ ବୈଠକରେ ମତପ୍ରକାଶ ପାଇଛି। ଉତ୍ସବରେ ଅନ୍ୟତମ ଅତିଥି ଭାବେ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ହାରୋର ସଭାପତି ଜେ.କେ. ମହାନ୍ତି, ଉପସଭାପତି ରାଜକିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ହାରୋ ପକ୍ଷରୁ ସରକାରଙ୍କ ନିକଟରେ କରାଯାଇଥିବା ସମସ୍ତ ଦାବିକୁ ସରକାର ହୃଦୟଙ୍ଗମ କରି ପର୍ଯ୍ୟଟକଙ୍କ ସୁବିଧା ପାଇଁ କାର୍ଯ୍ୟ କରିଥିବା କହିଥିଲେ। ପୁରୀରେ ସିନେମା ହଲ୍ ପ୍ରତିଷ୍ଠା ସହ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବିକାଶ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ବଡ଼ଧରଣର ଥିମ୍ ପାର୍କ ଏବଂ ସମନ୍ୱିତ ମନୋରଞ୍ଜନ ସ୍ଥାନଗୁଡ଼ିକର ବିକାଶ କରାଯିବ। ୱାର୍ଲ୍ଡ ଡିଜ୍‌ନି କମ୍ପାନୀ ଏବଂ ୟୁନିଭର୍ସାଲ୍ ଷ୍ଟୁଡିଓ ଭଳି ବିଶ୍ୱସ୍ତରୀୟ ନେତାଙ୍କଠାରୁ ପ୍ରେରଣା ନେଇ ଆସୋସିଏଶନ ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ମେଗା ଥିମ୍ ପାର୍କ ପ୍ରତିଷ୍ଠା ପାଇଁ ଏକ ରଣନୈତିକ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି।

ଏହି ଅବସରରେ ହାରୋର ପ୍ରତିଷ୍ଠାତା ସଦସ୍ୟ ଓ ସେମାନଙ୍କ ପରିବାର ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ମାତ୍ର ୧୯ ଜଣ ହୋଟେଲିୟରଙ୍କୁ ନେଇ ଆରମ୍ଭ ହୋଇଥିବା ହାରୋ ସଦସ୍ୟ ସଂଖ୍ୟା ବର୍ତ୍ତମାନ ୩୮୮ରେ ପହଞ୍ଚିଛି। ଶାମୁକା ପ୍ରକଳ୍ପ ତଥା ନୂଆ ପର୍ଯ୍ୟଟନ ପଲିସି ଦ୍ୱାରା ରାଜ୍ୟରେ ହୋଟେଲ ଓ ଆବଶ୍ୟକ ରୁମ୍ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ। ଏହି ଅବସରରେ ହାରୋର ସଭାପତି ମହାନ୍ତି କହିଛନ୍ତି, ହାରୋ ଆଜି ଏକ ନୂଆ ସ୍ୱପ୍ନ ଦେଖୁଛି। ଶାମୁକାରେ ଯଦି କ୍ରୁଜ୍ ଟର୍ମିନାଲ ହେଲା, ତେବେ ଡିଜ୍‌ନି ୱାର୍ଲ୍ଡ ଭଳି ପ୍ରୋଜେକ୍ଟ ଆଣିହେବ। ଏଥିପାଇଁ ୫୦୦ରୁ ୬୦୦ ଏକର ଜମିର ଆବଶ୍ୟକତା ରହିଛି। ସରକାରଙ୍କ ପାଖରେ ଜାଗା ଅଛି। ଶିଳ୍ପପତିମାନେ ସମସ୍ତ ସହଯୋଗ କରିବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।

ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) :2,05,000.00

ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 17.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-1173/Q/25-26


# ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ

ଭୁବନେଶ୍ୱର,୨୮।୨(ସୁଚିସ୍ମିତା ସାହୁ)

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଶନିବାର ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ବିଜ୍ଞାନରେ ମହିଳା : ବିକଶିତ ଭାରତର ଅନୁପ୍ରେରକ' ଉପରେ ସେ ତଥ୍ୟଭିତ୍ତିକ ବକ୍ତବ୍ୟ ରଖି ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ପ୍ରତି ଆକୃଷ୍ଟ କରିଥିଲେ। ଏକାଡେମୀ ସଚିବ ଶିବାନୀ ମହାନ୍ତି ସଭାପତିତ୍ୱ କରି ରାଜ୍ୟରେ ବିଜ୍ଞାନ ଶିକ୍ଷାର ପ୍ରସାର କ୍ଷେତ୍ରରେ ଓଡ଼ିଶା ବିଜ୍ଞାନ ଏକାଡେମୀର ଭୂମିକା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ବିଭାଗର ଅନୁଶାସନ ସଚିବ ପଦ୍ମଲୋଚନ ଦାସ ଏବଂ ସହଉପବିଭାଗ ଅଧିକାରୀ ଜ୍ୟୋତ୍ସ୍ନା ନନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ଏକାଡେମୀ ଦ୍ୱାରା ପ୍ରକାଶିତ 'ବିଜ୍ଞାନ ଦିଗନ୍ତ' ଓ 'ସାଇନ୍ସ ହରାଇଜନ' ପତ୍ରିକା ବଣ୍ଟନ କରାଯାଇଥିଲା। ଏଥିସହ ଏକାଡେମୀ ପକ୍ଷରୁ ପ୍ରବନ୍ଧ, ତର୍କ, କୁଇଜ ଓ ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତାର କୃତୀ ୧୩ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


GOVERNMENT OF ODISHA — No.25001/263/2526

OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE

e-Procurement for Building Works

Bid Identification No. : EERWJYP-Online -14/2025-26

Letter No.1283 — Date : 23.02.2026

01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : "B" & "C" Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. : Any Addendum or Corrigendum will be available in the Website only.

Sd./- Executive Engineer,
Rural Works Division, Jeypore

OIPR-25001/25160/1/25-26/0004

**'ବଞ୍ଚିବାକୁ ଏଠି ଡର ଲାଗୁଛି' ନାଟକ ମଞ୍ଚସ୍ଥ**

ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ସାହାଡ଼ା ପଦା ଗ୍ରାମରେ, ସାହାଡ଼ାପଦା ଯୁବ ନାଟ୍ୟ ସଂସଦ ଆନୁକୂଲ୍ୟରେ ଗ୍ରାମାଞ୍ଚଳ ପ୍ରତିଭାଙ୍କୁ ନେଇ ଏକ ପାରିବାରିକ ସାମାଜିକ ନାଟକ 'ବଞ୍ଚିବାକୁ ଏଠି ଡର ଲାଗୁଛି' ଶନିବାର ମଞ୍ଚସ୍ଥ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିବା ସହ ଆଧୁନିକ ଯୁଗରେ ହଜିଯାଉଥିବା ଏହି ଗ୍ରାମାଞ୍ଚଳ କଳାକୁ ବଞ୍ଚାଇ ରଖିବା ସହିତ ପ୍ରତିବର୍ଷ ଏହିଭଳି କାର୍ଯ୍ୟକ୍ରମ କରିବାକୁ ଉପଦେଶ ଦେଇଥିଲେ। ଏହାଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ରହିବା ସହ ମନୋରଞ୍ଜନର ଏକ ମାଧ୍ୟମ ହୋଇପାରିବ ବୋଲି ମୁଖ୍ୟ ଅତିଥି ପାଢ଼ୀ କହିଥିଲେ।

# ୨ ବର୍ଷ ପୂରିଲା : ୩ ପଞ୍ଚାୟତକୁ ମିଳୁନାହିଁ ମୁଖ୍ୟମନ୍ତ୍ରୀ ବସ୍ ସେବା

ତାଳବସ୍ତ, ୧୩
(ସୁବ୍ରତ କୁମାର ନାୟକ)

ତତ୍କାଳୀନ ରାଜ୍ୟ ସରକାରଙ୍କ ଲକ୍ଷ୍ମୀବସ ସେବାକୁ ଫେବୃଆରୀ ୨୭ରେ ୨ ବର୍ଷ ପୂରିଛି। ରାଜ୍ୟ ସରକାର ଏହାର ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ୍ ସେବା ରଖିଛନ୍ତି। ମାତ୍ର ଏହାର ଲାଭ ବାଙ୍କୀ ଉପଖଣ୍ଡର ତାଳବସ୍ତ, ଦୁଲଣାପୁର ଏବଂ ଗୋବିନ୍ଦପୁର ପଞ୍ଚାୟତକୁ ମିଳିପାରୁନାହିଁ। ଏହି ୩ ପଞ୍ଚାୟତର ଯାତ୍ରୀଙ୍କ ସୁବିଧା ପାଇଁ ସଂଯୋଗ କରୁଥିବା ୨୦ କିଲୋମିଟର ଗ୍ରାମ୍ୟରାସ୍ତା ସାମନ୍ତରାପୁର ପର୍ଯ୍ୟନ୍ତ ଗୋଟିଏ ବସ୍ ଶୁଭାରମ୍ଭ କରାଯାଇଥିଲା। ଫଳରେ ଡମପଡ଼ାଠାରୁ ସାମନ୍ତରାପୁର ପର୍ଯ୍ୟନ୍ତ ପ୍ରାୟ ଦଶ କିଲୋମିଟର ରାସ୍ତାରେ ଥିବା ୩ ପଞ୍ଚାୟତର ୧୦ ଗ୍ରାମର ସାଧାରଣ ଜନତା ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଞ୍ଚିତ ହେଉଛନ୍ତି। ଏହି ରୁଟ୍ ପାଇଁ ଚାଲୁଥିବା ବସ୍‌ଟି କେବଳ ଡମପଡ଼ା ପର୍ଯ୍ୟନ୍ତ ଆସି ପୁନର୍ବାର ଅନ୍ୟ ରୁଟ୍ ଗୋଡ଼ିସାହି ସିଆଇଏସ୍‌ଏଫ୍ ଅଞ୍ଚଳକୁ ଫେରିଯାଉଛି। ବସ୍ ରହିଣି ପାଇଁ ତିଆରି ହୋଇଥିବା ବସ୍‌ଷ୍ଟାଣ୍ଡଗୁଡ଼ିକ ମଧ୍ୟ ନଷ୍ଟ ହେବାରେ ଲାଗିଛି।

ଏହି ବାଟ ଉପରେ ବାଙ୍କୀ ମହାବିଦ୍ୟାଳୟ, କଚେରି, ତହସିଲ, ବଜାର ଓ ବ୍ଲକର ଶତାଧିକ ଲୋକ ନିର୍ଭରଶୀଳ। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋବିନ୍ଦପୁର ପଞ୍ଚାୟତର କୁସୁନ୍ଦା, ତାଳବସ୍ତ ପଞ୍ଚାୟତର କୃଷ୍ଣପଲ୍ଲୀ ଛକ ଏବଂ ଦୁଲଣାପୁର ପଞ୍ଚାୟତର ଅରପୁର ଗ୍ରାମରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୪ଲକ୍ଷ ୧୧ହଜାର ୮୦୦ ଟଙ୍କା (ପ୍ରତି ବସ୍‌ଷ୍ଟାଣ୍ଡ ପିଛା ୪ ଲକ୍ଷ ୭୦ ହଜାର ଛଅ ଶହ ଟଙ୍କା)ବ୍ୟୟରେ ତିନୋଟି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ମାତ୍ର ବସ୍ ଚାଲୁ ନଥିବାରୁ ବସ୍‌ଷ୍ଟାଣ୍ଡଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ କ୍ଷତିଗ୍ରସ୍ତ ହୋଇଗଲାଣି। ସେଠାରେ ଲାଗିଥିବା ବିଦ୍ୟୁତ୍ ସରଞ୍ଜାମଗୁଡ଼ିକ ଚୋରି ହୋଇଗଲାଣି। କୁସୁନ୍ଦାସ୍ଥିତ ବସ୍‌ଷ୍ଟାଣ୍ଡରେ ବାହାରୁ ତାର ବାଉଁଶ ବାଡ଼ ଦିଆଯାଇଛି। ସେଠାରେ ବୁଲା ଗୋରୁଙ୍କ ରାତ୍ରିଯାପନ ପାଇଁ ଆଶ୍ରୟସ୍ଥଳୀ କରାଯାଇଛି।

ଅରପୁର ବସ୍‌ଷ୍ଟାଣ୍ଡକୁ ଗ୍ରାମ୍ୟ ଯୁବକ ସଂଘ ତାହାର ବାର୍ଷିକ ପୂଜା ପାର୍ବଣ, ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର କରୁଛି। ଚେକ ଗେଟ ଛକରେ ଥିବା ବସ୍‌ଷ୍ଟାଣ୍ଡରେ ଅସ୍ଥାୟୀ ଦୋକାନ ଗୋଦାମ ଘର ସହ ସାଇକେଲ, ବାଇକ୍ ପାର୍କିଂ କରାଯାଉଛି। ସନ୍ଧ୍ୟା ହେଲେ ସେହି ସ୍ଥାନ ନିଶାଗ୍ରସ୍ତଙ୍କ ଆଡ୍ଡାସ୍ଥଳ ପାଲଟୁଛି।

ଏ ସମ୍ପର୍କରେ ବାଙ୍କୀ ଡମପଡା ବ୍ଲକ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଦାସ, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଦୃଷ୍ଟିଆକର୍ଷଣ କରିବାରେ କହିଛନ୍ତି ଯେ, ଖୁବଶୀଘ୍ର ବିଭାଗ ସହ ଯୋଗାଯୋଗ କରି ବସ୍ ଚାଳିବା ପାଇଁ ବ୍ୟବସ୍ଥା କରାଯିବ। ବାଙ୍କୀ ପ୍ରଶାସନର ନୀରବତା ଯୋଗୁ ଲୋକେ ବସ୍ ସେବାରୁ ବଞ୍ଚିତ ହେଉଛନ୍ତି ବୋଲି ସାମାଜିକ କର୍ମୀ ବିଶ୍ୱ ରଞ୍ଜନ ସ୍ୱାଇଁ କହିଛନ୍ତି।

## ଏମାନେ କୁହନ୍ତି...

### ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି



ବହୁତ କର୍ମଜୀବୀ ସ୍ଥାନୀୟ ଅଞ୍ଚଳରୁ କଳାପଥର ବୈଦେଶ୍ୱର ପ୍ରତିଦିନ ଯାଉଛନ୍ତି । ଏହି ରୁଟରେ ବସ୍ ଚାଲିଲେ ସୁବିଧାରେ ବାଙ୍କୀ ଯାଇ ପଶ୍ଚିମ ବାଙ୍କୀ ରୁଟର ମୁଖ୍ୟମନ୍ତ୍ରୀବସ୍‌କୁ ଧରି ହୁଅନ୍ତା। ମାତ୍ର ବିଲିପଡା ରାସ୍ତାରେ ବାଇକ୍ ଯାଉଥିବାରୁ ଅଧିକା ଖର୍ଚ୍ଚାନ୍ତ ହେବାକୁ ପଡୁଛି

**-ମମତା ଜେନା, ଅଧ୍ୟାପିକା, କଳାପଥର ମହାବିଦ୍ୟାଳୟ**

### ୫ ଗ୍ରାମର ଲୋକଙ୍କୁ ମିଳିବ ବସ୍ ସେବା



ପଦନପୁର,ସାମନ୍ତରାପୁର ପର୍ଯ୍ୟନ୍ତ ଗାଡି ଚାଲିଲେ, ଏଠାକାର ୫ଟି ଗ୍ରାମର ଲୋକ ବସ୍ ସେବା ପାଇପାରିବେ। ସରକାର ଏଥିପ୍ରତି ଦୃଷ୍ଟି ଦେଇ ରୁଟରେ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରନ୍ତୁ

**-ଗୋବର୍ଦ୍ଧନ ଭୋଇ, ରାଉତରାପୁର ସାମାଜିକ କର୍ମୀ**

### ଗରିବ ମେଧାବୀ ଛାତ୍ରୀଛାତ୍ର ଉପକୃତ ହୁଅନ୍ତେ



ଉପରୋକ୍ତ ୩ ପଞ୍ଚାୟତର ପଚାଶରୁ ଊର୍ଦ୍ଧ୍ୱ ପୁଅ ଝିଅ ବାଙ୍କୀ କଲେଜରେ ପଢୁଛନ୍ତି। ଏଥିପାଇଁ ପ୍ରତିଦିନ ସାଇକେଲରେ ୨୦ କିଲୋମିଟର ଯାତାୟାତ କରିବାକୁ ପଡୁଛି। ଗାଁ ଦେଇ ମୁଖ୍ୟମନ୍ତ୍ରୀ ବସ୍ ଚାଲିଲେ ବହୁ ଗରିବ ମେଧାବୀ ଛାତ୍ରଛାତ୍ରୀ ଉପକୃତ ହୋଇପାରନ୍ତେ।

**-କୁମାରୀ ଅନୁ ବାରିକ, ଯୁକ୍ତ ୩ ପ୍ରଥମ ବର୍ଷ କଳା, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ**

### ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ମିଳୁ ବସ୍ ସେବା



ତତ୍କାଳୀନ ସରକାର ସମୟରେ ଲକ୍ଷ୍ମୀବସ ଚଳେଇବା ପାଇଁ ତାଳବସ୍ତ ପଞ୍ଚାୟତରୁ ୨ଜଣ ମହିଳା ନିୟୋଜିତ ହୋଇଥିଲେ। ତେଣୁ ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ବନ୍ଦ ରହିଥିବା ବସ୍‌ଟି ଚାଲିଲେ ବହୁତ ଲୋକ ଉପକୃତ ହେବେ।

**-ଅକ୍ଷୟ କୁମାର ବେହେରା, ସଭାପତି, ତାଳବସ୍ତ ସେବା ସମବାୟ ସମିତି**

## ସଂକ୍ଷେପରେ

### ବଳରାମ ମିଶ୍ର, କେଶବ ମହାନ୍ତି ପାଇବେ ଶରତ ଚନ୍ଦ୍ର ସ୍ମୃତି ସମ୍ମାନ

କଟକ,୧୩(କାର୍ତ୍ତିକ ସାହୁ): ପ୍ରାଣୀ ବିକାଶ ସମିତି କଟକ ଶାଖା ପକ୍ଷରୁ ଆଗାମୀ ଏପ୍ରିଲ ୨୫ ତାରିଖରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଖପୁରିଆସ୍ଥିତ ହିମିକୃତ ଶୁକ୍ର ଭଣ୍ଡାରର ପ୍ରଶିକ୍ଷଣ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବଳରାମ ମିଶ୍ର ଏବଂ କେଶବ ଚନ୍ଦ୍ର ମହାନ୍ତିଙ୍କୁ ଶରତ ଚନ୍ଦ୍ର ସ୍ମୃତି ସମ୍ମାନ ପ୍ରଦାନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମିତିର ଅଧ୍ୟକ୍ଷ ବିଜୟ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ କରି ନୂତନ ସଦସ୍ୟ ଜଗନ୍ନାଥ ନନ୍ଦ ଏବଂ ଦିଲୀପ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମିତିର ସମ୍ପାଦକ କେଶବ ଚନ୍ଦ୍ର ମହାନ୍ତି ବିବରଣୀ ପାଠ କରିଥିଲେ। ସମିତିର ରାଜ୍ୟ ଯୁଗ୍ମସମ୍ପାଦକ ପି. କେ. ଦାସ ଆଗାମୀ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମିତିର ରାଜ୍ୟ ସମ୍ପାଦକ ବୀରକିଶୋର ପରିଡ଼ା ରାଜ୍ୟ ପ୍ରାଣୀ ସମ୍ପଦ ବିକାଶ ସମିତିର ଅଗ୍ରଗତି ନେଇ ସୂଚନା ଦେବା ସହ ସମିତିର ସଦସ୍ୟ ସଂଖ୍ୟା ବୃଦ୍ଧି, ନୂତନ ସମିତି ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ କୋଷାଧ୍ୟକ୍ଷ ବିଚିତ୍ରାନନ୍ଦ ସାହୁ ଏବଂ ଅଡିଟର ପ୍ରଭାତ କୁମାର ସାହୁ ସଭା ପରିଚାଳନା କରିଥିଲେ। ବରିଷ୍ଠ ପ୍ରାଣୀ ଚିକିତ୍ସକ ତଥା ସ୍ପୋର୍ଟସ୍‌ମ୍ୟାନ ବିବେକାନନ୍ଦ ତ୍ରିପାଠୀ, ବଳରାମ ମିଶ୍ର, ମାନସ ରଞ୍ଜନ ମହାପାତ୍ର, ଅଶ୍ୱିନୀ ନାୟକ, ସତ୍ୟପ୍ରିୟ ଦାସ, ପୁରୁଷୋତ୍ତମ ପ୍ରଧାନ, ପତିତପାବନ ବଳ, ରମେଶ ବାରିକ ଏବଂ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମା' ବ୍ରହ୍ମେଇ ଠାକୁରାଣୀଙ୍କ ନୂତନ ପରିଚାଳନା କମିଟି ଗଠିତ

ବାଙ୍କୀ,୧୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ସାହାଡାପଦାସ୍ଥ ମା' ବ୍ରହ୍ମେଇ ଠାକୁରାଣୀଙ୍କ ଏକ ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ବାଙ୍କୀ ଅଞ୍ଚଳର ଏହି ପୁରାତନ ଐତିହ୍ୟସମ୍ପନ୍ନ ଠାକୁରାଣୀଙ୍କ ପୀଠରେ ବହୁ ଜନସମାବେଶ ହେବା ସହ ଏଠାରେ ବିବାହ, ବ୍ରତଘର ଓ ବନ୍ଧୁମିଳନ ଆଦି ଉତ୍ସବ ହୋଇଆସୁଛି। ଚଳିତବର୍ଷ ପରିଚାଳନା କମିଟିରେ ସୁବାସ ଚନ୍ଦ୍ର ପାଢ଼ୀ ସଭାପତି, ସତ୍ୟନାରାୟଣ ସାହୁ ସାଧାରଣ ସମ୍ପାଦକ, ସନ୍ତୋଷ କୁମାର ରଣା ସହସମ୍ପାଦକ ଓ ସୁଦର୍ଶନ ପାଢ଼ୀ କୋଷାଧ୍ୟକ୍ଷ ଭାବେ ଚଳିତବର୍ଷ ପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ କୌଶିକ ନାୟକ, ପ୍ରବୋଧ ଚନ୍ଦ୍ର ମହାପାତ୍ର, ପ୍ରଦୀପ କୁମାର ପୃଷ୍ଟି ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ।

## ଡାଳିଯୋଡ଼ା ସାହିତ୍ୟ ସଂସଦ ବାର୍ଷିକୋତ୍ସବ

ଚୌଦ୍ୱାର,୧୩(ଆଶୁତୋଷ ଦାସ):

ଚୌଦ୍ୱାରସ୍ଥିତ ଡାଳିଯୋଡ଼ା ସାହିତ୍ୟ ସଂସଦର ୩୫ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୭ନଂ. ୱାର୍ଡସ୍ଥିତ ରୋଟାରୀ ଭବନରେ କେ. ସି. ପ୍ରତାପସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଇଂ. ରଶ୍ମିରଞ୍ଜନ ରାୟ, ସମ୍ମାନିତ ଅତିଥିଭାବେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ଡ. ଉତ୍ତମ ଚରଣ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗୌତମ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ଓ ସମ୍ପାଦକ ବୈକୁଣ୍ଠ ନାଥ ତାରେଣିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା ସ୍ମୃତିସମ୍ମାନ ଶରତ ଚନ୍ଦ୍ର ଖୁଣ୍ଟିଆଙ୍କୁ ଦିଆଯାଇଥିବା ବେଳେ ସ୍ୱର୍ଗତ ସଦାନନ୍ଦ ସାହୁ ସ୍ମୃତି ପୁରସ୍କାର କ୍ଷଣାପ୍ରଭା ସେଣଙ୍କୁ ଓ ଡାଳିଯୋଡ଼ା କବିରତ୍ନ ପୁରସ୍କାର ସସ୍ମିତା ଭୋଳଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କବିତା ପାଠ କରାଯାଇଥିଲା। କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁକାନ୍ତ କୁମାର ସାହୁ ସଂଯୋଜନା କରିଥିଲେ। ମନୋଜ କୁମାର ସ୍ୱାଇଁ, ବିଶ୍ୱକଲ୍ୟାଣ ଦାସ ଉତ୍ସବ ପରିଚାଳନା କରିଥିବା ବେଳେ ଶୈଳେନ୍ଦ୍ର କୁମାର ମୁଖୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନକୁ ବ୍ୟବହାର କରି ସମୃଦ୍ଧ ହେଉଛନ୍ତି ମହିଳା

### ଜାତୀୟ ବିଜ୍ଞାନ ଦିବସ ପାଳିତ

ଆଠଗଡ଼./ବଡମ୍ବା,୧୩
(ସତ୍ୟ ପ୍ରସାଦ ରଥ/ମାୟାଧର ମଲ୍ଲିକ):




ଜାତୀୟ ବିଜ୍ଞାନ ଦିବସରେ ଆଠଗଡ଼ରେ ଯୋଗଦେଇଥିବା ଅତିଥିମାନେ।

ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କନ୍ଦରପୁର ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଫ୍ରେଣ୍ଡସ କ୍ଲବ ଓ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଅଧୀନରେ ଥିବା ମୋ ଭାରତ ସଂଗଠନ, କଟକ ଜିଲା ଶାଖା ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ଫ୍ରେଣ୍ଡସ କ୍ଲବ ସଭାପତି ପ୍ରିୟବ୍ରତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ସାମାଜିକ କର୍ମୀ ପ୍ରଭାକର ପତ୍ରୀ, ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାକର ସାହୁ, ସମ୍ମାନିତ ଅତିଥିଭାବେ ଶିକ୍ଷୟିତ୍ରୀ ସବିତା ନାଏକ, ନିର୍ମଳା କେରକେଟା, ସୁନୀତା ବିଲୁଙ୍ଗ, ଗାୟତ୍ରୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା, କୃତ୍ରିମ ବୁଦ୍ଧିମତ୍ତା, ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ଜୀବନୀ ଉପରେ ଆଲୋକପାତ ଓ ଜାତୀୟ ବିଜ୍ଞାନ ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋଚନ କରିଥିଲେ। ଏଥିସହିତ କିଭଳି ଦେଶର ମହିଳା ବିଜ୍ଞାନ ଦ୍ୱାରା ନିଜକୁ ସମୃଦ୍ଧ କରିବା ସହ ବିକଶିତ ଭାରତକୁ ତ୍ୱରାନ୍ୱିତ କରିଛନ୍ତି ସେ ବିଷୟରେ ଦୃଷ୍ଟାନ୍ତ ପ୍ରଦାନ କରିଥିଲେ। ସ୍ଥାନୀୟ ଯୁବତୀଯୁବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା, ସାଧାରଣ ଜ୍ଞାନ ସହ କୁଇଜ ପ୍ରତିଯୋଗିତା କରାଯାଇଥିଲା। ସଭା ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ସେହିପରି ବଡ଼ମ୍ବା ପ୍ରାଣଯୋଗ ପ୍ରତିଷ୍ଠାନ ଆନୁକୂଲ୍ୟରେ କଚେରୀ ପଡ଼ିଆସ୍ଥିତ କର ବିଜ୍ଞାନ ଓ ବୈଷୟିକ ଏକାଡେମୀ ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସୁବାଷ ଚନ୍ଦ୍ର ଆଶ, ସମ୍ମାନିତ ଅତିଥି ଭାବେ ରସାୟନ ବିଭାଗ ର ଅଧ୍ୟାପକ ଶଶୀ କାନ୍ତ ଦାସ, କର ଏକାଡେମୀ ଅଧ୍ୟକ୍ଷ ବିଭୁଦତ ବେହେରା ଯୋଗଦେଇଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟ ପ୍ରବୀଣା ମହାନ୍ତି ସଭା ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଆଦର୍ଶ ଯୁବ ପରିଷଦକୁ ରକ୍ତଦାତା ସମ୍ମାନ

ବାଙ୍କୀ,୧୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ଅଞ୍ଚଳର ବିଭିନ୍ନ ଗ୍ରାମରେ ରକ୍ତଦାନ ଶିବିର ଆୟୋଜନ କରିବାରେ ପ୍ରମୁଖ ସ୍ଥାନ ଅଧିକାର କରିଛି। ଏହି ପରିପ୍ରେକ୍ଷୀରେ ଢଁସରସ୍ଥ ସବୁଜବାହିନୀ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରେ ଆଦର୍ଶ ଯୁବପରିଷଦକୁ ଶ୍ରେଷ୍ଠ ରକ୍ତଦାତା ଅନୁଷ୍ଠାନ ଭାବେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥିଭାବେ ବିବେକାନନ୍ଦ ଷ୍ଟଡି ସର୍କଲର ପ୍ରତିଷ୍ଠାତା ରମାକାନ୍ତ ପଣ୍ଡା, ସମ୍ମାନିତ ଅତିଥିଭାବେ ଅବିନାଶ ପଟ୍ଟନାୟକ, ସୁରେନ୍ଦ୍ର କୁମାର ପଣ୍ଡା, ସନ୍ତୋଷ କୁମାର ଜେନା ଓ ପ୍ରୀତିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପରିଷଦର ଆବାହକ ଅକ୍ଷୟ କୁମାର ସାମଲ, ସଦସ୍ୟ ମନୋଜ କୁମାର ରାଉତ, ସବିତା ମଲ୍ଲିକ ଓ ଲଲାଟେନ୍ଦୁ ପଣ୍ଡା ମାନପତ୍ର ଓ ଉପଢୌକନ ଗ୍ରହଣ କରିଥିଲେ।

## ଝିଙ୍କିରିଆ ଗ୍ରାମରେ ଦୋଳ ମହୋତ୍ସବ



ଦୋଳ ମେଳଣରେ ଯୋଗଦେଇଥିବା ଅତିଥି

କଟକ ସଦର,୧୩
(ସୁଶାନ୍ତ କୁମାର ଜେନା):

ବୟାଳିଶମୌଜା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମରେ ରବିବାର ଦୋଳମହୋତ୍ସବ ଗ୍ରାମବାସୀଙ୍କ ଦ୍ୱାରା ମହାଆଡମ୍ବରରେ ପାଳିତ ହୋଇଯାଇଛି। ଚର୍ତୁଦ୍ଦଶ ସଂକୀର୍ତ୍ତନ ମଣ୍ଡଳୀ ଅଧୀନରେ ଥିବା ସମସ୍ତ ବିମାନ ସୁସଜ୍ଜିତ ହୋଇ ଏହି ମହୋତ୍ସବରେ ସାମିଲ ହୋଇଥିଲେ। ଚତୁର୍ଦ୍ଦଶ ସଂକୀର୍ତ୍ତନମଣ୍ଡଳୀର ସର୍ବାଧିକାରୀ ଓ ସର୍ବମହନ୍ତ ସୁରେନ୍ଦ୍ରନାଥ ପଣ୍ଡାଙ୍କ ପୌରୋହିତ୍ୟରେ ସମସ୍ତ ଗ୍ରାମର ଅଧିକାରୀ ମହନ୍ତ ଯୋଗଦେଇ ରାଧାକୃଷ୍ଣଙ୍କ କୃପା ଲାଭ କରିଥିଲେ। ବିଭିନ୍ନ ସଂକୀର୍ତ୍ତନମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଝିଙ୍କିରିଆ ଗ୍ରାମର ଅଧିକାରୀ ଓ ମହନ୍ତ ଏହି ଦୋଳମହୋତ୍ସବରେ ସାମିଲ ହୋଇଥିବା ଅଧିକାରୀ ଓ ମହନ୍ତମାନଙ୍କୁ ଧନ୍ୟବାଦ ଦେଇଥିଲେ। ୟୁନିୟନ୍ ଫର୍ କଟକ ସଦର ଡେଭଲପ୍‌ମେଣ୍ଟର ସଭାପତି ପ୍ରଫେସର ମନୋଜ କୁମାର ନାୟକ ଯୋଗଦେଇ ଦୋଳଗୋବିନ୍ଦଙ୍କ କୃପା ଲାଭ କରିଥିଲେ।

# ଅଖଣ୍ଡ ହିନ୍ଦୁ ଭାରତ ଉପରେ ଗୁରୁତ୍ୱ




ସମ୍ମିଳନୀରେ ଯୋଗଦେଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନେତୃମଣ୍ଡଳୀ।

### ସାମାଜିକ ନେତୃତ୍ୱ ସମ୍ମିଳନୀ

ବଡ଼ମ୍ବା,୧୩(ମାୟାଧର ମଲ୍ଲିକ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବଡ଼ମ୍ବା ତରଫରୁ ଆୟୋଜିତ ସଦ୍‌ଭାବନା କାର୍ଯ୍ୟକ୍ରମର ସାମାଜିକ ନେତୃତ୍ୱ ସମ୍ମିଳନୀ ରବିବାର ବଡ଼ମ୍ବାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଦ୍‌ଭାବନା ବିଭାଗର ସଂଯୋଜକ ପଦ୍ମଲୋଚନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ୧୩ ରାଜ୍ୟ କୈବର୍ତ୍ତ ସମାଜର ସଭାପତି ସନାତନ ବେହେରା, ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବରିଷ୍ଠ ପ୍ରଚାରକ ଅଜିତ ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥିଭାବେ ସାମାଜିକ ସଦ୍‌ଭାବନା କାର୍ଯ୍ୟର କଟକ ବିଭାଗ ସଂଯୋଜକ ପ୍ରଦୀପ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କଟକ ଜିଲା ମୁଖ୍ୟ ମାର୍ଗ ପ୍ରମୁଖ ରମେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଅଖଣ୍ଡ ହିନ୍ଦୁ ଭାରତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଧାୟକ ବିଜୟ କୁମାର ଦଳବେହେରା, ଅବସରପ୍ରାପ୍ତ ଭୂତତ୍ତ୍ୱବିତ ସୁରେନ୍ଦ୍ର ନାଥ ଦଳେଇ, ବଡ଼ମ୍ବା ବିକାଶ ପରିଷଦ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ରାଷ୍ଟ୍ରୀୟ ସ୍ୱୟସେବକ ସଂଘ, ବଡ଼ମ୍ବା ଖଣ୍ଡ କାର୍ଯ୍ୟବାହ ମାନସ ରଞ୍ଜନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ।

# ନରଣପୁର କପ୍ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ: ବିଡାନାସୀ ଚାମ୍ପିୟନ

ତ୍ରିଶୂଳିଆ,୧୩
(ତୁଷାର କାନ୍ତ ବେହେରା):

ବାରଙ୍ଗ ବ୍ଲକ ଅନ୍ତର୍ଗତ ମହାବୀର ସ୍ପୋର୍ଟିଂ କ୍ଲବ ନରଣପୁର ଆନୁକୂଲ୍ୟରେ ଦିବାକର ସ୍ୱାଇଁ ମେମୋରିଆଲ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଡାନାସୀ ଚାମ୍ପିୟନ ହୋଇଥିବାବେଳେ ପ୍ରତାପନଗରୀ ରନର୍ସଅପ ହୋଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ୨ଟି ସେମିଫାଇନାଲ ଓ ଗୋଟିଏ ଫାଇନାଲ ମ୍ୟାଚ୍ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ମା' ଭୁଆସୁଣୀ ବିଡାନାସୀ ସହିତ ୟୁଥ ସ୍ପୋର୍ଟସ୍ କ୍ଲବ, ମରିଚିଆ ମଧ୍ୟରେ ହୋଇଥିଲା। ଏଥିରେ ବିଡାନାସୀ କ୍ଲବ ୪-୧ଗୋଲରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ପ୍ରତାପ ନଗରୀ ୩-୧ଗୋଲରେ ସୁପ୍ରିମ ଫୁଟବଲ କ୍ଲବ, ବାରାହୀପୁରକୁ ହରାଇ ବିଡ଼ାନାସୀ ସହିତ ଫାଇନାଲରେ ପ୍ରବେଶ କରିଥିଲା।

ଏହି ଫାଇନାଲ ମ୍ୟାଚ ପ୍ରତାପନଗରୀ ଓ ବିଡ଼ାନାସୀ ମଧ୍ୟରେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟ ଭିତରେ କେହି କାହାରିକୁ ଗୋଲଦେଇ ପାରିନଥିଲେ। ବିଡାନାସୀ ୫-୪ ଟାଏବ୍ରେକର ଜରିଆରେ ପ୍ରତାପନଗରୀକୁ ପରାସ୍ତ କରି ଚଳିତବର୍ଷ ଚାମ୍ପିୟନ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ବିଜେତା ଦଳକୁ ୧୫ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏଥିସହ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ୧୨ହଜାର ଅର୍ଥରାଶି ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଖଣ୍ଡପଡା ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ବାରଙ୍ଗ ୩୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ମଧୁପୁର ସମିତି ସଭ୍ୟ କିଶନ ଜେନା, ଆଇନଜୀବୀ ସଂଘମିତ୍ରା ଦେବୀ, ଭୂପତି ଭୂଷଣ ପାଣି, ନାରଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମର ମୁରବି ଭରତ ଚନ୍ଦ୍ର ସ୍ୱାଇଁ, ଧୀରେନ୍ଦ୍ର ବିଶ୍ୱାଳ, ରଞ୍ଜନ ସାହୁ, ପ୍ରଭାକର ରାଉତ, ବିରେନ ରାଉତ ସମେତ କ୍ଲବର ସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ସଞ୍ଜୟ ସ୍ୱାଇଁଙ୍କ ସମେତ କ୍ଲବର ସଭ୍ୟମାନେ ଖେଳକୁ ସୁଚାର ରୂପେ ତୁଲାଇଥିଲେ।



ଚାମ୍ପିୟନ ଟ୍ରଫି ସହ ଖେଳାଳିମାନେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।

ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) : 2,05,000.00

ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :

ତା. 17.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-1173/Q/25-26




ଡ୍ରିମ୍‌ସ ସ୍ୱୟଂଶାସିତ ପଲିଟେକ୍ନିକ୍‌ରେ ଜାତୀୟ ବିଜ୍ଞାନ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
No.25001/263/2526

e-Procurement for Building Works

Bid Identification No. : EERWJYP-Online -14/2025-26

Letter No.1283 Date : 23.02.2026

01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : "B" & "C" Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. : Any Addendum or Corrigendum will be available in the Website only.

Sd./- Executive Engineer,
Rural Works Division, Jeypore

OIPR-25001/25160/1/25-26/0004

# ଯୁବପିଢ଼ି ଜଳବାୟୁ ସୁରକ୍ଷା କାର୍ଯ୍ୟରେ ସକ୍ରିୟ ଜଡ଼ିତ ହେବା ଜରୁରୀ

## 'ଓ' କାର୍ନିଭାଲ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧।୩(ବନ୍ଦନା ସେଠୀ)

ଯୁବପିଢ଼ିଙ୍କୁ ଜଳବାୟୁ ସୁରକ୍ଷା କାର୍ଯ୍ୟରେ ସକ୍ରିୟ ଭାବେ ଜଡ଼ିତ ହେବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରବିବାର ରେଡକ୍ରସ ଭବନରେ 'ଓ' କାର୍ନିଭାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ୍ ଓଡ଼ିଶା ତଥା ୟୁଥ୍ ଫର୍ ୱାଟର ପ୍ଲସ୍‌ର ପରାମର୍ଶଦାତା ସିପ୍ରା ସକ୍ସେନା ଯୋଗଦେଇ ଯୁବକୈନ୍ଦ୍ରିକ ଆନ୍ଦୋଳନ ଗଠନରେ ସହଭାଗୀ ସଂଗଠନମାନଙ୍କ ଭୂମିକା ବିଷୟରେ ଆଲୋକପାତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କରିଥିଲେ। ଭବିଷ୍ୟତରେ ଯୁବକମାନେ ଜଳବାୟୁ କାର୍ଯ୍ୟର ନେତୃତ୍ୱ ନେବା ଓ ସହଯୋଗକୁ ଆହୁରି ଦୃଢ କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ ବେହେରା ଯୋଗଦେଇ ଅନିୟମିତ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ଭିଜନ ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ ସରକାର ସହଭାଗୀ ସଂଗଠନ ଓ ଯୁବପିଢ଼ିଙ୍କ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଟାଟା ପାୱାର ଓଡ଼ିଶାର ସିଏସ୍‌ଆର୍ ମୁଖ୍ୟ ତଥା ୟୁଥ୍ ଫର୍ ୱାଟର ପ୍ଲସ୍‌ର ଅନ୍ୟତମ ପରାମର୍ଶଦାତା ପ୍ରଦୀପ ଘୋଷାଲ ଯୋଗଦେଇ ସହଭାଗୀତା ମାଧ୍ୟମରେ ଜଳବାୟୁ ମୁକାବିଲାର ଦୀର୍ଘକାଳୀନ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ ଉପସଚିବ ରମେଶ ଚନ୍ଦ୍ର ବେହେରା ଏନ୍‌ଏସ୍‌ଏସ୍ ଶିବିରରେ ପୁନଃବ୍ୟବହାର ଯୋଗ୍ୟ ସାମଗ୍ରୀ ବ୍ୟବହାର, ପ୍ଲାଷ୍ଟିକମୁକ୍ତ ପଦକ୍ଷେପ ଓ ଜୈବିକ ବ୍ୟାନର ବ୍ୟବହାର ଭଳି ଛୋଟ ପଦକ୍ଷେପମାନ ଦ୍ୱାରା ଜଳବାୟୁ ପରିଚାଳନା ପାଇଁ ନିଆଯାଉଥିବା ପଦକ୍ଷେପ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି କହିଥିଲେ। ଗଞ୍ଜାମର ୟୁଥ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟର ସମ୍ପାଦକ ବିଭୁ ପ୍ରସାଦ ସାହୁ ସମ୍ପ୍ରଦାୟ-ଆଧାରିତ ଯୁବ ପଦକ୍ଷେପଗୁଡ଼ିକୁ ବିସ୍ତାର କରିବା ଓ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଜାରି ରଖିବାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଭୂମିକା ବିଷୟରେ ମତ ରଖିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ୟୁଥ୍ ଫର୍ ୱାଟର ପ୍ଲସ ପରାମର୍ଶଦାତା ତଥା ପାଣ୍ଟିସ ଫାଉଣ୍ଡେଶନର ସିଇଓ ଷ୍ଟାଲିନ ନାୟକଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା। ୟୁଥ ଫର୍ ୱାଟର ପ୍ଲସ ନିର୍ଦ୍ଦେଶକ ବ୍ଲୋରିନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଡକାୟତି ଯୋଜନା ବେଳେ ୭ ଧରାପଡ଼ିଲେ


ଗିରଫ ୭ ଅଭିଯୁକ୍ତ ଏବଂ ଜବତ ହୋଇଥିବା ମାରଣାସ୍ତ୍ର।

## ମାରଣାସ୍ତ୍ର, ବାଇକ୍ ଜବତ

ଟାଙ୍ଗୀ, ୧।୩ (ରଘୁନାଥ ସାହୁ)

ଡକାୟତି ପାଇଁ ଯୋଜନା କରୁଥିବା ବେଳେ ଜଙ୍କିଆ ଥାନା ପୋଲିସ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଛଣଗିରି ଗ୍ରାମର ଏସ୍.କେ. କରିମ, ଏସ୍.କେ. ଅଜିମ, ଏସ୍.କେ. ସମିମ, ରାଜୁ ଖାନ, ଗୋବିନ୍ଦ ଜେନା, ଖୋର୍ଦ୍ଧା ମକୁନ୍ଦପ୍ରସାଦର ଫାରୁକ ଖାନ ଏବଂ ନିରାକାରପୁର ଥାନା ପଦ୍ମପୁର ଗ୍ରାମର ରଞ୍ଜନ ସ୍ୱାଇଁ। ଏମାନଙ୍କ ନିକଟରୁ ଖଣ୍ଡା, କଟୁରି, ଛୁରି, ଲୁହାରଡ୍, ମଦ ବୋତଲ, ସିଗାରେଟ ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ନୂଆ ଜଗନ୍ନାଥ ସଡ଼କ ଛଣଗିରି ଗ୍ରାମ ନିକଟ ଜଙ୍ଗଲରେ ଉପରୋକ୍ତ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରିଥିଲେ। ଖବରପାଇ ଜଙ୍କିଆ ପୋଲିସ ଅତର୍କିତଭାବେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବା ସହ ମାରଣାସ୍ତ୍ର ଏବଂ ବାଇକ୍ ଜବତ କରିଥିଲା। ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

# କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧।୩ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ସଂଗ୍ରହାଳୟସ୍ଥିତ କଳିଙ୍ଗ ଆର୍ଟ ଗାଲେରୀଠାରେ ଚାଲିଥିବା କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ୮ମ ପ୍ରତିଷ୍ଠା ଉତ୍ସବ ରବିବାର ଶେଷ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ତାରାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କଳା ଐତିହାସିକ ଡ. ଅଲେଖ ଚନ୍ଦ୍ର ସାହୁ, ରାଜ୍ୟ ସଂଗ୍ରହଳୟ ଅଧକ୍ଷ୍ୟ ଡ. ଭାରତୀ ପାଲ, ସଂସ୍କୃତି ବିଭାଗର ଅଧିକାରୀ ପ୍ରୀତିଶ କୁମାର ପଣ୍ଡା, କଳାପ୍ରେମୀ ରେବତୀ ପାଣି ଯୋଗଦେଇ ପୁରୁଣା ଚିତ୍ରକୁ କିପରି ସଂରକ୍ଷଣ କରିହେବ ସେ ବିଷୟରେ ଆଲୋଚନା କରି କଳାପ୍ରେମୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିନିତ ଚୌଧୁରୀଙ୍କ ପକ୍ଷରୁ ଚୌଧୁରୀ ଧୂର୍ଯ୍ୟଧନ ଦାସ ମେମୋରିଆଲ ପୁରସ୍କାର ୩ଜଣ ଛାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦକୁ ୧୦ହଜାର ଟଙ୍କାର ଅର୍ଥରାଶି ଦିଆଯାଇଥିଲା। ୨ଜଣ ଛାତ୍ରଙ୍କୁ ଆଇଏସ୍ ଅଫିସର ଅମରେନ୍ଦ୍ର ପଟ୍ଟନାୟକ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା। ନିହାରିକା ପଟ୍ଟନାୟକ ପୁରସ୍କାର ସହ ୫୦୦୦ ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଚିତ୍ରକଳାର ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ସଦସ୍ୟ ବିକାଶ ଚୌଧୁରୀ ସ୍ୱାଗତ ଭାଷଣ ଓ ଅଧକ୍ଷ ପରିଡ଼ା ଧନ୍ୟବାଦ ଦେଇଥିଲେ।



ଇରାନ୍ ଉପରେ ଆକ୍ରମଣ ବନ୍ଦ ଦାବିରେ ରବିବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ଖୋର୍ଦ୍ଧା ଆଞ୍ଚଳିକ କମିଟି ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ସଙ୍ଗଠନର ସମ୍ପାଦକ ଅଶୋକ ସାହୁ, ଜୟନ୍ତ ମହାନ୍ତି, ଶ୍ରୀକାନ୍ତ ନାୟକ, ସଂଘମିତ୍ରା ମହାପାତ୍ର, ଅବିନାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। (ଫଟୋ: ପ୍ରଭାତ ପାଣିଗ୍ରାହୀ)

# 'ଭଲ ପାଠପଢ଼ି ବିଦ୍ୟାଳୟର ଟେକ ରଖ'

କଳାପଥର, ୧।୩(ଗଙ୍ଗାଧର ସାହୁ)

ସ୍ଥାନୀୟ କଳାପଥର ଧଳାପଥର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସରସ୍ୱତୀ ଶିଶୁ ମନ୍ଦିର କଳାପଥରର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାରତୀୟ ଜନତା ପାର୍ଟି ସାଧାରଣ ସମ୍ପାଦକ ସରୋଜ କର, ରାଜ୍ୟ କୃଷକ ମୋର୍ଚ୍ଚା ଭାରତୀୟ ଜନତା ପାର୍ଟି ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ସନମ୍ମାନିତ ଅତିଥି ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଶିକ୍ଷାବିତ୍ ବଳରାମ ସାହୁ, ଶିକ୍ଷାବିତ୍ ଧରମୁଧର ଜୁଝାରସିଂ, ସ୍କୁଲର ସଭାପତି ସୁରଞ୍ଜନ ପଣ୍ଡା, ଅବସରପ୍ରାପ୍ତ କିରାଣୀ ବସନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ କୃଷ୍ଣ ଚନ୍ଦ୍ର ରାଉତ ସ୍କୁଲର ବାର୍ଷିକ ବିବରଣୀ ପଠନ କରିଥିଲେ। ସଭାପତି ଶୁଭ୍ରାଂଶୁ ମୋହନପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ପୂର୍ବରୁ ହୋଇଥିବା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ସ୍କୁଲର ଆଚାର୍ଯ୍ୟ ଆଚାର୍ଯ୍ୟା କୃଷ୍ଣ ଚନ୍ଦ୍ର ରାଉତ, ମିନତୀ ଦାସ, ମନୋରମା ମହାପାତ୍ର, ତିଲୋତ୍ତମା ଦାସ, ଅରୁଣ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ବସନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କଠାରୁ କୃତୀ ପ୍ରତିଯୋଗୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

# "ଯିଏ ସୌନ୍ଦର୍ଯ୍ୟ ଉଦ୍ରେକ କରେ, ସେ ଭଲ କବିତା"




ପୁରୁଣା ଭୁବନେଶ୍ୱର, ୧।୩(ସୁବାସ ଚନ୍ଦ୍ର ପ୍ରଧାନ)

## ଅଭିରାମ ଦାସଙ୍କ 'ଛାଇପରି ସ୍ୱପ୍ନ' ଲୋକାର୍ପିତ

ସ୍ଥାନୀୟ କେଦାରଗୌରୀ ମନ୍ଦିର ନିକଟ ସିଦ୍ଧି ମଣ୍ଡପ ପ୍ରେକ୍ଷାଳୟରେ ରବିବାର କବି ଡ. ଅଭିରାମ ଦାସଙ୍କ କବିତାଗ୍ରନ୍ଥ 'ଛାଇପରି ସ୍ୱପ୍ନ' ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ କଥାଶିଳ୍ପୀ ଡ.ଅଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବି ଓ ପ୍ରଶାସକ ରଞ୍ଜନ କୁମାର ଦାସ ଯୋଗଦେଇ କହିଥିଲେ, ଭଲ କବିତା କେବେ ଭାବ ପ୍ରକାଶ କରିବା ପାଇଁ ବ୍ୟଗ୍ର ହୁଏନି ବରଂ ଯିଏ ସୌନ୍ଦର୍ଯ୍ୟ ଉଦ୍ରେକ କରେ ସେ ଭଲ କବିତା । ସମ୍ମାନିତ ଅତିଥିଭାବେ ବିଶିଷ୍ଟ କଥାଶିଳ୍ପୀ ପରେଶ ପଟ୍ଟନାୟକ, ବିଶିଷ୍ଟ ଚଳଚ୍ଚିତ୍ର ସଂଳାପ ଲେଖକ ଓ କବି ଡ.ରଜନୀରଂଜନ, ବିଶିଷ୍ଟ କବି ଡ.ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଯୋଗଦେଥିଲେ। ପ୍ରକାଶିକା ବବିତା ଦାଶ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପକ୍ଷୀଘର ପ୍ରକାଶନୀର ସମ୍ପାଦକ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାକୃତିକ ରଙ୍ଗରେ ସୁରକ୍ଷିତ ହୋଲି ପାଳନ କରିବା : ମନ୍ତ୍ରୀ

ଭୁବନେଶ୍ୱର, ୧।୩ (ସୌମ୍ୟରଞ୍ଜନ ରାଉତ)

## ଓର୍‌ମାସ ପକ୍ଷରୁ 'ରଙ୍ଗୋତ୍ସବ' ଉଦ୍‌ଘାଟିତ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓର୍‌ମାସ) ପକ୍ଷରୁ ଭୁବନେଶ୍ୱର ୟୁନିଟ-୮ସ୍ଥିତ ଏସ୍‌ଆଇଆର୍‌ଡି କ୍ୟାମ୍ପସଠାରେ 'ରଙ୍ଗୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ସୁରକ୍ଷିତ ଓ ପରିବେଶ ଅନୁକୂଳ ହୋଲି ପାଳନକୁ ପ୍ରୋତ୍ସାହିତ କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକ ସ୍ଥାୟୀ ବଜାର ଯୋଗାଇଦେବା ହେଉଛି ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଏହି ମେଳାରେ କେବଳ ପ୍ରାକୃତିକ ରଙ୍ଗ ନୁହେଁ, ବରଂ ଓଡ଼ିଶାର ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟ, ସୂକ୍ଷ୍ମ ହସ୍ତଶିଳ୍ପ ଏବଂ ହାତତିଆରି ଗୃହ ଉପକରଣ ସାମଗ୍ରୀ ପରି ଅନେକ ଗ୍ରାମୀଣ ଉତ୍ପାଦର ସମ୍ଭାର ଦେଖିବାକୁ ମିଳୁଛି।

ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହାକୁ ଉଦ୍‌ଘାଟନ କରି କହିଲେ, ରଙ୍ଗୋତ୍ସବ ହେଉଛି ସୁରକ୍ଷିତ ରଙ୍ଗ ଓ ନାରୀ ସଶକ୍ତୀକରଣର ଏକ ସୁନ୍ଦର ସମନ୍ୱୟ। ପ୍ରାକୃତିକ ରଙ୍ଗ ବ୍ୟବହାର କରି ଆମେ ସୁରକ୍ଷିତ ତଥା ସାର୍ଥକ ହୋଲି ପାଳନ କରିପାରିବା। ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାକୃତିକ ରଙ୍ଗ ବ୍ୟବହାର କରି ଆମେ ପରିବେଶକୁ ସୁରକ୍ଷିତ ରଖିବା ସହ ଗ୍ରାମୀଣ ଅର୍ଥନୀତିକୁ ସମର୍ଥନ କରିପାରିବା। ସମସ୍ତେ ସ୍ଥାନୀୟ ଉତ୍ପାଦକୁ ଆପଣାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ କହିଛନ୍ତି, ରଙ୍ଗୋତ୍ସବ ଗ୍ରାମୀଣ ଓଡ଼ିଶାର ନାରୀ ଉଦ୍ୟୋଗୀଙ୍କ ଦକ୍ଷତାକୁ ପ୍ରତିଫଳିତ କରୁଛି। ସେମାନଙ୍କୁ ଆଧୁନିକ ବଜାର ସହ ଯୋଡ଼ିବା ଏବଂ ସେମାନଙ୍କ ପରିଶ୍ରମକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଓର୍‌ମାସ ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଏହି ମେଳା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଲୋକ ଜନଶକ୍ତି ପାର୍ଟିର ରାଜ୍ୟ ଅଧିବେଶନ

ବାଲିପାଟଣା, ୧।୩ (ଅଭିମନ୍ୟୁ ନାୟକ)

ଲୋକ ଜନଶକ୍ତି ପାର୍ଟିର ରାଜ୍ୟ ଅଧିବେଶନ ରବିବାର ବାଲିପାଟଣାଠାରେ ରାଜ୍ୟ ସଭାପତି ରାଜନ ଲାଲ ଶ୍ରୀବାସ୍ତବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହିତ ଦଳକୁ ମଜଭୁତ୍ କରିବାକୁ କର୍ମୀମାନଙ୍କୁ ସଚେତନ କରାଯାଇଥିଲା। ବର୍ତ୍ତମାନ ରହିଥିବା କର୍ମକର୍ତ୍ତାମାନଙ୍କୁ ପୁଣି ନିର୍ବାଚିତ କରାଯାଇଥିଲା। ଅନିତା ନାୟକଙ୍କୁ ଜାତୀୟ ମହିଳା ସେଲର ଅଧକ୍ଷା, କଲ୍ୟାଣୀ ବାରିକ ରାଜ୍ୟ ମହିଳା ସେଲ ଅଧକ୍ଷା ଏବଂ ଲିଗାଲ ସେଲର ସଭାପତି ଭାବେ ଆଡଭୋକେଟ ସୁଭ୍ରଜିତ୍ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ରତ୍ନାକର ସ୍ୱାଇଁ, ସମ୍ପାଦକ ଚିତ୍ତରଞ୍ଜନ ବରାଳ, ଉପସଭାପତି ପୀତବାସ ପଣ୍ଡା, ମୁସ୍ତାକ ଅଲ୍ଲୀ, ଜିତେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ସାହୁ, ଉପଦେଷ୍ଟା ଧୀରେନ୍ଦ୍ର ଭୋଇ, କୈଳାସ ସାହୁ, ଜିତେନ୍ଦ୍ର ବେହେରାଙ୍କ ସମେତ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜ୍ୟ ଉପସଭାପତି ଚିତ୍ତ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧ୍ୟୟନ ସହିତ ମନୋବଳ ବୃଦ୍ଧି କରୁଛି ପ୍ରତିଯୋଗିତା




ଟାଙ୍ଗୀ, ୧।୩ (ରଘୁନାଥ ସାହୁ)

## କୁହୁଡ଼ି କ୍ଷେତ୍ରବାସୀ ସରକାରୀ ୟୁପି ସ୍କୁଲ୍‌ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ, ମୁଖ୍ୟ ବକ୍ତା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ନିବେଦିତା ପାଣି, ସମ୍ମାନିତ ଅତିଥିଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୁଲତା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲିପିନା ଶ୍ରୀଚନ୍ଦନ, କୁହୁଡ଼ି ସରପଞ୍ଚ ପ୍ରିୟମ୍ବଦା ବେହେରା, ଜିଲାପରିଷଦ ସଭ୍ୟ ବିଜୟ କୁମାର ଜେନା, ଆଇନଜୀବୀ ମନୋଜ କୁମାର ମାନସିଂହ, କ୍ଷେତ୍ରବାସୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ଦେଇ ପ୍ରମୁଖ ଯୋଗଦେଇଥିଲେ। ସୁନାଗରିକ ହୋଇ ଦେଶ ଓ ଜାତିର ସମ୍ମାନ ରଖିବା ପାଇଁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମାଗାଜିନ ନବସର୍ଜନା ଉନ୍ମୋଚନ ହୋଇଥିଲା। ଅତିରିକ୍ତ ନିର୍ଦ୍ଦେଶକ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୃତୀ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବରିଷ୍ଠ ବିଭାଗରୁ ସପ୍ତମ ଶ୍ରେଣୀ ଛାତ୍ର ଆଦିତ୍ୟ ପ୍ରଧାନ ଓ କନିଷ୍ଠ ବିଭାଗରୁ ପଞ୍ଚମ ଶ୍ରେଣୀ ଛାତ୍ର ସମ୍ଭବ ରାଉତଙ୍କୁ ବିଦ୍ୟାଳୟର ଏବର୍ଷର ସର୍ବୋତ୍ତମ ଶିକ୍ଷାର୍ଥୀ ଭାବେ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସମରେଶ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ଦଳବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶୈଳବାଳା ମହାରଣା, ଅନନ୍ତ ଚରଣ ବାରିକ, ସୁଚିତ୍ରା ରାଉତରାୟ, ସ୍ନେହଲତା ନାୟକ, ତନୁଜା ସାହୁ, ଜ୍ୟୋତିର୍ମୟୀ ରାଉଳ, କଳ୍ପନା ରାଉତରାୟ, ଖେଳ ଶିକ୍ଷକ ସୁମନ୍ତ ପ୍ରଧାନ, ସଙ୍ଗୀତ ଶିକ୍ଷକ ଅନୁରାଗ ଦାସ ସହଯୋଗ କରିଥିଲେ। ଶିକ୍ଷକ କାହ୍ନୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

# ପୂଜ୍ୟପୂଜା ସମାରୋହ: ୭୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ

ପୁରୁଣା ଭୁବନେଶ୍ୱର, ୧।୩ (ସୁବାସ ଚନ୍ଦ୍ର ପ୍ରଧାନ)

ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଇଟିପୁର ପଞ୍ଚାୟତର ଡିହପୁର ଦୟାନଦୀ ପଠାରେ ରବିବାର ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ଭୁବନେଶର ମହାନଗର ନିଗମ ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିଶୁପାଳଗଡ ଲିଙ୍ଗିପୁର ଭଳି ୬ଟି ପଞ୍ଚାୟତ ଓ ମ୍ୟୁନିସିପାଲିଟି ଅଞ୍ଚଳର ୭୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଏହି ସମାରୋହରେ ସେମାନଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶିବିର ହୋଇଥିଲା। ଅନ୍ୟତମ ଅତିଥିଭାବେ ହାସ୍ୟ ଅଭିନେତା ପପୁ ପମ୍‌ପମ୍, ନୟାଗଡ଼ ଜିଲା ପୂର୍ବତନ ଜିଲାପାଳ ରବୀନ୍ଦ୍ର ସାହୁ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର ଯୋଗଦେଇଥିଲେ। ପରିଷଦର ସଭାପତି ବୃନ୍ଦାବନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ଅକ୍ଷୟ ସ୍ୱାଇଁ ସଂଯୋଜନା କରିଥିଲେ। ସମ୍ପାଦକ ଅରୁଣ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସୁମନ୍ତ କୁମାର ସୁବୁଦ୍ଧି, ଡ.ଚିନ୍ମୟ ବଡ଼ଜେନା, ବୈଶାଳିନୀ ପଟ୍ଟନାୟକ, ସବିତା ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିରାକାରପୁରର ଜଣେ ଯୁବକ ଗିରଫ

## ଆନ୍ତଃରାଜ୍ୟ ଚୋରା ଗଞ୍ଜେଇ ଚାଲାଣ ଘଟଣା

ଟାଙ୍ଗୀ, ୧।୩ (ରଘୁନାଥ ସାହୁ): ଆନ୍ତଃରାଜ୍ୟ ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ରାଜସ୍ଥାନ ପୋଲିସ ଗତ ୨୩ ତାରିଖରେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ଅଂଜିରା ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କାଲୁ ପ୍ରଧାନ(୩୨)। ସୂଚନା ମୁତାବକ, ରାଜସ୍ଥାନ ସିରୋହୀ ଜିଲା ଆବୁରୋଡ ରିକୋ ଥାନା ଅଞ୍ଚଳରେ ପୋଲିସ ଏକ କଣ୍ଟେନର (ଏଚ୍‌ଆର୍ ୫୫ ଏଇ ୭୩୭୦)କୁ ତଲାସି କରି ସିକ୍ରେଟ ଚାମ୍ବରରୁ ୫୨କେଜି ୧୪୫ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଡ୍ରାଇଭର ଦୀପକ କୁମାରଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତକୁ ପଚରାଉଚରା ବେଳେ ଏହି କାରବାରରେ ଓଡ଼ିଶାର ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ଅଂଜିରା ଗ୍ରାମର କାଲୁଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ପରେ ରାଜସ୍ଥାନ ପୋଲିସ ପହଞ୍ଚି ଓଡ଼ିଶା ପୋଲିସ ସହାୟତାରେ କାଲୁଙ୍କୁ ଗିରଫ କରିଥିଲା। ଏହି ଗଞ୍ଜେଇ ଚାଲାଣରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ ଚାଲିଛି। ଥାନା ନିରୀକ୍ଷକ ହରଚନ୍ଦ୍ର ରାମ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।

ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) : 2,05,000.00

ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 17.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-1173/Q/25-26

**GOVERNMENT OF ODISHA** No.25001/263/2526

**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**

e-Procurement for Building Works

Bid Identification No. : EERWJYP-Online -14/2025-26

Letter No.1283 Date : 23.02.2026

01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : "B" & "C" Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. : Any Addendum or Corrigendum will be available in the Website only.

Sd./- Executive Engineer,
Rural Works Division, Jeypore

OIPR-25001/25160/1/25-26/0004

**ପୋଲିସ-ଜନତା ସୁସମ୍ପର୍କ ଉପରେ ଗୁରୁତ୍ୱ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): ଗଡ଼ିଶାଗୋଡା ଥାନା ପକ୍ଷରୁ ଗଡ଼ଖାରଦ ପଞ୍ଚାୟତର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଶୁକ୍ରବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ ଅଧକ୍ଷତା କରିଥିଲେ। ଏସ୍ଆଇ ସରୋଜ କୁମାର ବେହେରା, ଗଡ଼ଖାରଦ ସରପଞ୍ଚ ମହେଶ୍ୱର ସେଠୀ, ଦେଈପୁର ସରପଞ୍ଚ ପ୍ରତିନିଧି ଅଜୟ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ପୋଲିସ ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅଞ୍ଚଳରେ ଶାନ୍ତି ବଜାୟ ରହିବ ବୋଲି କହିଥିଲେ। ଯେକୌଣସି ବ୍ୟକ୍ତି ଥାନାକୁ ଆସି ଅଭିଯୋଗ କରିପାରିବେ ଓ ପୋଲିସ ତାଙ୍କୁ ନ୍ୟାୟ ପ୍ରଦାନରେ ସହଯୋଗ କରିବ ବୋଲି ଥାନା ଅଧିକାରୀ କହିଥିଲେ।

## ସଂକ୍ଷେପରେ

### ଚୋରି ମାମଲାରେ ୨ ଗିରଫ

ନିମାପଡ଼ା,୧।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଭଣ୍ଡି ଗ୍ରାମର ନିରଞ୍ଜନ ବେହେରାଙ୍କ ଘରୁ ଗତ ୨୨ ତାରିଖ ଅପରାହ୍ନରେ ଘରର ତାଲା ଭଙ୍ଗାଯାଇ ଚୋରି ହୋଇଥିଲା। ଗୃହକର୍ତ୍ତା ବିଲକୁ କାମ କରିବାକୁ ଯାଇଥିବାବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶି ଏକ କୁଇଣ୍ଟାଲ ଚାଉଳ, ସୁନା କାନଫୁଲ, ରୁପା ପାଉଁଜି, ଟ୍ରଙ୍କରେ ଥିବା ନଗଦ ୯ହଜାର ୭୫୦ଟଙ୍କା, ବିଭିନ୍ନ ଆସବାବପତ୍ର ଚୋରିକରି ନେଇଥିବା ସମ୍ପର୍କରେ ଗୃହକର୍ତ୍ତା ନିରଞ୍ଜନ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ କେସ୍ ନଂ ୫୨/୨୬ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ଚୋରି ମାମଲାରେ ସମ୍ପୃକ୍ତ ୨ ଜଣ ଚୋରଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ନିମାପଡ଼ା ଥାନା ଅନ୍ତର୍ଗତ ଦଳେଇସାହି ଗ୍ରାମର ଗଣେଶ ଭୋଇ ଓ ଭଣ୍ଡି ଗ୍ରାମର ବିଶ୍ୱନାଥ ବରାଳ। ପୋଲିସ ଗିରଫ ଚୋର ୨ଜଣଙ୍କ ଠାରୁ ଚୋରିସାମଗ୍ରୀ ଜବତ କରିଛି।

### କଉଡ଼ିଖିଣି ଗ୍ରାମରେ ରକ୍ତଦାନ ଶିବିର

କଣାସ,୧।୩ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ କାଦୁଆ ପଞ୍ଚାୟତ କଉଡ଼ିଖିଣିର କାଦୁଆଘାଟ ଏକାଡେମୀ ଠାରେ ରବିବାର ନ୍ୟାଶନାଲ ୟୁଥ୍ ଆସୋସିଏସନ ଟିମ୍ ଓଡ଼ିଶା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୬୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ରେଡକ୍ରସର ଡାକ୍ତର ଦିବ୍ୟରଞ୍ଜନ ବେହେରା, କୁମର ସ୍ୱାଇଁ, ପ୍ରଶାନ୍ତ ବାରିକ, ସରୋଜ କୁମାର ମହାନ୍ତି ଓ ବିଜୟ ସ୍ୱାଇଁ ଉପସ୍ଥିତ ଥିଲେ। ଶିକ୍ଷାବିତ ଅଜୟ କୁମାର ବଳିୟାରସିଂହ, ପୂର୍ବତନ ଜିଲାପରିଷଦ ସଭ୍ୟ ନୀଳମଣି ବେହେରା, ସାମାଜିକ କର୍ମୀ ସନ୍ଧ୍ୟାରାଣୀ ସାମନ୍ତରାୟ, ଶିକ୍ଷାବିତ ଗୋବିନ୍ଦ ବେହେରା, ବିଜ୍ଞାନ ବେହେରା, ରଘୁନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

### କେନାଲ ମାଟି ବୋଝେଇ ଗାଡ଼ି ଧରିଲେ ଗ୍ରାମବାସୀ

ଯୋଗେଶ୍ୱରପୁର,୧।୩(ରଶ୍ମି ରଞ୍ଜନ ସାହୁ)

କାକଟପୁର ଜଳସେଚନ ବିଭାଗ ଅଧୀନରେ ଥିବା କୁଣ୍ଡେଇ ମେନ କେନାଲର ଶ୍ରୀକୋଇଲି ଠାରୁ ନୟାହାଟ କଲେଜ ପର୍ଯ୍ୟନ୍ତ ୪କୋଟି ଟଙ୍କା ବ୍ୟୟରେ ରାସ୍ତାକାମ ଜାରି ରହିଛି। ଶନିବାର ରାତିରେ କେନାଲରୁ ମାଟି ଚୋରି କରି ବାହାରେ ବିକିବା ସମୟରେ ଓଡ଼ଗାଁ ଗ୍ରାମବାସୀ ମାଟି ବୋଝେଇ ଗାଡ଼ିକୁ ଅଟକାଇ ଯନ୍ତ୍ରୀଙ୍କୁ ଖବର ଦେଇଥିଲେ। ପାଣିଛତ୍ର ସେକ୍ସନ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦାସ ଜଣେ କର୍ମଚାରୀଙ୍କୁ ରାତିରେ ଘଟଣାସ୍ଥଳକୁ ପଠାଇଥିଲେ। ଉକ୍ତ ଗ୍ରାମର ମାନସ ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ, ହେମନ୍ତ ବାରିକ, ଭଗ୍ୟଧର ଓଝା ପ୍ରମୁଖ ଉକ୍ତ ମାଟି ବୋଝେଇ ଗାଡ଼ିକୁ ଅଟକାଇଥିଲେ। ଏସମ୍ପର୍କରେ ଯନ୍ତ୍ରୀ ଦାସ କହିଛନ୍ତି, କେନାଲରୁ ମାଟି ଖୋଳି ବନ୍ଧରେ ପକାଇବା କଥା। କିନ୍ତୁ ଠିକାଦାର ମାଟି ଖୋଳି ବନ୍ଧରେ ନ ପକାଇ ଗାଡ଼ିରେ ନେଉଥିବା ବେଳେ ଲୋକେ ଗାଡ଼ିକୁ ଅଟକାଇଛନ୍ତି। ଗ୍ରାମବାସୀ ଯେଉଁ ଗାଡ଼ି ଅଟକାଇଛନ୍ତି ତାହା ଯଥାର୍ଥ ବୋଲି ସେ କହିଛନ୍ତି। ରାତିରେ କେନାଲ ବନ୍ଧରେ କରାଯାଉଥିବା ରାସ୍ତା ନିର୍ମାଣ ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଜେଇ କହିଛନ୍ତି, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ବିଦ୍ୟାଳୟ ପାଚେରି କଡ଼ରେ ମୁକୁଳା ଟ୍ରାନ୍ସଫର୍ମର

ଯୋଗେଶ୍ୱରପୁର,୧।୩(ରଶ୍ମିରଞ୍ଜନ ସାହୁ)

ନୟାହାଟ ନିକଟ ଗୋପିକାନ୍ତପୁର ଉଚ୍ଚ ବିଦ୍ୟାଳୟ ପାଚେରି କଡ଼ରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ଏହା ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଯାଇଥାନ୍ତି। ସେହିପରି ଓଥକା, କଣ୍ଡେଇ ହାଟକୁ ଲୋକେ ଯାତାୟାତ କରିଥାନ୍ତି। ଟ୍ରାନ୍ସଫର୍ମର ନିକଟକୁ ଗୋରୁ, ଛେଳି ଓ ମେଣ୍ଢା ଚରିବାକୁ ଆସିଥାନ୍ତି। ବିଦ୍ୟୁତ୍



ତାର ହାତ ପାହାନ୍ତାରେ ରହିଥିବାରୁ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର, ଶୁଭଦର୍ଶନ ମିଶ୍ର ଓ ରଜନୀକାନ୍ତ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

# ଜିଲାସ୍ତରୀୟ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ

ପିପିଲି,୧।୩

(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲାସ୍ତରୀୟ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି। ଏଥିରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ସିଡିଏମ୍‌ଓ ଅକ୍ଷୟ କୁମାର ଶତପଥି ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଟିକାକରଣ ହୋଇଯାଇଛି। ଆଜି ପ୍ରଥମ ପର୍ଯ୍ୟାୟରେ ୯ ଜଣଙ୍କୁ ତଥା ୧୪ରୁ ୧୫ ବର୍ଷ ବୟସ୍କ କିଶୋରୀଙ୍କୁ ଏହି ଟିକା ପ୍ରଦାନ କରାଯାଇଛି।

ଏହି ଅବସରରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଉକ୍ତ ମେଡିକାଲ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଟିକାକରଣ ଦ୍ୱାରା ଜରାୟୁ ଗ୍ରୀବା କର୍କଟ ରୋଗକୁ ଦୂର କରାଯାଇପାରିବ ଏବଂ ନାରୀ ସଶକ୍ତୀକରଣ ପାଇଁ ଏହା ଏକ ପ୍ରମୁଖ ପଦକ୍ଷେପ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ଏହି ଟିକାର ମୂଲ୍ୟ ୪ହଜାର ଟଙ୍କା ଥିବାବେଳେ ସାରା ଦେଶରେ ପ୍ରଧାନମନ୍ତ୍ରୀଙ୍କ ଏଭଳି ଭିଜନକୁ ଏମ୍‌ପି ପାତ୍ର ଓ ବିଧାୟକ ପଟ୍ଟନାୟକ ବହୁ ପ୍ରଶଂସା କରିଛନ୍ତି। ପିପିଲି ବ୍ଲକର ୧୭ଶହ କିଶୋରୀଙ୍କୁ ଏହି ଟିକା ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ରହିଛି ବୋଲି ସିଡିଏମ୍‌ଓ ଅକ୍ଷୟ କୁମାର ଶତପଥି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ଜିଲା ପ୍ରୋଗ୍ରାମ ମ୍ୟାନେଜର୍ ଶ୍ୟାମସୁନ୍ଦର ତ୍ରିପାଠୀ, ଜିଲା ଏନଆର୍‌ଏଚ ଆକାଉଣ୍ଟ ମ୍ୟାନେଜର୍ ସର୍ବେଶ୍ୱର ପ୍ରଧାନ, ଡିଏମ୍ ଆର୍ ସି ଏଚ କିଶୋର ଚନ୍ଦ୍ର ଦାଶ, ପିପିଲି ବ୍ଲକ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ କାଳୀପ୍ରସାଦ ମିଶ୍ର, ପ୍ରୋଗ୍ରାମ ଅଫିସର ବିଜୟଲକ୍ଷ୍ମୀ ସାହୁ ଓ ପିଏଚଇଓ ଶୁଭଶ୍ରୀ ସାହୁଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଏମ୍‌ପି ସମ୍ବିତ ପାତ୍ରଙ୍କ ସମେତ ଅନ୍ୟମାନେ ।

# ପଞ୍ଚଦୋଳ ମେଳଣ ପାଇଁ ଶାନ୍ତିପୂର୍ଣ୍ଣ ସମୀକ୍ଷା ବୈଠକ

ବଳଙ୍ଗା,୧।୩(କେଦାରେଶ୍ୱର ନନ୍ଦ)

ଓଡ଼ିଶା ପ୍ରସିଦ୍ଧ ବଳଙ୍ଗା ପଞ୍ଚଦୋଳ ମେଳଣ କମିଟି ଚଳିତବର୍ଷ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ପାଇଁ ଆଡିସିନାଲ୍ ଏସ୍‌ପି ସଚ୍ଚିନ ପାଇଲଟ ମେଳଣ କମିଟି ସଭାଗୃହରେ ଉପସ୍ଥିତ ରହି ସମୀକ୍ଷା କରିଛନ୍ତି। ଏହି ମେଳଣ ଚଳିତବର୍ଷ ଗୋଟିଏ ଦିନ ବଢ଼ାଯାଇ ଜମାଣ ଯାତ୍ରା ଉତ୍ସବ ମାର୍ଚ୍ଚ ୮ରୁ ଆରମ୍ଭ ଓ ୧୧ରେ ଗୋଧୂଳି ଲଗ୍ନରେ ହରିହର ଭେଟ ହୋଇ ସମାପ୍ତ ହେବ। ଓଡ଼ିଶା ପ୍ରସିଦ୍ଧ ପଶ୍ଚିମାଶମ୍ଭୁ ବକ୍ରେଶ୍ୱର ଦେଙ୍କ ପଞ୍ଚଦୋଳ ମେଳଣ ୨୨ ଗୁଣ୍ଠ ପରିମିତ ବିଶିଷ୍ଟ ପଡ଼ିଆରେ ହୋଇଆସୁଛି। ମେଳଣ ପଡ଼ିଆକୁ ସଫାକରିବା, ବିଶ୍ୱାଳ ଛକଠାରୁ ମେଡିକାଲ ଛକ, ବଜାରଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କରି ଯାତାୟାତ ସୁବିଧା କରିବା, ପାନୀୟ ଜଳ ପାଇଁ ସୁବିଧା କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା, ଜନଗହଳିକୁ ନିୟନ୍ତ୍ରଣ ଲାଗି ପୋଲିସ ଫୋର୍ସର ବ୍ୟବସ୍ଥା ଆଦି ସମ୍ପର୍କରେ ଆଡିସିନାଲ ଏସ୍‌ପି ପାଇଲଟ କମିଟିର ସଦସ୍ୟ ଓ ଆଖପାଖ ଗ୍ରାମରୁ ଆସିଥିବା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ।

ଏହି ଆଲୋଚନା ସମୟରେ ବଳଙ୍ଗା ମେଳଣ କମିଟି ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ କହିଛନ୍ତି, ଚଳିତବର୍ଷ ଆମ ମେଳଣରେ ଡିଜେ ସାଉଣ୍ଡକୁ ବନ୍ଦ କରାଯାଇଛି। ଏ ସମ୍ପର୍କରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ପ୍ରକାଶ କରିଥିଲେ। କମିଟି ପକ୍ଷରୁ ସମ୍ପାଦକ ବଳଭଦ୍ର ଜେନା, ସରପଞ୍ଚଙ୍କ ପ୍ରତିନିଧି ସୁକାନ୍ତ କୁମାର ବରାଳ, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ବେହେରା, ପ୍ରସନ୍ନ କୁମାର ଶତପଥୀ, ସମିତିସଭ୍ୟ ପ୍ରକାଶ କୁମାର ସାହୁ ଓ ସ୍ଥାନୀୟ ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳଣରେ ପ୍ରତିବର୍ଷ ଟ୍ରାଫିକ୍ ସମସ୍ୟା ବୃହତ୍ତର ସମସ୍ୟା ପାଲଟୁଥିବା ବେଳେ ଚଳିତବର୍ଷ ଏହାକୁ ନିୟନ୍ତ୍ରଣ ଦିଗରେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ପାଇଁ ମେଳଣ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହି ଶାନ୍ତି କମିଟିରେ ଆଡିସିନାଲ ଏସ୍‌ପିଙ୍କ ସମେତ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ପ୍ରମୁଖ ସାମିଲ ହୋଇ ମେଳଣ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିଥିଲେ।

# ସଙ୍ଗଠିତ ରହିଲେ ସଙ୍ଗଠନ ସୁଦୃଢ଼ ରହିବ

ଗୋପ,୧।୩(ଭାରତୀ ଭୂଷଣ ଉପାଧ୍ୟାୟ)

**୧୧ରେ କଂଗ୍ରେସ ଦଳରେ ଯୋଗଦେବେ ବରିଷ୍ଠ ନେତା ରମ୍ପୁ ପାତ୍ର**

ସଙ୍ଗଠିତ ରହିଲେ ସଙ୍ଗଠନ ସୁଦୃଢ଼ ହେବ ବୋଲି ରବିବାର ଅପରାହ୍ନରେ ଗୋପ କଂଗ୍ରେସ କାର୍ଯ୍ୟାଳୟ ଠାରେ ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର (ରମ୍ପୁ) ଉପସ୍ଥିତ ଶତାଧିକ ଦଳୀୟ କର୍ମୀଙ୍କୁ କହିଛନ୍ତି। ଗୋପ ବ୍ଲକ କଂଗ୍ରେସ ସଭାପତି ଭାସ୍କର ସେଠଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମ୍ମିଳନୀରେ ବରିଷ୍ଠ ନେତୃତ୍ୱ ଭଗବାନ ପାତ୍ର, ସମରେନ୍ଦ୍ର ସିଂ, ଜିତେନ୍ଦ୍ର କୁମାର ସାହୁ, ବିଚିତ୍ରାନନ୍ଦ ପ୍ରଧାନ, ବିବେକାନନ୍ଦ ମିଶ୍ର, ରମେଶ ଚନ୍ଦ୍ର ବେହେରା, ମଦନମୋହନ ହାଜରାଙ୍କ ସମେତ ଶତାଧିକ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ଦଳ ଲାଗି ଯାହା ଆବଶ୍ୟକତା ତାହା କରିବା ସହିତ ଆଗାମୀ ୧୧ରେ ଅନୁଷ୍ଠିତ ହେବାକୁ ଥିବା ମିଶ୍ରଣ ପର୍ବରେ ଅଧିକ ମାତ୍ରାରେ ଯୋଗ ଦେବାକୁ ପଡ଼ିବ ବୋଲି କହିଥିଲେ। ସତ୍ୟବ୍ରତ ପାତ୍ର କିଛିଦିନ ତଳେ କଂଗ୍ରେସର ଦଳ କନ୍ଦଳ ଯୋଗୁ ବିଜେଡିରେ ସାମିଲ ହୋଇଥିଲେ। ହେଲେ ଗୋପ, ନିମାପଡ଼ା ଅଞ୍ଚଳରେ ଥିବା ଶତାଧିକ କଂଗ୍ରେସ କର୍ମୀ ଦଳରେ ରହିଥିଲେ। ସତ୍ୟବ୍ରତ ପାତ୍ର ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସହ ସାଧାରଣ ନିର୍ବାଚନରେ ଭାଜପା ଓ ବିଜେଡି ବିରୋଧରେ ଲଢ଼ିବାକୁ ହେବ ବୋଲି ସୂଚନା ଦେଇଛନ୍ତି।



ବରିଷ୍ଠ ନେତା ସତ୍ୟବ୍ରତ ପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ।

# ଦୋଳପୂର୍ଣ୍ଣିମା, ହୋଲି ପର୍ବକୁ ଶାନ୍ତିପୂର୍ଣ୍ଣ କରିବା ପାଇଁ ସମୀକ୍ଷା

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ଆସନ୍ତା ଦୋଳପୂର୍ଣ୍ଣିମା ଓ ହୋଲି ପର୍ବକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଶନିବାର ପୁରୀ ପୋଲିସ କାର୍ଯ୍ୟାଳୟରେ ଜିଲାସ୍ତରୀୟ ସମୀକ୍ଷା ସଭା ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସଭାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ସଦର ଡିଏସ୍‌ପି ମାନସରଞ୍ଜନ ବାରିକଙ୍କ ସମେତ ସମସ୍ତ ଏସ୍‌ଡିପିଓ ଓ ଜିଲାର ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ। ସଭାରେ ଆଗାମୀ ପର୍ବ ପାଳନ ସମୟରେ ଆଇନ, ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ ରଖିବା, ସମ୍ଭାବ୍ୟ ସେନ୍ସିଟିଭ୍ ସ୍ଥାନଗୁଡ଼ିକରେ ବିଶେଷ ପୋଲିସ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ମଦ୍ୟପାନ, ବାଣ ଉପରେ ରୋକ ଓ ଅସାମାଜିକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ପୋଲିସ ଅଧୀକ୍ଷକ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ପର୍ବ ସମୟରେ ସାଧାରଣଲୋକଙ୍କ ସହ ସୁମଧୁର ବ୍ୟବହାର ରଖିବା ସହିତ ସଚେତନତାମୂଳକ ପ୍ରଚାର କରାଯିବ। ସୋସିଆଲ୍ ମିଡିଆ ମାଧ୍ୟମରେ କୌଣସି ଭ୍ରାନ୍ତିକର ସୂଚନା ପ୍ରସାର ହେଲେ ତାହାକୁ ତୁରନ୍ତ ଚିହ୍ନଟ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# କୋଣାର୍କ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର




ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

କୋଣାର୍କ,୧।୩(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି କଲ୍ୟାଣ ମଣ୍ଡପ ଠାରେ କୋଣାର୍କ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫ ୟୁନିଟ୍ ରକ୍ତସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଚନ୍ଦ୍ରାହାର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର ଚୌଧୁରୀ, କୋଣାର୍କ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ, କୋଣାର୍କ ପ୍ରେସ କ୍ଲବ ସଭାପତି ଧନଞ୍ଜୟ ବେହେରା, ଶ୍ରୀମେଡିକାଲ ପରିଚାଳକ ଶୁଭକାନ୍ତ ବାହିନୀପତି, କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସମ୍ପାଦକ ଭାଗିରଥୀ ସ୍ୱାଇଁ ଓ କୋଣାର୍କ ଥାନା ଏସ୍ଆଇ କେଦାର ନାଥ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରକୁ ସଙ୍ଗଠନର ଉପଦେଷ୍ଟା ସ୍ୱର୍ଗତ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା। ପୁରୀ ଜିଲା ରକ୍ତ ଭଣ୍ଡାର ମେଡିକାଲ ଟିମ୍‌ର ଡାକ୍ତର ଓ କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ଦୀର୍ଘ ୯ବର୍ଷ ଧରି ଅନୁଷ୍ଠାନର ସମ୍ପାଦକ ତଥା ସାମାଜିକ କର୍ମୀ କୁନାଲ ପାତ୍ର ଓ ସଙ୍ଗଠନର କର୍ମକର୍ତ୍ତାଙ୍କ ଉଦ୍ୟମରେ ଜାରି ରହିଛି। ଶେଷରେ ଅନୁଷ୍ଠାନର ସଭାପତି ରଞ୍ଜନ କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ।

# ଚାରିଛକ ଥାନା ପକ୍ଷରୁ ‘ଆମ ପୋଲିସ’ କାର୍ଯ୍ୟକ୍ରମ

ଚାରିଛକ,୧।୩(ଶିଶିର କୁମାର ସ୍ୱାଇଁ)

ଚାରିଛକ ଥାନାଧିକାରୀ ଶୁଭରାଜ ପ୍ରିୟଦର୍ଶୀ ମହାନ୍ତିଙ୍କ ନେତୃତ୍ୱରେ ଶନିବାର କଳାପାଞ୍ଚଣ ପଞ୍ଚାୟତ ସିଦ୍ଧମଠ ପରିସରରେ ‘ଆମ ପୋଲିସ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୋଲିସ ଓ ଜନତାଙ୍କ ମଧ୍ୟରେ କିଭଳି ସୁସମ୍ପର୍କ ରହିବା ସହ ପୋଲିସକୁ ସାହାଯ୍ୟ ସହଯୋଗ କରିବା ପାଇଁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଥାନାଧିକାରୀ ମହାନ୍ତି କହିଛନ୍ତି। ଜନତା–ପୋଲିସ ମଧ୍ୟରେ ସୁସମ୍ପର୍କ ରହିଲେ ଅଞ୍ଚଳରୁ ଚୋରି, ରାହାଜାନି କମିବା ସହିତ ଜନସାଧାରଣ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ମଧ୍ୟ କହିଥିଲେ। କାର୍ଯ୍ୟକ୍ରମରେ ଯୁବ ସାମାଜିକ କର୍ମୀ ଅବିନାଶ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ କଳାପାଞ୍ଚଣ ସରପଞ୍ଚ ଗୀତାଞ୍ଜଳି ଜେନା, ସମିତି ସଭ୍ୟା ସସ୍ମିତା ପାତ୍ର, ଭାଜପା ପଞ୍ଚାୟତ ସଭାପତି ମନୋଜ କୁମାର ନାୟକ, ପୂର୍ବତନ ସରପଞ୍ଚ ଅରକ୍ଷିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଅପରାଧ, ନିଶା କାରବାର ରୋକିବା ଉପରେ ଗୁରୁତ୍ୱ

ଅସ୍ତରଙ୍ଗ,୧।୩(ମମତା ଜେନା)

ଅସ୍ତରଙ୍ଗ ଥାନା ପରିସରରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଥାନା ନିରୀକ୍ଷକ ବିଦିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତିବିଶେଷ, ସାମାଜିକ କର୍ମୀ ଓ ଜନସାଧାରଣଙ୍କୁ ନେଇ ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସୁଦୃଢ଼ କରି ବିଭିନ୍ନ ପ୍ରକାର ଗୋଷ୍ଠୀସଂଘର୍ଷ, ରାଜନୈତିକ ବିବାଦ, ପାରିବାରିକ ହିଂସାକୁ ରୋକାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା। ବିଭିନ୍ନ ବ୍ୟକ୍ତିବିଶେଷ ଅସ୍ତରଙ୍ଗ ଅଞ୍ଚଳ ଅନ୍ତର୍ଗତ ଛକ ଓ ପୀର ଜାହାନିଆଁ ପର୍ଯ୍ୟଟନସ୍ଥଳରେ ବହୁଳ ନିଶାଦ୍ରବ୍ୟ ବ୍ୟବହାର ଉପରେ ପଦକ୍ଷେପ ନେବା ପାଇଁ ଅବଗତ କରାଇଥିଲେ। ଏଥିରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଯଶୋବନ୍ତ ନାୟକ, କ୍ଷୀରୋଦ କାଣ୍ଡି, ପ୍ରଫୁଲ୍ଲ ବେହେରା, ବିଚିତ୍ରାନନ୍ଦ ସ୍ୱାଇଁ, କେଳୁଚରଣ ଓଝା, ନିରଞ୍ଜନ ବେହେରା, ଇନ୍ଦ୍ରମଣି ଜେନା ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜ ବକ୍ତବ୍ୟ ପ୍ରଦାନ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଥାନାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମକୁ ଥାନା ଏଏସ୍ଆଇ ପ୍ରଶାନ୍ତ କୁମାର ସାମନ୍ତରାୟ, ନିରଞ୍ଜନ ଜାଲି, ଫକୀର ଚରଣ ଭୋଇ, ହାବିଲ୍‌ଦାର ସଞ୍ଜୟ କୁମାର ମହାନ୍ତି, ରଞ୍ଜନ କୁମାର ପଟ୍ଟନାୟକ ଓ ଚିନ୍ମୟ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଥାନା ନିରୀକ୍ଷକ ନାୟକ ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ସମ୍ପର୍କରେ ସୂଚନା ଦେବା ସହ ଅପରାଧ ଓ ନିଶା କାରବାର ଉପରେ ଗୁରୁତ୍ୱ ଦେଇ ଅସ୍ତରଙ୍ଗ ଅଞ୍ଚଳରେ ଶାନ୍ତି ବଜାୟ ରଖିବାକୁ ପ୍ରୟାସ ଜାରି ରହିବ ବୋଲି କହିଥିଲେ।

# ଦଳର ଅନୁଶାସନ ମାନି କାର୍ଯ୍ୟ କରିବା ଆବଶ୍ୟକ

ନିମାପଡ଼ା,୧।୩(ବିଚିତ୍ରାନନ୍ଦ ସାହୁ)

ଓଡ଼ିଶାରେ ବିଜେଡି ଏକ ଶୃଙ୍ଖଳିତ ଦଳ। ସମସ୍ତ କର୍ମୀ ଓ ନେତା ଦଳର ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ଓ ଅନୁଶାସନ ମାନି ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା, ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡିକୁ ଏକ ସମୃଦ୍ଧ ଭାବେ ଗଢ଼ିତୋଳିବା ପାଇଁ ଦଳର ସମସ୍ତ ନେତୃବୃନ୍ଦ ଓ କର୍ମୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ନେତୃବୃନ୍ଦମାନେ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଆସନ୍ତା ୫ରେ ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଓ ୮ରେ ବିଶ୍ୱ ମହିଳା ଦିବସ ନିମାପଡ଼ା ଠାରେ ପାଳନ କରାଯିବା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଦଳର ବରିଷ୍ଠ ନେତା ବିଜୟ ପଟ୍ଟନାୟକ ଅଧ୍ୟକ୍ଷତା କରି ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଭାବେ ବରିଷ୍ଠ ନେତା ସୁବ୍ରତ ଛାଟୋଇ, ବିଜେଡି ନିମାପଡ଼ା ବ୍ଲକ ସଭାପତି ଭାଗ୍ୟଧର ଖଟୋଇ, ନଗର ସଭାପତି ଧନୁର୍ଦ୍ଧର ଦାସ, ଗୋପ ବ୍ଲକ ସଭାପତି ମହେଶ୍ୱର ସ୍ୱାଇଁ, ଆବାହକ ନିରଞ୍ଜନ ମହାପାତ୍ର, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ମଲ୍ଲିକ, ଦୁର୍ଲଭ ନାୟକ, ରବି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବହୁ ପଞ୍ଚାୟତ ସଭାପତିଙ୍କ ସମେତ ଶତାଧିକ କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇଥିଲେ।




ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

# ସମନ୍ୱିତ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ଜିଲାସ୍ତରୀୟ କର୍ମଶାଳା

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ମାଟିରେ ଲୁଣା ଅଂଶ ହ୍ରାସ କରିବା ନିମନ୍ତେ ସମନ୍ୱିତ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ହମାରା ବଚ୍‌ପନ ଟ୍ରଷ୍ଟ ଦ୍ୱାରା ସିଡିଏଓ ସମ୍ମିଳନୀ କକ୍ଷରେ ଏକ ଜିଲାସ୍ତରୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗଗୁଡ଼ିକର ବରିଷ୍ଠ ଅଧିକାରୀବୃନ୍ଦ, ବୈଷୟିକବିତ୍ ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଗୋପ ବ୍ଲକ୍‌ର ବନାଖଣ୍ଡି ଓ ଶିମିଳି ପଞ୍ଚାୟତର ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ମୃତ୍ତିକା ସଂରକ୍ଷଣ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର, କେଭିକେ, ଆଗ୍ରୋନୋମି ଡ. ସାର୍ଥକ ପଟ୍ଟନାୟକ, ଏଡିଏ, ସଏଲ୍ କେମିଷ୍ଟ ଜି. ଶ୍ୱେତା, ଏଏଓ ଭାରତୀ ମଲ୍ଲ, ଗୋପ ବ୍ଲକ ବିଏଓ ଜୟଲକ୍ଷ୍ମୀ ସାହୁ ଏବଂ ଗୋପ ମୃତ୍ତିକା ସଂରକ୍ଷଣ ଅଧିକାରୀ ରାଧାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

‘ଜଳବାୟୁ ପରିବର୍ତ୍ତନ ଗ୍ରହଣୀୟତା ପାଇଁ ଡାଟା ସାଇନ୍ସର ସ୍ଥାନୀୟକରଣ’ ପ୍ରକଳ୍ପ ଅଧୀନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ବ୍ୟାପକ ଯବକ୍ଷାରଜାନ ନିଅଣ୍ଟ, ଅତିରିକ୍ତ ବୋରନ୍ ଓ ଜିଙ୍କ୍ ଅଣୁପୋଷକ ତାରତମ୍ୟ, ଦୀର୍ଘକାଳ ଧରି ରାସାୟନିକ ସାର ବ୍ୟବହାର କାରଣରୁ ପୋଷକରେ ଅସନ୍ତୁଳନ, ଖାଲୁଆ ଡେଲ୍‌ଟା ଅଞ୍ଚଳରେ ଲୁଣାଅଂଶଜନିତ ଆପଦ ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।

ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) : 2,05,000.00

ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 17.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-1173/Q/25-26

**GOVERNMENT OF ODISHA** No.25001/263/2526

**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**

e-Procurement for Building Works

Bid Identification No. : EERWJYP-Online -14/2025-26

Letter No.1283 Date : 23.02.2026

01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : "B" & "C" Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. : Any Addendum or Corrigendum will be available in the Website only.

Sd./- Executive Engineer,
Rural Works Division, Jeypore

OIPR-25001/25160/1/25-26/0004

# ୧୯୮୭ ବ୍ୟାଚ୍ ବନ୍ଧୁମିଳନ

ବାଲକାଟୀ,୧।୩(ମନୋଜ ମଣ୍ଡଳ): ବାଲିଅନ୍ତା ବ୍ଲକ ସରକଣାସ୍ଥିତ ଭଗବତୀ ବିଦ୍ୟାପୀଠ ୧୯୮୭ ବ୍ୟାଚ ବନ୍ଧୁମିଳନ ରବିବାର ବାଲକାଟୀ ନିକଟ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ୩୯ବର୍ଷ ତଳ ସ୍କୁଲରେ ପଢୁଥିବା ସହପାଠୀମାନେ ସେମାନଙ୍କ ପରିବାର ସହିତ ଏହି ବନ୍ଧୁମିଳନ ଉତ୍ସବରେ ଏକାଠି ହୋଇ ଅତୀତର ସ୍ମୃତିକୁ ମନେପକାଇ ଖୁବ୍ ଆନନ୍ଦିତ ହୋଇଥିଲେ। ଦିବଂଗତ ଗୁରୁଜୀ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ନିମନ୍ତ୍ରିତ ୪ ଜଣ ଅବସରପ୍ରାପ୍ତ ଗୁରୁଜୀଙ୍କୁ ପୂଜା କରିବା ସହ ପୁଷ୍ପ ଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବନ୍ଧୁମିଳନ ଉତ୍ସବ ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଭୋଜନର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୋମନାଥ ସ୍ୱାଇଁ, କୃତ୍ତିବାସ ପ୍ରଧାନ, ଡ. ହୃଷୀକେଶ ପଣ୍ଡା, ପ୍ରଫେସର ପ୍ରମୋଦ କୁମାର ରଥ, ମମତା ସାମନ୍ତରାୟ, ରଞ୍ଜୁବାଳା ସ୍ୱାଇଁ, କାଳନ୍ଦୀ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ନିୟମିତ ଭାବରେ ବର୍ଷକୁ ଥରେ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ କରିବା ସହ ଅବସର ସମୟରେ ଦୀନ ଦୁଃଖୀ ଓ ଅସହାୟମାନଙ୍କ ସେବାରେ ନିୟୋଜିତ ହେବା ସହ ଜନ ମଙ୍ଗଳ କାର୍ଯ୍ୟ କରାଯିବା ପାଇଁ ସ୍ଥିର କରାଯାଇଥିଲା।

# ହର୍ବାଲ ରଙ୍ଗରେ ହୋଲି

**ଭୁବନେଶ୍ୱର,୧।୩(ସୌମ୍ୟରଞ୍ଜନ ରାଉତ) – ଆସୁଛି ରଙ୍ଗର ପର୍ବ ହୋଲି। ଏଥିପାଇଁ ଗାଁଠୁ ସହର ସବୁଠି ପଡିଛି ଧୁରି ରଙ୍ଗ ଖେଳିବା ଲାଗି ସବୁଠି ଉତ୍ସାହର ମାହୋଲ ଆରମ୍ଭ ହୋଇଥିବାବେଳେ ଚଳଚଞ୍ଚଳ ହେଲାଣି ରାଜଧାନୀ ବଜାର। ଭଳିକି ଭଳି ରଙ୍ଗରେ ରଙ୍ଗିନ ହେବେ ସଭିଏ। ରୋଗରୁ ମୁକ୍ତି, ସୁସ୍ଥ ଜୀବନ ସହ ଶାନ୍ତି ଓ ପରିବେଶ ସୁରକ୍ଷା ପାଇଁ କେମିକାଲ ବଦଳରେ ହର୍ବାଲ ରଙ୍ଗରେ ହୋଲି ଖେଳିବାକୁ ସମସ୍ତେ ପ୍ରସ୍ତୁତ।**



## ରଙ୍ଗ ରସଗୋଲା

ଚଳିତ ବର୍ଷ ହୋଲି ପାଇଁ ପ୍ରିୟଦର୍ଶୀ ଆଉଏକ ଉତ୍ପାଦ ଆଣିଛନ୍ତି। ଏହାର ନାମ ହୋଲି ରଙ୍ଗର ରସଗୋଲା ବୋଲି ରଖିଛନ୍ତି। ଛୋଟ ପିଲାମାନେ ଯେଉଁ ବେଲୁନ ଭିତରେ ରଙ୍ଗ ଭରି ଖେଳନ୍ତି, ତାହା ବିପଦପୂର୍ଣ୍ଣ ହୋଇଥିବାରୁ ତା' ବଦଳରେ ଧୋତି ବା କପଡାର ଛୋଟ ଖଣ୍ଡକୁ ଏହି ପ୍ରାକୃତିକ ରଙ୍ଗରେ ବୁଡେଇ ହୋଲି ଖେଳିବା ଉଦ୍ଦେଶ୍ୟରେ ସେ ପ୍ରସ୍ତୁତ କରିଛନ୍ତି 'ରଙ୍ଗ ରସଗୋଲା'। ଏହା ଦେହ କିମ୍ବା ଆଖିରେ ଭୁଲ୍ ବଶତଃ ପଡିଲେ ମଧ୍ୟ ସେପରି କିଛି କ୍ଷତି ହେବ ନାହିଁ ବୋଲି ପ୍ରିୟଦର୍ଶିନୀ କହିଛନ୍ତି।

## ପତ୍ର, ଫୁଲ, ମାଟିରେ ରଙ୍ଗ ତିଆରି କରୁଛନ୍ତି ପ୍ରିୟଦର୍ଶିନୀ

ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିବା ସହ ଏଥିଲାଗି ଲୋକଙ୍କୁ ଉତ୍ସାହିତ କରୁଛନ୍ତି ପ୍ରିୟଦର୍ଶିନୀ ଦାସ। ୬ ବର୍ଷ ଧରି ସେ ନିଜେ ପ୍ରାକୃତିକ ରଙ୍ଗରେ ହୋଲି ଖେଳିବା ସହ ଅନ୍ୟମାନଙ୍କୁ ପରିବେଶ ସଚେତନତାର ବାର୍ତ୍ତା ଦେଉଛନ୍ତି। ପ୍ରାକୃତିକ ରଙ୍ଗରେ ହୋଲି ଖେଳିବା ପାଇଁ ସେ ତାଙ୍କ ଆଖପାଖ ଲୋକଙ୍କୁ ବୁଝାଇବା ସହ ସେ ତିଆରି କରିଥିବା ଭଳିକି ଭଳି ପ୍ରାକୃତିକ ରଙ୍ଗ ବିନା ମୂଲ୍ୟରେ ବାଣ୍ଟିଥାନ୍ତି। ପୂର୍ବରୁ ସେ ରସାୟନିକ ରଙ୍ଗରେ ହୋଲି ଖେଳି ଲୋକଙ୍କୁ ବିଭିନ୍ନ ସମୟରେ ଆଖି ଓ ଚର୍ମ ସମ୍ବନ୍ଧିତ ସମସ୍ୟା ହେଉଥିବା ଦେଖି ତାଙ୍କ ମନରେ ଏପରି ପ୍ରାକୃତିକ ରଙ୍ଗ ପ୍ରସ୍ତୁତି ପାଇଁ ଆଗ୍ରହ ବଢ଼ିଥିଲା, ଯାହାକୁ ଏବେ ସେ ଓ ତାଙ୍କ ଟିମ୍ ଆହୁରି ବ୍ୟାପକ କରିଛନ୍ତି। ରଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ତାଙ୍କ ସହ ୧୫ ଜଣ ମହିଳା ସାମିଲ ରହିଛନ୍ତି। ପତ୍ର, ଫୁଲ, ମାଟି, କଞ୍ଚା ହଳଦୀ, ନିମ୍ବ, କୁଙ୍କୁମ, ବେଲ ପତ୍ର, ହଳଦୀ ପତ୍ର, ମେହେନ୍ଦୀ ପତ୍ର, କରଞ୍ଜ ପତ୍ର ଓ ରଙ୍ଗବେରଙ୍ଗର ଫୁଲରୁ ସେ ପ୍ରାୟ ୩୦ରୁ ଅଧିକ ପ୍ରକାରର ରଙ୍ଗ ପ୍ରସ୍ତୁତ କରନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ ଏବଂ ଏହି ରଙ୍ଗକୁ ପ୍ରତ୍ୟକ ବର୍ଗର ଲୋକେ ବ୍ୟବହାର କରି ପାରିବେ ବୋଲି ପ୍ରିୟଦର୍ଶିନୀ କହିଛନ୍ତି।



# ଦୁଆରେ ଦିଅଁ, ପ୍ରକମ୍ପିତ ରଘୁନାଥପୁର ଗ୍ରାମ

ବାରଙ୍ଗ,୧।୩(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ରଘୁନାଥପୁର ଗ୍ରାମରେ ପରମ୍ପରାର ପର୍ବ ଦୋଳଯାତ୍ରା, ମେଳଣ ଓ ଜମାଣ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଦଧିବାମନ ମନ୍ଦିରରୁ ବାହାରି ସୁସଜ୍ଜିତ ବିମାନରେ ବିରାଟ ପଟୁଆର ନେଇ ଗାଁ ପରିଭ୍ରମଣ କରିଥିଲେ। ହରିବୋଲ ହୁଳହୁଳି ସାଙ୍ଗକୁ ହରିନାମ କୀର୍ତ୍ତନରେ ଗାଁର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ପ୍ରଭୁ ଦଧିବାମନ ଘରଘର ବୁଲି ଭୋଗ ଖାଇବାର ପୁରୁଣା ପ୍ରଥା ଓ ପରମ୍ପରା ଥିବାରୁ ଗ୍ରାମବାସୀ ରାତି ଉଜାଗର ହୋଇ ଘର ଆଗରେ ଦୀପଜାଳି ଭୋଗଡାଲା ଧରି ଠାକୁରଙ୍କ ଆଗମନକୁ ପ୍ରତୀକ୍ଷା କରି ରହିଥିଲେ। ଅନ୍ୟପଟେ ରଙ୍ଗବେରଙ୍ଗର ସୁସଜ୍ଜିତ ଆଲୋକମାଳା ସାଙ୍ଗକୁ ବାଜାବାଣରେ ରଘୁନାଥପୁର ଗ୍ରାମ ଓ ଏହାର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଆଧୁନିକ ଆଉ ପୌରାଣିକ ବାଦ୍ୟର ତାଳରେ ଯୁବକମାନଙ୍କ ନାଚ ଦେଖଣାହାରିଙ୍କୁ ବିମୋହିତ କରିଥିଲା। ଗ୍ରାମର ଏହା ବଡ଼ ପର୍ବ ହୋଇଥିବାରୁ ଗ୍ରାମବାସୀ ବେଶ୍ ଉତ୍ସାହିତ ଥିଲେ। ଘରେଘରେ ବନ୍ଧୁ ବାନ୍ଧବମାନଙ୍କ ଭିଡ଼ ଲାଗି ରହିଥିବା ବେଳେ ରାତି ଉଜାଗର ହୋଇ ଗ୍ରାମବାସୀ ପ୍ରଭୁ ଦଧିବାମନଙ୍କ ଏହି ନିଆରା ଯାତ୍ରାକୁ ଉପଭୋଗ କରିଥିଲେ।



ନାଟ୍ୟଧାରା ପକ୍ଷରୁ ଭଞ୍ଜକଳା ମଣ୍ଡପରେ ରବିବାର ଆୟୋଜିତ ଉତ୍ସବରେ ବ୍ରହ୍ମପୁରର ଓଡ଼ିଶା ସାଂସ୍କୃତିକ ସଂସଦର କଳାକାରମାନେ ନାଟକ 'କୋଣାର୍କ ଆଖିରେ ଲୁହ' ପରିବେଷଣ କରୁଛନ୍ତି। (ଫଟୋ–ବିକାଶ ନାୟକ)

# ଲୋକ ଜନଶକ୍ତି ପାର୍ଟିର ରାଜ୍ୟ ଅଧିବେଶନ

ବାଲିପାଟଣା,୧।୩(ଅଭିମନ୍ୟୁ ନାୟକ)

ଲୋକ ଜନଶକ୍ତି ପାର୍ଟିର ରାଜ୍ୟ ଅଧିବେଶନ ରବିବାର ବାଲିପାଟଣାଠାରେ ରାଜ୍ୟ ସଭାପତି ରାଜନ ଲାଲ ଶ୍ରୀବାସ୍ତବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହିତ ଦଳକୁ ମଜଭୁତ୍ କରିବାକୁ କର୍ମୀମାନଙ୍କୁ ସଚେତନ କରାଯାଇଥିଲା। ବର୍ତ୍ତମାନ ରହିଥିବା କର୍ମକର୍ତ୍ତାମାନଙ୍କୁ ପୁଣି ନିର୍ବାଚିତ କରାଯାଇଥିଲା। ଅନିତା ନାୟକଙ୍କୁ ଜାତୀୟ ମହିଳା ସେଲର ଅଧ୍ୟକ୍ଷା, କଲ୍ୟାଣୀ ବାରିକ ରାଜ୍ୟ ମହିଳା ସେଲ ଅଧ୍ୟକ୍ଷା ଏବଂ ଲିଗାଲ ସେଲର ସଭାପତି ଭାବେ ଆଡଭୋକେଟ ସୁଭ୍ରଜିତ୍ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ରତ୍ନାକର ସ୍ୱାଇଁ, ସମ୍ପାଦକ ଚିତ୍ତରଞ୍ଜନ ବରାଳ, ଉପସଭାପତି ପୀତବାସ ପଣ୍ଡା, ମୁସ୍ତାକ ଅଲ୍ଲୀ, ଜିତେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ସାହୁ, ଉପଦେଷ୍ଟା ଧୀରେନ୍ଦ୍ର ଭୋଇ, କୈଳାସ ସାହୁ, ଜିତେନ୍ଦ୍ର ବେହେରାଙ୍କ ସମେତ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜ୍ୟ ଉପସଭାପତି ଚିତ୍ତ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ଜଣେ ବିଦେଶୀ ମହିଳା ପର୍ଯ୍ୟଟକ ପ୍ରଦର୍ଶିତ ସ୍ଥାପତ୍ୟକଳା ଦେଖୁଛନ୍ତି।

ଭୁବନେଶ୍ୱର,୧।୩ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ସଂଗ୍ରହାଳୟସ୍ଥିତ କଳିଙ୍ଗ ଆର୍ଟ ଗାଲେରୀଠାରେ ଚାଲିଥିବା କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ୮ମ ପ୍ରତିଷ୍ଠା ଉତ୍ସବ ରବିବାର ଶେଷ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତାରାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କଳା ଐତିହାସିକ ଡ. ଅଲେଖ ଚନ୍ଦ୍ର ସାହୁ, ରାଜ୍ୟ ସଂଗ୍ରହାଳୟ ଅଧ୍ୟକ୍ଷ୍ୟ ଡ. ଭାରତୀ ପାଲ, ସଂସ୍କୃତି ବିଭାଗର ଅଧିକାରୀ ପ୍ରୀତିଶ କୁମାର ପଣ୍ଡା, କଳାପ୍ରେମୀ ରେବତୀ ପାଣି ଯୋଗଦେଇ ପୁରୁଣା ଚିତ୍ରକୁ କିପରି ସଂରକ୍ଷଣ କରିହେବ ସେ ବିଷୟରେ ଆଲୋଚନା କରି କଳାପ୍ରେମୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିନିତ ଚୌଧୁରୀଙ୍କ ପକ୍ଷରୁ ଚୌଧୁରୀ ଧୂର୍ଯ୍ୟଧନ ଦାସ ମେମୋରିଆଲ ପୁରସ୍କାର ୩ଜଣ ଛାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦକୁ ୧୦ହଜାର ଟଙ୍କାର ଅର୍ଥରାଶି ଦିଆଯାଇଥିଲା। ୨ଜଣ ଛାତ୍ରଙ୍କୁ ଆଇଏସ୍ ଅଫିସର ଅମରେନ୍ଦ୍ର ପଟ୍ଟନାୟକ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା। ନିହାରିକା ପଟ୍ଟନାୟକ ପୁରସ୍କାର ସହ ୫୦୦୦ ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଚିତ୍ରକଳାର ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ସଦସ୍ୟ ବିକାଶ ଚୌଧୁରୀ ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ସମସ୍ତ ଅଧ୍ୟାପକ–କର୍ମଚାରୀଙ୍କୁ ଅନୁଦାନ ଦାବି

## ୫ରେ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ସହ ଆଲୋଚନା

ଭୁବନେଶ୍ୱର, ୧।୩ (ବନ୍ଦନା ସେଠୀ)

ରାଜ୍ୟର ବେସରକାରୀ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡ଼ିକରେ ପରିଚାଳନା କମିଟି ଦ୍ୱାରା ୨୦୧୮ରୁ ୨୦୨୫ ମଧ୍ୟରେ ନିଯୁକ୍ତ ସମସ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବାକୁ ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଦାବି କରିଆସୁଛି। ସଂଘ ସଭାପତି ନୀତିଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ରବିବାର ଭୁବନେଶ୍ୱରସ୍ଥିତ ରେଡ଼କ୍ରସ ଭବନଠାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ଦାବି ପୂରଣ ନେଇ ଆଲୋଚନା ହୋଇଛି। ନୀତିଶ କହିଛନ୍ତି, ବର୍ଷ ବର୍ଷ ଧରି ସ୍ୱଳ୍ପ ପାରିଶ୍ରମିକରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ବହୁ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ ବାରମ୍ବାର ବିଭିନ୍ନ ସ୍ତରରେ ଦାବି କରାଯାଉଥିବାବେଳେ କେବଳ ପ୍ରତିଶ୍ରୁତି ହିଁ ମିଳୁଛି। ରାଜ୍ୟରେ ନୂତନ ସରକାର ଗଠନକୁ ପ୍ରାୟ ୨୦ମାସ ବିତିଯାଇଥିଲେ ହେଁ ଅଧ୍ୟାପକ–କର୍ମଚାରୀଙ୍କ ପାଇଁ ଅନୁଦାନ ନୀତି ଆସିପାରିଲା ନାହିଁ। ଅନୁଦାନ ଅପେକ୍ଷାରେ ଥିବା ବହୁ ଅଧ୍ୟାପକ ଓ କର୍ମଚାରୀଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇସାରିଲାଣି। ରାଜ୍ୟ ସରକାର କେବଳ କମିଟି ଗଠନ କରି ଅଧ୍ୟାପକଙ୍କ ଧୈର୍ଯ୍ୟର ପରୀକ୍ଷା ନେବା ବଦଳରେ ଅନୁଦାନ ନୀତି ପାଇଁ ବିଧିବଦ୍ଧ ନିଷ୍ପତ୍ତି ନିଅନ୍ତୁ। ମାର୍ଚ୍ଚ ୫ରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ସହ ସଂଘର ବୈଠକ ରହିଛି। ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ସଂଘର ଏକମାତ୍ର ଦାବି ଅନୁଦାନ ନୀତି ସମ୍ପର୍କରେ ବିଚାର କରି ସରକାରଙ୍କୁ ଉଚିତ ସୁପାରିସ କରିବେ ବୋଲି ସଂଘ ଆଶା ରଖିଛି। ଏହି ବୈଠକରେ ସଂଘର ସାଧାରଣ ସମ୍ପାଦକ ଦିନେଶ କୁମାର ମହାପାତ୍ର, ଉପସଭାପତି ଜ୍ଞାନରଞ୍ଜନ ଦାଶ, ଉପଦେଷ୍ଟା ଆଶିଷ ପତି, ଯୁଗ୍ମ ସମ୍ପାଦକ ସ୍ୱର୍ଣ୍ଣପ୍ରିୟା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାକୃତିକ ରଙ୍ଗରେ ସୁରକ୍ଷିତ ହୋଲି ପାଳନ କରିବା : ମନ୍ତ୍ରୀ

ଭୁବନେଶ୍ୱର,୧।୩ (ସୌମ୍ୟରଞ୍ଜନ ରାଉତ)

## ଓର୍‌ମାସ ପକ୍ଷରୁ 'ରଙ୍ଗୋତ୍ସବ' ଉଦ୍‌ଘାଟିତ

**ରଙ୍ଗ ସହ ସ୍ୱାଦିଷ୍ଟ ଖାଦ୍ୟ, ହସ୍ତଶିଳ୍ପ ଓ ଗ୍ରାମୀଣ ସାମଗ୍ରୀର ପସରା**

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓର୍‌ମାସ) ପକ୍ଷରୁ ଭୁବନେଶ୍ୱର ୟୁନିଟ୍–୮ସ୍ଥିତ ଏସ୍ଆଇଆର୍‌ଡି କ୍ୟାମ୍ପସଠାରେ 'ରଙ୍ଗୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ସୁରକ୍ଷିତ ଓ ପରିବେଶ ଅନୁକୂଳ ହୋଲି ପାଳନକୁ ପ୍ରୋତ୍ସାହିତ କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକ ସ୍ଥାୟୀ ବଜାର ଯୋଗାଇଦେବା ହେଉଛି ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଏହି ମେଳାରେ କେବଳ ପ୍ରାକୃତିକ ରଙ୍ଗ ନୁହେଁ, ବରଂ ଓଡ଼ିଶାର ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟ, ସୂକ୍ଷ୍ମ ହସ୍ତଶିଳ୍ପ ଏବଂ ହାତତିଆରି ଗୃହ ଉପକରଣ ସାମଗ୍ରୀ ପରି ଅନେକ ଗ୍ରାମୀଣ ଉତ୍ପାଦର ସମ୍ଭାର ଦେଖିବାକୁ ମିଳୁଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହାକୁ ଉଦ୍‌ଘାଟନ କରି କହିଲେ, ରଙ୍ଗୋତ୍ସବ ହେଉଛି ସୁରକ୍ଷିତ ରଙ୍ଗ ଓ ନାରୀ ସଶକ୍ତୀକରଣର ଏକ ସୁନ୍ଦର ସମନ୍ୱୟ। ପ୍ରାକୃତିକ ରଙ୍ଗ ବ୍ୟବହାର କରି ଆମେ ସୁରକ୍ଷିତ ତଥା ସାର୍ଥକ ହୋଲି ପାଳନ କରିପାରିବା। ଏସ୍ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାକୃତିକ ରଙ୍ଗ ବ୍ୟବହାର କରି ଆମେ ପରିବେଶକୁ ସୁରକ୍ଷିତ ରଖିବା ସହ ଗ୍ରାମୀଣ ଅର୍ଥନୀତିକୁ ସମର୍ଥନ କରିପାରିବା। ସମସ୍ତେ ସ୍ଥାନୀୟ ଉତ୍ପାଦକୁ ଆପଣାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ କହିଛନ୍ତି, ରଙ୍ଗୋତ୍ସବ ଗ୍ରାମୀଣ ଓଡ଼ିଶାର ନାରୀ ଉଦ୍ୟୋଗୀଙ୍କ ଦକ୍ଷତାକୁ ପ୍ରତିଫଳିତ କରୁଛି। ସେମାନଙ୍କୁ ଆଧୁନିକ ବଜାର ସହ ଯୋଡ଼ିବା ଏବଂ ସେମାନଙ୍କ ପରିଶ୍ରମକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଓର୍‌ମାସ ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଏହି ମେଳା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ।



ରଙ୍ଗୋତ୍ସବରେ ଜଣେ ମହିଳା ହର୍ବାଲ ହୋଲି କିଣାକିଣି କରୁଛନ୍ତି।

# 'ଯିଏ ସୌନ୍ଦର୍ଯ୍ୟ ଉଦ୍ରେକ କରେ ସେ ଭଲ କବିତା'

## ଅଭିରାମ ଦାସଙ୍କ 'ଛାଇପରି ସ୍ୱପ୍ନ' ଲୋକାର୍ପିତ

ପୁରୁଣା ଭୁବନେଶ୍ୱର,୧।୩(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ କେଦାରଗୌରୀ ମନ୍ଦିର ନିକଟ ସିଦ୍ଧି ମଣ୍ଡପ ପ୍ରେକ୍ଷାଳୟରେ ରବିବାର କବି ଡ. ଅଭିରାମ ଦାସଙ୍କ କବିତାଗ୍ରନ୍ଥ 'ଛାଇପରି ସ୍ୱପ୍ନ' ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ କଥାଶିଳ୍ପୀ ଡ.ଅଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବି ଓ ପ୍ରଶାସକ ରଞ୍ଜନ କୁମାର ଦାସ ଯୋଗଦେଇ କହିଥିଲେ, ଭଲ କବିତା କେବେ ଭାବ ପ୍ରକାଶ କରିବା ପାଇଁ ବ୍ୟଗ୍ର ହୁଏନି ବରଂ ଯିଏ ସୌନ୍ଦର୍ଯ୍ୟ ଉଦ୍ରେକ କରେ ସେ ଭଲ କବିତା । ସମ୍ମାନିତ ଅତିଥିଭାବେ ବିଶିଷ୍ଟ କଥାଶିଳ୍ପୀ ପରେଶ ପଟ୍ଟନାୟକ, ବିଶିଷ୍ଟ ଚଳଚ୍ଚିତ୍ର ସଂଳାପ ଲେଖକ ଓ କବି ଡ.ରଜନୀରଂଜନ, ବିଶିଷ୍ଟ କବି ଡ.ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଯୋଗଦେଥିଲେ। ପ୍ରକାଶିକା ବବିତା ଦାଶ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପକ୍ଷୀଘର ପ୍ରକାଶନୀର ସମ୍ପାଦକ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନେ ଛାଇପରି ସ୍ୱପ୍ନ କବିତା ପୁସ୍ତକ ଲୋକାର୍ପଣ କରୁଛନ୍ତି ।

# ନରଣପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବିଡ଼ାନାସୀ ଚାମ୍ପିୟନ

ତ୍ରିଶୂଳିଆ,୧।୩(ତୁଷାର କାନ୍ତ ବେହେରା)

ବାରଙ୍ଗ ବ୍ଲକ ଅନ୍ତର୍ଗତ ମହାବୀର ସ୍ପୋର୍ଟିଂ କ୍ଲବ ନରଣପୁର ଆନୁକୂଲ୍ୟରେ ଦିବାକର ସ୍ୱାଇଁ ମେମୋରିଆଲ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଡାନାସୀ ଚାମ୍ପିୟନ ହୋଇଥିବାବେଳେ ପ୍ରତାପନଗରୀ ରନର୍ସଅପ ହୋଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ୨ଟି ସେମିଫାଇନାଲ ଓ ଗୋଟିଏ ଫାଇନାଲ ମ୍ୟାଚ୍ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ମା' ଭୁଆସୁଣୀ ବିଡାନାସୀ ସହିତ ୟୁଥ ସ୍ପୋର୍ଟ୍ସ କ୍ଲବ, ମରିଚିଆ ମଧ୍ୟରେ ହୋଇଥିଲା। ଏଥିରେ ବିଡାନାସୀ କ୍ଲବ ୪–୧ଗୋଲରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ପ୍ରତାପ ନଗରୀ ୩–୧ଗୋଲରେ ସୁପ୍ରିମ ଫୁଟବଲ କ୍ଲବ, ବାରାହୀପୁରକୁ ହରାଇ ବିଡ଼ାନାସୀ ସହିତ ଫାଇନାଲରେ ପ୍ରବେଶ କରିଥିଲା। ଏହି ଫାଇନାଲ ମ୍ୟାଚ ପ୍ରତାପନଗରୀ ଓ ବିଡ଼ାନାସୀ ମଧ୍ୟରେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟ ଭିତରେ କେହି କାହାରିକୁ ଗୋଲଦେଇ ପାରିନଥିଲେ। ବିଡାନାସୀ ୫–୪ ଟାଏବ୍ରେକର ଜରିଆରେ ପ୍ରତାପନଗରୀକୁ ପରାସ୍ତ କରି ଚଳିତବର୍ଷ ଚାମ୍ପିୟନ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ବିଜେତା ଦଳକୁ ୧୫ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏଥିସହ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ୧୨ହଜାର ଅର୍ଥରାଶି ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଖଣ୍ଡପଡା ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ବାରଙ୍ଗ ୩୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ଓଡ଼ିଆ ଚଳଚିତ୍ର ଅଭିନେତା ଶ୍ରୀତମ ଦାସ, ମଧୁପୁର ସମିତି ସଭ୍ୟ କିଶନ ଜେନା, ଆଇନଜୀବୀ ସଂଘମିତ୍ରା ଦେବୀ, ଭୂପତି ଭୂଷଣ ପାଣି, ନାରଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମର ମୁରବି ଭରତ ଚନ୍ଦ୍ର ସ୍ୱାଇଁ, ଧୀରେନ୍ଦ୍ର ବିଶ୍ୱାଳ, ରଞ୍ଜନ ସାହୁ, ପ୍ରଭାକର ରାଉତ, ବିରେନ ରାଉତ ସମେତ କ୍ଲବର ସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ସଞ୍ଜୟ ସ୍ୱାଇଁଙ୍କ ସମେତ କ୍ଲବର ସଭ୍ୟମାନେ ଖେଳକୁ ସୁଚାରୁ ରୂପେ ତୁଲାଇଥିଲେ।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ଚାମ୍ପିୟନ ବିଡାନାସୀ ଦଳ।

# ଶହୀଦ ପାର୍କ ଜରାଜୀର୍ଣ୍ଣ, ଝୁଲୁଛି ତାଲା

- ବ୍ରିଟିଶ ଅମଳର ତୋପ, ପାଇକ ବୀରଙ୍କ ପ୍ରତିମୂର୍ତ୍ତି ନଷ୍ଟ ହେଲାଣି
- ତୁରନ୍ତ ପୁନରୁଦ୍ଧାର ଦାବି

ଖୋର୍ଦ୍ଧା, ୧।୩(ପ୍ରଭାତ ପାଣିଗ୍ରାହୀ)



ସ୍ୱାଧୀନତା ଆନ୍ଦୋଳନରେ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ସମ୍ମାନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜୟୀ ରାଜଗୁରୁ ଟାଉନ ହଲ୍ ସମ୍ମୁଖରେ ଶହୀଦ ପାର୍କ ନିର୍ମାଣ ହୋଇଥଲା। ତେବେ ଏହି ପାର୍କ ଏବେ ଅବହେଳିତ ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପାର୍କ ପରିସରରେ ଅନାବନା ଗଛଲତା ମାଡ଼ିଗଲାଣି। ପାର୍କ ଘାସ ବଣରେ ପରିଣତ ହୋଇଛି। ପାର୍କ ପରିସରରେ ପାଇକ ବୀର ଯୋଦ୍ଧା ବେଶରେ ପ୍ରତିମୂର୍ତ୍ତି ଦଣ୍ଡାୟମାନ ହୋଇଥିବା ବେଳେ ତଳେ ବ୍ରିଟିଶ ଅମଳର ତୋପ ରହିଛି। ପ୍ରତିମୂର୍ତ୍ତି ଭାଙ୍ଗିରୁଜି ଗଲାଣି। ପାର୍କର ଗୋଟିଏ ପାର୍ଶ୍ୱରେ ଶହୀଦ ମାର୍କେଟ କମ୍ପ୍ଲେକ୍ସ, ଅପର ପାର୍ଶ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ବାସଭବନ ରହିଛି। ନିକଟରେ ତହସିଲଦାରଙ୍କ କାର୍ଯ୍ୟାଳୟ ରହିଛି। ତେବେ ଏହି ପାର୍କ ଅସ୍ତିତ୍ୱ ହରାଇବାକୁ ବସିଛି। ପୌର ପ୍ରଶାସନ ପକ୍ଷରୁ ଏହାର ପୁନରୁଦ୍ଧାର ଲାଗି କୌଣସି ଗୁରୁତ୍ୱ ଦିଆଯାଉ ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ୧୯୯୨ ଜାନୁଆରୀ ୧୦ରେ ଏହି ପାର୍କ ପ୍ରତିଷ୍ଠା ହୋଇଥିଲା। ସେହି ସମୟରେ ତତ୍କାଳୀନ ମନ୍ତ୍ରୀ ଡ.ପ୍ରସନ୍ନ ପାଟଶାଣୀ ଏହାକୁ ଉଦ୍‌ଘାଟନ କରିଥିଲେ। ତତ୍କାଳୀନ ଉପଜିଲାପାଳ ଲକ୍ଷ୍ମୀକାନ୍ତ ମହାପାତ୍ର, ନିର୍ବାହୀ ଅଧିକାରୀ ଗଜେନ୍ଦ୍ର ପାତ୍ର ପ୍ରମୁଖଙ୍କ ନାମ ଫଳକରେ ଉଲ୍ଲେଖ ରହିଛି। ୨୦୦୫ ମସିହାରେ ପାର୍କ ପରିସରରେ ଏକ କୋଠରିକୁ ସେହି ସମୟରେ ତତ୍କାଳୀନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିବା ବେଳେ ନଗରପାଳ ରହିଥିଲେ ରାଜେନ୍ଦ୍ର ସାହୁ। ପରବର୍ତ୍ତୀ ସମୟରେ ୨୦୦୯ରେ ରାଜେନ୍ଦ୍ର ବିଧାୟକ ରହିଥିବା ବେଳେ ତାଙ୍କ ସହଧର୍ମିଣୀ ସଞ୍ଜୁକ୍ତା ସାହୁ ନଗରପାଳ ରହିଥିଲେ। ପରବର୍ତ୍ତୀ ସମୟରେ ୨୦୧୯ରୁ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଖୋର୍ଦ୍ଧା ଏବଂ ବେଗୁନିଆରୁ ରାଜେନ୍ଦ୍ର ସାହୁ ବିଧାୟକ ରହିଥିଲେ। ସେହି ସମୟରେ ଉଭୟ ଖୋର୍ଦ୍ଧା ଉପରେ ଫୋକସ କରୁଥିବା ବେଳେ ଏହି ପାର୍କର ପୁନରୁଦ୍ଧାର ଲାଗି କୌଣସି ଗୁରୁତ୍ୱ ଦିଆଗଲା ନାହିଁ। ୨୦୨୪ରୁ ପ୍ରଶାନ୍ତ ଜଗଦେବ ବିଧାୟକ ରହିଛନ୍ତି। ୨୦୨୨ ପୌର ନିର୍ବାଚନରେ ସିଧାସଳଖ ଭାବେ କନକଲକ୍ଷ୍ମୀ ମହାନ୍ତି ବିଜେଡିରୁ ପୌରାଧକ୍ଷା ନିର୍ବାଚିତ ହୋଇଥିଲେ। ନୂତନ ସରକାର ଏବଂ ପୌର ଗଠନ ପରେ ଆଶାଥିଲା ଶହୀଦ ପାର୍କର ପୁନରୁଦ୍ଧାର କରାଯିବ। ଏହି ପାର୍କ ଗତ କରୋନା ସମୟ ୨୦୨୦ରୁ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପାର୍କ ପ୍ରବେଶ ମୁଖ୍ୟ ଫାଟକରେ ତାଲା ଝୁଲୁଛି। ଏହାର ସମ୍ମୁଖ ଭାଗ ମୁକ୍ତ ଶୌଚାଳୟ ପାଲଟିଛି। ଏହାର ପରିବେଶ ପୂତିଗନ୍ଧମୟ ହୋଇପଡ଼ିଛି। ଗନ୍ଧରେ ନାକ ଫାଟିପଡୁଥିବା ବେଳେ ସତେ ଯେପରି ଏହା ସମାଜ ପାଇଁ ଅଲୋଡ଼ା ହୋଇପଡିଛି। ପୂର୍ବରୁ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଥିବା ବେଳେ ଏବେ ୩୬୫ଦିନ ତାଲା ଝୁଲୁଛି। ଏହାର ପୁନରୁଦ୍ଧାର ପ୍ରତି ପୌର ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଏକାଧିକ ଯୋଜନାରେ ସହରର ବହୁ ଉନ୍ନତୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ବେଳେ ଏହି ପାର୍କର ସୌନ୍ଦର୍ଯ୍ୟକରଣ ପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ।

ଏନେଇ ସାମାଜିକ କର୍ମୀ ଅଭିମନ୍ୟୁ ଘଡୁଆଳ କହିଛନ୍ତି, ଯେଉଁ ଉଦ୍ଦେଶ୍ୟରେ ଏହି ପାର୍କ ନିର୍ମାଣ ହୋଇଥିଲା, ତାହା ଏବେ ଅବହେଳିତ ଅବସ୍ଥାରେ ରହିଛି। ବିଜେବି ହାଇସ୍କୁଲ ପଡିଆ ନିକଟରେ ରହିଥିବା ଜୟୀ ରାଜଗୁରୁ ଶିଶୁ ଉଦ୍ୟାନ ଏବଂ ଜିଲା ସଂସ୍କୃତି କାର୍ଯ୍ୟାଳୟ ନିକଟରେ ଥିବା ବିଜୁ ପଟ୍ଟନାୟକ ପାର୍କର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି। ହେଲେ ସହର କେନ୍ଦ୍ରସ୍ଥଳରେ ରହିଥିବା ଏହି ଶହୀଦ ପାର୍କର ବିକାଶ ପ୍ରତି ପୌର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ସେହିପରି ସାମାଜିକ କର୍ମୀ ଜିତେନ୍ଦ୍ର ବେହେରା କହିଛନ୍ତି, ପାଇକ ବୀରତ୍ୱର ଗାଥା ବହନ କରୁଥିବା ଏକ ପାଇକ ପ୍ରତିମୂର୍ତ୍ତି ରହିଛି। ସହର ପ୍ରାଣକେନ୍ଦ୍ରର କହିଲେ ଅତ୍ୟୁକ୍ତି ହେବ ନାହିଁ। ଏ ଜାତିର ଅସ୍ମିତାର ଗୁରୁତ୍ୱ ବହନ କରୁଥିବା ପାଇକ ବିଦ୍ରୋହର ପ୍ରତିଚିହ୍ନ ସ୍ୱରୂପ ପାଇକ ବୀରଙ୍କ ପ୍ରତିମୂର୍ତ୍ତି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ବ୍ରିଟିଶ ଅମଳର ତୋପ ନଷ୍ଟ ହେବାକୁ ବସିଛି। ଏହାର ପୁନରୁଦ୍ଧାର କରାଗଲେ, ଏହାର ଗୌରବ ବୃଦ୍ଧି ପାଇବ। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୌର ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି ଯେ, ଏହି ପାର୍କର ପୁନରୁଦ୍ଧାର ଲାଗି ଯୋଜନା ରହିଛି।

# ରାସ୍ତାରେ ହାତୀପଲ, ଲୋକେ ଭୟଭୀତ



ଟାଙ୍ଗୀ, ୧।୩(ରଘୁନାଥ ସାହୁ)

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରି କି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଅନ୍ୟପକ୍ଷରେ ହାତୀ-ମଣିଷ ଲଢ଼େଇରେ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି। ୧୫ଟିକିଆ ହାତୀପଲ ନାରଗଦା ଗ୍ରାମ ନିକଟ ଜଙ୍ଗଲରେ ରହୁଛନ୍ତି। ଏଥିରେ ୬ଟି ଛୁଆ ହାତୀ ଥିବା ବେଳେ ୪ଟି ମାଈ ହାତୀ ସହ ୫ଟି ଦନ୍ତା ଥିବା ସୂଚନା ମିଳିଛି। ରବିବାର ଭୋରୁ ହାତୀପଲ ରଣପୁର ଜଙ୍କିଆ ଜଗନ୍ନାଥ ସଡ଼କରେ ରାସ୍ତା ଅତିକ୍ରମ କରୁଥିବା ବେଳେ ହାତୀପଲଙ୍କୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଥିଲେ। ଫଳରେ କିଛି ସମୟ ପାଇଁ ଜଗନ୍ନାଥ ସଡ଼କରେ ଗାଡି ଚଳାଚଳ ବନ୍ଦ ରହିଥିଲା। ଖବରପାଇ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀପଲକୁ ଘଉଡ଼ାଇବା ପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏଥି ସହ ହାତୀପଲ ନାରଗଦା ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ତେଣୁ ବନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଦୋଳଯାତ୍ରା ମହୋତ୍ସବ ଆଜି

କୃଷ୍ଣପ୍ରସାଦ, ୧।୩ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ପାରିକୁଦଗଡ଼ ଚନ୍ଦନ ଯାତ୍ରା ପଡ଼ିଆଠାରେ ଦୋଳଯାତ୍ରା ମହୋତ୍ସବ ସୋମବାର ଅନୁଷ୍ଠିତ ହେବ। ପାଞ୍ଚ ମୌଜା ପରିଚାଳନା କମିଟି ନେତୃତ୍ୱରେ ଆୟୋଜିତ ଉତ୍ସବରେ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ପୌରୋହିତ୍ୟ କରିବେ। ପରମ୍ପରା ଅନୁଯାୟୀ ମୁଖ୍ୟ ପୀଠାଧିଶ ନୀଳକଣ୍ଠେଶ୍ୱର ଦେବ ଓ ଦଧିବାମନ ଦେବଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ସ୍ଥାନରୁ ଠାକୁର ଭକ୍ତଙ୍କ ଗହଣରେ ମେଲଣ ପଡ଼ିଆକୁ ବିଜେ କରିବେ। ସୁନ୍ଦର ଆଲୋକସଜ୍ଜା, ଆତସବାଜି ପ୍ରଦର୍ଶନ, ତୁରୀ ଶଙ୍ଖନାଦ, ପାଇକ ଆଖଡା ଆଦି ଶୋଭାଯାତ୍ରାରେ ଦେଖିବାକୁ ମିଳିଥାଏ। ଠାକୁରଙ୍କ ମେଲଣ ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ ଉତ୍ସବକୁ ସରସ ସୁନ୍ଦର କରିବା ଦିଗରେ ଲାଗିପଡିଛନ୍ତି। ସୂଚନାଥାଉ କି, ଦୋଳ ପୂର୍ଣ୍ଣମୀରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ପୂର୍ବଦିନ ଏହି ମହୋତ୍ସବ ପାଳନ ନିମନ୍ତେ ନିଷ୍ପତ୍ତି ହୋଇଥିଲା।

# ଟାଙ୍ଗୀ ଏନ୍‌ଏସି : ସଂଶୋଧନ ହେଲା ୨ ୱାର୍ଡର ପରିସୀମା

ଟାଙ୍ଗୀ, ୧।୩ (ରଘୁନାଥ ସାହୁ)

ରାଜ୍ୟରେ ଘୋଷଣା ହୋଇଥିବା ୨୮ଏନ୍‌ଏସି ଏବଂ ୭ ପୌରପାଳିକାରେ ନିର୍ବାଚନ ପାଇଁ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ପ୍ରକ୍ରିୟାର ତାଲିକା ପ୍ରକାଶ ପାଇଥିଲା। ଟାଙ୍ଗୀ ଏନ୍‌ଏସି ୧୨ଟି ୱାର୍ଡକୁ ନେଇ ଗଠନ କରାଯାଇଛି। ଏଥିମଧ୍ୟରୁ ୬ଟି ୱାର୍ଡ ଯଥା ୩, ୫, ୬, ୮, ୯, ୧୨ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି। ୩ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳା, ୫ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି ମହିଳା ଏବଂ ୬, ୮, ୯ ଓ ୧୨ ନମ୍ବର ୱାର୍ଡ ସାଧାରଣବର୍ଗ ମହିଳାଙ୍କ ପାଇଁ ରହିଛି। ସେହିପରି ୱାର୍ଡ ନଂ. ୨, ୪, ୭, ୧୦, ୧୧ ସାଧାରଣବର୍ଗ (ଅଣସଂରକ୍ଷଣ) ପାଇଁ ସଂରକ୍ଷିତ କରାଯାଇଛି। ୧ ନଂ ୱାର୍ଡଟି ଅନୁସୂଚିତ ଜାତି ପାଇଁ ସଂରକ୍ଷିତ କରାଯାଇଛି। ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ସମ୍ପର୍କରେ ଜନସାଧାରଣଙ୍କ ପକ୍ଷରୁ ପ୍ରସ୍ତାବ ଓ ଆପତ୍ତି ଗ୍ରହଣ ଗତ ଫେବୃଆରୀ ୨୧ ମଧ୍ୟରେ ଜିଲା ପ୍ରଶାସନ ନିକଟରେ ଜଣାଇବା ପାଇଁ ସୂଚନା ଦିଆଯାଇଥିଲା। ଏହି ନିର୍ଦ୍ଦେଶ ଅନୁଯାୟୀ କେତେକ ୱାର୍ଡର ସୀମା ପୁନଃନିର୍ଦ୍ଧାରିତ କରିବା ପାଇଁ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାକୁ ବିଚାର କରି ୱାର୍ଡ ନଂ. ୨ରେ ଥିବା ବଡ଼ପାଇକ ସାହିର ଏକ ଅଂଶ କଟାଯାଇ ୯ନଂ. ୱାର୍ଡରେ ସାମିଲ କରାଯାଇଛି। ସେହିପରି ୫ନଂ. ୱାର୍ଡରେ ଥିବା ରତନପୁର ପାଟଣାକୁ କଟାଯାଇ ୩ନଂ. ୱାର୍ଡରେ ମିଶ୍ରଣ କରାଯାଇଛି। ପୂର୍ବ ପ୍ରକାଶିତ ସମସ୍ତ ୱାର୍ଡର ସଂରକ୍ଷଣ ତାଲିକାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏ ସମ୍ପର୍କିତ ଚିଠି ଫେବୃଆରୀ ୨୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ପୌର ବିଭାଗ ନିର୍ଦ୍ଦେଶକ ଏବଂ ନଗର ଉନ୍ନୟନ ବିଭାଗକୁ ଅବଗତ କରାଯାଇଛି।

# ଭୋଗ ଖାଇଲେ ନୀଳକଣ୍ଠେଶ୍ୱର ଦେବ



ଜଟଣୀ, ୧।୩(ରବୀନ୍ଦ୍ରନାଥ ମହାକୁଡ଼)

ଦୋଳ ପର୍ବ ପାଇଁ ଗାଁ ଉତ୍ସବମୁଖର ହୋଇଉଠିଛି। ଏହି ପରିପ୍ରେକ୍ଷୀରେ ଜଟଣୀ ଅଞ୍ଚଳରେ ଠାକୁରମାନେ ଦୋଳ ବିମାନରେ ବସି ଗାଁଗାଁ ବୁଲି ଭୋଗ ଭୋଗ ଖାଉଥିବା ଦେଖିବାକୁ ମିଳିଛି। ଶନିବାର ବିଳମ୍ବିତ ରାତିରେ ଜାମୁକୋଳି ଗ୍ରାମରେ ଭୋଗ ଖିଆ ସରିବା ପରେ ରବିବାର ପ୍ରାତଃରୁ ଦୋଳ ବିମାନରେ ବସି ପ୍ରଭୁ ନୀଳକଣ୍ଠେଶ୍ୱର ଦେବ ମୁଣ୍ଡଳ ଗ୍ରାମରେ ଭୋଗ ଖାଇଥିଲେ। ଘଣ୍ଟ ଘଣ୍ଟା, ନାମ ସଂକୀର୍ତ୍ତନ, ଢୋଲ ବାଜା ଆଦି ବଜାଇ ଭକ୍ତମାନେ ବିମାନକୁ ଗ୍ରାମ ପରିକ୍ରମା କରିଥିଲେ। ଏହି ଅଞ୍ଚଳର ପ୍ରସିଦ୍ଧ ପାଞ୍ଚପଡ଼ାର ଆରାଧ୍ୟ ଠାକୁର ପଞ୍ଚୁପଲ୍ଲୀଠାରେ ବିଜେ ନୀଳକଣ୍ଠେଶ୍ୱର ଦେବ ବିମାନରେ ଆସି ଜାମୁକୋଳି, ମୁଣ୍ଡଳ, ନୂଆଗାଁ, ବ୍ରହ୍ମକୁଣ୍ଡଳ ଆଦି ଗ୍ରାମରେ ଘର ଘର ବୁଲି ଭୋଗ ଖାଇ ପୁଣି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି।

# ଧଉଳି ଶାନ୍ତିସ୍ତୂପ ବୁଲିଲେ ଆଇଟିବିପି ଲେହ-ଲଦାଖ ବିଦ୍ୟାର୍ଥୀ



ଓଡ଼ିଶା ଗସ୍ତରେ ଆସିଥିବା ଆଇଟିବିପି ପିଲାମାନେ।

ଖୋର୍ଦ୍ଧା, ୧।୩(ପ୍ରଭାତ ପାଣିଗ୍ରାହୀ)

ଭାରତ ଦର୍ଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ଭାରତ-ତିବ୍ବତ ସୀମା ପୋଲିସ (ଆଇଟିବିପି)ର ୩୬ତମ ବାହିନୀ, ଲେହ-ଲଦାଖ ବିଦ୍ୟାର୍ଥୀ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି କାର୍ଯ୍ୟକ୍ରମ ୨୨ଫେବୃଆରୀ ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୨ପର୍ଯ୍ୟନ୍ତ ଚାଲିବ। ଏହି ଦଳ ଓଡ଼ିଶାର ବିଭିନ୍ନ ପ୍ରମୁଖ ଐତିହାସିକ ସ୍ଥଳ ଭ୍ରମଣ କରୁଛନ୍ତି। ଖଣ୍ଡଗିରି ଗୁମ୍ଫା, ଉଦୟଗିରି ଗୁମ୍ଫା, ରତ୍ନଗିରି, ଲଳିତଗିରି, ଧଉଳି, କୋଣାର୍କ ସୂର୍ଯ୍ୟ ମନ୍ଦିର, ଚନ୍ଦ୍ରଭାଗା ସମୁଦ୍ରତଟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଚିଲିକା ଏବଂ ନଳବଣ ପକ୍ଷୀ ଅଭୟାରଣ୍ୟ ସହିତ ଅନ୍ୟ ଦର୍ଶନୀୟ ସ୍ଥଳ ରହିଛି। ଏହି ଦଳରେ ମୋଟ୍ ୩୦ ଜଣ ସଦସ୍ୟ ସାମିଲ ଅଛନ୍ତି। ଏଥିମଧ୍ୟରେ ୨୬ଜଣ ବିଦ୍ୟାର୍ଥୀ, ୨ ଶିକ୍ଷକ ଏବଂ ୨ଜଣ ଆଇଟିବିପି ଅଧିକାରୀ ରହିଛନ୍ତି। ରବିବାର ଏହି ଦଳ ଧଉଳି ଶାନ୍ତିସ୍ତୂପ ବୁଲିଥିଲେ। ଏହାର ଐତିହ୍ୟ ପୃଷ୍ଠଭୂମି, ବୌଦ୍ଧଧର୍ମ ସମ୍ପର୍କରେ ଜାଣିଥିଲେ। ବିଦ୍ୟାର୍ଥୀମାନେ ପରିଭ୍ରମଣ ସମୟରେ ଐତିହାସିକ କୀର୍ତ୍ତିରାଜି, ସମୃଦ୍ଧ କଳା ସଂସ୍କୃତି, ପରମ୍ପରା ସହ ଭାରତୀୟ ସଂସ୍କୃତିର ବିବିଧତାକୁ ବୁଝିବାର ଅବସର ପାଇବେ। ଏହି କାର୍ଯ୍ୟକ୍ରମ ସୀମାନ୍ତ ଅଞ୍ଚଳର ବିଦ୍ୟାର୍ଥୀଙ୍କୁ ଦେଶର ଐତିହାସିକ, ସାଂସ୍କୃତିକ ଏବଂ ସାମାଜିକ ବୀରାସତ ସହିତ ପରିଚିତ କରାଇବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଖୋର୍ଦ୍ଧା ସ୍ଥିତ ଆଇଟିବିପି ଟିମ୍ ଏହାକୁ ଗାଇଡ୍ କରୁଛନ୍ତି।

# ଭୁବନେଶ୍ୱର ରେନ୍‌ବୋ ଟିମ୍ ଚାମ୍ପିୟନ

ବେଗୁନିଆ, ୧।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଗତ ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି, ସାମାଜିକକର୍ମୀ ପ୍ରଭାତ ବାହିନୀପତି, ଶିବ ନାରାୟଣ ମିଶ୍ର, ଅଧ୍ୟାପିକା ସୌମ୍ୟା ଷଡ଼ଙ୍ଗୀ, ଅଧ୍ୟାପକ ଦିଲୀପ ସାଥୁଆ, ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ରାଧାଶ୍ୟାମ ସାହୁ, ସତ୍ୟବାଦୀ ଦୋରା, ମାନସ ବେହେରା, ରଞ୍ଜନ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଭୁବନେଶ୍ୱରର ରେନ୍‌ବୋ ଟିମ୍ ଚାମ୍ପିୟନ ଏବଂ ଯାଜପୁରର ଜନକ ଟିମ୍ ରନର୍ସଅପ୍ ହୋଇଥିଲା। ଉଭୟ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। ରେଫରି ଲଳିତ ମୋହନ ବଳିୟାରସିଂହ, ଉଦୟଭାନୁ ସୁନ୍ଦରାୟ ଏବଂ ପ୍ରିୟରଞ୍ଜନ ସାହୁ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଆଳୁ ଫସଲ ନଷ୍ଟ, ଚିନ୍ତାରେ ଚାଷୀ



ନିରାକାରପୁର, ୧।୩ (ମାନସ ଚନ୍ଦ୍ର ପଟ୍ଟନାୟକ)

ଚଳିତବର୍ଷ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡିଆ ଓ ଅଚ୍ୟୁତପୁର ପଞ୍ଚାୟତ ଅଞ୍ଚଳରେ ପ୍ରାୟ ୩ ହେକ୍ଟର ଜମିରେ ଉଦ୍ୟାନ କୃଷି ସହଯୋଗରେ ଆଳୁ ଚାଷ କରାଯାଇଥିଲା। ତେବେ ଗତ ଚାରିଦିନ ତଳେ ହୋଇଥିବା ବର୍ଷା ଓ ପବନ ଯୋଗୁ ଆଳୁ ଫସଲ ମୂଳରେ ପାଣି ଜମି ରହିବା ସହିତ ଅନେକ ଜମିରେ ଆଳୁ ପଚିଶଢ଼ି ନଷ୍ଟ ହେବାକୁ ବସିଛି। ସେହିପରି ପବନ ଯୋଗୁ ପଛୁଆ ଚାଷ କରାଯାଇଥିବା ଆଳୁ ଗଛରେ ଫୁଲ ଧରୁଥିବା ବେଳେ ଏହା ନଷ୍ଟ ହୋଇଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଉଦ୍ୟାନ କୃଷି ବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିବା ବେଳେ ସରକାରୀ ସହାୟତା ଯୋଗାଇଦେବାକୁ ଚାଷୀମାନେ ନିବେଦନ କରିଛନ୍ତି। ତେବେ ଏ ସମ୍ପର୍କରେ ଟାଙ୍ଗୀ ବ୍ଲକ ଉଦ୍ୟାନ କୃଷି ବିଭାଗ ଅଧିଦର୍ଶକ ତ୍ରିନାଥ ସାମନ୍ତରାୟ କହିଛନ୍ତି, କ୍ଷେତ୍ର ପରିଦର୍ଶନ ସରିଛି, ଫସଲ ମଧ୍ୟ କ୍ଷତି ହୋଇଛି। ଏନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି।

# ଫୁଟ୍‌ବଲ ଟୁର୍ନାମେଣ୍ଟ: କୁମ୍ଭିଲୋ ସେମିଫାଇନାଲରେ

ବୋଲଗଡ଼, ୧।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଶାମୁକାପାଟଣା ମହାବୀର ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଗ୍ରାମ୍ୟ ଖେଳପଡ଼ିଆରେ ୧୮ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ କୁମ୍ଭିଲୋ ଫୁଟ୍‌ବଲ କ୍ଲବ ଏବଂ ବିନ୍ଧ୍ୟଗିରି କ୍ଲବ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୧-୦ ଗୋଲରେ କୁମ୍ଭିଲୋ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ସଂଗ୍ରାମ କେଶରୀ ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, କୈଳାସ ଚନ୍ଦ୍ର ବେହେରା, ପବିତ୍ର ସ୍ୱାଇଁ, ସେନା ଅଧିକାରୀ ଯୁଧିଷ୍ଠିର ବେହେରା ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଲକ୍ଷ୍ମୀଧର ଚୌଧୁରୀ ମୁଖ୍ୟ ରେଫରି, ଶିବ ଦେହୁରି ଏବଂ ପ୍ରକାଶ ପରିଡ଼ା ଲାଇନରେ ସହାୟତା କରିଥିଲେ। ମ୍ୟାଚ କମିଶନର ଭାବେ ଦୟାନ ଖାଁ ଦାୟିତ୍ୱ ନିର୍ବାହ କରିଥିଲେ। ଦାଶରଥି ନାହାକ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ଗଡମାଣିତୀର ଏବଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହେବ ବୋଲି ଆସୋସିଏଶନ ସମ୍ପାଦକ ହେମନ୍ତ ନାହାକ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଏକତାଳ କ୍ରିକେଟ କ୍ଲବ୍ ଚାମ୍ପିୟନ

କଳାଙ୍ଗ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ବୋଲଗଡ଼, ୧।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳାଙ୍ଗ ଗ୍ରାମର ସନସାଇନ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଗୋଛାବାରି ପଡ଼ିଆରେ ଚାଲିଥିବା ୨୧ତମ କଳାଙ୍ଗ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଏକତାଳ କ୍ରିକେଟ କ୍ଲବ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ପଣ୍ଟୁସର କ୍ରିକେଟ ଟିମ୍ ଏବଂ ଏକତାଳ କ୍ରିକେଟ କ୍ଲବ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଏକତାଳ କ୍ଲବ୍ ପ୍ରଥମ ବ୍ୟାଟିଂ କରି ୧୭.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୦ରନ ସଂଗ୍ରହ କରିଥିଲା। ଜବାବରେ ପଣ୍ଟୁସର ଟିମ୍ ୧୨.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଏକତାଳ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସର୍ବେଶ୍ୱର ସାହୁ ଏବଂ ଆଲୋକ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ ରେଫେରି ଭାବେ ପ୍ରଭାତ ସ୍ୱାଇଁ ଏବଂ ସୋମନାଥ ମହାରଣା ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଶୁଭେନ୍ଦ୍ର ସାହୁ, ସାମାଜିକ କର୍ମୀ ପ୍ରଶାନ୍ତ ହୋତା, ଅଶୋକ ସୁବୁଦ୍ଧି, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କ୍ରିକେଟ କ୍ଲବ୍‌ର ଉପଦେଷ୍ଟା ସଂଗ୍ରାମ ସାହୁ, ସଭାପତି ଅତୁଲ୍ୟ ନିଶଙ୍କ, ସମ୍ପାଦକ ଚିନ୍ମୟ ହୋତା ମଞ୍ଚ ପରିଚାଳନା କରିଥିଲେ। ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ଏକତାଳ ଟିମ୍‌ର ପିଣ୍ଟୁ ଏବଂ ମ୍ୟାନ ଅଫ୍ ଦି ଫାଇନାଲ ଭାବେ ପଣ୍ଟୁସର ଟିମ୍‌ର ଗୁଡ୍ଡୁଙ୍କ ସମେତ ଅନ୍ୟାନ୍ୟ ବିଭାଗରେ ଉନ୍ନତ ପ୍ରଦର୍ଶନ ପାଇଁ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

**ବ୍ରାଉନସୁଗାର କାରବାର, ଜଣେ ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ସମୁଦ୍ରକୂଳ ଥାନା ପୋଲିସ ବ୍ରାଉନସୁଗାର କାରବାର ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ସିଟି ରୋଡ୍ ବାଙ୍କିମୁହାଣ ମାନସ ରଞ୍ଜନ ବିଶ୍ୱାଳ (୨୫)। ପୋଲିସ ଅଭିଯୁକ୍ତଙ୍କ ଠାରୁ ୧୦.୧୦ ଗ୍ରାମ ବ୍ରାଉନ୍‌ସୁଗାର ସହ ଗୋଟିଏ କାର୍, ନଗଦ ୧୫୦୦ ଟଙ୍କା ଏବଂ ୨ଟି ମୋବାଇଲ ଜବତ କରିଛି। ସୂଚନାଯୋଗ୍ୟ, ମାନସ ଅର୍ବାନ ହାଟ ନିକଟରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ପୋଲିସ ପକ୍ଷରୁ କେସ୍ ନଂ ୬୯/୨୬ରେ ମାମଲା ରୁଜୁ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୩।୨୦୨୬

| | |
|---|---|
| ୭,୩୧,୮୬୫ ଟଙ୍କା | |
| ସୁନା | ୪.୧୦୦ ଗ୍ରାମ୍ |
| ରୁପା | ୬.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଗାଡ଼ି ସାଇଡ୍ ମାରିବାକୁ ନେଇ ହାତାହାତି

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ପୁରୀର ପ୍ରବେଶ ପଥ ଅଠରନଳା ଠାରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କାର୍ ସାଇଡ୍ ମାରିବାକୁ ନେଇ କଥା କଟାକଟି ସହ ହାତାହାତି ପରି ଘଟଣା ଘଟିଛି। ସବୁଠାରୁ ବଡ କଥା ହେଲା, ପୋଲିସ ଉପସ୍ଥିତିରେ ଉଭୟଙ୍କ ମଧ୍ୟରେ ମାର୍‌ପିଟ ହେଉଥିଲା। ଯାହା ବେଶ୍ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଖବରପାଇ ପୋଲିସ ଘଟଣାରେ ହସ୍ତକ୍ଷେପ କରି ୨ ଜଣଙ୍କୁ ଥାନାରେ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଅଠରନଳା ମୁଖ୍ୟ ପ୍ରବେଶ ପଥରେ ଗୋଟିଏ କାର୍ ଅନ୍ୟ କାର୍‌କୁ ସାଇଡ୍ ମାରିଥିଲେ। ସାଇଡ୍ ମାରିବାରୁ ଉଭୟ ଗାଡ଼ି ଚାଳକଙ୍କ ଭିତରେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ବଚସା ଉଗ୍ରରୂପ ନେଇଥିଲା। ଉଭୟ କାର୍ ଚାଳକଙ୍କ ମଧ୍ୟରେ କଥା କଟାକଟି ହେବା ସହ ହାତାହାତି ହୋଇଥିଲେ। ସେଠାରେ ଉପସ୍ଥିତି ଥିବା ଜଣେ ପୋଲିସ କର୍ମଚାରୀଙ୍କ ସାମ୍ନାରେ ଉଭୟ ମାର୍‌ପିଟ ହେଉଥିଲେ। ପୋଲିସ ଜଣଙ୍କ ଉଭୟଙ୍କୁ ଅଟକାଇବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ଏନେଇ ଥାନାକୁ ଖବରଦେବା ପରେ ଖବରପାଇ ଘଟଣା ସ୍ଥଳରେ କୁମ୍ଭାରପଡ଼ା ଓ ସଦର ପୋଲିସ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିଥିଲା। ପରେ ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ଡକାୟତି ଯୋଜନା କରୁଥିବା ଅଭିଯୋଗରେ କୁମ୍ଭାରପଡ଼ା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖାକିମଠ ନୂଆସାହିର ଲୋକନାଥ ଦାସ, ଖଣ୍ଡିଆବନ୍ଧ ଅଠରନଳାର ସୌମ୍ୟରଞ୍ଜନ ପ୍ରଧାନ, ଫ୍ରେଣ୍ଡସ୍ କ୍ଲବ ଗଳିର ରମେଶ ପରିଡ଼ା, ପତିତପାବନ ଲେନ୍‌ର ଶିବ ଶଙ୍କର ବେହେରା ଏବଂ କୁମ୍ଭାରପଡ଼ା ମସ୍‌ଜିଦ୍ ଲେନ୍‌ର ଅମିତାଭ ପ୍ରଧାନ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୩ଟି ମୋବାଇଲ, ଗୋଟିଏ ଖଣ୍ଡା, ଗୋଟିଏ ଭୁଜାଲି, ଛୁରି ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏନେଇ ପୋଲିସ କେସ୍ ନଂ ୧୧୭/୨୬ରେ ଏକ ମାମଲା ରୁଜୁ କରିଛି।

### ଯୁବ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ

ସାକ୍ଷୀଗୋପାଳ,୧।୩(ଭରତ ରାଉତ)

ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍‌ଙ୍କ ବେଆଇନ ଗିରଫଦାରି ପ୍ରତିବାଦରେ ସାକ୍ଷୀଗୋପାଳ କଲେଜ ଛକଠାରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ଦମନଲୀଳା ବିରୋଧରେ ସ୍ଥାନୀୟ ଯୁବ କଂଗ୍ରେସ କର୍ମୀମାନେ ସ୍ଲୋଗାନ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଉଦୟଭାନୁ ଚିବ୍‌ଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଇଛି ବୋଲି ଅଭିଯୋଗ କରି ଯୁବ କଂଗ୍ରେସ କର୍ମୀମାନେ କଲେଜ ଛକରେ ଏକତ୍ରିତ ହୋଇଥିଲେ। କେନ୍ଦ୍ର ସରକାରଙ୍କ ଜେଲ ହାଜତ ରାଜନୀତି ବିରୋଧରେ କର୍ମୀମାନେ ସ୍ଲୋଗାନ ଦେଇଥିଲେ। ବିରୋଧୀଙ୍କ ସ୍ୱରକୁ ବଢ଼ାଇବା ପାଇଁ କେନ୍ଦ୍ର ସରକାର ପୋଲିସର ଅପବ୍ୟବହାର କରୁଛନ୍ତି। କେନ୍ଦ୍ର ସରକାରଙ୍କ ଅନ୍ୟାୟ ବିରୋଧରେ ଆନ୍ଦୋଳନ ଜାରି ରହିବ ବୋଲି ସତ୍ୟବାଦୀ ବ୍ଲକ ଯୁବ କଂଗ୍ରେସ ସଭାପତି ଲିପ୍ରି ରଞ୍ଜନ ପ୍ରଧାନ ଓ ସମ୍ପାଦକ ଲୋକନାଥ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି।

# ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ




ପ୍ରତିଷ୍ଠା ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟମାନେ ।

## ହୋଟେଲ, ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ ଓଡ଼ିଶାର ପ୍ରତିଷ୍ଠା ଦିବସ

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ପର୍ଯ୍ୟଟନର ବିକାଶ ପାଇଁ ୪ ଦଶନ୍ଧି ଧରି ଉତ୍ସର୍ଗୀକୃତ ସେବାକୁ ମନେ ପକାଇ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ୪୦ତମ ପ୍ରତିଷ୍ଠା ଦିବସ ରବିବାର ପୁରୀସ୍ଥିତ ହଲିଡେ' ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ପୁରୀ କିମ୍ବା ଗୋପାଳପୁରରେ ଡିଜ୍‌ନି ୱାର୍ଲ୍ଡ ପାଇଁ ପ୍ରସ୍ତାବ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଯୋଜନା କରୁଥିବା ନେଇ ମତପ୍ରକାଶ ପାଇଛି।

ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ପୁରୀରେ ୧୫୦୦ ଏକର ଜମିରେ ଶାମୁକା ପ୍ରକଳ୍ପ ହେବା ସହ ସେଠାରେ କ୍ରୁଜ୍ ଟୁରିଜମ୍ ହେବ। ଶାମୁକା ପ୍ରକଳ୍ପ ହେଲେ ଏକ ନୂଆ ସହର ସୃଷ୍ଟି ହେବ। ଏହାଦ୍ୱାରା କେବଳ ପୁରୀ ନୁହେଁ, ସମଗ୍ର ଓଡ଼ିଶାରେ ପର୍ଯ୍ୟଟନର ଦ୍ରୁତ ଅଭିବୃଦ୍ଧି ହେବ ବୋଲି ସେ କହିଛନ୍ତି। ସଂଘ ଯେଉଁସବୁ ଦାବି କରିଆସୁଥିଲା ତାହାଠାରୁ ଅଧିକ ଯଥେଷ୍ଟ ରାଜ୍ୟ ସରକାର ନୂତନ ପର୍ଯ୍ୟଟନ ପଲିସିରେ ବ୍ୟବସ୍ଥା କରିଛନ୍ତି। ପର୍ଯ୍ୟଟନ ପାଇଁ ବଜେଟରେ ୧୦୦୦ କୋଟିର ବ୍ୟବସ୍ଥା ହୋଇଛି। ଓଡ଼ିଶାରେ ପର୍ଯ୍ୟଟନର ବିକାଶ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ନୀତି ହୋଟେଲିୟରଙ୍କ ପାଇଁ ସହାୟକ ହୋଇଥିବା ଅନୁଷ୍ଠିତ ବୈଠକରେ ମତପ୍ରକାଶ ପାଇଛି। ଉତ୍ସବରେ ଅନ୍ୟତମ ଅତିଥି ଭାବେ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ହାରୋର ସଭାପତି ଜେ.କେ. ମହାନ୍ତି, ଉପସଭାପତି ରାଜକିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ହାରୋ ପକ୍ଷରୁ ସରକାରଙ୍କ ନିକଟରେ କରାଯାଇଥିବା ସମସ୍ତ ଦାବିକୁ ସରକାର ହୃଦୟଙ୍ଗମ କରି ପର୍ଯ୍ୟଟକଙ୍କ ସୁବିଧା ପାଇଁ କାର୍ଯ୍ୟ କରିଥିବା କହିଥିଲେ। ପୁରୀରେ ସିନେମା ହଲ୍ ପ୍ରତିଷ୍ଠା ସହ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବିକାଶ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ବଡ଼ଧରଣର ଥିମ୍ ପାର୍କ ଏବଂ ସମନ୍ୱିତ ମନୋରଞ୍ଜନ ସ୍ଥାନଗୁଡ଼ିକର ବିକାଶ କରାଯିବ। ୱାର୍ଲ୍ଡ ଡିଜ୍‌ନି କମ୍ପାନୀ ଏବଂ ୟୁନିଭର୍ସାଲ୍ ଷ୍ଟୁଡିଓ ଭଳି ବିଶ୍ୱସ୍ତରୀୟ ନେତାଙ୍କଠାରୁ ପ୍ରେରଣା ନେଇ ଆସୋସିଏଶନ ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ମେଗା ଥିମ୍ ପାର୍କ ପ୍ରତିଷ୍ଠା ପାଇଁ ଏକ ରଣନୈତିକ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି।

ଏହି ଅବସରରେ ହାରୋର ପ୍ରତିଷ୍ଠାତା ସଦସ୍ୟ ଓ ସେମାନଙ୍କ ପରିବାର ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ମାତ୍ର ୧୯ ଜଣ ହୋଟେଲିୟରଙ୍କୁ ନେଇ ଆରମ୍ଭ ହୋଇଥିବା ହାରୋ ସଦସ୍ୟ ସଂଖ୍ୟା ବର୍ତ୍ତମାନ ୩୮୮ରେ ପହଞ୍ଚିଛି। ଶାମୁକା ପ୍ରକଳ୍ପ ତଥା ନୂଆ ପର୍ଯ୍ୟଟନ ପଲିସି ଦ୍ୱାରା ରାଜ୍ୟରେ ହୋଟେଲ ଓ ଆବଶ୍ୟକ ରୁମ୍ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ। ଏହି ଅବସରରେ ହାରୋର ସଭାପତି ମହାନ୍ତି କହିଛନ୍ତି, ହାରୋ ଆଜି ଏକ ନୂଆ ସ୍ୱପ୍ନ ଦେଖୁଛି। ଶାମୁକାରେ ଯଦି କ୍ରୁଜ୍ ଟର୍ମିନାଲ ହେଲା, ତେବେ ଡିଜ୍‌ନି ୱାର୍ଲ୍ଡ ଭଳି ପ୍ରୋଜେକ୍ଟ ଆଣିହେବ। ଏଥିପାଇଁ ୫୦୦ରୁ ୬୦୦ ଏକର ଜମିର ଆବଶ୍ୟକତା ରହିଛି। ସରକାରଙ୍କ ପାଖରେ ଜାଗା ଅଛି। ଶିଳ୍ପପତିମାନେ ସମସ୍ତ ସହଯୋଗ କରିବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି।

## ପର୍ଯ୍ୟଟକଙ୍କ ସୁରକ୍ଷା ପୁରୀ ପୋଲିସର ପ୍ରାଥମିକତା

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ରିଜର୍ଭ ପୋଲିସ ଲାଇନରେ ସାପ୍ତାହିକ ପରେଡ୍ ଶାନ୍ତି, ଶୃଙ୍ଖଳା ଓ ଗୌରବମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ ସିଂ ନିଜେ ଏହି ପରେଡ୍‌ର ସମୀକ୍ଷା କରିଥିଲେ। ପରେଡ୍‌ରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ତାରା ଜସ୍ମିନ ଗୁରିଆ, ଡିଏସ୍‌ପି ତପନ ଦାସ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ବାସୁଦେବ ପଣ୍ଡାଙ୍କ ସମେତ ସମସ୍ତ ସିଟି ସବ୍‌ଡିଭିଜନର ଥାନାଧିକାରୀ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ଥାନା ଓ ୟୁନିଟ୍‌ରୁ ଆସିଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ସାପ୍ତାହିକ ପରେଡ୍ ସମୟରେ ଏସ୍‌ପି ସିଂ ଡ୍ରିଲ୍, ଶାରୀରିକ ଫିଟନେସ୍, ୟୁନିଫର୍ମର ଶୃଙ୍ଖଳା, ଅସ୍ତ୍ରଶସ୍ତ୍ରର ରକ୍ଷା ଓ ସାମଗ୍ରିକ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ପୋଲିସକୁ ସଦା ସଜାଗ, ସୁସଜ୍ଜିତ ଓ କାର୍ଯ୍ୟଦକ୍ଷ ରଖିବା ଏହି ପରେଡ୍‌ର ମୂଳ ଉଦ୍ଦେଶ୍ୟ ଥିଲା। ପରେଡ୍ ପରେ ଏସ୍‌ପି ସିଂ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବୋଧନ କରି କହିଛନ୍ତି, ପୋଲିସ କର୍ମଚାରୀ ସାଧାରଣ ଲୋକଙ୍କ ସହ ସଦା ଭଦ୍ର ଓ ଶିଷ୍ଟ ଆଚରଣ କରିବେ ଏବଂ ନିଜ ଡ୍ୟୁଟି ଶତ ପ୍ରତିଶତ ନିଷ୍ଠାର ସହିତ ପାଳନ କରିବେ। ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ନିଶ୍ଚିତ କରିବା ପୋଲିସର ପ୍ରାଥମିକ ଦାୟିତ୍ୱ।

# ମହିଳା ବିକାଶ କେନ୍ଦ୍ର ଗୃହ ନିର୍ମାଣ ନିମ୍ନମାନର

## ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ସାମାଜିକ କର୍ମୀ

ଗୋପ,୧।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ବନାଖଣ୍ଡି ପଞ୍ଚାୟତ ଦଶବାଟିଆ ଗ୍ରାମରେ ନିର୍ମାଣାଧୀନ ମହିଳା ବିକାଶ କେନ୍ଦ୍ର କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ନେଇ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।



ଗୋପ ନିମ୍ନମାନର ମହିଳା ବିକାଶ କେନ୍ଦ୍ର ଗୃହ ଅଧାପନ୍ତରିଆ ଅବସ୍ଥାରେ ରହିଛି।

ପ୍ରକାଶ ଯେ, ବନାଖଣ୍ଡି ପଞ୍ଚାୟତର ଦଶବାଟିଆ ଗ୍ରାମରେ ମହିଳା ବିକାଶ କେନ୍ଦ୍ର ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଆର୍ଥିକ ସହାୟତାରେ ଗୋପ ବ୍ଲକ ପ୍ରଶାସନ ପକ୍ଷରୁ ୩୩ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଗୃହ ନିର୍ମାଣ କରିବା ପାଇଁ ଠିକ୍ ଭାବେ ଟେଣ୍ଡର ପ୍ରକ୍ରିୟା ଆହ୍ୱାନ କରା ନ ଯାଇ ବେଆଇନ ଭାବେ ଏକ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି କାର୍ଯ୍ୟରେ ନିମ୍ନମାନର ଇଟା, ଲୁଣିବାଲି, ନିମ୍ନମାନର ସିମେଣ୍ଟ, ଲୋକାଲ୍ ରଡ୍ ସମେତ ନିମ୍ନମାନର ଆନୁଷଙ୍ଗିକ ସାମଗ୍ରୀ ବ୍ୟବହାର କରାଯାଇ ମହିଳା ବିକାଶ କେନ୍ଦ୍ରର ଗୃହ ନିର୍ମାଣ କରାଯାଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ବୁଦ୍ଧିଜୀବୀ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ଗୃହ ନିର୍ମାଣରେ ସୂଚନାଫଳକ ନ ଲଗାଯାଇ ସର୍ବସାଧାରଣ ଅଗୋଚରରେ ଏହି କାମ କରାଯିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ଗୃହ ଚାରିପଟେ ମାଟି ପୋତା, ବିଦ୍ୟୁତକରଣ କାମ, ପରିମଳ କାମ, ଝରକା ଓ କବାଟ ଅଧିକାଂଶ କାମ ଅଧପନ୍ତରିଆ ଭାବେ ପଡ଼ି ରହିଥିବା ବେଳେ ଗୃହ ବାହାର ଓ ଭିତରେ ରଙ୍ଗ ବୋଳି କାମ ଶେଷ ହୋଇଛି ବୋଲି ଦର୍ଶାଇ ବିଲ୍ ହାତେଇବା ପାଇଁ ମସୁଧା ଚାଲିଛି ବୋଲି କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗିରଥୀ ସ୍ୱାଇଁ ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ କରାଯାଇଥିବା ଅଭିଯୋଗ ନଂ–ସିଏମ୍‌ଓ୨୦୨୬୧୫୨୫୫୦୪ ରହିଛି ବୋଲି ଅଭିଯୋଗକାରୀ ଭାଗିରଥୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଏପରି ଅଭିଯୋଗକୁ ନେଇ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ମୋ ନିକଟରେ ସେପରି ଅଭିଯୋଗ ନାହିଁ, କିନ୍ତୁ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଆଜି ଦୋଳବେଦୀରେ ଠାକୁରଙ୍କ ମେଣ୍ଢାପୋଡ଼ି ନୀତି

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଦୋଳବେଦି ଠାରେ ମହାପ୍ରଭୁଙ୍କ ମେଣ୍ଢାପୋଡ଼ି ନୀତି ସମ୍ପନ୍ନ ହେବ। ସେହିପରି ଦୋଳ ପୂର୍ଣ୍ଣିମାରେ ଦୋଳବେଦି ଉପରେ ଦୋଳନୀତି ଅନୁଷ୍ଠିତ ହେବ। ଏହି ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ପରେ ତିନିବାଡ଼ରେ ମଇଲମ ହେବ। ପାଳିଆ ମେକାପ ଭଣ୍ଡାର ଘରୁ ଚନ୍ଦନ ବିଜେ କରାଇବା ପରେ ପୁଷ୍ପାଳକ ସେବକ ସର୍ବାଙ୍ଗ ନୀତି କରାଇବେ। ଏହାପରେ ଚାଚେରି ବେଶ ନିମନ୍ତେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣୀ ଘରେ ପଡ଼ିଥିବା ଖଟଶେଜ ଉପରକୁ ବିଜେ କରିବେ। ତିନିବାଡ଼ରେ ଚାଚେରି ବେଶ ବଢ଼ି ମାଳଫୁଲ ଓ କର୍ପୁର ଲାଗି ହେବ। ଭୋଗ ସରିବା ପରେ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଭିତରକୁ ବିଜେ କରିବେ। ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦଲାଗି ଏବଂ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ କରିବେ। ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଚନ୍ଦନ, ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗ ଲାଗି କରାଇବେ।

# 'ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀଦୋଳଗୋବିନ୍ଦ'

## ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନାଚକ୍ର

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନାଚକ୍ର ଜଗନ୍ନାଥବଲ୍ଲଭ ମଠ ପରିସରରେ ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ବିମଳ ପ୍ରସାଦ ମହାନ୍ତିଙ୍କ ରଚିତ ପୁସ୍ତକ 'ଅନନ୍ୟ ଶ୍ରୀକ୍ଷେତ୍ର' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ. ଶ୍ରୀନିବାସ ଆଚାର୍ଯ୍ୟ ଉକ୍ତ ପୁସ୍ତକର ସମୀକ୍ଷା କରିଥିଲେ। ଉକ୍ତ ପୁସ୍ତକରେ ଶ୍ରୀକ୍ଷେତ୍ର ଆଧାରିତ ୪୨ଟି ପ୍ରବନ୍ଧ ସ୍ଥାନ ପାଇଛି। ଚଳିତ ମାସର ଆଲୋଚ୍ୟ ବିଷୟ ଥିଲା 'ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀଦୋଳଗୋବିନ୍ଦ'। ବିଷୟ ଆଧାରିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ ଏବଂ ପ୍ରଫେସର ବାସନ୍ତୀ ଦେବୀ।

ଆଲୋଚନାଚକ୍ରରେ ପ୍ରେମାନନ୍ଦ ନାୟକ, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଅଶୋକ ଆଢ୍ୟ, ବାସନ୍ତୀ ଦେବୀ, ପୁଲକ ମିଶ୍ର, ଡ. କଲ୍ୟାଣୀ ନନ୍ଦୀ, ଚନ୍ଦ୍ରଶେଖର ମହାରାଣା, ବିପିନ ବିହାରୀ ଦଳାଇ, ଶରତ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଡକ୍ଟର କୁମାର ଅରୋଜ୍ୟୋତି, ହୃଷିକେଶ ଶତପଥୀ, ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନାଟକ 'କାରାଗାର' ମଞ୍ଚସ୍ଥ

ପୁରୀ,୧।୩ (ଅଜିତ୍ କୁମାର ମହାନ୍ତି)



ନାଟକର ଏକ ଦୃଶ୍ୟ ।

ନାଟ୍ୟ ଅନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ଆୟୋଜିତ ୪ଦିନିଆ ୧୬ତମ ଜାତୀୟ ନାଟ୍ୟ ମହୋତ୍ସବ ୨୦୨୫–୨୬ର ତୃତୀୟ ଦିନରେ ରାଉରକେଲା ନାଟ୍ୟ ଅନୁଷ୍ଠାନ ପକ୍ଷରୁ କାରାଗାରର କାହାଣୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ମଞ୍ଚସ୍ଥ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଇଂ. ରାଜେଶ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସତ୍ୟନାରାୟଣ ଗୁରୁ, ଦେବଦତ୍ତ ଷଡ଼ଙ୍ଗୀ, ବିନୋଦ କୁମାର ପଣ୍ଡା, ଉମାକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୬ତମ ଜାତୀୟ ନାଟ୍ୟ ମହୋତ୍ସବରେ ରଙ୍ଗଶାଳା ପକ୍ଷରୁ ରଙ୍ଗ କର୍ମୀ ସମ୍ମାନରେ ଲାଲା ବିରେନ ପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ନାଟକ ପରିବେଷଣ କରାଯାଇଥିଲା।

# 'ଯୁବ ସହନୀୟ ପ୍ରତିଭା'ରେ ସମ୍ମାନିତ ହେଲେ ସବ୍ୟସାଚୀ

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

କଥାରେ ଅଛି ତୁଳସୀ ଦୁଇ ପତ୍ରରୁ ବାସେ। ଏହି ଉକ୍ତିର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି, ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଇନ୍ଦିପୁର ଗ୍ରାମର ପ୍ରମୋଦ ସେନାପତିଙ୍କ ପୁଅ ସବ୍ୟସାଚୀ ସେନାପତି। ନିକଟରେ ଜାତୀୟସ୍ତରୀୟ ଯୁବ ସହନୀୟ ପ୍ରତିଭା ଭାବେ ୩୦୦୦ ପିଲାଙ୍କ ମଧ୍ୟରୁ ଶ୍ରେଷ୍ଠ ୧୨ ଜଣଙ୍କ ମଧ୍ୟରେ ରହି ଓଡ଼ିଶାର ମାନ ରଖିଛନ୍ତି। ବର୍ତ୍ତମାନ ସେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀରେ ସ୍ନାତକୋତ୍ତରର ରସାୟନ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ର। ଅଗଷ୍ଟ ୨୫ରୁ ଆରମ୍ଭ ହୋଇ ୬ ମାସ ଧରି ଆଭାସି ମାଧ୍ୟମରେ ବିଭିନ୍ନ ସମୟରେ ଯୋଗଦେବା ସହ ଅନେକ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସାକ୍ଷାତକାର ନେଇଥିଲେ। ଫଳରେ ଦିଲ୍ଲୀ ଗସ୍ତ କରି ଇଣ୍ଡିଆ ହାବିଟାଟ ସେଣ୍ଟରରେ ସମ୍ମାନିତ ଅତିଥିଙ୍କ ନିକଟରୁ ପୁରସ୍କୃତ ହୋଇଛନ୍ତି। ପଦ୍ମଶ୍ରୀ ଓ ପଦ୍ମଭୂଷଣପ୍ରାପ୍ତ ପରିବେଶବିତ୍ ଅନୀଲ ପ୍ରକାଶ ଯୋଶୀ, ପିପଲ ବାବା, ଅଙ୍ଗୋଲେ ଜର୍ଜ, ବରିଷ୍ଠ ସାମ୍ବାଦିକ ରାଜୀବ ଟିକୋଟ ଆଦି ବ୍ୟକ୍ତିବିଶେଷ ସେନାପତିଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ଜଣେ ଯୁବ ପ୍ରତିଭା ତଥା ଲେଖକ, ରାଜ୍ୟର ଶ୍ରେଷ୍ଠ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ୨୦୨୨–୨୩, କବିରତ୍ନ ପୁରସ୍କାର, ଶ୍ରୀଜଗନ୍ନାଥ ସେବା ସମ୍ମାନ ଆଦି ବହୁମୁଖୀ ପ୍ରତିଭା ପାଇଁ ଅନେକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

# ଜାତୀୟ ବିଜ୍ଞାନ ଦିବସ

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ଭାରତର ମହାନ ବୈଜ୍ଞାନିକ ଡ. ସି. ଭି. ରମଣଙ୍କ ସ୍ମୃତି ଦିବସକୁ 'ଜାତୀୟ ବିଜ୍ଞାନ ଦିବସ' ରୂପେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଘୋଡ଼ାବଜାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀକାନ୍ତ ପଣ୍ଡା ଯୋଗଦେଇ ଶିଶୁମାନଙ୍କୁ ବୈଜ୍ଞାନିକ ମନସ୍କ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ସ୍ୱାଗତ ଭାଷଣ ସହିତ ଏହି ଦିବସର ଆଭିମୁଖ୍ୟ କଥନ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଉପସ୍ଥିତ ରହି ଶିଶୁଙ୍କୁ ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରୟୋଗ ସମ୍ବନ୍ଧରେ ଦୃଷ୍ଟାନ୍ତ ପ୍ରତିପାଦନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅରବିନ୍ଦ ଶତପଥୀ, ସଭାପତି ଡ. ଅଭିମନ୍ୟୁ ଭୂୟାଁଙ୍କ ସମେତ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଓ +୨ ବିଜ୍ଞାନ ବିଭାଗ ଅଧକ୍ଷ ଅରବିନ୍ଦ ଦାସ ଉପସ୍ଥିତ ରହି ଶିଶୁଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ବାର୍ତ୍ତା ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ବୈଜ୍ଞାନିକଙ୍କ ଜୀବନୀ କଥନ, ବୈଜ୍ଞାନିକଙ୍କ ଫଟୋଚିତ୍ର ସଂଗ୍ରହ, ବିଜ୍ଞାନ ଭିତ୍ତିକ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଞ୍ଚ, ବିନାମୂଲ୍ୟରେ ଉପକରଣ ପ୍ରସ୍ତୁତି, ବିଜ୍ଞାନ ସମ୍ବନ୍ଧୀୟ ନାଟକ ଆଦି ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରେରଣା ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର ମହାସଂଘର ସମ୍ପାଦକ ତ୍ରୈଲୋଚନ ସାହୁ ଉପସ୍ଥିତ ରହି ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଫୁଲ୍ଲ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।



ଶିକ୍ଷକମାନଙ୍କ ସହ କୃତୀ ପ୍ରତିଯୋଗୀମାନେ ।

# 'କର୍ତ୍ତବ୍ୟ ସମ୍ମାନ-୨୦୨୬' ପାଇଲେ ୧୮ ଅନୁଷ୍ଠାନ

## ରାଜ୍ୟସ୍ତରୀୟ ବିଶ୍ୱ ସ୍ୱେଚ୍ଛାସେବୀ ସଂଗଠନ ଦିବସ

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦ ବେଲ୍, ପରିବର୍ତ୍ତନ ଓଡ଼ିଶା, ମହାବିନାୟକ ସେବା ଟେମ୍ପଲ ଟ୍ରଷ୍ଟ ଓ ଶ୍ରୀଜଗନ୍ନାଥ ଫାଉଣ୍ଡେଶନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବିଶ୍ୱ ସ୍ୱେଚ୍ଛାସେବୀ ସଂଗଠନ ଦିବସ 'କର୍ତ୍ତବ୍ୟ ସମ୍ମାନ–୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହାପ୍ରକାଶ ମଠର ମଠାଧୀଶ ସ୍ୱାମୀ ଶୁଭାନନ୍ଦ ପୁରୀ ଯୋଗଦେଇ ଅଧୁନା ପରିସ୍ଥିତିରେ ସମସ୍ତ ଅନୁଷ୍ଠାନ ନିଜ ନିଜ ଭିତରେ ମତପାର୍ଥକ୍ୟ ନ ରଖି ସାମୂହିକ ଭାବରେ ସଂଗଠିତ ହୋଇ କାର୍ଯ୍ୟ କଲେ ସମାଜର ବୃହତ୍ ସ୍ୱାର୍ଥ ସାଧନ ହେବ ବୋଲି କହିଛନ୍ତି। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ସବିତା ମିଶ୍ର, ଲକ୍ଷ୍ମୀ ବାରିକ, ସଂଘମିତ୍ରା ମିଶ୍ର, ଡ. ନେତାଜୀ ହରିଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ ବେଲ୍‌ର ଅଧକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧକ୍ଷତାର ଆୟୋଜିତ ଏହି ସଭାକାର୍ଯ୍ୟରେ ସମାଜର ବିଭିନ୍ନ ବିଭାଗରେ ସଫଳତା ସହିତ କାର୍ଯ୍ୟ କରିଥିବା ୧୮ଟି ଅନୁଷ୍ଠାନକୁ 'କର୍ତ୍ତବ୍ୟ ସମ୍ମାନ–୨୦୨୬'ରେ ସମ୍ମାନିତ କରାଯାଇଥିଲା।




ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସାମାଜିକ କାର୍ଯ୍ୟରେ ସର୍ବପୁରାତନ ଅନୁଷ୍ଠାନ ଭାବେ ପୁରୀ ସେବା ସମିତି, ପର୍ଯ୍ୟଟକଙ୍କ ସେବା ପାଇଁ ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ, ଜନତାଙ୍କୁ ସଚେତନ କରିବା ପାଇଁ ମିତ୍ର ସଂଘ, ପଶୁମାନଙ୍କ ମଙ୍ଗଳ ପାଇଁ ଶ୍ରୀଜଗନ୍ନାଥ ଗୋ–ସେବା ସଂସ୍ଥାନ, ଖାଦ୍ୟ ବିତରଣ ପାଇଁ ଆପଣଙ୍କ ସେବାରେ, ଯୁବକଙ୍କ ଉନ୍ନତି ପାଇଁ ବିବେକାନନ୍ଦ ଯୁବଶକ୍ତି ସଂଗଠନ, ରକ୍ତଦାନ ପାଇଁ ସମର୍ପଣ, ମହିଳା ସଶକ୍ତୀକରଣ ପାଇଁ ନାରୀ ସେବା ସଦନ, ଗ୍ରାମ୍ୟ ଉନ୍ନତି ପାଇଁ ମାଟିର ମଣିଷ, ଦିବ୍ୟାଙ୍ଗ ସଶକ୍ତୀକରଣ ପାଇଁ ଶ୍ରୀନୃସିଂହ ଦେବ ଆଞ୍ଚଳିକ ଯୁବ ପରିଷଦ, ଶିଶୁ ଅଧିକାର ପାଇଁ ଶିଶୁ ସମାଚାର, ତ୍ୱରିତ ସେବା ପାଇଁ ହାପିନେସ୍ ଫାଉଣ୍ଡେଶନ, ନିଶା ନିବାରଣ ପାଇଁ ମିଶନ ଓଡ଼ିଶା, ଖେଳକୁଦ ପାଇଁ ଝାଡ଼େଶ୍ୱରୀ କ୍ଲବ, ଭାଷା ସୁରକ୍ଷା ପାଇଁ କୁମାର କବି ଫାଉଣ୍ଡେଶନ, ବରିଷ୍ଠ ନାଗରିକ ସେବା ପାଇଁ ହୋପ୍ ଇଜ୍ ଲାଇଫ, ଶିକ୍ଷା ପାଇଁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି, ସଙ୍ଗୀତ ଓ ସଂସ୍କୃତି ପାଇଁ ପ୍ରଣତି କଳା ମନ୍ଦିରକୁ 'କର୍ତ୍ତବ୍ୟ ସମ୍ମାନ–୨୦୨୬' ପ୍ରଦାନ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ବିରଞ୍ଚି ମିଶ୍ର, ପରିବର୍ତ୍ତନ ଓଡ଼ିଶା ମୁଖପାତ୍ର ଗଣେଶ ମହାସୁଆର, ବରିଷ୍ଠ ଖବରଦାତା ଜଗନ୍ନାଥ ବସ୍ତିଆ, ସୁରୋଜିତ ଘୋଷ, ଡ. ଜୟନ୍ତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ

## ୧୪ରୁ ୧୫ ବର୍ଷ କନ୍ୟା ସନ୍ତାନଙ୍କୁ ନିଃଶୁଳ୍କ ଟିକା

**କଟକ, ୧।୩(କାର୍ତ୍ତିକ ସାହୁ)**

ଗର୍ଭାଶୟ କ୍ୟାନ୍‌ସର ରୋକିବା ନିମନ୍ତେ ଉଦ୍ଦିଷ୍ଟ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି) ଟିକାକରଣର ଜିଲାସ୍ତରୀୟ କାର୍ଯ୍ୟକ୍ରମକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ରବିବାର ଶୁଭାରମ୍ଭ କରିଛନ୍ତି। ଜିଲାପାଳ ଶିନ୍ଦେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଗର୍ଭାଶୟ କ୍ୟାନ୍‌ସର ପ୍ରତିରୋଧ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। ଏହି ଟିକାକରଣ ମାଧ୍ୟମରେ ଭବିଷ୍ୟତରେ ଗର୍ଭାଶୟ କ୍ୟାନ୍‌ସର ରୋକାଯିବାକୁ ଏକ ଦୃଢ଼ ପଦକ୍ଷେପ। ରାଜ୍ୟ ସରକାରଙ୍କ ପକ୍ଷରୁ ୧୪ରୁ ୧୫ ବର୍ଷ ବୟସ୍କା କନ୍ୟାସନ୍ତାନମାନଙ୍କୁ ନିଃଶୁଳ୍କ ଭାବେ ଏହି ଟିକା ପ୍ରଦାନ କରାଯିବ। ଏହି ଅଭିଯାନ



ଟିକାକରଣ କାର୍ଯ୍ୟକ୍ରମ ଅବସରରେ ଜିଲାପାଳ ଜଣେ କନ୍ୟାସନ୍ତାନଙ୍କ ସହ କଥା ହେଉଛନ୍ତି।

ଆଗାମୀ ତିନି ମାସ ପର୍ଯ୍ୟନ୍ତ ଚାଲିବ। ନିର୍ଦ୍ଧାରିତ ସରକାରୀ ଚିକିତ୍ସାଳୟରେ ଏହି ଟିକା ଦିଆଯିବ। ସମସ୍ତ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ କଟକ ସିଟି ହସ୍ପିଟାଲ ଓ ଉଭୟ ଚାଉଳିଆଗଞ୍ଜ ଓ ସିଡିଏ ସେକ୍ଟର-୭ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବାଙ୍କୀ ଏବଂ ଆଠଗଡ଼ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଏହି ଟିକା ପ୍ରଦାନ କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ୧୪ ବର୍ଷ ବୟସ୍କା କନ୍ୟାମାନଙ୍କୁ ପ୍ରତୀକାତ୍ମକ ଭାବେ ଟିକା ପ୍ରଦାନ କରାଯାଇଥିଲା। ଏଥିସହ ଅଭିଭାବକମାନଙ୍କୁ ନିବେଦନ କରାଯାଇଛି ଯେ, ସେମାନେ ନିଜ କନ୍ୟାସନ୍ତାନଙ୍କୁ ନିକଟସ୍ଥ ନିର୍ଦ୍ଧାରିତ ସରକାରୀ ଚିକିତ୍ସାଳୟକୁ ନେଇ ଟିକାକରଣ କରାଇ ସୁସ୍ଥ ଭବିଷ୍ୟତ ନିଶ୍ଚିତ କରାନ୍ତୁ।

ସୂଚନାଯୋଗ୍ୟ, ଭାରତ ସରକାରଙ୍କ U-WIN ପୋର୍ଟାଲରେ ଘରେ ବସି ମଧ୍ୟ ପଞ୍ଜୀକରଣ କରିବାର ସୁବିଧା ଉପଲବ୍ଧ ଅଛି। ଏହି ପୋର୍ଟାଲରେ ପଞ୍ଜୀକରଣ କରାଇ ନିକଟସ୍ଥ ନିର୍ଦ୍ଧାରିତ ଚିକିତ୍ସାଳୟରେ ଟିକା ନେଇପାରିବେ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ) ଡା. ଚିନ୍ତାମଣି ମିଶ୍ର, ଅତିରିକ୍ତ ଚିକିତ୍ସା ଅଧିକାରୀ (ମେଡିକାଲ) ଡା. ଚନ୍ଦନ ଗଡ଼ନାୟକ ଏବଂ ଏନ୍‌ଏଚ୍‌ଏମ୍ ଷ୍ଟାଫ୍ ଓ ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଚୌଦ୍ୱାର ଜେଲ ପରିଦର୍ଶନ କଲେ ଜାତୀୟ ମାନବାଧିକାର ଆୟୁକ୍ତ



ଚୌଦ୍ୱାର ଜେଲ ପରିଦର୍ଶନ ଅବସରରେ ଜାତୀୟ ମାନବାଧିକାର ଆୟୁକ୍ତ ବାଲ୍‌କ୍ରିଷ୍ଣନ୍ ଗୋୟଲଙ୍କ ସହ ଅନ୍ୟ ଅଧିକାରୀମାନେ।

**ଚୌଦ୍ୱାର, ୧।୩(ଆଶୁତୋଷ ଦାସ)**

## ଖାଦ୍ୟ ମାନ ଯାଞ୍ଚ କଲେ, ଅଧିକ କର୍ମଚାରୀ ଆବଶ୍ୟକ ଥିବା କହିଲେ

ଜାତୀୟ ମାନବ ଅଧିକାର ଆୟୁକ୍ତ ବାଲ୍‌କ୍ରିଷ୍ଣନ୍ ଗୋୟଲ ରବିବାର ଚୌଦ୍ୱାର ଜେଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ବାଲ୍‌କ୍ରିଷ୍ଣନ୍ ଜେଲ୍‌ର ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ଅଧିକ କର୍ମଚାରୀଙ୍କ ଆବଶ୍ୟକ ଥିବା ବେଳେ ଅନ୍ତେବାସୀମାନଙ୍କ ପାଇଁ ରନ୍ଧାଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏଥିସହିତ ଅନ୍ତେବାସୀଙ୍କୁ ସାକ୍ଷାତ୍ କରିବା ପାଇଁ ଆସୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଅଧିକ ଗୃହ ନିର୍ମାଣର ଆବଶ୍ୟକ ଥିବା ସେ ପ୍ରକାଶ କରିଥିଲେ। ଜେଲରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟକ ଅନ୍ତେବାସୀ ଥିବାବେଳେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଜେଲ ପରିସରରେ କ୍ୱାର୍ଟର ସଂଖ୍ୟା ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଆୟୁକ୍ତଙ୍କ ସହ କଟକ ଉପଜିଲାପାଳ କମଲଜିତ ଦାସ ଉପସ୍ଥିତ ଥିଲେ। ଜେଲ ଅଧୀକ୍ଷକ ସୁଜିତ କୁମାର ରାଉଳ ଓ କର୍ମଚାରୀ ସହଯୋଗ କରିଥିଲେ।




ଆମେରିକା ଓ ଇସ୍ରାଏଲ ଦ୍ୱାରା ଇରାନ ଉପରେ ଆକ୍ରମଣ ପ୍ରତିବାଦରେ ଏସ୍‌ୟୁସିଆଇ(ସି) ପକ୍ଷରୁ ରବିବାର କଟକ କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ। (ଫଟୋ: ରାଜକିଶୋର ମହାନ୍ତି)

# ସାହିତ୍ୟ ସଭା, କବିତା ପାଠୋତ୍ସବ

**କଟକ, ୧।୩(କାର୍ତ୍ତିକ ସାହୁ)**

ଶ୍ରୀଜଗନ୍ନାଥ ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓଇଆ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡାକ୍ତର ସୁଦର୍ଶନ ପଟ୍ଟନାୟକଙ୍କ କାବ୍ୟ ସମଗ୍ର ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡ. ସୁନାମଣି ରାଉତ ଯୋଗଦେଇ ପ୍ରଫେସର ପଟ୍ଟନାୟକଙ୍କ କାବ୍ୟ ସମଗ୍ର ଉପରେ ଆଲୋଚନା କରି ଏହା ଆଧୁନିକ କାବ୍ୟ ସାହିତ୍ୟରେ ଅନନ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ସାହୁ, ଡ. ଅକ୍ଷୟ କୁମାର ସ୍ୱାଇଁ ବକ୍ତବ୍ୟ ଦେଇଥିଲେ। ସମ୍ପାଦିକା ନିର୍ମଳା ସ୍ୱାଇଁ ଅନୁଷ୍ଠାନର ଆଭିମୁଖ୍ୟ କହିଥିଲେ। ମିନତି ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ପ୍ରମୋଦ କୁମାର ଜେନାଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା। ଡ. ରଶ୍ମି କର, ସୁକାନ୍ତି ମହାନ୍ତି ଓ ସରୋଜିନୀ ରାଉତରାୟ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ଅଖିଳ ଭଞ୍ଜନ ଦାସ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଏବିଆଇଟିରେ ତିନିଦିନିଆ କର୍ମଶାଳା

**କଟକ, ୧।୩(କାର୍ତ୍ତିକ ସାହୁ)**

ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏବିଆଇଟି)ରେ ତିନିଦିନିଆ କର୍ମଶାଳା ଆୟୋଜନ କରାଯାଇଛି। ଅନୁଷ୍ଠାନ ପରିସରରେ ଏମ୍‌ବିଏ ବିଭାଗ ପକ୍ଷରୁ ଇଣ୍ଡଷ୍ଟ୍ରି ରେଡିନେସ ୪.୦: ଫିନଟେକ୍ ଟ୍ୟାଲେଣ୍ଟ ସପ୍ଲାଏ ସିନର୍ଜି ଶୀର୍ଷକରେ ଆଲୋଚନା ହେଉଛି। ଉଦ୍‌ଘାଟନୀ ଉତ୍ସବରେ ଶିଳ୍ପ ବିଶେଷଜ୍ଞ ରଞ୍ଜିତ ମହାନ୍ତି ମ୍ୟୁଚୁଆଲ ଫଣ୍ଡ୍ ଓ ଡିଜିଟାଲ ଇନଭେଷ୍ଟମେଣ୍ଟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବିଶେଷଜ୍ଞ ସୁମନ ବାରିକ ଏବଂ ଡ. ବିବେକାନନ୍ଦ ମହାନ୍ତି ଛାତ୍ରମାନଙ୍କ ମଧ୍ୟରେ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ପେମେଣ୍ଟ ଗେଟ୍‌ୱେ ଆଦି ଦେଶରେ ଅର୍ଥନୈତିକ ବିପ୍ଳବକୁ ଆଗକୁ ନେବାରେ ସହାୟକ ହେଉଛି ବୋଲି ସେ କହିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଡିଜିଟାଲ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

**କଟକ ସଦର, ୧।୩(ସୁଶାନ୍ତ କୁମାର ଜେନା)**

କିଶନନଗର ତହସିଲ ଅନ୍ତର୍ଗତ ଇଶାଣି ବ୍ରହ୍ମପୁର ପଞ୍ଚାୟତରେ ରବିବାର ୪ କୋଟି ୫୦ ଲକ୍ଷ ଟଙ୍କାର ନୂତନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଭୋଇପଡ଼ା, ମଲ୍ଲୀପୁର, ମଙ୍ଗଦେଇପୁର ପକ୍କା ରାସ୍ତା, ସାଧୁସାହି ମନ୍ଦିର ଉନ୍ନତିକରଣ, ଖେଣ୍ଟାଳଠାରୁ ଇଶାଣି ବ୍ରହ୍ମପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତାର ପ୍ରଶସ୍ତୀକରଣ ଓ ନୂତନ କଲ୍ୟାଣମଣ୍ଡପ ଗୃହର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଦୀପକ ମହାନ୍ତି, ରଘୁନାଥ ଚୌଧୁରୀ, ବିଦ୍ୟାଧର ବେହେରା, ହରେକୃଷ୍ଣ ସେଠୀ, ପବିତ୍ର ସାହୁ, ପ୍ରତାପ ସେଠୀ, ବଳରାମ ସେଠୀ, ବିକ୍ରମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟ ରାୟ ସମ୍ପର୍କରେ ଅବଗତ ନାହିଁ ରାଜସ୍ୱ ବିଭାଗ

**କଟକ ସଦର, ୧।୩(ସୁଶାନ୍ତ କୁମାର ଜେନା)**

ରାଜ୍ୟରେ ସରକାରୀ ଗୋଚର କିସମ ଜମିକୁ ବହୁଳ ଭାବରେ ଜବରଦଖଲ କରାଯାଉଥିବାରୁ ଦୁଗ୍ଧଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ସରକାରଙ୍କ ବିଭିନ୍ନ ବିଭାଗ ଗୋଚର ଜମି ଉପରେ ସ୍ଥାୟୀ ନିର୍ମାଣ କରୁଥିବାରୁ ଓଡ଼ିଶା ହାଇକୋର୍ଟ (ଡବ୍ଲ୍ୟୁ.ପି. (ସି) ୩୩୮୯୬/୨୦୨୫ର ମାମଲାର ଶୁଣାଣି କରି ଏହା ଉପରେ ଅସନ୍ତୋଷ ବ୍ୟକ୍ତ କରି ୨୦୨୫ ଡିସେମ୍ବର ୧୯ରେ ଏକ ରାୟ ଦେଇଥିଲେ। ପ୍ରଥମେ



No. RDM-LRGE-RTI-0019-2026- 6522 13 FEB 2026

6523 13 FEB 2026

## ଗୋଚର ଜମିରେ ସ୍ଥାୟୀ ନିର୍ମାଣ ମାମଲା

ରାଜସ୍ୱ ବିଭାଗ ପକ୍ଷରୁ ଗୋଚର ଜମିକୁ ଅସଂରକ୍ଷିତ କରିବା ପରେ ଯାଇ ସ୍ଥାୟୀ ନିର୍ମାଣ କରାଯାଇପାରିବ ବୋଲି ମୁଖ୍ୟ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଶୁଣାଇଥିଲେ। ରାୟ ପ୍ରକାଶ ପାଇବାର ୨ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ରାଜସ୍ୱ ବିଭାଗ ପାଖରେ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ପହଞ୍ଚି ନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି। ୯।୧।୨୦୨୬ରେ ସୂଚନା ଅଧିକାର ଆଇନ ବଳରେ କରାଯାଇଥିବା ଆବେଦନ ଅନୁଯାୟୀ କୋର୍ଟ ରାୟ ସଂକ୍ରାନ୍ତରେ କୌଣସି ଚିଠି କିମ୍ବା ସୂଚନା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇ ନ ଥିବା ପତ୍ର ସଂଖ୍ୟା ୬୫୨୨/୧୩।୨।୨୦୨୬ରେ ବିଭାଗୀୟ ଲୋକ ସୂଚନା ଅଧିକାରୀ ତଥା ଉପଶାସନ ସଚିବ ଶୁଭେନ୍ଦୁ ଦେବ ଆଚାର୍ଯ୍ୟ ଜଣାଇଛନ୍ତି। ଗୋଚର ଜମିକୁ ନେଇ ବିଭିନ୍ନ ସମୟରେ ଅନେକ ମାମଲା କୋର୍ଟକୁ ଆସୁଥିବାରୁ ଏହି ରାୟ ଗୁରୁତ୍ୱ ବହନ କରୁଛି।

# ଶିକ୍ଷା ସମାଜର ଏକ ଅପରିହାର୍ଯ୍ୟ ଅଙ୍ଗ: ସୋଫିଆ



ସ୍ପ୍ରିଂଫେଷ୍ଟ ଉତ୍ସବରେ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ସହ ଅନ୍ୟ ଅତିଥି।

**ମଙ୍ଗୁଳି-ଜଗତପୁର, ୧।୩ (ମାନସ ସାମଲ)**

## ସାଇ ଇଣ୍ଟିଗ୍ରେଟେଡ ପବ୍ଲିକ ସ୍କୁଲରେ ସାଇ ସ୍ପ୍ରିଂଫେଷ୍ଟ

ଜଗତପୁର ଥାନା ଅଧୀନ ଗୋପବନ୍ଧୁ ନଗରସ୍ଥିତ ସାଇ ଇଣ୍ଟିଗ୍ରେଟେଡ ପବ୍ଲିକ ସ୍କୁଲର ସାଇ ସ୍ପ୍ରିଂଫେଷ୍ଟ ୨୦୨୫-୨୬ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ଚେୟାରମ୍ୟାନ୍ ସୁବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଶିକ୍ଷା ସମାଜର ଏକ ଅପରିହାର୍ଯ୍ୟ ଅଙ୍ଗ। ପ୍ରଚେଷ୍ଟା ଓ ଅଧ୍ୟବସାୟ ହିଁ ପିଲାଙ୍କ ଭବିଷ୍ୟତ ତିଆରି କରେ ବୋଲି କହିଛନ୍ତି। ଏଥିସହିତ ବୌଦ୍ଧିକ ବିକାଶ ସହ ସାମଗ୍ରିକ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସିଆର୍‌ସିସି ସରସ୍ୱତୀ ନାୟକ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାଜଲ ସାହୁ, ଅନୁପମା ମିଶ୍ର, ସୁଚିସ୍ମିତା ବେହେରା, ସୋନୁ ବେହେରା, ପୂର୍ଣ୍ଣିମା ବେହୁରା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରିଥିଲେ। ସ୍କୁଲ ପ୍ରିନ୍ସିପାଲ ଗୀତାଞ୍ଜଳି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# 'କିଶୋରୀ ଚରଣ ଥିଲେ ମାନବିକ ଭାବାବେଗର ରୂପକାର'

## ଗିରିଜା ଶଙ୍କର ମିଶ୍ରଙ୍କୁ କିଶୋରୀ ଚରଣ ପୁରସ୍କାର

**କଟକ, ୧।୩(କାର୍ତ୍ତିକ ସାହୁ)**

କିଶୋରୀ ଚରଣ ସ୍ମୃତି ସଂସଦ ପକ୍ଷରୁ ପ୍ରଖ୍ୟାତ କଥାକାର କିଶୋରୀ ଚରଣ ଦାସଙ୍କ ୧୦୨ତମ ଜନ୍ମ ଉତ୍ସବ ରବିବାର ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ସାହିତ୍ୟ ସମାଜରେ ପରିବର୍ତ୍ତନ ଆଣିବାରେ ଏକ ଯଥାର୍ଥ ମାଧ୍ୟମ। ସମୟର ଚିତ୍ର କିଶୋରୀ ଚରଣ ସାହିତ୍ୟରେ ବାସ୍ତବ ଭାବେ ଚିତ୍ରିତ ହୋଇଛି। ସମ୍ମାନିତ ଅତିଥି ଭାବେ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ ମଧ୍ୟବିତ୍ତଙ୍କ ଜୀବନ ଯନ୍ତ୍ରଣାକୁ କିଶୋରୀ




ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଚରଣ ଅତ୍ୟନ୍ତ ନିଖୁଣ ଭାବେ ବର୍ଣ୍ଣନା କରି ଯଥେଷ୍ଟ ପାଠକୀୟ ଆଦୃତି ଲାଭ କରିଛନ୍ତି ବୋଲି କହିଥିଲେ। ସ୍ମୃତି ସଂସଦର ସଭାପତି ବିଚାରପତି ବିମଳ ପ୍ରସାଦ ଦାସ କହିଲେ, କଥାକାର କିଶୋରୀ ଚରଣ ଥିଲେ ମାନବିକ ଭାବାବେଗର ରୂପକାର। ସେ ଥିଲେ ବାସ୍ତବବାଦୀ କଥାକାର। ଚଳିତ ବର୍ଷର ଯୁବଗାଳ୍ପିକ ଗିରିଜା ଶଙ୍କର ମିଶ୍ରଙ୍କୁ କିଶୋରୀ ଚରଣ ପୁରସ୍କାର ସହ ଦଶହଜାର ଟଙ୍କା ଓ ମାନପତ୍ର ତାଙ୍କ ଅନୁପସ୍ଥିତିରେ ଗିରିଜାଙ୍କ ପିତା ଉପେନ୍ଦ୍ରନାଥ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦର ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, କିଶୋରୀ ଚରଣ ଥିଲେ ବହୁବିଧ ପ୍ରତିଭାର ଅଧିକାରୀ। ମଣିଷ ଜୀବନର ଅକୁହା କଥାକୁ ସେ କାହାଣୀ ମାଧ୍ୟମରେ ପ୍ରକାଶ କରୁଥିଲେ। ପ୍ରକାଶକ ଶିବାଶିଷ କର ମାନପତ୍ର ପାଠ କରିଥିଲେ। ଗବେଷକ ଶଙ୍ଖଚୂଳ ଦାସ ପ୍ରାରମ୍ଭିକ ସୂଚନା ଏବଂ ଡ. ଅନୁପ ମାର୍ଥା ଧନ୍ୟବାଦ ଦେଇଥିଲେ। ସୁକାନ୍ତ ପ୍ରସାଦ ନନ୍ଦ ସହଯୋଗ କରିଥିଲେ।

## ଫଟୋରେ ଖବର




ବିଜୁ ପଟ୍ଟନାୟକ ଫିଲ୍ମ ଓ ଟିଭି ଇନଷ୍ଟିଚ୍ୟୁଟ୍ ଅଡିଟୋରିୟମରେ ରବିବାର ଅନୁଷ୍ଠିତ ଓଡ଼ିଶା ଲ' କନକ୍ଲେଭ ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ହାଇକୋର୍ଟର ବିଚାରପତି ସାବିତ୍ରୀ ରଥ ଏବଂ ଅନ୍ୟ ଅତିଥିମାନେ।



କଟକ ଜଗତପୁରସ୍ଥିତ ଇନ୍‌ସ୍ପେକ୍ସନ ବଙ୍ଗଳାଠାରେ ରବିବାର ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଜୁଡିସିଆଲ ଅଧିକାରୀ ଏବଂ ଆଇନଜୀବୀଙ୍କ ସହ ଛାତ୍ରୀଛାତ୍ର।

# ଆଦିବାସୀଙ୍କ ସଶକ୍ତୀକରଣ ପାଇଁ ଦୀର୍ଘମିଆଦୀ ଯୋଜନା ଜରୁରୀ

ଭୁବନେଶ୍ୱର, ୧।୩ (ବନ୍ଦନା ସେଠୀ)

ଜଙ୍ଗଲର ସୁରକ୍ଷା ପାଇଁ ଆଦିବାସୀ ସମ୍ପ୍ରଦାୟର ପ୍ରମୁଖ ଭୂମିକା ରହିଛି। ହେଲେ ସମାନଙ୍କ ଅଧିକାର, ଜୀବନଜୀବିକାର ସୁରକ୍ଷା ଆଦି ଦିନକୁ ଦିନ ହଜିଯାଉଛି। ସେମାନଙ୍କ ବିକାଶ କଥା ଚିନ୍ତା କଲାବେଳେ ଆଦିମ ଜନଜାତିର ସଂଖ୍ୟା କମିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସରକାରଙ୍କର ବହୁବିଧ ଆଇନ ପ୍ରଚଳିତ ହେଉଥିଲେ ମଧ୍ୟ ଆଦିମ ଜନଜାତିଙ୍କ ବାସସ୍ଥାନ ଅଧିକାରର ସୁରକ୍ଷା ହୋଇପାରୁନାହିଁ। ତେଣୁ ଏଥିପାଇଁ ଦୀର୍ଘମିଆଦୀ ଯୋଜନାର ଆବଶକତା ରହିଛି ବୋଲି ମତ ପ୍ରକାଶ ପାଇଛି। ଆକ୍ସନ ଏଡ୍ ପକ୍ଷରୁ ଶନିବାର ଇମେଜ୍‌ଠାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଭର୍ଚୁଆଲ୍‌ରେ ଯୋଗଦେଇ ସରକାରୀସ୍ତରରେ ଆଦିବାସୀଙ୍କ ସଶକ୍ତୀକରଣ ପାଇଁ ହେଉଥିବା ବିଭିନ୍ନ ଯୋଜନାର ରୂପରେଖ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଆକ୍ସନ୍ ଏଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ଚାଚରା ପ୍ରଧାନମନ୍ତ୍ରୀ ପିଭିଟିଜି ମିଶନ କାର୍ଯ୍ୟଖସଡ଼ା ପ୍ରସ୍ତୁତି ଉପରେ ଆହ୍ୱାନ ଦେଇଥିଲେ। ଡ. ଏସ୍ତର ମାରିସେଲ୍‌ଭମ୍ ଆଦିବାସୀ ମହିଳା ଓ ସେମାନଙ୍କ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତର ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ସୌରଭ କୁମାର, ଡ. ବତିନ୍ଦ୍ର ଜେନା, ଯୋଶେଫ ମାଥାଇ, ସୁରଜିତ ନେଗି ପ୍ରମୁଖ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ୧୮ ରାଜ୍ୟର ଆଦିବାସୀ ନେତାମାନେ ଯୋଗଦେଇ ଗୋଷ୍ଠୀଗତ ଅଧିକାର ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ।



ସିଏଫ୍‌ଜିଜି ବାର୍ଷିକୋତ୍ସବରେ 'ଧରିତ୍ରୀ' ଏବଂ 'ଓଡିଶାପୋଷ୍ଟ' ସମ୍ପାଦକ ତଥାଗତ ସତପଥୀଙ୍କ ସହ ଅନ୍ୟ ଅତିଥିମାନେ ଦାମୋଦର ସାହୁଙ୍କୁ 'ସିଟିଜେନ୍ ଲିଜେଣ୍ଡ ଆୱାର୍ଡ' ପ୍ରଦାନ କରୁଛନ୍ତି।

# 'ଆଶା ନ ରଖି ଲୋକଙ୍କ ସେବା କର'

**ସିଟିଜେନ୍‌ସ ଫୋରମ୍ ଗ୍ରେଟର ଗାଡ଼କଣର ୧୧ଶ ବାର୍ଷିକ ଉତ୍ସବ**

**ଦାମୋଦର ସାହୁଙ୍କୁ 'ସିଟିଜେନ୍ ଲିଜେଣ୍ଡ ଆୱାର୍ଡ'**

ଭୁବନେଶ୍ୱର,୧।୩(ସୌମ୍ୟରଞ୍ଜନ ରାଉତ)

ସିଟିଜେନ୍‌ସ ଫୋରମ୍ ଗ୍ରେଟର ଗାଡ଼କଣ (ସିଏଫ୍‌ଜିଜି)ର ୧୧ଶ ବାର୍ଷିକ ଉତ୍ସବ ରବିବାର ଗୁରୁ କେଳୁ ଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଉଛି। ଫୋରମ ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡିଶାପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ସମ୍ମାନିତ ଅତିଥି ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ମୁଖ୍ୟବକ୍ତା ସାହିତ୍ୟିକ ଦାସ ବେନହୁର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଅମୂଲ୍ୟ କୁମାର ଦାସ ସ୍ୱାଗତ ଭାଷଣ ଓ ସମ୍ପାଦକ ଜଗବନ୍ଧୁ ପାଣି ବାର୍ଷିକ ବିବରଣୀ ପାଠ କରିବା ପରେ ଅତିଥିଙ୍କ ଦ୍ୱାରା ସାମାଜିକ କର୍ମୀ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ସଭାପତି ଦାମୋଦର ସାହୁଙ୍କୁ ଚଳିତବର୍ଷର ସମ୍ମାନଜନକ 'ସିଟିଜେନ୍ ଲିଜେଣ୍ଡ ଆୱାର୍ଡ' ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ ଅବସରରେ ଦାମୋଦର କହିଲେ, ଯେତେବେଳେ ସାହାଯ୍ୟ କରିବାକୁ ସୁଯୋଗକୁ ମିଳୁଛି, ସେବା କରନ୍ତୁ। ସମାଜରେ ଥିବା ପୀଡ଼ିତଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ସମସ୍ତେ ଚେଷ୍ଟା କରିବା ବୋଲି ସେ କହିଥିଲେ। ସେହିପରି ସେବା କାର୍ଯ୍ୟ ପାଇଁ ସମର୍ପଣ ସେବା ଅନୁଷ୍ଠାନକୁ ସଭାପତି ଲେଖା ପ୍ରଧାନଙ୍କ ଉପସ୍ଥିତିରେ 'ମାଟିର ମହକ' ସମ୍ମାନ ପ୍ରଦାନ କରାଯାଇଥିଲା। ଫୋରମର ମୁଖପତ୍ର 'ଅଗ୍ରଗାମୀ' ଲୋକାର୍ପଣ ହୋଇଥିଲା। ସମ୍ମାନିତ ଅତିଥି ବିଧାୟକ ମହାପାତ୍ର ଜାତୀୟତା ବାବଦରେ ଚଳଚ୍ଚିତ୍ରର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ତଥାଗତ କହିଲେ, ଜନସେବା କରିବା ସହଜ କଥା ନୁହେଁ। କିଛି ଆଶା ନ ରଖି ଲୋକଙ୍କ ସେବା କର। ଏହା ଯେତେବେଳେ ଜୀବନର ମୁଖ୍ୟ ହୋଇଥାଏ, ଏହାକୁ ନିଷ୍କାମ କାର୍ଯ୍ୟ ବୋଲି କୁହାଯାଏ। ମୁଖ୍ୟବକ୍ତା ସାହିତ୍ୟିକ ବେନହୁର କହିଲେ, ଜାତୀୟତା ନ ରହିଲେ ଦେଶ ରହିବ ନାହିଁ। କର୍ତ୍ତବ୍ୟବୋଧ ଯଦି ନ ରହିବ, ସମାଜ ମଧ୍ୟ ରହିବ ନାହିଁ। ସାମାଜିକ ଜୀବନକୁ ଯଦି ଆମେ ନ ସଜାଡ଼ିବା, ତେବେ ଆମ ଭବିଷ୍ୟତ ନିଶ୍ଚିତ ଅସଜଡ଼ା ହୋଇ ରହିଯିବ। ତେଣୁ ଆମେ କର୍ତ୍ତବ୍ୟ ପରାୟଣ ହେବା ବୋଲି ସେ କହିଥିଲେ। ସଭାପତି ଡ. ସୁରେନ୍ଦ୍ର ମିଶ୍ର ଫୋରମର ସୃଷ୍ଟି, କାର୍ଯ୍ୟଧାରା ଓ ଭବିଷ୍ୟତ ଯୋଜନା ବିଷୟରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଚେତନା ଅନୁଷ୍ଠାନର ଦିବ୍ୟାଙ୍ଗ ଶିଶୁ କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଅନସୂୟା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମିଡ଼ିଆ ସଂଯୋଜକ ଦିଲୀପ ଦାସଶର୍ମା ମିଡ଼ିଆ ପରିଚାଳନା ଓ କାର୍ଯ୍ୟକାରୀ ସଭାପତି ପ୍ରଦୀପ ଜେନା ଧନ୍ୟବାଦ ଦେଇଥିଲେ।



ଦିବ୍ୟାଙ୍ଗ ଶିଶୁକଳାକାରାମାନେ ନୃତ୍ୟନାଟିକା ପରିବେଷଣ କରୁଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲା ମହାନଦୀ ଟ୍ରିବ୍ୟୁନାଲ ଟିମ୍


ମହାନଦୀ ଟ୍ରିବ୍ୟୁନାଲ୍ କମିଟିର ସଦସ୍ୟମାନେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ମହାନଦୀ ଟ୍ରିବ୍ୟୁନାଲ ଟିମ୍ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ରବିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛି। ଏଥିସହ ପୁରୀର କୁଶଭଦ୍ରା ନଦୀ ଓ କୋଣାର୍କ ମନ୍ଦିର ମଧ୍ୟ ଗସ୍ତ କରିଛି। ସୋମବାର ଟିମ୍ ସାତପଡ଼ା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଖବରଦାତା ସମ୍ମିଳନୀ କରି ଟିମ୍‌ର ଗସ୍ତ ସହ ମହାନଦୀ ଜଳବିବାଦ ସମ୍ପର୍କରେ ସୂଚନା ଦେଇଛନ୍ତି।

ମହାନଦୀ ଜଳବିବାଦର ସମାଧାନ ପାଇଁ ଗଠିତ ଟ୍ରିବୁନାଲର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀଙ୍କ ନେତୃତ୍ୱରେ ଅନ୍ୟତମ ସଦସ୍ୟ ଜଷ୍ଟିସ୍ ଡ. ରବି ରଞ୍ଜନ, ଜଷ୍ଟିସ୍ ଇନ୍ଦରମିତ୍ କୌର କୋଚରଙ୍କ ସହ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ରବିବାର ପୂର୍ବାହ୍ନରେ ପୁରୀରେ ପହଞ୍ଚିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ପ୍ରତୀକ ସିଂ ଟ୍ରିବ୍ୟୁନାଲ ଟିମ୍‌କୁ ସ୍ୱାଗତ କରିଥିଲେ। ପରେ ଟ୍ରିବ୍ୟୁନାଲ ସଦସ୍ୟ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଖବରଦାତା ସମ୍ମିଳନୀରେ ଆଡ୍‌ଭୋକେଟ ଜେନେରାଲ ଆଚାର୍ଯ୍ୟ କହିଛନ୍ତି, ଓଡ଼ିଶା-ଛତିଶଗଡ଼ର ଜଳବିବାଦ ଖୁବ୍‌ଶୀଘ୍ର ସମାଧାନ ହେବାକୁ ଯାଉଛି। ପୂର୍ବ ସରକାରର ଐତିହାସିକ ଭୁଲ୍ କାରଣରୁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଜଳ ବିବାଦର ଆରମ୍ଭ ହୋଇଥିଲା। ପୂର୍ବ ସରକାରଙ୍କ ଭୁଲ୍‌କୁ ବର୍ତ୍ତମାନର ସରକାର ସଂଶୋଧନ କରୁଥିବା ସେ କହିଛନ୍ତି। ମହାନଦୀ ଜଳବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଟିମ୍‌ର କ୍ଷେତ୍ର ପରିଦର୍ଶନ, ସ୍ଥିତି ଅନୁଧ୍ୟାନ କରିବା ଜରୁରୀ ଥିଲା। ପୂର୍ବରୁ ଗଠିତ କମିଶନ ୨୦୨୩ ମସିହାରେ ୭/୮ ଦିନ ପାଇଁ ଓଡ଼ିଶା ଗସ୍ତରେ ଆସିଥିଲେ। ଚଳିତ ଗସ୍ତରେ ଟ୍ରିବ୍ୟୁନାଲ ହୀରାକୁଦ ଜଳଭଣ୍ଡାର, ହୀରାକୁଦ ଡ୍ୟାମ୍, ବୁର୍ଲା ପାୱାର ଚାନେଲ ପରିଦର୍ଶନ ଓ ନିରୀକ୍ଷଣ କରିଥିଲେ। ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଓ ଅନ୍ୟାନ୍ୟ ଅଧିକାରୀ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ପୁରୀ,୧।୩(ଅଜିତ୍ କୁମାର ମହାନ୍ତି)

ଲୋକଙ୍କ ମନରେ ଥିବା ଦୀର୍ଘଦିନର ଆଶାଆଶଙ୍କା ଦୂର ହେବାକୁ ଯାଉଛି। ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପାଇଁ ତାରିଖ ଓ ମାହେନ୍ଦ୍ରବେଳାର ସମୟ ନିର୍ଦ୍ଧାରଣ କରାଯିବ। ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଳଙ୍କାର ଗଣତିମଣତି ନେଇ ତାରିଖ ଓ ସମୟ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ୩ଟି ପର୍ଯ୍ୟାୟରେ ଅଳଙ୍କାର ଗଣତିମଣତି ହେବାକୁ ଥିବାବେଳେ ଏଥିପାଇଁ ୨ଟି ଟିମ୍ ଯଥା ସୁପରଭାଇଜିଂ ଟିମ୍ ଓ ହ୍ୟାଣ୍ଡେଲିଂ ଟିମ୍ ଗଠନ ଉପରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହେବ। ତେବେ ପରିଚାଳନା କମିଟି ବୈଠକରେ ଅନ୍ୟାନ୍ୟ ବିଷୟ ଯେପରି ଗୁଣ୍ଡିଚା ମନ୍ଦିର କେବେ ଖୋଲିବ, ସେବାୟତଙ୍କ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ, ମହାପ୍ରଭୁଙ୍କ ନୂତନ ରତ୍ନପଲଙ୍କ ସେଟ୍ ବ୍ୟବହାର, ଶ୍ରୀମନ୍ଦିର ଭିତରେ ଉଭୟ ପୋଲିସ ଓ ସେବକଙ୍କ ମୋବାଇଲ ବାରଣ, ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ, ନାଟମଣ୍ଡପରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ଆଲୋଚନା ହେବାର ସୂଚନା ମିଳିଛି। ଏହାଛଡ଼ା ଶ୍ରୀମନ୍ଦିର ପ୍ରଶାସନର ୨୦୨୫-୨୬ ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଓ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଅଟକଳ ସହ ଦୋଳପୂର୍ଣ୍ଣିମାରେ ଚନ୍ଦ୍ର ଗ୍ରହଣ ନୀତି ଉପରେ ଆଲୋଚନା କରାଯିବ।

# କାଠଫାଳିଆରେ ପିଟି ଛାତ୍ରଙ୍କୁ ଲହୁଲୁହାଣ, ଜଣେ ଗିରଫ

ଭୁବନେଶ୍ୱର,୧।୩(ତ୍ରିନାଥ ମହାନ୍ତି)

ସ୍କୁଲ ପିଲାଙ୍କୁ କାଠ ଫାଳିଆରେ ଆକ୍ରମଣ କରିବା ଏବଂ କଟୁରି ବୁଲାଇ ଆତଙ୍କ ସୃଷ୍ଟି କରିବା ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କଟୁରି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ସମେଇ ଗାଡ଼ିଆରେ ରହୁଥିବା ବନମାଳୀ ପତି। ସୂଚନାଯୋଗ୍ୟ ଯେ, ଶନିବାର ଦିନ ପ୍ରାୟ ୧୨ଟା ୩୦ ସମୟରେ ଅଭିଯୋଗକାରିଣୀଙ୍କ ପୁଅ ଓ ଝିଅ ସ୍କୁଲରୁ ଫେରୁଥିବାବେଳେ, ଅଭିଯୁକ୍ତ ବନମାଳୀ ପତି ଓରଫ ଦିପୁନା ନିଶାଗ୍ରସ୍ତ ଅବସ୍ଥାରେ ସେମାନଙ୍କୁ ରାସ୍ତାରେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଭୟରେ ଉଭୟ ପିଲା ନିଜ ଘରକୁ ପଳାଇଯାଇଥିଲେ। ଅଭିଯୁକ୍ତ ସେମାନଙ୍କୁ ପିଛା କରି ଘର ପର୍ଯ୍ୟନ୍ତ ଆସିବା ସହ ଅଭିଯୋଗକାରିଣୀଙ୍କ ପୁଅକୁ ଗୋଟିଏ କାଠ ଫାଳିଆରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ।

# 'ଦହିବରା ଆଳୁଦମ୍ କଟକର ଅନ୍ୟତମ ପରିଚୟ'

**କଟକ ଦହିବରା ଆଳୁଦମ୍ ଦିବସ**

କଟକ,୧।୩(କାର୍ତ୍ତିକ ସାହୁ)

'କଟକ ଦହିବରା ଆଳୁଦମ୍'ର ଏକ ସ୍ୱତନ୍ତ୍ର ସ୍ୱାଦ ରହିଛି। ଓଡ଼ିଶା ଓ ଦେଶବିଦେଶରେ ଏହି ଖାଦ୍ୟର ବିଶେଷ ପ୍ରଚାର ପ୍ରସାର ସହ ଏକ ଅନନ୍ୟ ପରିଚୟ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଜିଲା ପ୍ରଶାସନ ପକ୍ଷରୁ କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଓ ଜିଲା ସଂସ୍କୃତି ପରିଷଦର ସହଯୋଗରେ 'କଟକ ଦହିବରା ଆଳୁଦମ୍ ଦିବସ' ରବିବାର ପାଳିତ ହୋଇଯାଇଛି। ବାଲିଯାତ୍ରା ତଳ ପଡ଼ିଆସ୍ଥିତ କଟକ ଇନ୍ କଟକଠାରେ ଏହି ଦିବସ ପାଳନ ବେଳେ ଏକ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଦହିବରା ଆଳୁଦମ୍‌କୁ କଟକର ଅନ୍ୟତମ ପରିଚୟ ବୋଲି ଅଭିହିତ କରି ଏହି ଖାଦ୍ୟକୁ ଲୋକପ୍ରିୟ କରାଇବାରେ ଦହିବରା ବ୍ୟବସାୟୀମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। କଟକ ମେୟର ସୁବାସ ଚନ୍ଦ୍ର ସିଂ ଯୋଗଦେଇ ଦହିବରା ଆଳୁଦମ୍ ପ୍ରତ୍ୟେକ କଟକିଆଙ୍କ ପ୍ରିୟ ଖାଦ୍ୟ ବୋଲି କହିଥିଲେ। ଦହିବରା ଏବେ କେବଳ କଟକରେ ସୀମିତ ହୋଇ ରହିନାହିଁ, ଏହା ଦେଶବିଦେଶରେ ମଧ୍ୟ ନାଁ କରିସାରିଲାଣି। ସେହିପରି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଥିଲେ, ରୌପ୍ୟ ନଗରୀ କଟକର ଅନ୍ୟତମ ପରିଚୟ ହେଉଛି 'ଦହିବରା ଆଳୁଦମ୍'। ଗତବର୍ଷଠାରୁ ମାର୍ଚ୍ଚ ୧ତାରିଖକୁ ଦହିବରା ଆଳୁଦମ ଦିବସ ଭାବେ ପାଳନ କରାଯାଇଆସୁଛି। ଏହି କାର୍ଯ୍ୟକ୍ରମରେ ଅଭିନେତା ଅରିନ୍ଦମ ରଏ ଓ ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କଟକର ବିଭିନ୍ନ ଦହିବରା ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ଷ୍ଟଲମାନ ଖୋଲିଥିଲେ। ଅଂଶଗ୍ରହଣକାରୀ ବ୍ୟବସାୟୀ ଓ ଫୁଡ୍ ବ୍ଲଗରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦହିବରା ଦିବସର ନୋଡାଲ ଅଧିକାରୀ ଅତିରିକ୍ତ ଜିଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସହଯୋଗରେ ରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ସହ ଅନ୍ୟମାନେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**


@ ସତ୍ୟପ୍ରକାଶ


@ ହାପି


@ ସନିଆ


@ ବାପୁ


@ ଦୀକ୍ଷିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାହାଳରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଲେ ଅପରାଜିତା

ଭୁବନେଶ୍ୱର, ୧।୩ (ବନ୍ଦନା ସେଠୀ)

ଜାତୀୟ ରାଜପଥ ନଂ.୧୬ର ପାହାଳଠାରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ସ୍ଥାନୀୟ ଜୟପୁର ଗ୍ରାମବାସୀ ଏନେଇ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ନିକଟରେ ବହୁବାର ଦାବି କରିଥିଲେ ହେଁ ଏନେଇ କୌଣସି ସୁଫଳ ମିଳିନାହିଁ। ତେବେ ଗ୍ରାମର ସୁମିତ୍ ରାଉତରାୟ ନାମକ ଯୁବକ ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣକୁ ଦରଖାସ୍ତ ଲେଖି ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ନିକଟରେ ପାଣ୍ଡରାରେ ଅନୁଷ୍ଠିତ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ସୁମିତ୍‌ଙ୍କ ସହିତ ଅନ୍ୟ ଗ୍ରାମବାସୀ ସୌମେନ୍ଦ୍ର ସାସ୍ମଲ, କୀର୍ତ୍ତିରଞ୍ଜନ ସାସମଲ, ମୋନାଲିସା ରାଉତରାୟ, ପ୍ରଣତୀ ରାଉତରାୟ, ସୌମ୍ୟା ମହାପାତ୍ର ପ୍ରମୁଖ ଏମ୍‌ପିଙ୍କୁ ଭେଟି ଏନେଇ ଅବଗତ କରାଇଥିଲେ। ଦାବିପତ୍ର ପାଇବା ପରେ ଅପରାଜିତା ପାହାଳଠାରେ ୨କୋଟି ଟଙ୍କା ବ୍ୟୟରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ହେବା ନେଇ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଦୀର୍ଘଦିନର ଦାବି ପୂରଣ ହେବା ନେଇ ଘୋଷଣା ହୋଇଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଏମ୍‌ପିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାକିସ୍ତାନୀ ଜେଟ୍‌କୁ ଖସାଇଲା ଆଫଗାନିସ୍ତାନ

**କାବୁଲ୍, ୧।୩**

ଆଫଗାନିସ୍ତାନ ରାଜଧାନୀ କାବୁଲରେ ରବିବାର ବିସ୍ଫୋରଣ ଏବଂ ଗୁଳିମାଡ଼ ପରେ ଆଫଗାନ ସୈନ୍ୟ ପାକିସ୍ତାନର କେତେକ ଜେଟ୍‌କୁ ଗୁଳିକରି ଖସାଇ ଦେଇଛନ୍ତି। ଗତ ସପ୍ତାହରୁ ତାଲିବାନ୍ ଶାସିତ ଆଫଗାନିସ୍ତାନ ଏବଂ ପାକିସ୍ତାନ ପରସ୍ପରକୁ ଆକ୍ରମଣ ଜାରି ରଖିଥିବାବେଳେ ଯୁଦ୍ଧବିରତି ପାଇଁ କାତାର ଏବଂ ସାଉଦି ଆରବ ଆହ୍ୱାନ ଦେଇଛନ୍ତି। ରବିବାର ଭୋର ସମୟରେ କାବୁଲର ବିଭିନ୍ନ ଭାଗରେ ବିସ୍ଫୋରଣ ଶବ୍ଦ ସାଙ୍ଗକୁ ବନ୍ଧୁକ ଗର୍ଜନ ଶୁଣାଯାଇଥିଲା। କାବୁଲ ଉପରେ ଉଡୁଥିବା ପାକିସ୍ତାନୀ ବିମାନକୁ ଆଫଗାନ ସେନା ଗୁଳି କରି ଖସାଇଦେଇଥିବା ତାଲିବାନ ପ୍ରଶାସନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ କହିଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନର ଆକ୍ରମଣରେ ଆଫଗାନିସ୍ତାନର ବର୍ତ୍ତମାନ ସୁଦ୍ଧା ୪୧୫ ଜଣ ସୈନ୍ୟ ନିହତ ହେବା ସହ ୫୮୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଇସ୍‌ଲାମାବାଦ ରବିବାର କହିଛି। ସୀମାରେ ଥିବା ୫୩ଟି ସ୍ଥାନରେ ଆଫଗାନିସ୍ତାନର ତାଲିବାନ ସୈନ୍ୟ ଆକ୍ରମଣ କରିବା ପରେ ଗୁରୁବାର ରାତିରେ ପାକିସ୍ତାନ ଆଫଗାନିସ୍ତାନ ବିରୋଧରେ ସାମରିକ ଅଭିଯାନ ଘଜବ ଲିଲ୍ ହକ୍ ଆରମ୍ଭ କରିଥିଲା। ପାକ୍ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅତ୍ତାଉଲ୍ଲା ତରାର ରବିବାର କହିଛନ୍ତି, ପାକ୍ ସେନା ଅନ୍ୟୁନ ୧୮୨ଟି ଆଫଗାନ ଚେକ୍‌ପୋଷ୍ଟ ଧ୍ୱଂସ କରିବା ସହ ୩୧ଟିକୁ କବ୍‌ଜା କରିଛି। ଏଥିସହିତ ୧୮୫ଟି ଟ୍ୟାଙ୍କ୍, ସୈନ୍ୟ ଗାଡ଼ି ଏବଂ କମାଣକୁ ନଷ୍ଟ କରାଯାଇଛି।

# ୩୫୦ ବିମାନ ଉଡ଼ାଣ ବାତିଲ କଲେ ଭାରତୀୟ ଏୟାରଲାଇନ୍ସ

**ନୂଆଦିଲ୍ଲୀ, ୧।୩**

ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ୍‌ର ଆକ୍ରମଣ ଯୋଗୁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ବାୟୁସୀମା କଟକଣା ଜାରି ରହିଛି। ଫଳରେ ଭାରତୀୟ ଏୟାରଲାଇନ୍ସଗୁଡ଼ିକ ରବିବାର ୩୫୦ଟି ବିମାନ ଉଡ଼ାଣକୁ ବାତିଲ କରିଛନ୍ତି। ଶନିବାର ଭାରତୀୟ ଘରୋଇ ଏୟାରଲାଇନ୍ସଗୁଡ଼ିକ ୪୧୦ ବିମାନ ଉଡ଼ାଣ ବାତିଲ କରିଥିଲେ। ଫଳରେ ବିଦେଶ ଯିବାକୁ ଚାହୁଁଥିବା ବହୁ ଯାତ୍ରୀ ଅସୁବିଧାରେ ପଡ଼ିଛନ୍ତି। ଯାତ୍ରୀମାନଙ୍କୁ ସମ୍ପୃକ୍ତ ଏୟାରଲାଇନ୍ସର ଉଡ଼ାଣ ସ୍ଥିତି ଯାଞ୍ଚ କରିବା ସହ ଯୋଗାଯୋଗରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସ୍ଥିତି ଉପରେ ନଜର ରଖିଥିବାବେଳେ ଯାତ୍ରୀଙ୍କ ସହାୟତା ଲାଗି ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି କହିଛି। ଏୟାର ଇଣ୍ଡିଆ ରବିବାର ଅନ୍ତର୍ଜାତୀୟ ରୁଟ୍‌ରେ ୨୨ଟି ବିମାନ ଉଡ଼ାଣ ବାତିଲ କରିଥିବାବେଳେ ୨ ଦିନରେ ମୋଟ ୫୦ ବିମାନ ବାତିଲ ହୋଇଛି। ଦିଲ୍ଲୀ ଏବଂ ମୁମ୍ବାଇ ବିମାନବନ୍ଦରରୁ ମୋଟ ୨୦୦ରୁ ଊର୍ଦ୍ଧ୍ୱ ବିମାନ ବାତିଲ ହୋଇଛି।



ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରୁ ବୀରଭୂମର ଲୋକମାନେ ସେମାନଙ୍କ ନାଁ ଖୋଜୁଛନ୍ତି।

# ଗୋଳାବାରୁଦ କାରଖାନାରେ ବିସ୍ଫୋରଣ: ୧୮ ମୃତ

**ନାଗପୁର, ୧।୩**

ମହାରାଷ୍ଟ୍ରର ନାଗପୁର ସହରଠାରୁ ୨୫ କି.ମି. ଦୂର କଲମେଶ୍ୱର ତହସିଲ ଅନ୍ତର୍ଗତ ରାଉଲଗାଁଓରେ ଏକ ଗୋଳାବାରୁଦ କାରଖାନାରେ ରବିବାର ସକାଳେ ବିସ୍ଫୋରଣ ଘଟି ଅନ୍ୟୁନ ୧୮ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୨୪ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସକାଳ ୭ଟାରେ ଏସ୍‌ବିଏଲ୍ ଏନର୍ଜି ଲିମିଟେଡ୍‌ର ଡିନୋନେଟର ପ୍ୟାକେଜିଂ ୟୁନିଟ୍‌ରେ ଶକ୍ତିଶାଳୀ ବିସ୍ଫୋରଣ ପରେ ନିଆଁ ଲାଗିଯାଇଥିଲା। ମୃତଦେହଗୁଡ଼ିକ ଏଭଳି ପୋଡ଼ିଯାଇଛି ଯେ, ଚିହ୍ନିବା ସମ୍ଭବ ହେଉନାହିଁ। ମୃତଦେହ ଚିହ୍ନଟ ପାଇଁ ପରିବାର ସଦସ୍ୟଙ୍କ ଡିଏନ୍‌ଏ ନମୁନା ସଂଗ୍ରହ କରାଯାଉଛି। ଉକ୍ତ କମ୍ପାନୀରେ ମାଇନିଂ ଏବଂ ଭିତ୍ତିଭୂମି ପ୍ରୋଜେକ୍ଟରେ ବ୍ୟବହୃତ ଡିଟୋନେଟର ଆଦି ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। କାରଖାନା ସୁରକ୍ଷା ନିୟମର ଉଲ୍ଲଂଘନ କରିବା ସହ କର୍ମଚାରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଉ ନ ଥିଲା ବୋଲି ସ୍ଥାନୀୟ ବିଧାୟକ ଚରଣସିଂ ଠାକୁର ଅଭିଯୋଗ କରିଛନ୍ତି। ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। କଲମେଶ୍ୱର ପୋଲିସ ସମେତ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଏହା ବ୍ୟତୀତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଯବାନ, ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ନିରାପତ୍ତା ସଂଗଠନ (ପିଇଏସ୍‌ଓ), ଡିଫେନ୍ସ ଇନ୍‌ଫର୍ମେଶନ ସିଷ୍ଟମ ଫର୍ ସିକ୍ୟୁରିଟି (ଡିଆଇଏସ୍‌ଏସ୍) ମଧ୍ୟ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ବିସ୍ଫୋରଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଫୋରଣ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେହିପରି ମହାରାଷ୍ଟ୍ର ସରକାର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ସହ ପ୍ରଭାବିତ ପରିବାରଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ଫଡ଼ନବିସ କହିଛନ୍ତି।



# ଭାଜପାର କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି: କେଜ୍‌ରିୱାଲ

**ନୂଆଦିଲ୍ଲୀ, ୧।୩ (ପି.ଟି.)**

ଅବକାରୀ ଦୁର୍ନୀତି ମାମଲାରେ ପ୍ରମାଣ ଅଭାବରୁ ଦିଲ୍ଲୀର ଏକ ଅଦାଲତ ଦ୍ୱାରା ଅଭିଯୋଗମୁକ୍ତ ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍‌ରିୱାଲ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉପରେ ଜୋର୍‌ଦାର ବର୍ଷିଛନ୍ତି। ଭାଜପା କ୍ଷମତାରୁ ଯିବା ଲାଗି ଅବଗଣନା ଆରମ୍ଭ ହୋଇଯାଇଥିବା ସେ ଦାବି କରିଛନ୍ତି। ଦିଲ୍ଲୀର ଯନ୍ତରମନ୍ତରଠାରେ



ଅରବିନ୍ଦ କେଜ୍‌ରିୱାଲ

ଦଳୀୟ ରାଲିକୁ ଉଦ୍‌ବୋଧନ ଦେବା ଅବସରରେ କେଜ୍‌ରିୱାଲ କହିଛନ୍ତି, ତାଙ୍କୁ ଅବକାରୀ ନୀତି ମାମଲାରେ ଫସାଇବା ପାଇଁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଷଡ଼ଯନ୍ତ୍ର ରଚନା କରିଥିଲେ। ଅଦାଲତଙ୍କ ଐତିହାସିକ ରାୟ ତାଙ୍କୁ କଠୋର ସଚ୍ଚୋଟ ବ୍ୟକ୍ତି ଭାବେ ପ୍ରମାଣିତ କରିଛି। ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ ଟ୍ରାଏଲ୍ କୋର୍ଟ ଶୁକ୍ରବାର କେଜ୍‌ରିୱାଲଙ୍କ ସମେତ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଅନ୍ୟ ୨୧ ଜଣଙ୍କୁ ଅଭିଯୋଗମୁକ୍ତ କରିଥିଲେ। ଚାର୍ଜଶିଟ୍‌ରେ ତାଳମେଳ ନ ଥିବା ଅଦାଲତ କହିଥିବାରୁ ଏହା ପଛରେ ଷଡ଼ଯନ୍ତ୍ର ରହିଥିବା ସ୍ପଷ୍ଟ ହୋଇଛି। ବିଭିନ୍ନ ରାଜ୍ୟର ଆପ୍ ନେତା ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କେଜ୍‌ରିୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଭୟ କରୁଛନ୍ତି। ଜଣେ ଅତ୍ୟାଚାରୀ ଶାସକ ଯେତେବେଳେ ଭୟଭୀତ ହୁଏ, ଏହା ତାଙ୍କ ଶାସନର ଅନ୍ତ ଘଟିବାର ସଙ୍କେତ। ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ପ୍ରଧାନମନ୍ତ୍ରୀ ଜେଲ ପଠାଇଛନ୍ତି। ମହିଳା ଏମ୍‌ପିମାନଙ୍କ ଭୟରେ ସେ ଦିନେ ବି ପାର୍ଲାମେଣ୍ଟ ଗଲେ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଧାନମନ୍ତ୍ରୀ ଭୟ କରୁଥିବା ଆପ୍ ନେତା ଅଭିଯୋଗ କରିଛନ୍ତି।

Classified Everyday
0674-2580101, 9692975378



REAL ESTATE





**SALE**

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି **immediate** ଘର କରନ୍ତୁ। **9439363944.** D-3495

***BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134.** D-3498

All types of physiotherapy and massage contact 9556924059 / 7656969134. D-3523

Newly opening full body massage best therapist. Contact- 7608935949. D-3504

**AFFIDAVIT**

I, Dwarikanath Padhi, S/o.- Late Balakrushna Padhi, resident of Ward No. 2, Banibihar 3rd Lane, P.O./ P.S.- Aska, Dist.- Ganjam, Odisha, PIN- 761110 declare by this affidavit No. 1233 Dtd.- 28.02.2026 that now onwards I shall be known as DWARIKA NATH PADHY for all future purposes. D-3517

By virtue of an affidavit sworn before the Notary Public, Bhubaneswar, I, Shankuni Kanhar, father of Birupakhya Kanhar who is a minor has changed the name of my son from "A. BIRUPASHYA KANHAR" to "BIRUPAKHYA KANHAR" as per the birth certificate. Henceforth, the name of my son shall be known as "BIRUPAKHYA KANHAR" for all purposes and for correction in the Aadhaar issued by Unique Identification Authority of India. D-3518

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କେଦାରନାଥ ସ୍ୱାଇଁ**
ଗଜପତିନଗର, ବାଣୀବିହାର, ଭୁବନେଶ୍ୱର
ଆବିର୍ଭାବ: ୨୩।୧୦।୧୯୪୩
ତିରୋଧାନ: ୨୦।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୫୨୧

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ ହରେକୃଷ୍ଣ ମହାନ୍ତି**
Qtr. No. IVR- PF- 19, Unit- 6, Bhubaneswar
ଆବିର୍ଭାବ- ୧୪।୦୪।୧୯୪୩
ତିରୋଧାନ- ୦୭।୦୩।୨୦୧୨
ଆଜିର ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୫୧୯

**ଶ୍ରଦ୍ଧାଞ୍ଜଳି**



**୰ ବିନୋଦିନୀ ପଟ୍ଟନାୟକ**
ନବକଳେବର ରୋଡ ନୂଆସାହି, ପୁରୀ
ଆବିର୍ଭାବ- ୨୨।୦୫।୧୯୫୦
ତିରୋଧାନ- ୨୦।୦୨।୨୦୨୬
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୪

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପଣ୍ଡିତ ଧର୍ମ ଅଧିକାରୀ ଜଗବନ୍ଧୁ ପାଢୀ**
ଆବିର୍ଭାବ: ୧୨।୦୭।୧୯୪୭
ତିରୋଧାନ: ୧୯।୦୨।୨୦୨୬
ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲେ । ଆଜି ୦୨।୦୩।୨୦୨୬ ସୋମବାର ଦ୍ୱାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଈଶ୍ୱର ପ୍ରାପ୍ତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ପତ୍ନୀ ବିମଳା, ନୂଆବୋହୂ ଇନ୍ଦୁମତୀ, ଭଉଣୀ- ରେବ, ନଖୀ, ପ୍ରଭାତୀ, ପୁଅ- ମିହିର, ସମୀର, ପପୁ, ସିପୁ, ସିଲୁ, ବୋହୂ- ମିନୁଆ, କୁନି, ବେବୀ, ଶୁଭ, ଗୁଡି, ଝିଅ- ଫୁଲୁ, ମମତା, ହିପି, ଚୁମୁକି, ଲିଲି, ଜ୍ୱାଇଁ- ଶଙ୍କର, କୁନା, ତାରିଣୀ, ବାବୁ, ଲିପୁ, ନାତି- ମିକୁନ, ଶିଷ୍ଟୁ, ଗୁଡୁ, ଜୁଡୁ, ଚନ୍ଦନ, ରୁଦ୍ର, କ୍ରିଷ୍ଣା, ରାମ, ନିଶାନ୍ତ, ନାତୁଣୀ- ଲିମା, ଲିକା, କାଜଲ, ଥୁକୁଲୁ, ସାଇପ୍ରିୟା, ଭଣଜା- ରବି, ବାବୁନି, ଟିକିନା, ବାପି, ଭାଣିଜୀ- ସବିତା, ଲିପି, ବୁଢୀ, ଝିଲନ, ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶୁଶିଳା ପଣ୍ଡିତ୍**
ଆବିର୍ଭାବ : ୦୧।୧୧।୧୯୪୦
ତିରୋଧାନ : ୧୯।୦୨।୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।
ଧ-୩୫୨୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଡ଼. ମାୟା ନନ୍ଦ**
ଆବିର୍ଭାବ : ୧୩.୦୭.୧୯୪୦
ତିରୋଧାନ : ୨୦.୦୨.୨୦୨୬
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ , ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

# ଇରାନ ଆକ୍ରମଣକୁ ନିନ୍ଦା, ୟୁଏଇ ରାଷ୍ଟ୍ରପତିଙ୍କ ସହ କଥାହେଲେ ମୋଦି

**ନୂଆଦିଲ୍ଲୀ, ୧।୩**

ୟୁଏଇ ଉପରେ ଇରାନ୍‌ର ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିଛନ୍ତି। ଇସ୍ରାଏଲ ଏବଂ ଆମେରିକା ଶନିବାର ଇରାନ୍ ଉପରେ ଆକ୍ରମଣ କରିବା ପରେ ଇରାନ୍ ୟୁଏଇରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲା। ଇରାନ୍ ଆକ୍ରମଣରେ ରବିବାର ତିନି ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଭାରତୀୟଙ୍କ ସମେତ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହାପରେ ମୋଦି ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାହେଦ୍ ଅଲ୍ ନହ୍ୟାନ୍‌ଙ୍କ ସହ ଟେଲିଫୋନ୍‌ରେ କଥା ହୋଇ ଘଟଣାକୁ ନିନ୍ଦା କରିଛନ୍ତି। ଏହି ବିପଦ ସମୟରେ ଭାରତ ୟୁଏଇ ସହ ରହିଛି ବୋଲି ମୋଦି କହିବା ସହ ଯୁଦ୍ଧ ବନ୍ଦ କରି ଆଞ୍ଚଳିକ ସ୍ଥିରତା ବଜାୟ ରଖାଯିବା ଉଚିତ ବୋଲି କହିଛନ୍ତି।

# ମୋଦିଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

**ନୂଆଦିଲ୍ଲୀ, ୧।୩**

ଇରାନ୍ ଉପରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ଏବଂ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁକୁ ନେଇ ବିଶ୍ୱର ବହୁ ଦେଶ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଯୁଦ୍ଧ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନ୍ ଆକ୍ରମଣକୁ ନେଇ ଗୋଟିଏ ଶବ୍ଦ ବି କହିନାହାନ୍ତି। ଖାମେନେଇ ଏବଂ ତାଙ୍କ ପରିବାରର କେତେକ ସଦସ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ଯେଉଁଭଳି ହତ୍ୟା କରାଯାଇଛି ତାହା ଆଞ୍ଚଳିକ ରାଜନୈତିକ ଦୃଶ୍ୟପଟରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଛି। କିନ୍ତୁ ଏହି ଘଟଣାକୁ ନେଇ ଭାରତ ପକ୍ଷରୁ କୌଣସି ମନ୍ତବ୍ୟ ଜାରି କରାଯାଇ ନାହିଁ। ମୋଦିଙ୍କ ନୀରବତା ଭାରତର ବହିର୍ବ୍ୟାପାର ନୀତିକୁ ନେଇ ଗଭୀର କ୍ଷତ ପହଞ୍ଚାଇଛି ଏବଂ ଏଥିପାଇଁ ଦେଶକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି କଂଗ୍ରେସ କହିଛି।

# ପାକିସ୍ତାନ, ଭେନେଜୁଏଲା ପରେ ଇରାନ୍‌ରେ ଫେଲ୍ ମାରିଲା ଚାଇନା ଅସ୍ତ୍ର



**ତେହରାନ୍, ୧।୩**

ଚାଇନା ଅସ୍ତ୍ରଶସ୍ତ୍ର ଉପରେ ନିର୍ଭର କରିଥିବା ବହୁ ଦେଶ ଠିକଣା ସମୟରେ ଶତ୍ରୁ କବଳରୁ ବର୍ତ୍ତିବା କଷ୍ଟକର ସାବ୍ୟସ୍ତ ହୋଇଛି। କାରଣ ଠିକଣା ସମୟରେ ଚାଇନା ଯୁଦ୍ଧ ସରଞ୍ଜାମ କାମରେ ଆସିବା ପରିବର୍ତ୍ତେ ଫେଲ୍ ମାରିଥିବା ଦେଖାଯାଇଛି। ପ୍ରଥମେ ପାକିସ୍ତାନ ବିରୋଧରେ ଭାରତର ଅପରେଶନ ସିନ୍ଦୂର ବେଳେ ଭାରତର ଆକ୍ରମଣକୁ ପାକିସ୍ତାନ ମୁକାବିଲା କରିବାକୁ ଅସମର୍ଥ ହୋଇଥିଲା। କାରଣ ପାକିସ୍ତାନ ନିୟୋଜିତ କରିଥିବା ଚାଇନା ଏୟାର ଡିଫେନ୍ସ ସିଷ୍ଟମ୍, ଆଣ୍ଟି-ଷ୍ଟେଲ୍ଥ ରାଡାର୍ କାମ ଦେଇ ନଥିଲା। ଏହାପରେ ଭେନେଜୁଏଲା ବିରୋଧରେ ଆମେରିକାର ଅପରେଶନ ଆବ୍‌ସୋଲ୍ୟୁଟ୍ ରିଜଲ୍ଭ ବେଳେ ମଧ୍ୟ ସମାନ ସ୍ଥିତି ଦେଖାଯାଇଥିଲା। ଏହାପରେ ଏବେ ଇରାନ୍ ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହୋଇଥିବା କୁହାଯାଇଛି।

# ସାଙ୍ଗଙ୍କୁ ବଞ୍ଚାଇବାକୁ ଆସି ଜୀବନ ଗଲା


ମୃତ ରାହୁଲ ମହାରଣା



ଗିରଫ ୩ ଅଭିଯୁକ୍ତ, ଘଟଣାସ୍ଥଳରୁ ଜବତ ମଦ ବୋତଲ ଓ ଚାଖଣା।

## ୟୁଟ୍ୟୁବରଙ୍କୁ ଛୁରି ଭୁସି ହତ୍ୟା ଘଟଣା

- ମଦ ପିଇବା ବେଳେ ଦୁଇ ଗୋଷ୍ଠୀ ଭିତରେ ହୋଇଥିଲା କଥା କଟାକଟି
- ଯବାନଙ୍କ ସହ ଦୁଇ ପୁତୁରାଙ୍କୁ ଗିରଫ କଲା ପୋଲିସ
- ପୂର୍ବଶତ୍ରୁତା ନୁହେଁ, ହଠାତ୍ ଗଣ୍ଡଗୋଳରୁ ହତ୍ୟା:ଏସିପି

**ଭୁବନେଶ୍ୱର,୧।୩(ତ୍ରିନାଥ ମହାନ୍ତି)**

ଜିଜିପି କଲୋନୀ ହାଇସ୍କୁଲ ପଡ଼ିଆରେ ଶନିବାର ରାତିରେ ୟୁଟ୍ୟୁବର ରାହୁଲ ମହାରଣାଙ୍କୁ ହତ୍ୟା ଘଟଣା ଉପରୁ ପରଦା ହଟିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନୁହେଁ, ବରଂ ହଠାତ୍ ଗଣ୍ଡଗୋଳରୁ ରାହୁଲଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିବା ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି ଖବରଦାତା ସମ୍ମିଳନୀରେ ରବିବାର ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ଜଣେ ଯବାନଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯବାନ ସଂଗ୍ରାମ କେଶରୀ ବେହେରା, ତାଙ୍କ ପୁତୁରା ସଂଗ୍ରାମ ବେହେରା ଓରଫ କୁନା ଏବଂ ସମରେନ୍ଦ୍ର ବେହେରା ଓରଫ ମୁନା। ସେମାନଙ୍କ ନିକଟରୁ ଦୁଇଟି ବାଇକ୍ ଏବଂ ଏକ ଛୁରି ଜବତ କରାଯାଇଛି। ପୋଲିସ ଏକ ହତ୍ୟା ମାମଲା(ନଂ-୧୪୪/୨୬) ରୁଜୁ କରି ୩ଜଣଙ୍କୁ କୋର୍ଟଚାଲାଣ କରିଥିବା ଏସିପି ସେନାପତି ସୂଚନା ଦେଇଛନ୍ତି। ରବିବାର ସକାଳୁ ପୋଲିସ ଏବଂ ଫୋରେନ୍ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଫୋରେନ୍ସିକ୍ ଟିମ୍ ସେଠାରେ ପଡ଼ିଥିବା ରକ୍ତ ନମୁନା, ଚପଲ, ମଦ ବୋତଲ ଏବଂ ଚାଖଣା ଜବତ କରି ଫୋରେନ୍ସିକ୍ ଲାବ୍‌କୁ ପଠାଇଛି। ଏଥିସହ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଏସିପିଙ୍କ କହିବା ଅନୁସାରେ, ସଂଗ୍ରାମ ସେନାରେ ଯବାନ ଥିବାବେଳେ ସମରେନ୍ଦ୍ର ଓ କୁନା ତାଙ୍କର ପୁତୁରା। ସମସ୍ତଙ୍କ ଘର କଟକ କାନପୁରରେ ହୋଇଥିବାବେଳେ ଜିଜିପିରେ ସଂଗ୍ରାମ ଘର ଭଡ଼ା ନେଇ ରହୁଥିଲେ। ଶନିବାର ରାତି ପ୍ରାୟ ୯ଟା ୩୦ମିନିଟରେ ଜିଜିପି ହାଇସ୍କୁଲ ପଡ଼ିଆରେ ଦୁଇ ଗୋଷ୍ଠୀ ମଦ ପିଉଥିଲେ। ଗୋଟିଏ ଗୋଷ୍ଠୀରେ ରାହୁଲ, ଶିବା ଏବଂ ଅନ୍ୟ ଦୁଇ ଜଣ ବସିଥିବାବେଳେ ଅନ୍ୟ ଗୋଷ୍ଠୀରେ ଯବାନ ସଂଗ୍ରାମ ଏବଂ ତାଙ୍କ ଦୁଇ ପୁତୁରା ବସି ପିଉଥିଲେ। ଶିବାଙ୍କ ଫୋନ କଲ୍ ଆସିବାରୁ ସେ କଥା ହୋଇ ଅଭିଯୁକ୍ତମାନେ ବସିଥିବା ସ୍ଥାନ ପାଖଦେଇ ଚାଲିଯାଇଥିଲେ। ଶିବା ଫୋନରେ କଥା ହେଲା ବେଳେ ଅଶ୍ଳୀଳ ଭାଷା ପ୍ରୟୋଗ କରୁଥିଲେ। ଏହା ଶୁଣି ସଂଗ୍ରାମ ବିରୋଧ କରିଥିଲେ। ଫଳରେ ଶିବା ଓ ସଂଗ୍ରାମଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ସଂଗ୍ରାମ ଏବଂ ଦୁଇ ପୁତୁରା ଶିବାଙ୍କୁ ମାଡ଼ ମାରିଥିଲେ। ଏହାଦେଖି ଶିବାଙ୍କୁ ବଞ୍ଚାଇବାକୁ ସେଠାରେ ରାହୁଲ ପହଞ୍ଚିଥିଲେ। ଅଭିଯୁକ୍ତମାନେ ରାହୁଲଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସଂଗ୍ରାମ ଓ ତାଙ୍କ ବଡ଼ ପୁତୁରା ରାହୁଲଙ୍କୁ ଧରିଥିବା ଅବସ୍ଥାରେ ସାନ ପୁତୁରା ମୁନା ଏକ ଛୁରିରେ ତାଙ୍କ ଛାତିକୁ ଭୁସି ଦେଇଥିଲେ। ଛାତିରେ ଗଭୀର କ୍ଷତ ହୋଇଥିବାରୁ ପ୍ରବଳ ମାତ୍ରାରେ ରକ୍ତ ବୋହିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାହୁଲ ତଳେ ପଡ଼ି ଯାଇଥିବାବେଳେ ସଂଗ୍ରାମ ଏବଂ ଦୁଇ ପୁତୁରା ସେଠାରୁ ଫେରାର ହୋଇଯାଇଥିଲେ। ରାହୁଲଙ୍କୁ ସାଙ୍ଗମାନେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୋଲିସ ଖବର ପାଇ ମୃତଦେହ ଜବତ ସହ କ୍ୟାପିଟାଲ ହସ୍ପିଟାଲକୁ ମୃତଦେହ ପଠାଇଥିଲା। ଡିସିପି ଜଗମୋହନ ମୀନା ଏବଂ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଜିଜିପିରେ ପୋଲିସ ଖବରୀଙ୍କୁ ଆକ୍ଟିଭ୍ କରିବା ପରେ ଅଭିଯୁକ୍ତଙ୍କ ଗାଡ଼ି ନମ୍ବର ମିଳିଥିଲା। ପୋଲିସ ଗାଡ଼ି ନମ୍ବର ଯାଞ୍ଚ କରିବା ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ଠିକଣା ଭୁବନେଶ୍ୱର ବାହାରେ ହୋଇଥିବାରୁ ଗିରଫ କରିବା କଷ୍ଟକର ଥିଲା। ପୋଲିସ ଦୁଇଟି ବାଇକ୍ ନମ୍ବର ସହ ପଞ୍ଜୀକରଣ ହୋଇଥିବା ଫୋନ୍ ନମ୍ବର ଆଧାରରେ ଚଢ଼ାଉ କରି ଜିଜିପି କଲୋନୀରୁ ୩ଜଣଙ୍କୁ ଗିରଫ କରିଥିଲା। ପୋଲିସ ପଚରାଉଚରା ପରେ ସେମାନେ ହଠାତ୍ ଗଣ୍ଡଗୋଳ କରିବାରୁ ଏଭଳି ଛୁରି ଭୁସିଥିବା କହିଥିଲେ। ଯବାନ ସଂଗ୍ରାମ ଜମ୍ମୁ କଶ୍ମୀରରେ ଡ୍ୟୁଟି କରୁଥିବା ବେଳେ ଛୁଟିରେ ଆସି ଜିଜିପି କଲୋନୀରେ ରହୁଥିବା ବେଳେ ବଡ଼ ପୁତୁରା ତାଙ୍କ ନିକଟରେ ରହୁଥିଲେ। ହେଲେ ଶନିବାର ସାନ ପୁତୁରା ମୁନା ଆସିଥିବାରୁ ସେମାନେ ମଦ ପିଇବାର ଯୋଜନା କରି ଉକ୍ତ ପଡ଼ିଆରେ ବସିଥିଲେ।

### ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଛି: ରାହୁଲଙ୍କ ସ୍ତ୍ରୀ

ମଞ୍ଚେଶ୍ୱର ଥାନା ରସୁଲଗଡ଼ ଜିଜିପି କଲୋନୀରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ମଦ୍ୟପାନ ଓ ପରେ ଯୁକ୍ତିତର୍କକୁ ନେଇ ରାହୁଲଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିବା ପୋଲିସ କହିଛି। ହେଲେ ସାମାନ୍ୟ ଯୁକ୍ତିତର୍କରୁ ଏମିତି ମର୍ଡର ହୋଇଥିବା କଥାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ସେପଟେ ଯେମିତି ପୋଲିସ ହାତରେ ସବୁ ପ୍ରମାଣ ଲାଗିନାହିଁ। ତାଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥିବା ସ୍ତ୍ରୀ ଅଭିଯୋଗ କରିଛନ୍ତି। କିଛି ଦିନ ତଳେ ଗାଡ଼ି ପାର୍କିଂକୁ ନେଇ ଗଣ୍ଡଗୋଳ ହୋଇଥିଲା। ସେମାନେ ଯୋଜନା କରି ହତ୍ୟା କରିଥିବା ରାହୁଲଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି।

### ୩ ମାସ ତଳେ ବାହା ହୋଇଥିଲେ ରାହୁଲ

ମଞ୍ଚେଶ୍ୱର ଥାନା ଜଗନ୍ନାଥ ନଗରର ରାହୁଲ ମହାରଣା ପଳାଶୁଣି ଅଞ୍ଚଳରେ ଅକ୍ସିଜେନ ଗ୍ୟାସ୍ ସିଲିଣ୍ଡର ବ୍ୟବସାୟ କରୁଥିଲେ। ସେ ୨୦୨୫ ନଭେମ୍ବର ୨୫ ତାରିଖରେ ତ୍ରିଷ୍ଣାଙ୍କୁ ବାହା ହୋଇଥିଲେ। ପରେ ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ମିଶି ଇନ୍‌ଷ୍ଟା ରିଲ୍ସ କରୁଥିଲେ, ଯାହାକି ସୋସିଆଲ ମିଡିଆରେ ବହୁଳଭାବେ ଭାଇରାଲ ହେଉଥିଲା। ସେମାନେ ମଧ୍ୟ ଉଭୟେ ରାଜ୍ୟ ବାହାରକୁ ଯାଇ ବ୍ଲଗ୍ କରନ୍ତି। ହେଲେ ସବୁ ଖୁସି ପାଣି ଫୋଟକା ପରି ଫାଟିଗଲା। ରାହୁଲଙ୍କୁ ରାତି ୯ଟା୩୦ରେ ସ୍ତ୍ରୀ ତ୍ରିଷ୍ଣା ଫୋନ୍ କରି ଘରକୁ କେତେବେଳେ ଆସିବ ବୋଲି ପଚାରିଥିଲେ। ପରଟା ଏବଂ ମସରୁମ୍ ଖାଇବା କରି ରଖିଥିବା ପତ୍ନୀ କହିଥିଲେ। ହଠାତ୍ ଗାଳିଗୁଲଜ ଭଳି ପାଟି ଶୁଭିବା ଏବଂ କିଛି ସମୟ ପରେ ଫୋନ୍ କରୁଛି କହି ରାହୁଲ କଲ୍ କାଟି ଦେଇଥିଲେ। ଏହାର ୫ ମିନିଟ୍ ପରେ କଲ୍ କରିଥିଲେ ମଧ୍ୟ ଫୋନ୍ ଲାଗି ନ ଥିଲା। ୧୦ଟାରେ ତାଙ୍କୁ କେହି ଛୁରି ଭୁସି ଦେଇଥିବା ଖବର ପାଇ ସେ ଚମକି ପଡ଼ିଥିବା କହିଛନ୍ତି ସ୍ତ୍ରୀ ତ୍ରିଷ୍ଣା। ରାହୁଲଙ୍କୁ ହରାଇ ଛାତି ଫଟାଇ କାନ୍ଦୁଛନ୍ତି ତ୍ରିଷ୍ଣା। ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖୁନି। ହତ୍ୟାକାରୀଙ୍କୁ ଫାଶୀ ଦେବାକୁ ଦାବି କରିଛନ୍ତି ରାହୁଲଙ୍କ ପତ୍ନୀ। ରାହୁଲ ଥିଲେ ତାଙ୍କର ପରିବାରର ଗୋଟିଏ ପୁଅ।

# ପଥରରେ ଛେଚି ବଡ଼ଭାଇଙ୍କୁ ହତ୍ୟା


ଘଟଣାସ୍ଥଳରେ ଝାରସୁଗୁଡ଼ା ଏସ୍‌ପି ଏବଂ ଜିଆର୍‌ପି ତଦନ୍ତ କରୁଛନ୍ତି।

**ଝାରସୁଗୁଡ଼ା, ୧।୩ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ବୃନ୍ଦାମାଲ ରେଳଷ୍ଟେଶନ ନିକଟ ଏକ ବସ୍ତିରେ ଶନିବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ପାରିବାରିକ ବଚସାକୁ କେନ୍ଦ୍ରକରି ବଡ଼ଭାଇଙ୍କୁ ପଥରରେ ଛେଚି ସାନଭାଇ ହତ୍ୟା କରିଛନ୍ତି। ମୃତକ ହେଲେ ବିବେକ ନାଥ ନାଗ (୨୮)। ଖବରପାଇ ଉଭୟ ବଡ଼ମାଳ ପୋଲିସ ଓ ଝାରସୁଗୁଡ଼ା ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚିଥିଲା। ହତ୍ୟାକାଣ୍ଡ ସ୍ଥଳ ଜିଆର୍‌ପି ଅଧୀନରେ ଆସୁଥିବାରୁ ଜିଆର୍‌ପି ତଦନ୍ତ କରିଥିଲା। ଏଥିସହ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ବସ୍ତିରେ ପ୍ରେମନାଥ ନାଗଙ୍କ ସହିତ ତାଙ୍କ ବଡ଼ପୁଅ

### ଅଭିଯୁକ୍ତ ସାନଭାଇ ଫେରାର

ବିବେକ ନାଥ ନାଗ ଓ ସାନପୁଅ କ୍ଷୀରୋଦ ନାଥ ନାଗ ରହୁଥିଲେ। ଶନିବାର ବିଳମ୍ବିତ ରାତିରେ ଉକ୍ତ ବସ୍ତିର ଏକ ଚାଷଜମି ନିକଟରେ ବିବେକ ଓ କ୍ଷୀରୋଦଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ କ୍ଷୀରୋଦ ଉତ୍‌କ୍ଷିପ୍ତ ହୋଇ ବଡ଼ଭାଇ ବିବେକଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ପ୍ରେମନାଥଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୧୫/୨୬) ରୁଜୁ କରିଛି। ରବିବାର ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଜିଆର୍‌ପି ଆଇଆଇସି ସନ୍ତୋଷ ମିର୍ଦ୍ଧା କହିଛନ୍ତି।

# ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗ୍‌ର ୨ ଗିରଫ


ଗିରଫ ୨ ଅଭିଯୁକ୍ତ।

**କେନ୍ଦୁଝର,୧।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

- ୩୯ ଅନ୍‌ଲାଇନ ଠକେଇ ମାମଲାରେ ସମ୍ପୃକ୍ତ
- ୪.୯୭ କୋଟି ଟଙ୍କାର କାରବାର

କେନ୍ଦୁଝର ସଦର ପୋଲିସ ଏକ ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗ୍‌ର ୨ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅଧୀନ ବାରିଗାଁ ଗ୍ରାମର କଳ୍ପତରୁ ପଲେଇ(୩୬) ଓ ଘସିପୁରା ଥାନା ଅଧୀନ ପଦନପୁର ଗ୍ରାମର ଅଭିନନ୍ଦନ ପୁହାଣ(୩୦)। କେନ୍ଦୁଝର ସଦର ଥାନା ଇନ୍ସପେକ୍ଟର ଅମିତ କୁମାର ଭୂୟାଁ ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତମାନେ ବିଭିନ୍ନ ରାଜ୍ୟରେ ସାଇବର ଠକେଇ ଟଙ୍କାକୁ ଚାଲାଣ କରିବା ପାଇଁ ବ୍ୟବହୃତ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରୁଥିଲେ। ସେମାନେ ଏପର୍ଯ୍ୟନ୍ତ ୩୯ଟି ଅନ୍‌ଲାଇନ ଠକେଇ ମାମଲାରେ ସମ୍ପୃକ୍ତ ଥିବାବେଳେ ୨ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରାୟ ୪ କୋଟି ୯୭ ଲକ୍ଷ ଟଙ୍କାର ସନ୍ଦେହଜନକ କାରବାର ହୋଇଛି। ସମ୍ପୃକ୍ତ ଅନ୍ୟ ସହଯୋଗୀ ଏବଂ ଅତିରିକ୍ତ ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି ଇନ୍ସପେକ୍ଟର ଭୂୟାଁ କହିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୧୨୦/୨୬) ସହ ଆଇଟି ଆଇନର ଧାରା ୩୧୯(୨)/ ୩୧୮(୪)/୩(୫) ବିଏନ୍‌ଏସ୍, ୨୦୨୩ ସହ ଧାରା ୬୬(ସି)/୬୬(ଡି) ଅନୁଯାୟୀ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସାଇବର ଠକେଇ ନେଇ ସତର୍କ ରହିବା ଏବଂ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ କିମ୍ବା ନିକଟତମ ପୋଲିସ ଷ୍ଟେଶନ ମାଧ୍ୟମରେ ଘଟଣାଗୁଡ଼ିକ ତୁରନ୍ତ ରିପୋର୍ଟ କରିବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ସରଣ୍ଡା ଟିମରା ଜଙ୍ଗଲରେ ଲ୍ୟାଣ୍ଡମାଇନ ବିସ୍ଫୋରଣ

- କୋବ୍ରା ବାଟାଲିୟନ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୁରୁତର,ଦିଲ୍ଲୀ ଏୟାରଲିଫ୍ଟ
- ମାଓବାଦୀଙ୍କ ସହ ଗୁଳିବିନିମୟରେ ୨ ଯବାନ ଗୁରୁତର
- ସର୍ଚ୍ଚ ଅପରେଶନ ଜାରି

**ବଣାଇଁ,୧।୩(ପ୍ରଦୀପ ତ୍ରିପାଠୀ)**


ଆହତ ଅଜୟ ମଲ୍ଲିକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୋବ୍ରା ୨୦୯ ନମ୍ବର ବାଟାଲିୟନ।

ଓଡ଼ିଶା - ଝାଡଖଣ୍ଡ ସୀମା ସଂଲଗ୍ନ ସରଣ୍ଡା ଟିମରା ଘଞ୍ଚ ଜଙ୍ଗଲରେ ରବିବାର ମାଓବାଦୀ ବିରୋଧୀ ଅଭିଯାନ ଚାଲିଥିବା ବେଳେ ରବିବାର ସକାଳ ପ୍ରାୟ ୬ଟାରେ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ସିଆର୍‌ପିଏଫ୍ କୋବ୍ରା ୨୦୯ ନମ୍ବର ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଜୟ ମଲ୍ଲିକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଅପରାହ୍ନରେ ତାଙ୍କୁ ପ୍ରଥମେ ରାଞ୍ଚି ଓ ପରେ ସଙ୍କଟାପନ୍ନ ହେବାରୁ ଦିଲ୍ଲୀ ଏୟାରଲିଫ୍ଟ କରାଯାଇଛି ବୋଲି ଝାଡଖଣ୍ଡ ପୋଲିସ ସ୍ପଷ୍ଟ କରିଛି।

ସେହିଭଳି ଛୋଟନାଗରା ଥାନା ଅନ୍ତର୍ଗତ ମାରଙ୍ଗପଙ୍ଗା ଓ କିନବିର ମଝିରେ ଥିବା ଜଙ୍ଗଲ ନିକଟରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରବଳ ଗୁଳିବିନିମୟ ହୋଇଥିଲା। ସକାଳ ୯ଟାରେ ସଂଘଟିତ ଏହି ଗୁଳି ବିନିମୟରେ ଜଣେ ଯବାନ ବିକ୍ରମ ଯାଦବଙ୍କ ପେଟରେ ଗୁଳି ବାଜିଥିଲା। ତାଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ହେବାରୁ ଅପରାହ୍ନରେ ତାଙ୍କୁ ଏୟାରଲିଫ୍ଟରେ ରାଞ୍ଚି ପଠାଯାଇଛି। ଉଭୟ ପକ୍ଷରୁ ଗୁଳି ବିନିମୟ ଯୋଗୁ ଆହତ ଯବାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପଠାଇବାରେ ବିଳମ୍ବ ଘଟିଥିଲା। ଗୁଳି ବିନିମୟ ସମୟରେ ଆଉ ଜଣେ ଯବାନ ସଞ୍ଜୀବ କୁମାର ଆହତ ହୋଇଥିବା ଜଣାପଡ଼ିଛି। ଏହି ୨ଟି ଘଟଣା ପରେ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ପଶ୍ଚିମ ସିଂଭୂମ ମନୋହରପୁର ଥାନା ଅଧୀନସ୍ଥ ଚିଡ଼ିଆ ଫାଣ୍ଡି ଅଧୀନ ଟିମରା ଜଙ୍ଗଲରେ ଘଟିଥିବା

ଲ୍ୟାଣ୍ଡମାଇନ ବିସ୍ଫୋରଣ ଓ ଗୁଳି ବିନିମୟ ସ୍ଥଳ ଛୋଟ ନାଗରା ଥାନା ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେଶନ ଜାରି ରହିଛି। ବର୍ତ୍ତମାନ ମାରାଙ୍ଗପଙ୍ଗାଠାରୁ କିନବିର ଯେଉଁଠି ମାଓବାଦୀ ଲୁଚି ରହିଛନ୍ତି ସେଠାରେ ଚାରି ହଜାରରୁ ଊର୍ଦ୍ଧ୍ୱ ଯବାନ ସମ୍ପୃକ୍ତ ଅଞ୍ଚଳକୁ ଘେରା ବନ୍ଦୀ କରି ରଖିଛନ୍ତି। ଡ୍ରୋନ ବ୍ୟବହାର କରି ଠାବ କରିବା ପାଇଁ ଚେଷ୍ଟା ଜାରି ରଖି ବାହାରୁ ସେ ଅଞ୍ଚଳକୁ କାହାକୁ ପୂରାଇ ନ ଦେବା ସହ ଅଞ୍ଚଳରୁ କାହାକୁ ବାହାରକୁ ଛଡ଼ା ଯାଉନାହିଁ ବୋଲି ସୂଚନା ମିଳିଛି। ଉଭୟ ଓଡ଼ିଶା ଓ ଝାଡଖଣ୍ଡ ସୀମାରେ ହାଇ ଆଲର୍ଟ ଜାରି କରାଯାଇଛି।

## କନ୍ଧମାଳରୁ ଗଞ୍ଜେଇ ଆଣି ଭରତପୁରରେ ବେପାର, ୨ଗିରଫ

**ଭୁବନେଶ୍ୱର,୧।୩(ତ୍ରିନାଥ ମହାନ୍ତି)**

କନ୍ଧମାଳରୁ ଗଞ୍ଜେଇ ଆଣି ଭରତପୁର ଥାନା ଅଞ୍ଚଳରେ ବିକ୍ରି କରିବାବେଳେ ୨ଜଣ ବେପାରୀଙ୍କୁ ଗିରଫ କରିଛି ପୋଲିସ। ସେମାନଙ୍କ ନିକଟରୁ ପୋଲିସ ୨୦.୭ କେଜି ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ କୋଦଳାର ସନ୍ତୋଷ କୁମାର ଜେନା ଏବଂ ଖଲିକୋଟର ରାଜା ବେହେରା। ଶନିବାର ରାତି ପ୍ରାୟ ୧୧ଟା୫ମିନିଟରେ ଭରତପୁର ଜିଏ କଲୋନିର ମଳିମା ମନ୍ଦିର ପଛପଟେ ଦୁଇଜଣ ଯୁବକ ସନ୍ଦେହଜନକ ଅବସ୍ଥାରେ ଛିଡ଼ା ହୋଇଥିଲେ। ସେମାନେ ବେଆଇନ ଗଞ୍ଜେଇ ରଖିବା ଏବଂ ବିକ୍ରୟ କରିବା ପାଇଁ ରଖିଥିବା ଭରତପୁର ପୋଲିସ ଖବର ପାଇଥିଲା। ଖବରପାଇ ତୁରନ୍ତ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ବେଆଇନ ଗଞ୍ଜେଇ ସହ ଅନ୍ୟାନ୍ୟ ଆପରାଧିକ ସାମଗ୍ରୀ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଆର୍ଥିକ ଲାଭ ଉଦ୍ଦେଶ୍ୟରେ କନ୍ଧମାଳ ଜିଲାରୁ ବେଆଇନ ଗଞ୍ଜେଇ ସଂଗ୍ରହ କରି, ଭୁବନେଶ୍ୱରର ବ୍ୟବସାୟୀଙ୍କୁ ବିକ୍ରୟ କରିବା ପାଇଁ ଅପେକ୍ଷା କରିଥିଲେ ବୋଲି ତଦନ୍ତ ସମୟରେ ଜାଣିବାକୁ ମିଳିଥିଲା।

# ଯୁବତୀଙ୍କୁ ଅସଦାଚରଣ ଘଟଣା, ୨ ଗିରଫ

**ଭୁବନେଶ୍ୱର,୧।୩(ତ୍ରିନାଥ ମହାନ୍ତି)**

ପୁରୁଷବନ୍ଧୁ ଆଗରେ ଯୁବତୀଙ୍କୁ ଅସଦାଚରଣ କରିବା ଘଟଣାରେ ଶହୀଦନଗର ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ୟୁନିଟ୍-୯ ଫ୍ଲାଟ୍‌ରେ ରହୁଥିବା ସୁନୀଲ କୁମାର ଖଟେଇ ଏବଂ ଗଣିଆ କାର୍ତ୍ତିକ। ଅଭିଯୁକ୍ତଙ୍କୁ ଛାଡ଼ିବା ଦାବିରେ ଶନିବାର ରାତିରେ ଥାନା ଘେରାଉ କରାଯାଇଥିଲା। ହେଲେ ବିରୋଧ ସତ୍ତ୍ୱେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରିଣୀଙ୍କ ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିଲା।

ସୂଚନାଯୋଗ୍ୟ ଯେ, ଗତ ବୁଧବାର ରାତି ପ୍ରାୟ ପ୍ରାୟ ୧ଟା୧୦ମିନିଟରେ ଅଭିଯୋଗକାରିଣୀ ଘର ଆଗରେ ଠିଆହୋଇ ତାଙ୍କ ଭାଇ ଏବଂ ବନ୍ଧୁଙ୍କ ସହିତ କଥା ହେଉଥିଲେ। ଏହି ସମୟରେ ୭ ରୁ ୮ ଜଣ ଯୁବକ ସେଠାରେ ପହଞ୍ଚି ଅଶାଳୀନ ଭାଷାରେ ଗାଳିଗୁଲଜ କରି ସେଠାରୁ ପଳାଇ ଯାଇଥିଲେ। ପ୍ରାୟ ପାଞ୍ଚ ମିନିଟ ପରେ, ସେମାନେ ପୁଣି ଫେରି ଆସି ଅଭିଯୋଗକାରିଣୀଙ୍କ ସହିତ ଅସଦାଚରଣ କରିବା ସହ ତାଙ୍କ କପଡ଼ା ଚିରି ଉଲଗ୍ନ କରିଥିଲେ। ଏନେଇ ଅଭିଯୋଗକାରିଣୀଙ୍କ ଭାଇ ଏବଂ ବନ୍ଧୁ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରି ଲହୁଲୁହାଣ କରିବା ସହ ଥାନାରେ ଅଭିଯୋଗ କଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଥିଲେ। ଏଥିସହ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଲେ ସେମାନେ ହତ୍ୟା କରିବାକୁ ମଧ୍ୟ ଧମକ ଦେଇଥିଲେ। ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ଅଭିଯୋଗକାରିଣୀଙ୍କୁ ପୂର୍ବରୁ ମଧ୍ୟ ଅଭିଯୁକ୍ତମାନେ ବାରମ୍ବାର ହଇରାଣ କରିବା ସହ ଧମକ ଦେଉଥିଲେ।

## ମାନସିକ ବିକାରଗ୍ରସ୍ତ ଭାଣିଜୀଙ୍କୁ ବଳାତ୍କାର, ସମ୍ପର୍କୀୟ ମାମୁ ଗିରଫ

**ନୀଳଗିରି, ୧।୩(ପ୍ରଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ବଳାତ୍କାର କରିଥିବା ଯୁବକ ସମ୍ପର୍କୀୟ ମାମୁ ବୋଲି ଜଣାପଡିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଚନ୍ଦ୍ରପୁର ଗ୍ରାମର ମହେନ୍ଦ୍ର ସିଂ ଶନିବାର ଅପରାହ୍ନରେ ଉକ୍ତ ଯୁବତୀଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଯୁବତୀଜଣକ ନିଜଘର ଉପର ତାଲାକୁ ସିଡିରେ ଯାଉଥିବା ବେଳେ ଏହାର ସୁଯୋଗ ନେଇ ମହେନ୍ଦ୍ର ବଳାତ୍କାର କରିଥିଲେ। ପରେ ସମ୍ପୃକ୍ତ ଯୁବତୀ ଉକ୍ତ ଘଟଣା ବିଷୟରେ ନିଜ ବାପାଙ୍କୁ ଜଣାଇଥିଲେ। ଏନେଇ ରବିବାର ପୀଡ଼ିତାଙ୍କ ବାପା ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ପୋଲିସ ତଦନ୍ତ କରିବା ସହ ପୀଡିତାଙ୍କ ବୟାନ ରେକର୍ଡ କରିବା ସହ ମାମଲା(ନଂ.୨୬/୨୬) ରୁଜୁ କରି ମହେନ୍ଦ୍ର ସିଂ ଙ୍କୁ ଗିରଫ କରିଥିଲା। ପରେ ଅଭିଯୁକ୍ତ ମହେନ୍ଦ୍ର ସିଂ ଙ୍କୁ କୋର୍ଟଚାଲାଣ କରାଯାଇଛି।

# ଦାରିଙ୍ଗବାଡ଼ି ଜଙ୍ଗଲରେ ଶୁକ୍ରୁ ଘେରାବନ୍ଦୀ

**ଭୁବନେଶ୍ୱ,୧।୩(ତ୍ରିନାଥ ମହାନ୍ତି)**

- ଆକାଶ ମାର୍ଗରୁ ଖୋଜୁଛି ଥର୍ମାଲ ସେନ୍‌ସର ଡ୍ରୋନ୍
- ଜଙ୍ଗଲକୁ ଘେରି ରହି ସର୍ଚ୍ଚ ଅପରେଶନ ଚଳାଇଛନ୍ତି ଯବାନ, ପୋଲିସ
- ଏବେ ବି ସମୟ ଅଛି, ଆତ୍ମସମର୍ପଣ କରଃ ଏସ୍‌ପି


ମାଓବାଦୀ ଶୁକ୍ରୁ

ଓଡ଼ିଶା ପୋଲିସର ଶେଷ ଟାର୍ଗେଟରେ ମାଓନେତା ଶୁକ୍ରୁ। ସେ ଏବେ କନ୍ଧମାଳ ଜିଲା ଦାରିଙ୍ଗବାଡି ଜଙ୍ଗଲରେ ସାଥୀମାନଙ୍କ ସହ ଲୁଚି ରହିଛନ୍ତି। ପୋଲିସ ବାରମ୍ବାର ଆହ୍ୱାନ ଓ ଚେତାବନୀ ଦେଉଥିଲେ ମଧ୍ୟ ସେ ଆତ୍ମସମର୍ପଣ କରୁନାହାନ୍ତି କି ସାଥୀମାନଙ୍କୁ ଛାଡୁନାହାନ୍ତି। ତେଣୁ ଶୁକ୍ରୁଙ୍କୁ ଧରିବାକୁ ବା ଏନ୍‌କାଉଣ୍ଟର କରିବାକୁ ଯବାନ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ଚାଲିଛି ବଡ଼ ଅପରେଶନ। ଶୁକ୍ରୁ ଏନ୍‌କାଉଣ୍ଟର ନ ହେଲେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଥିବା ଡେଡ୍‌ଲାଇନ୍ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ମାଓବାଦୀମୁକ୍ତ ହେବା କଷ୍ଟକର ହୋଇପଡ଼ିବ। ତେଣୁ ସନ୍ଧାନୀ କୁକୁରଠାରୁ ଆରମ୍ଭ କରି ଡ୍ରୋନ୍ ଏବଂ ଖବରୀକୁ ଅଧିକ ସକ୍ରିୟ କରି ଦେଇଛି ପୋଲିସ। ଦାରିଙ୍ଗବାଡ଼ି ଜଙ୍ଗଲକୁ ଚାରିପଟୁ ଘେରାବନ୍ଦୀ କରାଯାଇ ସର୍ଚ୍ଚ ଅପରେଶ କରାଯାଉଛି। ଥର୍ମାଲ ସେନ୍ସର ଡ୍ରୋନ୍ ରାତିଦିନ ଘଞ୍ଚଜଙ୍ଗଲ ଉପରେ ଉଡ଼ି ଶୁକ୍ରୁଙ୍କୁ ଖୋଜୁଛି। ଜଙ୍ଗଲ ଭିତରେ କୌଣସି ମଣିଷ ହେଉ ଅବା ପ୍ରାଣୀ ରହିଥିଲେ ଏହି ଥର୍ମାଲ ସେନ୍‌ସର ଡ୍ରୋନ୍ ମାଧ୍ୟମରେ ଠାବ କରିହେବ। ତେଣୁ ଦାରିଙ୍ଗବାଡ଼ି ଜଙ୍ଗଲସାରା ଏହି ଡ୍ରୋନ୍ ପାଇଁତରା ମାରି ଶୁକ୍ରୁ ଏବଂ ତାଙ୍କ ସହଯୋଗୀଙ୍କୁ ଖୋଜୁଛି। ଡ୍ରୋନ୍ ଇସାରାରେ ସୁରକ୍ଷା କର୍ମୀ ପାହାଡିଆ ଓ ଦୁର୍ଗମ ଇଲାକା ମଧ୍ୟରେ ପଶି ସର୍ଚ୍ଚ ଅପରେଶନକୁ ଜୋରଦାର କରିଛନ୍ତି।

ଅନ୍ୟପକ୍ଷରେ କନ୍ଧମାଳ ଏସ୍‌ପି ହରିଶ୍ ବସି କହିଛନ୍ତି, ଏବେବି ସମୟ ରହିଛି ଶୁକ୍ରୁ ଓ ତାଙ୍କ ଟିମ୍ ଆତ୍ମସମର୍ପଣ କରୁ। ନ ହେଲେ ଆଉ ୫ ଦିନରେ ଯେଉଁଠି ଥିଲେ ବି ଠାବ କରାଯାଇ ଏନ୍‌କାଉଣ୍ଟର କରାଯିବ। ତେଣୁ ପୋଲିସ ଦେଇଥିବା ନମ୍ବରରେ ଯୋଗାଯୋଗ କରି ଆତ୍ମସମର୍ପଣ କଲେ ସମସ୍ତ ସୁବିଧା ମିଳିପାରିବ। ପୋଲିସ ସେମାନଙ୍କୁ ସବୁପ୍ରକାର ସହଯୋଗ ଯୋଗାଇଦେବ। ଗାଁଲୋକେ ମାଓବାଦୀଙ୍କ ହାତ ଛାଡ଼ି ଦେଇଛନ୍ତି। ତେଣୁ ଜଙ୍ଗଲରେ ଜୀବନ ସାରିବା ପୂର୍ବରୁ ପରିବାର ଲୋକଙ୍କ ସହ ଖୁସିରେ ରହିବାକୁ ଏସ୍‌ପି ଆହ୍ୱାନ ଦେଇଛନ୍ତି।

ମାଲକାନଗିରିର ବାସିନ୍ଦା ଶୁକ୍ରୁ ହେଉଛନ୍ତି କେକେବିଏନ୍‌ର ଷ୍ଟେଟ୍ କମିଟି ମେମ୍ବର। ୮ କମ୍ପାନୀର ନେତୃତ୍ୱ ନେଇ କନ୍ଧମାଳ ଜଙ୍ଗଲ ଭିତରେ ଲୁଚିରହି ସରକାରଙ୍କ ମାଓମୁକ୍ତ ଅଭିଯାନ ବିରୋଧରେ ରଣନୀତି ଚଳାଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ପୋଲିସକୁ ମିଳିଥିବା ତଥ୍ୟ ଅନୁସାରେ, ଶୁକ୍ରୁଙ୍କ ସହ ୩୦ରୁ ଅଧିକ ମାଓବାଦୀ ବର୍ତ୍ତମାନ କନ୍ଧମାଳରେ ଲୁଚି ବୁଲୁଛନ୍ତି। ଗୋଟିଏପଟେ ସଙ୍ଗଠନ ଭିତରେ ବିଦ୍ରୋହ ବଢୁଥିବାବେଳେ ଆରପଟେ ୪୯ ବର୍ଷୀୟ ଶୁକ୍ରୁଙ୍କ ସାହା ଭରସା ସାଜିଛନ୍ତି ନକୁଳ ସହ ଜଣେ ଲେଡି ମାଓବାଦୀ ଶୀଳା। ନକୁଳ ଓ ଶୀଳା ହେଉଛନ୍ତି ଏରିଆ କମିଟି ମେମ୍ବର। ତେଣୁ ଶୁକ୍ରୁଙ୍କ ସହ ଏହି ଦୁଇ ମାଓବାଦୀ ନେତାଙ୍କୁ ମଧ୍ୟ ଜୀବନ୍ତ ଅବା ମୃତ ଅବସ୍ଥାରେ ଧରିବାକୁ ଚାହୁଁଛି ଓଡ଼ିଶା ପୋଲିସ।

# ସାମସନ ସ୍ପେଶାଲ





କୋଲ୍‌କାତାରେ ଭାରତକୁ ମ୍ୟାଚ୍ ଜିତାଇବା ପରେ ଭାବପ୍ରବଣ ସଞ୍ଜୁ ସାମସନ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ କ୍ୟାପ୍ ଖୋଲି ସାମ୍‌ସନଙ୍କୁ ସମ୍ମାନ ଜଣାଉଛନ୍ତି।

## ଭାରତ- ୱେଷ୍ଟଇଣ୍ଡିଜ୍ ସ୍କୋର ବୋର୍ଡ

**ୱେଷ୍ଟଇଣ୍ଡିଜ ଇନିଂସ**
ଶାଇ ହୋପ୍-ବୋ-ବରୁଣ ଚକ୍ରବର୍ତ୍ତୀ-୩୨
ରୋଷ୍ଟନ ଚେଜ୍-କ-ସୂର୍ଯ୍ୟକୁମାର-ବୋ- ବୁମ୍‌ରା-୪୦
ଶିମରନ ହେଟମେୟର-କ-ସାମସନ-ବୋ-ବୁମ୍‌ରା-୪୦
ଶେରଫାନେ ରଥରଫୋର୍ଡ-କ-ସାମସନ-ବୋ-ପାଣ୍ଡ୍ୟା-୧୪
ରୋଭମାନ ପାୱେଲ-ନଟଆଉଟ-୩୪
ଜାସନ ହୋଲ୍ଡର-ନଟଆଉଟ-୩୭
**ଅତିରିକ୍ତ:** ୧୧
**ମୋଟ:** (୨୦ ଓଭର/୪ ଉଇକେଟ) ୧୯୫।
**ଉଇକେଟ ପତନ:** ୧/୬୮, ୨/୧୦୨, ୩/ ୧୦୩, ୪/୧୧୯।
**ବୋଲିଂ (ଭାରତ)**
ଅର୍ଶଦୀପ ସିଂ ୪-୦-୪୩-୦
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୪୦-୧
ଅକ୍ଷର ପଟେଲ ୪-୦-୩୫-୦
ଯଶପ୍ରୀତ୍ ବୁମ୍‌ରା ୪-୦-୩୬-୨।
**ଭାରତ ଇନିଂସ**
ଅଭିଷେକ ବର୍ମା-କ-ହେଟମେୟର-ବୋ-ଅକିଲ-୧୦
ସଞ୍ଜୁ ସାମସନ-ନଟଆଉଟ-୯୭
ଇଶାନ କିଶନ-କ-ହେଟମେୟର-ବୋ-ଜାସନ ହୋଲ୍ଡର-୧୦
ସୂର୍ଯ୍ୟକୁମାର-କ-ରଥରଫୋର୍ଡ-ବୋ ସମର ଜୋସେଫ-୧୮
ତିଳକ ବର୍ମା-କ-ହେଟମେୟର-ବୋ-ଜାସନ ହୋଲ୍ଡର-୨୭
ହାର୍ଦ୍ଦିକ ପାଣ୍ଡ୍ୟା-କ-ଜାସନ ହୋଲ୍ଡର-ବୋ-ଜୋଶେଫ-୧୭
ଶିବମ ଦୁବେ-୮ ନଟଆଉଟ
**ଅତିରିକ୍ତ**-୧୨
**ମୋଟ:** (୧୯.୨ ଓଭର/୫ ଉଇକେଟ ୧୯୯।
**ଉଇକେଟପତନ:** ୧/୨୯, ୨/୪୧, ୩/୯୯, ୪/୧୪୧, ୫/୧୭୯।
**ବୋଲିଂ (ୱେଷ୍ଟଇଣ୍ଡିଜ)**
ଅକିଲ ହୋସେନ ୨-୦-୨୨-୧
ମାଥ୍ୟୁ ଫୋର୍ଡ ୩-୦-୨୨-୦
ଜାସନ ହୋଲ୍ଡର ୪-୦-୩୮-୨
ଗୁଡାକେଶ ମୋତି ୨-୦-୧୮-୦।
ରୋମାରିଓ ଶେଫର୍ଡ ୨.୨-୦-୩୪-୦
ଶକର ଯୋଶେଫ ୪-୦-୪୨-୨
ରୋଷ୍ଟନ ଚେଜ୍ ୨-୦-୧୮-୦।

## ସଞ୍ଜୁ ସାମସନ ପ୍ଲେୟର ଅଫ୍ ଦି ମ୍ୟାଚ୍



ମ୍ୟାଚ୍ ବିଜୟୀ ଇନିଂସ ଖେଳିବା ପରେ ଭାରତର ସଞ୍ଜୁ ସାମସନଙ୍କୁ ୱେଷ୍ଟଇଣ୍ଡିଜ୍‌ର ସିମରନ ହେଟ୍‌ମେୟର ବଧେଇ ଜଣାଉଛନ୍ତି।

## 'ମୁଁ ଏହି ଦିନକୁ ଅପେକ୍ଷା କରିଥିଲି'

**କୋଲକାତା, ୧।୩**

ଏହା ମୋ ପାଇଁ ପୂରା ଦୁନିଆ। ମୋ ମତରେ କ୍ରିକେଟ ଖେଳିବା ଆରମ୍ଭ କରିବା ଦିନଠାରୁ ମୁଁ ଦେଶ ପାଇଁ ଖେଳିବାକୁ ସ୍ୱପ୍ନ ଦେଖିଥିଲି। ମୁଁ ଏହି ଦିନକୁ ଦୀର୍ଘ ବର୍ଷ ହେଲା ଅପେକ୍ଷା କରିଥିଲି। ଏବେ ଦେଶକୁ ଜିତାଇପାରିଥିବାରୁ ମୁଁ କୃତଜ୍ଞ। ମୋ ଅଭିଯାନ ଅନେକ ଉତ୍ଥାନ ଓ ପତନରେ ଭରି ରହିଛି। ନିଜ ଉପରେ ସନ୍ଦେହ ବି ଆସିଥିଲା। ଯଦି କେବେ ସୁଯୋଗ ମିଳିବ, ମୁଁ କରିପାରିବି କି। ମନକୁ ଏଭଳି ପ୍ରଶ୍ନ ଆସେ। କିନ୍ତୁ ମୋର ନିଜ ଉପରେ ବିଶ୍ୱାସ ଥିଲା ଏବଂ ମୋତେ ଆଜି ଆଶୀର୍ବାଦ କରିବା ପାଇଁ ଭଗବାନଙ୍କର ଧନ୍ୟବାଦ। ମୁଁ ବହୁତ ଖୁସି। ମୋ ମତରେ ଏଭଳି ଇନିଂସ ଖେଳିବା ପାଇଁ ଦୀର୍ଘ ବର୍ଷ ହେଲା ଏହି ଫର୍ମାଟରେ ମୁଁ ଖେଳୁଛି। ମୁଁ ୧୦ରୁ ୧୨ ବର୍ଷ ଆଇପିଏଲ୍ ସହିତ ୧୦ ବର୍ଷ ହେଲା ଦେଶ ପାଇଁ ଖେଳୁଛି। ମୁଁ ଡଗ୍‌ଆଉଟ୍‌ରେ ବିରାଟ କୋହଲି, ରୋହିତ ଶର୍ମାଙ୍କ ଭଳି ମହାନ ଖେଳାଳିଙ୍କଠାରୁ ଶିକ୍ଷା କରିଛି। ମୁଁ ଏପର୍ଯ୍ୟନ୍ତ କେବଳ ୫୦ରୁ ୬୦ ମ୍ୟାଚ୍ ଖେଳିଛି। କିନ୍ତୁ ପ୍ରାୟ ୧୦୦ ମ୍ୟାଚ୍ ଡଗଆଉଟ୍‌ରୁ ଦେଖିଛି। ମହାନ ଖେଳାଳିମାନେ କେଉଁ ଭଳି ମ୍ୟାଚ୍ ଶେଷ କରନ୍ତି ଓ ସେମାନେ କେଉଁ ଭଳି ମ୍ୟାଚ୍‌ର ପରିସ୍ଥିତି ମୁତାବକ, ତାଙ୍କ ଗେମକୁ ପରିବର୍ତ୍ତନ କରନ୍ତି, ତାହା ମୁଁ ଦେଖିଛି ବୋଲି ସଞ୍ଜୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହେବା ପରେ କହିଛନ୍ତି। ଏଥିସହିତ ସେ ମ୍ୟାଚ୍ ସମ୍ପର୍କରେ ପ୍ରକାଶ କରିଛନ୍ତି, ଗତ ମ୍ୟାଚ୍‌ରେ ଆମକୁ ବଡ଼ ସ୍କୋର କରିବାର ଥିଲା। ଏଣୁ ମୁଁ ପ୍ରଥମ ବଲରୁ ଆଟାକ ଆରମ୍ଭ କରିଥିଲି। କିନ୍ତୁ ଏହି ମ୍ୟାଚ୍ ଭିନ୍ନ ଥିଲା। ମୋ ମତରେ ମୁଁ ଯେତେବେଳେ ବି ଅଧିକ ଷ୍ଟ୍ରାଇକ୍-ରେଟ୍‌ରେ ଖେଳିବାକୁ ଚାହୁଁଥିଲି, ଆମେ ଉଇକେଟ ହରାଉଥିଲୁ। ଏଣୁ ମୁଁ ପାର୍ଟନରଶିପ୍ କରିବା ଉପରେ ଧ୍ୟାନ ଦେଇଥିଲି। କିନ୍ତୁ ମୁଁ ଏଭଳି କିଛି ସ୍ପେଶାଲ କରିପାରିବି ଚିନ୍ତା କରିପାରି ନ ଥିଲି। ମୋ ମତରେ ଏହା ମୋ ଜୀବନର ସବୁଠୁ ସୁଖଦ ଦିନ।

### ସାମସନଙ୍କ ରେକର୍ଡ

ଭାରତୀୟ ଓପନର ସଞ୍ଜୁ ସାମସନ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ୫୦ ବଲରେ ଅପରାଜିତ ୯୭ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଟି୨୦ ବିଶ୍ୱକପ୍ ଇତିହାସରେ ଟାର୍ଗେଟର ପିଛା କରି ବିଜୟ ହାସଲ କରିବା କ୍ଷେତ୍ରରେ ଏହା ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଏଥିପୂର୍ବରୁ ଏହି ରେକର୍ଡ ପୂର୍ବତନ ଅଧିନାୟକ ବିରାଟ କୋହଲଙ୍କ ନାମରେ ଥିଲା। କୋହଲି ୨୦୨୨ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ଗ୍ରୁପ୍ ମ୍ୟାଚ୍ ଓ ୨୦୧୬ ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ମୋହାଲିଠାରେ ଅପରାଜିତ ୮୨ ରନର ପାଳି ଖେଳିଥିଲେ। ଏହି ତାଲିକାରେ ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ରହିଛନ୍ତି।

## ସଞ୍ଜୁଙ୍କୁ ପରିଶ୍ରମର ଫଳ ମିଳିଛି

ମୁଁ ସର୍ବଦା କୁହେ ଯେ, ଭଲ ଲୋକଙ୍କ ସହ ଭଲ ଘଟଣା ଘଟେ, ଯେଉଁମାନେ ଅପେକ୍ଷା କରିପାରନ୍ତି ଏବଂ ଯେଉଁମାନଙ୍କ ପାଖରେ ଖୁବ ଧୈର୍ଯ୍ୟ ଥାଏ। ଏହା ସଞ୍ଜୁଙ୍କ ପରିଶ୍ରମର ଫଳ। ସେ ଯେତେବେଳେ ଦଳରେ ନ ଥାନ୍ତି, ଖୁବ ପ୍ରାକ୍ଟିସ କରନ୍ତି। ସେ ତାଙ୍କ ପରିଶ୍ରମର ଫଳ ଶ୍ରେଷ୍ଠ ଷ୍ଟେଜରେ ପାଇଛନ୍ତି। ସେ ଯେଉଁଭଳି ବ୍ୟାଟିଂ କରି ଦଳକୁ ଜିତାଇଲେ, ତାହା ପ୍ରଶଂସନୀୟ ଥିଲା ବୋଲି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମ୍ୟାଚ୍ ପରେ କହିଛନ୍ତି।

## ଭାରତର ସବୁଠୁ ବଡ଼ ଚେଜ୍

ୱେଷ୍ଟଇଣ୍ଡିଜ୍ ବିପକ୍ଷ ସୁପର-୮ ମ୍ୟାଚ୍‌ରେ ଭାରତୀୟ ଦଳ ୧୯୬ ରନର ପିଛା କରି ବିଜୟ ଲାଭ କରିଥିଲା। ଟାର୍ଗେଟର ପିଛା କରିବା ଦୃଷ୍ଟିରୁ ଏହା ଟି୨୦ ବିଶ୍ୱକପ୍ ଇତିହାସରେ ଭାରତୀୟ ଦଳ ପାଇଁ ସବୁଠୁ ବଡ଼ ବିଜୟ। ଏଥିପୂର୍ବରୁ ଭାରତୀୟ ଦଳ କୌଣସି ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ୧୮୦ରୁ ଅଧିକ ରନର ପିଛା କରି ମ୍ୟାଚ୍ ଜିତି ନ ଥିଲେ। ୨୦୧୪ ଟି୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୭୬ ରନ ଟାର୍ଗେଟର ପିଛା କରି ଭାରତ ବିଜୟ ହାସଲ କରିଥିଲା, ଯାହାକି ପୂର୍ବରୁ ସବୁଠୁ ବଡ଼ ବିଜୟ ଥିଲା।

## ଲଗାତର ୩ୟ ଥର ସେମିରେ ଭାରତ

ଭାରତୀୟ ଦଳ କ୍ରମାଗତ ତୃତୀୟ ଥର ପାଇଁ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ଗତ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିବା ବେଳେ ୨୦୨୨ ସଂସ୍କରଣରେ ଭାରତ ସେମିଫାଇନାଲରେ ଇଂଲଣ୍ଡଠାରୁ ପରାଜିତ ହୋଇଥିଲା। ମୋଟ ଉପରେ ଭାରତ ଷଷ୍ଠ ଥର ପାଇଁ ଅନ୍ତିମ ୪'ରେ ସ୍ଥାନ ପକ୍କା କରିଛି। ଭାରତ ପୂର୍ବରୁ ୨୦୦୭, ୨୦୦୯, ୨୦୧୦, ୨୦୨୨ ଓ ୨୦୨୪ ସଂସ୍କରଣରେ ସେମିଫାଇନାଲ ଖେଳିଥିଲା।

## ଶତକ ସହ ଦିନିକିଆରୁ ହିଲିଙ୍କ ବିଦାୟ



ଆଲିସା ହିଲିଙ୍କୁ ଭାରତୀୟ ଖେଳାଳି ଗାର୍ଡ ଅଫ୍ ଅନର ଦେଉଛନ୍ତି।

**ହୋବାର୍ଟ, ୧।୩(ପି.ଟି.)**

ଅଷ୍ଟ୍ରେଲିଆ ମହିଳା ଦିନିକିଆ ଦଳର ଅଧିନାୟିକା ଆଲିସା ହିଲି ଏକ ସ୍ମରଣୀୟ ଇନିଂସ ସହ ଦିନିକିଆ କ୍ରିକେଟକୁ ବିଦାୟ ଜଣାଇଛନ୍ତି। ତାଙ୍କର ୧୫୮ ରନର ପାଳି ବଳରେ ଅଷ୍ଟ୍ରେଲିଆ ମହିଳା ଦିନିକିଆ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନ ଭାରତକୁ ୧୮୫ ରନରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଅଷ୍ଟ୍ରେଲିଆ ୩-୦ରେ କ୍ଲିନ ସୁଇପ୍ କରିଛି। ମ୍ୟାଚ୍‌ରେ ୩୫ ବର୍ଷୀୟ ହିଲିଙ୍କ ୧୫୮ ଓ ବେଥ ମୁନିଙ୍କ ଅପରାଜିତ ୧୦୬ ରନର ଅଷ୍ଟ୍ରେଲିଆ ୫୦ ଓଭରରେ ୪୦୯/୭ ସ୍କୋର କରିଥିଲା। ଜବାବରେ ଭାରତ ୪୫.୧ ଓଭରରେ ୨୨୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଆସନ୍ତା ୬ ତାରିଖରୁ ପର୍ଥଠାରେ ଭାରତ ବିପକ୍ଷରେ ଏକମାତ୍ର ପିଙ୍କ ବଲ ଟେଷ୍ଟ ଖେଳିବା ପରେ ହିଲି ତାଙ୍କ ଉଜ୍ଜ୍ୱଳମୟ ଅନ୍ତର୍ଜାତୀୟ କ୍ୟାରିୟର ଶେଷ କରିବେ। ସେ ଦିନିକିଆ ଫର୍ମାଟରେ ୧୨୬ ମ୍ୟାଚ୍‌ରେ ୮ ଶତକ ଓ ୧୯ ଅର୍ଦ୍ଧଶତକ ସହିତ ୩୭୭୭ ରନ କରିଛନ୍ତି। ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳ ପକ୍ଷରୁ ହିଲିଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା।

କ୍ୟାରିୟରର ଅନ୍ତିମ ଦିନିକିଆରେ ହିଲି ୯୮ ବଲରେ ୨୭ ଚୌକା ଓ ୨ ଛକା ବଳରେ ୧୫୮ ରନ କରି ଆଉଟ୍ ହୋଇଥିଲେ। ମୁନି ୮୪ ବଲରେ ୧୦ ଚୌକା ଓ ୧ ଛକା ସହାୟତାରେ ଅପରାଜିତ ୧୦୬ ରନ କରିଥିଲେ। ଭାରତ ପାଇଁ ସ୍ନେହ ରାଣା ଓ ଶ୍ରୀ ଚରନୀ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତୀୟ ଦଳର ପ୍ରାୟ ବ୍ୟାଟରଙ୍କୁ ଭଲ ଆରମ୍ଭ ମିଳିଥିଲା। ହେଲେ କେହି ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଜେମିମା ରୋଡ୍ରିଗ୍ସ ୪୨ (୯ ଚୌକା), ସ୍ନେହ ରାଣା ୪୪(୬ ଚୌକା) ରନ କରିଥିଲେ।

### ମହିଳା ଦିନିକିଆ ସିରିଜ୍: ଅଷ୍ଟ୍ରେଲିଆର କ୍ଲିନ ସୁଇପ

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୫୦ ଓଭରରେ ୪୦୯/୭ (ଆଲିସା କିଙ୍ଗ୍-୧୫୮, ବେଥ ମୁନି-୧୦୬*, ଜର୍ଜିଆ ଭଲ-୬୨ ; ସ୍ନେହ ରାଣା-୨/୬୬, ଶ୍ରୀଚରନୀ-୨/୧୦୬)। ଭାରତ: ୪୫.୧ ଓଭରରେ ୨୨୪/ଅଲଆଉଟ୍ (ସ୍ନେହ ରାଣା-୪୪, ଜେମିମା ରୋଡ୍ରିଗ୍ସ-୪୨, ଦୀପ୍ତି ଶର୍ମା-୨୯ ; ଆଲାନ କିଙ୍ଗ-୪/୩୩, ଜର୍ଜିଆ ୱେରହାମ-୨/୩)।

**ବ୍ୟାଡ୍‌ମିଣ୍ଟନ ସଂଘ ବିବାଦ**

## ଓଓଏ ପକ୍ଷରୁ ତଦନ୍ତ କମିଟି ଗଠିତ

**କଟକ, ୧।୩ (କୁମାରଶ୍ରୀ):** ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ବିରୋଧରେ ଅନିୟମିତତା ଅଭିଯୋଗ ଆସିଛି। ସଂଘର ବରିଷ୍ଠ ପଦାଧିକାରୀ ଅନିୟମିତତାରେ ସମ୍ପୃକ୍ତ ଥିବା ଅଭିଯୋଗ କରି କିଛି କ୍ରୀଡ଼ାବିତ ଏବଂ ଅଭିଭାବକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ ପରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ୍ରମେ ଓଡ଼ିଶା ଅଲିମ୍ପିକ ସଂଘ(ଓଓଏ) ତଦନ୍ତ ନିମନ୍ତେ ଏକ ୩ ଜଣିଆ କମିଟି ଗଠନ କରିଛି। ଉକ୍ତ କମିଟିରେ ଓଓଏ ଉପସଭାପତି ବିନୋଦ ଦାସଙ୍କୁ ଅଧ୍ୟକ୍ଷ କରାଯାଇଥିବା ବେଳେ କାଉନସିଲ ସଦସ୍ୟ ପ୍ରଭାତ ଭୋଳ ଏବଂ ଧୀରେନ ପଲାଇ ସ୍ଥାନ ପାଇଛନ୍ତି। ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ଓଓଏର ଅନୁବନ୍ଧିତ ୟୁନିଟ ନୁହେଁ। ବ୍ୟାଡମିଣ୍ଟନ ଖେଳ ସମ୍ପର୍କିତ ଅଭିଯୋଗ ରହିଥିବାରୁ ତଦନ୍ତରେ ସହଯୋଗ କରିବା ନିମନ୍ତେ ପ୍ରାକ୍ତନ ଖେଳାଳି ହର୍ଷ ରାଉତରାୟଙ୍କୁ କମିଟିରେ ସଦସ୍ୟ ଭାବେ ରଖାଯାଇଛି ବୋଲି ଓଓଏ ପକ୍ଷରୁ ପ୍ରେସବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି। ଘଟଣା ସଂକ୍ରାନ୍ତରେ ତଦନ୍ତ କମିଟି ଅଧ୍ୟକ୍ଷ ବିନୋଦ କହିଛନ୍ତି ଯେ, ଦଳ ଚୟନରେ ଅନିୟମିତତା ହେଉଥିଲା। ପ୍ରଦର୍ଶନ ଦୃଷ୍ଟିରୁ ଖେଳାଳି ବଛାଯାଉ ନ ଥିଲେ। ଏପରିକି ରାଜ୍ୟ ଦଳର ଖେଳାଳିଙ୍କୁ ଦୁର୍ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏ ବାବଦରେ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ନିଲୀନ କୁମାରଙ୍କୁ ପଚାରିବାରୁ ଅନିୟମିତତା ବାବଦରେ କୌଣସି ଅଭିଯୋଗ ଗ୍ରହଣ ହୋଇନାହିଁ କି ଓଓଏ ପକ୍ଷରୁ କୌଣସି ସୂଚନା ମିଳିନାହିଁ ବୋଲି କହିଛନ୍ତି।

## ତୀବ୍ର ହେଉଛି ଏଓସିଏ ବିବାଦ

### ଶୁଭେନ୍ଦୁ ରାୟମହାପାତ୍ରଙ୍କୁ ଅନ୍ତରୀଣ ସଭାପତି ଦର୍ଶାଇଲେ ସମ୍ପାଦକ

**ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)**

ଅଲ୍ ଓଡିଶା ଚେସ୍ ଆସୋସିଏଶନ (ଏଓସିଏ) ମଧ୍ୟରେ କୁହୁଳୁଥିବା ବିବାଦ ଦିନକୁ ଦିନ ତୀବ୍ରରୂପ ନେବାରେ ଲାଗିଛି। ସଂଘର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଦେବବ୍ରତ ଭଞ୍ଜ ଗୋଷ୍ଠୀଙ୍କ ମଧ୍ୟରେ ଫାଟ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଫେବୃଆରୀ ୨୬ରେ ଅନୁଷ୍ଠିତ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ସଭାପତି ସତ୍ୟରଞ୍ଜନ ଆର୍ଥିକ ଅନିୟମିତତା ଅଭିଯୋଗ ଆଣି ସର୍ବସମ୍ମତିକ୍ରମେ ସମ୍ପାଦକଙ୍କୁ ବହିଷ୍କାର କରାଗଲା ବୋଲି ଜଣାଇଥିଲେ। ମାତ୍ର ରବିବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସାଧାରଣ ବୈଠକରେ ବିଭିନ୍ନ ଜିଲାରୁ ଯୋଗ ଦେଇଥିବା କର୍ମକର୍ତ୍ତାଙ୍କ ସମ୍ମତିକ୍ରମେ ସଭାପତିଙ୍କୁ ବହିଷ୍କୃତ କରାଗଲା ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି। ଆସନ୍ତା ୧୧ ତାରିଖରେ ସଭାପତି ଯେଉଁ ବୈଠକ ଡାକିଛନ୍ତି ତାହା ଅସାମ୍ବିଧାନିକ। ସର୍ବସମ୍ମତିକ୍ରମେ ଭଦ୍ରକ ଚେସ୍ ସଂଘର ସଭାପତି ଶୁଭେନ୍ଦୁ ରାୟମହାପାତ୍ରଙ୍କୁ ଏଓସିଏର ଅନ୍ତରୀଣ ସଭାପତି ମନୋନୀତ କରାଯାଇଥିବା ସମ୍ପର୍କରେ ଦେବବ୍ରତ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସଭାପତି ସତ୍ୟରଞ୍ଜନ କହିଛନ୍ତି ଯେ ସମ୍ପାଦକଙ୍କ ନେତୃତ୍ୱରେ ଏବେ ଯେଉଁ ବୈଠକ ବସିଥିଲା ତାହା ଅବୈଧ। ଜଣେ ବହିଷ୍କୃତ ସମ୍ପାଦକଙ୍କର ବୈଠକ ଡାକିବାର ଅଧିକାର ନାହିଁ। ଆସନ୍ତା ୧୧ ତାରିଖରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗରୁ ଜଣେ ଲେଖାଏ ପର୍ଯ୍ୟବେକ୍ଷକ ରହିବେ। ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

## କଳାହାଣ୍ଡି କପ୍: ଆଶୀର୍ବାଦ, ସୁଜଳଙ୍କ ଶତକ

**କଟକ, ୧।୩(କୁମାରଶ୍ରୀ)**



ଆଶୀର୍ବାଦ ସ୍ୱାଇଁ



ସୁଜଳ କୁମାର ସିଂ

ଚଳିତ କଳାହାଣ୍ଡି କପ୍ କ୍ରିକେଟ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ରାଉରକେଲା ୩୧୨ରନରେ ନୂଆପଡ଼ାକୁ ପରାସ୍ତ କରିଛି। ଖୋର୍ଦ୍ଧା ବିଜେବି ସ୍କୁଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା। ନୂଆପଡା ଟସ୍ ଜିତି ରାଉରକେଲାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ତେବେ ଦଳୀୟ ସ୍କୋର ୫ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ଝଟକା ପାଇଥିବା ରାଉରକେଲା ୪ ଉଇକେଟ ବିନିମୟରେ ମୋଟ୍ ୪୧୭ରନ ସଂଗ୍ରହ କରି ନୂଆପଡ଼ା ସମ୍ମୁଖରେ ବିଶାଳ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଦଳର ଅନ୍ୟତମ ଓପନର ତଥା ରାଜ୍ୟ ସିନିୟର ଦଳର ଉଇକେଟ କିପର ଆଶୀର୍ବାଦ ସ୍ୱାଇଁ ୧୩୯ ବଲରୁ ୧୬୫ରନର ଶତକୀୟ ଇନିଂସ ଖେଳିଥିଲେ। ସେହିପରି ମଧ୍ୟକ୍ରମରେ କ୍ରିଜକୁ ଆସିଥିବା ଅଲରାଉଣ୍ଡର ସୁଜଳ କୁମାର ସିଂହ ୧୮ଟି ଚୌକା ଏବଂ ୯ଟି ଛକା ସହାୟତାରେ ୮୧ବଲରୁ ୧୬୦ରନର ବିସ୍ଫୋରକ ଶତକୀୟ ଇନିଂସ ଖେଳିଥିଲେ। ୪୧୮ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନୂଆପଡା ଇନିଂସ ୧୦୫ରନରେ ସୀମିତ ରହିଥିଲା। ଦୁଇ ସ୍ପିନର ଗୌତମ ସୁନା ଏବଂ ଅଙ୍କିତକାର ଜୈସୱାଲ ଯଥାକ୍ରମେ ୫ଟି ଏବଂ ୪ଟି ଉଇକେଟ ଦଖଲ କରିଥିଲେ। ଆଶୀର୍ବାଦ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ରବିବାର ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଅମିନ ଖାଁଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଗଜପତି ୯୧ରନରେ ଗଞ୍ଜାମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗଜପତି ୬ ଉଇକେଟ ବିନିମୟରେ ୨୬୬ରନ କରିଥିଲା। ଜବାବରେ ଗଞ୍ଜାମ ୧୭୫ରନରେ ଅଲଆଉଟ ହୋଇଥଲା। ୪ ଉଇକେଟ ନେଇଥିବା ଅମିନ ପ୍ଲେୟର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ଅନ୍ୟ ମ୍ୟାଚ୍‌ଗୁଡିକରେ କଳାହାଣ୍ଡି ୫ ଉଇକେଟରେ କେନ୍ଦୁଝରକୁ, ଜଗତ୍‌ସିଂହପୁର ୨୫ରନରେ କନ୍ଧମାଳକୁ, ପାରାଦୀପ ୫୮ରନରେ ରାୟଗଡ଼ାକୁ ହରାଇଛି।

# କାଇରାଲିଟି: ପ୍ରକୃତିର ରହସ୍ୟମୟ ସ୍ୱାକ୍ଷର



ପ୍ର. ହିମାଂଶୁ ଶେଖର ବିଶ୍ୱାଳ

''ପୃଥକୀକରଣ ଓ ଆସିମେଟ୍ରିକ ସିନ୍ଥେସିସ ଏହି ଯମଜ ଅଣୁଗୁଡ଼ିକୁ ପୃଥକ୍ କରିବା ବଡ଼ କଷ୍ଟକର, କାରଣ ସେମାନଙ୍କ ଓଜନ ଓ ଗଣନାଙ୍କ ସମାନ। ବୈଜ୍ଞାନିକମାନେ ଏଥିପାଇଁ 'ତାଲା-ଚାବି' ପଦ୍ଧତି (କାଇରାଲ କ୍ରୋମାଟୋଗ୍ରାଫି) କିମ୍ବା ଏନଜାଇମର ସାହାଯ୍ୟ ନିଅନ୍ତି। ତେବେ ସର୍ବୋତ୍ତମ ପଦ୍ଧତି ହେଉଛି 'ଆସିମେଟ୍ରିକ ସିନ୍ଥେସିସ', ଯେଉଁଠାରେ ବିଶେଷ ପ୍ରକ୍ରିୟା ମାଧ୍ୟମରେ ପ୍ରଥମରୁ ହିଁ କେବଳ ଗୋଟିଏ ଦରକାରୀ 'ହାତ'ର ଅଣୁ ପ୍ରସ୍ତୁତ କରାଯାଏ।''





କାଇରାଲିଟି ହେଉଛି ପ୍ରକୃତିର ଏକ ଅଦ୍ଭୁତ ତଥା ରହସ୍ୟମୟ ଗୁଣ। ଗ୍ରୀକ୍ ଶବ୍ଦ 'cheir' (ହାତ)ରୁ ଆସିଥିବା ଏହି ଶବ୍ଦର ସରଳ ଅର୍ଥ ହେଉଛି 'ହସ୍ତତା'। ଯେପରି ଆମର ବାମ ଏବଂ ଡାହାଣ ହାତ ପରସ୍ପରର ପ୍ରତିବିମ୍ବ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଗୋଟିକ ଉପରେ ଆଉ ଗୋଟିଏ ରଖିଲେ ତାହା ସମ୍ପୂର୍ଣ୍ଣ ଭାବେ ମିଶି ନ ଥାଏ, ପ୍ରକୃତିର ଅଣୁଗୁଡ଼ିକ କ୍ଷେତ୍ରରେ ମଧ୍ୟ ସମାନ ନିୟମ ପ୍ରଯୁଜ୍ୟ। ଏହି ପରସ୍ପରର ଦର୍ପଣ-ପ୍ରତିବିମ୍ବ ଭଳି ଦେଖାଯାଉଥିବା ଅଣୁଗୁଡ଼ିକୁ ବିଜ୍ଞାନ ଭାଷାରେ 'ଏନାନ୍ସିଓମର୍ସ' କୁହାଯାଏ। ଏହି ପରିପ୍ରେକ୍ଷୀରେ କାଇରାଲିଟିର ବିଭିନ୍ନ ଦିଗ ବିଷୟରେ ସମ୍ୟକ ଆଲୋଚନା ଉଚିତ ମନେ ହେଉଛି।

### ଜୀବନ ସରଞ୍ଜନାରେ ପ୍ରକୃତିର ଚୟନମୂଳକ ଭୂମିକା

ଯଦି ଆପଣ ଜୀବନର ମୌଳିକ ଗଠନ ପ୍ରଣାଳୀକୁ ଦେଖନ୍ତି, ତେବେ ଜଣାପଡ଼ିବ ଯେ ପ୍ରକୃତି ଆଶ୍ଚର୍ଯ୍ୟଜନକ ଭାବେ ପକ୍ଷପାତପୂର୍ଣ୍ଣ। ପୃଥିବୀର ପ୍ରତ୍ୟେକ ଜୀବ, କ୍ଷୁଦ୍ରତମ ବ୍ୟାକ୍ଟେରିଆଠାରୁ ଆରମ୍ଭକରି ବିଶାଳକାୟ ନୀଳ ତିମି ପର୍ଯ୍ୟନ୍ତ, ସମସ୍ତେ 'ବାମ-ହାତୀ' ଆମିନୋ ଏସିଡ ଏବଂ 'ଡାହାଣ-ହାତୀ' ଶର୍କରା ଦ୍ୱାରା ଗଠିତ। ଊନବିଂଶ ଶତାବ୍ଦୀରେ ଲୁଇ ପାଶ୍ଚର ପ୍ରଥମେ ଆବିଷ୍କାର କରିଥିଲେ ଯେ ଜୀବନର ଏକ 'ହସ୍ତତା' ବା ଦିଗ ରହିଛି। ଯେତେବେଳେ ସେ ଲକ୍ଷ୍ୟ କଲେ ଯେ ମଦ ପ୍ରସ୍ତୁତିରେ ବ୍ୟବହୃତ ଟାର୍ଟ୍ରେଟଗୁଡ଼ିକ ଆଲୋକକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ଘୂରାଉଛନ୍ତି, ସେବେଠାରୁ ଜୀବବିଜ୍ଞାନୀମାନେ ହୋମୋକାଇରାଲିଟିର ରହସ୍ୟ ସହିତ ସଂଘର୍ଷ କରୁଛନ୍ତି: ଜୀବନ କାହିଁକି କେବଳ ଗୋଟିଏ ପାର୍ଶ୍ୱକୁ ବାଛିଲା ? ଏହାର ଉତ୍ତର ଆଜି ବି ବିଜ୍ଞାନ ଜଗତର ସବୁଠାରୁ ବଡ଼ ରହସ୍ୟମୟ କାହାଣୀ ହୋଇ ରହିଛି।

ଏହା ପ୍ରାଥମିକ ସୌରମଣ୍ଡଳର ଧ୍ରୁବୀକୃତ ନକ୍ଷତ୍ର ଆଲୋକ ଯୋଗୁ ହୋଇଥାଉ କିମ୍ବା କୋଟି କୋଟି ବର୍ଷ ପୂର୍ବେ କୌଣସି ଏକ ଆକସ୍ମିକ ରାସାୟନିକ ଘଟଣା ହେତୁ ହୋଇଥାଉ, ଏହାର ପରିଣାମ ହେଉଛି ଆମ ଶରୀର ଏକ 'କାଇରାଲ ପରିବେଶ'। ଆମ ଶରୀରର ଏନଜାଇମ ଏବଂ ରିସେପ୍ଟରଗୁଡ଼ିକ ବାମ ହାତ ପାଇଁ ତିଆରି ହୋଇଥିବା ବିଶେଷ ଗ୍ଲୋଭସ ପରି ; ସେଥିରେ ଏକ ଡାହାଣ-ହାତୀ ଅଣୁ ସହଜରେ ଖାପ ଖାଇପାରିବ ନାହିଁ।

ଔଷଧ ଓ ଚିକିତ୍ସା ବିଜ୍ଞାନରେ 'ଯମଜ' ଅଣୁର ପ୍ରଭାବ ଅନେକ ସମୟରେ ଲାବୋରେଟୋରିରେ ତିଆରି ହେଉଥିବା ଔଷଧରେ ବାମ ଓ ଡାହାଣ-ହାତୀ ଅଣୁର ସମାନ ମିଶ୍ରଣ (ରେସିମେଟ) ଥାଏ। ଏହାର ପରିଣାମ ଭିନ୍ନ ଭିନ୍ନ ହୋଇପାରେ:

**ସକାରାତ୍ମକ:** ଇବୁପ୍ରୋଫେନ ଭଳି ଔଷଧର ଗୋଟିଏ ରୂପ କାମ କରୁଥିବା ବେଳେ ଅନ୍ୟଟି ନିଷ୍କ୍ରିୟ ରହେ।

**ସ୍ୱାଦ ଓ ଗନ୍ଧ:** କାଇରାଲିଟି ଯୋଗୁ ଗୋଟିଏ ଅଣୁ (ଲେମୋନିନ) ଲେମ୍ବୁ ପରି ବାସନା ହେଉଥିବା ବେଳେ ତା'ର ଦର୍ପଣ-ପ୍ରତିବିମ୍ବ କମଳା ପରି ବାସନା ହୁଏ।

**ବିପଜ୍ଜନକ:** ୧୯୫୦ ଦଶକର 'ଥାଲିଡୋମାଇଡ' ଦୁଃଖଦ ଘଟଣା ଏହାର ବଡ଼ ଉଦାହରଣ। ଏହି ଔଷଧର ଗୋଟିଏ ରୂପ ଶାନ୍ତିଦାୟକ ଥିଲା, କିନ୍ତୁ ଅନ୍ୟ ରୂପଟି ଭ୍ରୂଣର ବିକୃତି ପାଇଁ ଦାୟୀ ଥିଲା। ଏହା ପରଠାରୁ ଔଷଧର ପ୍ରତିଟି 'ହାତ'କୁ ପୃଥକ ଭାବେ ପରୀକ୍ଷା କରିବା ବାଧ୍ୟତାମୂଳକ ହୋଇଛି।

ପୃଥକୀକରଣ ଓ ଆସିମେଟ୍ରିକ ସିନ୍ଥେସିସ ଏହି ଯମଜ ଅଣୁଗୁଡ଼ିକୁ ପୃଥକ କରିବା ବଡ଼ କଷ୍ଟକର, କାରଣ ସେମାନଙ୍କ ଓଜନ ଓ ଗଣନାଙ୍କ ସମାନ। ବୈଜ୍ଞାନିକମାନେ ଏଥିପାଇଁ 'ତାଲା-ଚାବି' ପଦ୍ଧତି (କାଇରାଲ କ୍ରୋମାଟୋଗ୍ରାଫି) କିମ୍ବା ଏନଜାଇମର ସାହାଯ୍ୟ ନିଅନ୍ତି। ତେବେ ସର୍ବୋତ୍ତମ ପଦ୍ଧତି ହେଉଛି 'ଆସିମେଟ୍ରିକ ସିନ୍ଥେସିସ', ଯେଉଁଠାରେ ବିଶେଷ ପ୍ରକ୍ରିୟା ମାଧ୍ୟମରେ ପ୍ରଥମରୁ ହିଁ କେବଳ ଗୋଟିଏ ଦରକାରୀ 'ହାତ'ର ଅଣୁ ପ୍ରସ୍ତୁତ କରାଯାଏ। ଏହା ଏକ ଏପରି ପ୍ରଭାବଶାଳୀ କ୍ଷେତ୍ର ଯେ ଏଥିପାଇଁ ୨୦୦୧ ଏବଂ ୨୦୨୧ ମସିହାରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏକ 'କାଇରାଲ କାଟାଲିଷ୍ଟ' (ଏକ କ୍ଷୁଦ୍ର ଆଣବିକ ଉପକରଣ ଯାହା ଏକ ଛାଞ୍ଚ ପରି କାମ କରେ) ବ୍ୟବହାର କରି ରସାୟନବିଜ୍ଞାନୀମାନେ ଏକ ରାସାୟନିକ ପ୍ରତିକ୍ରିୟାକୁ କେବଳ ଗୋଟିଏ ଦିଗରେ ଅଣୁ ଗଠନ କରିବା ପାଇଁ ବାଧ କରିପାରନ୍ତି। ଏହା ଏକ ଏପରି ଛାଞ୍ଚ ବ୍ୟବହାର କରିବା ସହ ସମାନ, ଯାହା କେବଳ ବାମ-ହାତୀ ଗ୍ଲୋଭସ ତିଆରି କରିବାକୁ ଅନୁମତି ଦିଏ। ଔଷଧ ଶିଳ୍ପ ପାଇଁ ଏହି ପଦ୍ଧତି ହେଉଛି 'ଗୋଲ୍ଡ ଷ୍ଟାଣ୍ଡାର୍ଡ' ବା ସର୍ବୋତ୍ତମ ମାନଦଣ୍ଡ, କାରଣ ଏହା ଅତ୍ୟନ୍ତ ଦକ୍ଷ ଏବଂ ଏଥିରେ କୌଣସି ଜିନିଷ ନଷ୍ଟ ହୁଏନାହିଁ।

### ଭବିଷ୍ୟତର ପ୍ରଯୁକ୍ତି

କ୍ୱାଣ୍ଟମ ଏନକ୍ରିପ୍ସନ ଓ ସ୍ପିନ୍ଟ୍ରୋନିକ୍ସ ଆଜି କାଇରାଲିଟି କେବଳ ରସାୟନ ବିଜ୍ଞାନରେ ସୀମିତ ନାହିଁ। ଆଲୋକର କାଇରାଲିଟି (ବୃତ୍ତାକାର ଧ୍ରୁବୀକୃତ ଆଲୋକ)କୁ ବ୍ୟବହାର କରି କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗରେ ଅତି ସୁରକ୍ଷିତ ତଥ୍ୟ ପଠାଯାଇପାରୁଛି। ନିକଟରେ ଆବିଷ୍କୃତ CISS (Chiral-Induced Spin Selectivity) ପ୍ରଭାବ ବ୍ୟବହାର କରି ଏପରି 'ସ୍ପିନ ଫିଲ୍ଟର୍' ତିଆରି କରାଯାଉଛି, ଯାହା କମ୍ପ୍ୟୁଟରକୁ ହଜାରେ ଗୁଣ ଅଧିକ ଦ୍ରୁତ ଓ ଶକ୍ତି-ଦକ୍ଷ କରିପାରିବ। ଏପରିକି ଜାଲିଆତି ରୋକିବା ପାଇଁ ଦାମୀ ସାମଗ୍ରୀରେ 'କାଇରାଲ କାଳି'ର ବ୍ୟବହାର କରାଯାଉଛି।

ମହାକାଶରେ ଜୀବନର ସନ୍ଧାନ ସବୁଠାରୁ ରୋମାଞ୍ଚକର କଥା ହେଉଛି, ପୃଥିବୀ ବାହାରେ ଜୀବନ ଖୋଜିବା ପାଇଁ କାଇରାଲିଟି ଏକ 'ବାୟୋସିଗ୍ନେଚର୍' ବା ଜୈବିକ ସଙ୍କେତ। ମହାକାଶର ପଦାର୍ଥ ବିଜ୍ଞାନ ସାଧାରଣତଃ ୫୦/୫୦ ର ମିଶ୍ରଣ ପସନ୍ଦ କରେ, କିନ୍ତୁ ଜୀବବିଜ୍ଞାନ କେବଳ ଗୋଟିଏ ପାର୍ଶ୍ୱକୁ ବାଛିଥାଏ। ଯଦି କୌଣସି ଗ୍ରହରୁ ଆମେ କେବଳ ଏକ-ପାଖିଆ ଅଣୁ ପାଉ, ତେବେ ସେଠାରେ ଜୀବନ ଥିବାର ସମ୍ଭାବନା ନିଶ୍ଚିତ ହେବ। ମର୍ଚିସନ ଉଲ୍କାପିଣ୍ଡରୁ ମିଳିଥିବା ସୂଚନା ଅନୁଯାୟୀ, ଆମ ଜୀବନର ଏହି 'ବାମ-ହାତୀ' ପ୍ରେମ ବୋଧହୁଏ ମହାକାଶରୁ ହିଁ ଆରମ୍ଭ ହୋଇଥିଲା।

ଶେଷରେ କାଇରାଲିଟି ପ୍ରମାଣ କରେ ଯେ ବ୍ରହ୍ମାଣ୍ଡ ଏକ ଅତ୍ୟନ୍ତ ସୂକ୍ଷ୍ମ ଓ ନିର୍ଦ୍ଦିଷ୍ଟ ନକ୍ସାରେ ଗଢ଼ା। ଆମ ଡିଏନ୍‌ଏର ସର୍ପିଳ ମୋଡ଼ଠାରୁ ଆରମ୍ଭ କରି ମହାକାଶର ଗଭୀରତା ପର୍ଯ୍ୟନ୍ତ, ଏହି ଆଣବିକ ସମତା ଓ ଅସମତାର ନୃତ୍ୟ ହିଁ ଜୀବନର ପ୍ରକୃତ ସତ୍ତା। ଏହି ରହସ୍ୟକୁ ବୁଝିବା ପାଇଁ ଭାଇବ୍ରେସନାଲ ସର୍କୁଲାର୍ ଡିକ୍ରୋଇଜିମ (ଭିସିଡି) ସ୍ପେକ୍ଟ୍ରୋସ୍କୋପି ଭଳି ଆଧୁନିକ ଉପକରଣ ଆଜି ବୈଜ୍ଞାନିକମାନଙ୍କ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ସାଜିଛି।

-ରସାୟନ ବିଜ୍ଞାନ ବିଭାଗ, ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (NISER), ଭୁବନେଶ୍ୱର
ମୋ : ୯୧୭୮୩୧୧୧୮୮

# କିଡ୍‌ନୀର ଅକ୍ଷମତା



କିଡ୍‌ନୀ ଏପରି ଏକ ଅଙ୍ଗ, ଯାହା ପ୍ରାୟ ୮୦-୯୦ ଶତାଂଶ ଅକ୍ଷମ ନ ହୋଇପଡ଼ିବାର ପୂର୍ବ ପର୍ଯ୍ୟନ୍ତ ରୋଗୀକୁ ସେ ସମ୍ପର୍କରେ କିଛି ଜଣାପଡ଼େନି। ପୁଣି ଅନେକ କ୍ଷେତ୍ରରେ ଗୋଟିଏ କିଡ୍‌ନୀ କାର୍ଯ୍ୟରହିତ ହୋଇପଡ଼ିଥିଲେ ମଧ୍ୟ ଅନ୍ୟ କିଡ୍‌ନୀଟି ସନ୍ତୋଷଜନକ ଭାବରେ କାର୍ଯ୍ୟ କରି ଚାଲିଥିବାରୁ କିଡ୍‌ନୀ ଅସୁସ୍ଥତା ବିଷୟରେ କୌଣସି ସୂଚନା ମିଳି ନ ଥାଏ। ବିଭିନ୍ନ କାରଣବଶତଃ ଏହା ହଠାତ୍ ଅକାମୀ ହୋଇପଡ଼େ। ଏପରି ଅବସ୍ଥାକୁ କୁହାଯାଏ 'ଆକ୍ୟୁଟ ରେନାଲ ଫେଲ୍ୟୁଓର୍' ବା ଏ.ଆର୍.ଏଫ୍.। କିଡ୍‌ନୀ ମଧ୍ୟ ଦେଇ ଯଥେଷ୍ଟ ରକ୍ତ ପ୍ରଭାବିତ ହୋଇ ନ ପାରିବା ଯୋଗୁ ଏହାର ଅକ୍ଷମତା ଉପୁଜେ। ତରଳ ଝାଡ଼ାବାନ୍ତି ଯୋଗୁ ଡିହାଇଡ୍ରେସନ୍ ହେବା, ଶରୀରରୁ ଅଧିକ ରକ୍ତକ୍ଷୟ ଘଟିବା, ସଂକ୍ରମଣ ବଢ଼ି ସେପ୍ଟିସିମିଆ ହେବା, ବିଷ ଖାଇବା ଇତ୍ୟାଦି କାରଣରୁ ପ୍ରକାଶ ପାଏ ଆକ୍ୟୁଟ୍ କିଡ୍‌ନୀ ଅକ୍ଷମତା। ପରିସ୍ରାର ପରିମାଣ କମିଯିବା, ଅଇ ଉଠାଇବା, ବାନ୍ତି ହେବା, ଭୋକ ମରିଯିବା, ଦୁର୍ବଳତା ଅନୁଭବ କରିବା, ନିଦୁଆ ଲାଗିବା, ଶ୍ୱାସକ୍ରିୟାରେ କଷ୍ଟ ହେବା, ପାଦ ଫୁଲିବା ଆଦି ଏହାର କେତୋଟି ସାଧାରଣ ଲକ୍ଷଣ। ଏଭଳି ଲକ୍ଷଣ ଦେଖାଦେବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ କିଡନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ଆପଣାନ୍ତୁ ସହଜ ଉପାୟ



ନିଜକୁ ସୁସ୍ଥ ରଖିବା ବର୍ତ୍ତମାନ ଏକ ପ୍ରଧାନ କଥା ପାଲଟି ଗଲାଣି। ପ୍ରଥମ କଥା ହେଲା, କୌଣସି ରୋଗର କାରଣ ବିଷୟରେ ଅବଗତ ହେବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସବୁବେଳେ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖନ୍ତୁ। ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ସିଧାସଳଖ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ଯୋଗ, ପ୍ରାଣାୟାମ ପାଇଁ ଯଦି କିଛି ସମୟ ଦେଲେ ତେବେ ତାହା ଆପଣଙ୍କୁ କେତେକାଂଶରେ ସୁସ୍ଥ ରଖିଥାଏ। ବିଶେଷଭାବରେ ଯଦି ଆପଣ ବ୍ଲଡପ୍ରେସର ବା ରକ୍ତଚାପ, ଡାଇବେଟିସ୍ କିମ୍ବା ଆଜ୍‌ମା ସମସ୍ୟା ସହ ଜଡିତ ତେବେ ଏନେଇ ନିଜକୁ ଯେତେ ସତର୍କ ରଖିବେ ସେତେ ଭଲ। ବୟସ ବଢ଼ିବା ସହ ଧୀରେ ଧୀରେ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏହାକୁ କଦାପି ଅଣଦେଖା କରନ୍ତୁ ନାହିଁ। ଠିକ୍ ସମୟରେ ମେଡିସିନ୍ ଖାଆନ୍ତୁ। ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ବିଳମ୍ବରେ ଶୋଇବା କିମ୍ବା ରାତ୍ରଭୋଜନ କରିବା ଅଭ୍ୟାସକୁ ବଦଳାନ୍ତୁ। ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରନ୍ତୁ।

## ଦାନ୍ତବିନ୍ଧା ସହ ସେଲ୍‌ର ସମ୍ପର୍କ

ଥଣ୍ଡା ଆଦି କେତେକ କାରଣରୁ ଦାନ୍ତମୂଳ ବିନ୍ଧିଥାଏ। ତେବେ ଏହା ସହ ସେଲ୍ ବା କୋଷର ସମ୍ପର୍କ ରହିଛି ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ଦାନ୍ତବିନ୍ଧା ଏବଂ ସେଲ୍‌ର ସମ୍ପର୍କ' ବିଷୟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କରିଥିବା ଗବେଷଣାରୁ ଏକଥା ଜାଣିବାକୁ ମିଳିଛି। ଦାନ୍ତ ବିନ୍ଧିବା ପଛରେ ସେଲ୍‌ର କି ସମ୍ପର୍କ ରହିଛି ତାହା ଜାଣିବାକୁ ସେମାନେ ଏନେଇ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଏହି ସେଲ୍‌ଟି ହେଉଛି 'ଆମେଲୋବ୍ଲାଷ୍ଟ'। ଏହି ଭିତରେ ଥିବା ପ୍ରେଟ୍ରୋଷ୍ଟିଲିବେନ୍ ଏବଂ ବ୍ଲୁ ବେରିକ ନାମକ ତତ୍ତ୍ୱ ବଢ଼ିଗଲେ ଥଣ୍ଡା ଯୋଗୁ ଦାନ୍ତମୂଳ ବିନ୍ଧିଥାଏ। ତେବେ ଦାନ୍ତ ବିନ୍ଧାରୁ ଉପଶମ ପାଇବା ଲାଗି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ।



## ଅଧିକ ସମୟ ଭିଡିଓ ଗେମ୍ ଖେଳୁଥିଲେ...

ଭିଡିଓ ଗେମ୍ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଏଥିରେ ଯୁବପିଢ଼ି ବି ପଛରେ ପଡ଼ିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ ହେଲେ, ପରୋକ୍ଷରେ ଏହା କେତେକ ସମସ୍ୟାକୁ ଡାକି ଆଣିଥାଏ। ଯେତେବେଳେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ, ସେତେବେଳେ ତାହା ନିଜର ଦୈନନ୍ଦିନ ଜୀବନଶୈଳୀକୁ କେତେକାଂଶରେ ପ୍ରଭାବିତ କରିବା ଆଶଙ୍କା ରହିଛି। ଭିଡିଓ ଗେମ୍ ଖେଳିବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିବା କେତେକ ବ୍ୟକ୍ତିଙ୍କ ଉପରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ବିଶେଷଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ଦୈନନ୍ଦିନ ଜୀବନଶୈଳୀ ଏହାଦ୍ୱାରାପ୍ରଭାବିତ ହେଉଥିବାର ଜଣାପଡିଥିଲା।



## ଜାଣିରଖନ୍ତୁ



➤ଆପଣଙ୍କର ନିଦ୍ରାଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ପ୍ରତିଦିନ କିଛି ଅଙ୍ଗୁର ଖାଇଲେ ତାହା ସୁନିଦ୍ରାରେ କେତେକାଂଶରେ ସହାୟକ ହୋଇଥାଏ।

➤ରାତିରେ ଶୋଇବା ପୂର୍ବରୁ ପାଦକୁ ଭଲ ଭାବରେ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

➤ଶୋଇବାକୁ ଯିବାର ଦୁଇ ଘଣ୍ଟା ପୂର୍ବରୁ ହେଭି ଏକ୍ସରସାଇଜ କରନ୍ତୁ ନାହିଁ।

➤ସବୁବେଳେ ଏକ ନିର୍ଦ୍ଦିଷ୍ଟ ସମୟରେ ଶୁଅନ୍ତୁ।

➤ବେଡ୍ ରୁମ୍‌ର ପରିବେଶ ସୁନିଦ୍ରାରେ ଅନେକାଂଶରେ ସହାୟକ ହୋଇଥାଏ। ଏହାର ପରିବେଶ ସବୁବେଳେ ଶାନ୍ତ ରହିବା ଦରକାର।

➤ଶୋଇବାକୁ ଯିବା ପୂର୍ବରୁ ନିଜକୁ ଟେନ୍‌ସନ୍‌ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ।

➤ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ, ଆଉ ଏହି ତାଲିକାରେ ହାଲୁକା ଖାଦ୍ୟ ସାମିଲ କରନ୍ତୁ।

## ସ୍ୱା ସ୍ଥ୍ୟ ସୂ ଚ ନା

➔ନିଜକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ପ୍ରଥମେ ବିଶ୍ରାମ ପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଯଦି ଶୋଇବାରେ ଏପଟ ସେପଟ ହୁଏ, ତେବେ ସେଥିଯୋଗୁ ମୁଣ୍ଡ ବିନ୍ଧିବା, ମୁଣ୍ଡ ବୁଲାଇବା, ହାଲିଆ ଲାଗିବା ଆଦି ସମସ୍ୟା ଦେଖାଦେଇଥାଏ। ପରବର୍ତ୍ତୀ ସମୟରେ ଏଗୁଡିକ କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।

➔ବର୍ତ୍ତମାନ ଖରାଦିନ। ତେଣୁ ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ସବୁବେଳେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।

➔ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଖାଇବା ଯଦି ଅଭ୍ୟାସରେ ପରିଣତ ହୋଇଯାଇଛି ତେବେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏଥିଯୋଗୁ ପେଟଜନିତ ରୋଗ ହେବାର ଆଶଙ୍କା ରହିଛି।



➔କମ୍ପ୍ୟୁଟର ସାମ୍ନାରେ ବସି ଯଦି ସବୁବେଳେ କାମ କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। ମଝିରେ ମଝିରେ କାମରୁ କିଛି ସମୟ ବିରତି ନେଇ ଆଖି ଏବଂ ମୁହଁ ଭଲ ଭାବରେ ଧୁଅନ୍ତୁ। ଏହାଦ୍ୱାରା ଆଖିକୁ ଆରାମ ମିଳିଥାଏ।

➔ସ୍ନାୟୁଜନିତ ସମସ୍ୟା ଥିଲେ ନିଜକୁ ଟେନ୍‌ସନ୍‌ଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। କାରଣ ଟେନ୍‌ସନ୍‌ର ବଶବର୍ତ୍ତୀ ହେଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଏବଂ ସ୍ନାୟୁ ଉପରେ ପଡ଼ିଥାଏ।

➔ପ୍ରତିଦିନ ତଟକା ଫଳମୂଳ ଖାଆନ୍ତୁ। ହେଲେ ଖାଦ୍ୟ ଖାଇବାର ଠିକ୍ ପରେ ପରେ ଫଳମୂଳ ଖାଆନ୍ତୁ ନାହିଁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଶରୀର ପାଇଁ ବେଶ୍ ଉପକାରୀ।

# ବୃଦ୍ଧିପାଉଛି ପ୍ଲାଷ୍ଟିକ ପ୍ରଦୂଷଣ

ପ୍ଲାଷ୍ଟିକ ପ୍ରଦୂଷଣ ମଧ୍ୟ ସ୍ଥଳଭାଗରେ ନିଜର କାୟା ବିସ୍ତାର କରି ଚାଲିଛି। ପ୍ଲାଷ୍ଟିକ ଆବର୍ଜନାକୁ ଖାଦ୍ୟ ବୋଲି ମନେକରି କିଛି ଜୀବ ଭକ୍ଷଣ କରିଥାନ୍ତି। ଏହା ସେମାନଙ୍କ ଅନ୍ତନଳୀରେ ପ୍ରବେଶ କରି ଖାଦ୍ୟପଥକୁ ବନ୍ଦ କରିଦିଏ। ଏହା ମଧ୍ୟ ସମୟକ୍ରମେ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜରିଆରେ ପ୍ରାଣୀର ଜୀବକୋଷରେ ପ୍ରବେଶ କରେ। ଏହାଦ୍ୱାରା କର୍କଟ ରୋଗ ସୃଷ୍ଟି ହେବା ସାଙ୍ଗକୁ ହରମୋନ୍ କ୍ଷରଣରେ ଅନିୟମିତତା ଉପୁଜ ହୁଏ ଯାହା ସମୟକ୍ରମେ ପ୍ରାଣୀର ପ୍ରଜନନ କ୍ଷମତା, ବୃଦ୍ଧି ହାର ଓ ମାନସିକ ଅବଧାରଣା ପ୍ରକ୍ରିୟାକୁ ଗୁରୁତର ପ୍ରଭାବିତ କରେ। ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ମଧ୍ୟ ବର୍ଷକୁ ପ୍ରାୟ ଏକ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି ବୋଲି ଜଣାଯାଏ। ପ୍ଲାଷ୍ଟିକଜାତ ପଦାର୍ଥ ମଧ୍ୟ ମାଟିରେ ପୋତି ହୋଇ ପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମିଯିବା ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟିବା ସହ ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି। ପ୍ଲାଷ୍ଟିକ ଆବର୍ଜନା ସୋରେଜ ନାଳୀରେ ପ୍ରବେଶ କରି ମଇଳା ଜଳର ପ୍ରବାହକୁ ବାଧାପ୍ରାପ୍ତ କରିଥାଏ, ଯାହାକୁ ସଫା କରିବା ପାଇଁ ବାର୍ଷିକ ପ୍ରାୟ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ।






# ଓଡ଼ିଶା-ଚେନ୍ନାଇନ୍ ଏଫ୍‌ସି ମ୍ୟାଚ୍ ଡ୍ର'

ଭୁବନେଶ୍ୱର,୧।୩ (ଅନାଦି କର)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ୍ ୧-୧ ଗୋଲରେ ଡ୍ର' ଭାବେ ଶେଷ ହୋଇଛି। ଫଳରେ ଉଭୟ ଦଳକୁ ୧ ଲେଖାଏ ପଏଣ୍ଟ ଦିଆଯାଇଛି।

## ଆଇଏସ୍‌ଏଲ୍

ଏଥିଯୋଗୁ ଓଡ଼ିଶା ଲଗାତର ଦୁଇ ମ୍ୟାଚ୍‌ରେ ଦୁଇ ଡ୍ର' ସହ ପୂର୍ବ ଭଳି ନବମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବା ଚେନ୍ନାଇନ ଏହି ମ୍ୟାଚ୍ ଜରିଆରେ ପଏଣ୍ଟ ଖାତା ଖୋଲିଛି। ଦଳ ବର୍ତ୍ତମାନ ୧ ପଏଣ୍ଟ ସହ ଦଶମ ସ୍ଥାନରେ ରହିଛି।

ଉଭୟ ଦଳ ସମାନ ୪-୪-୨ ଫର୍ମେଶନ ସହ ମ୍ୟାଚ୍‌କୁ ଓହ୍ଲାଇଥିଲେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ପ୍ରାୟତଃ ଗୋଲ ଶୂନ୍ୟ ରହିଥିଲା। ମାତ୍ର ଇଞ୍ଜୁରି ଟାଇମରେ ଚେନ୍ନାଇନ ଦଳକୁ ଏକ କର୍ନର ମିଳିଥିଲା। ଫାରୁକ ଚୌଧାରୀଙ୍କଠାରୁ ମିଳିଥିବା ଓଭର ହେଡ୍ ପାସକୁ ଏଲସିନୋ (୪୫+୨) ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଚେନ୍ନାଇନ ୧-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟ୍‌ରେ ଓଡ଼ିଶା ଏଫ୍‌ସିକୁ ଏକ ଫ୍ରି-କିକ୍ ମିଳିଥିଲା। ଲାଲଥାଥଙ୍ଗା ଖଲରିଙ୍ଗଠାରୁ ମିଳିଥିବା ପାସକୁ କାର୍ଲସ ଡେଲଗାଡୋ ଗୋଲରେ କନଭର୍ଟ କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହି ସ୍କୋର ଲାଇନ୍ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା।



କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଶ୍ରେୟାଂଶ, ଆର୍ଯ୍ୟନ ଚାମ୍ପିୟନ

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ଫୁଲନଖରାସ୍ଥିତ ସିନର୍ଜି କ୍ୟାମ୍ପସରେ ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ରବିବାର ଉଦ୍‌ଯାପିତ ହୋଇଛି। ଟ୍ରିପଲ 'ସି' ଚେସ୍ କ୍ଲବ୍ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍

## ରାଜ୍ୟ ରାପିଡ ଓ ବ୍ଲିଜ୍ ଚେସ୍ ଉଦ୍‌ଯାପିତ

ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟର ର୍‌ୟାପିଡ୍ ବର୍ଗରେ କଟକର ଶ୍ରେୟାଂଶ ଶୁଭମ୍ ପଟ୍ଟନାୟକ ଓ ବ୍ଲିଜ୍‌ରେ ଯାଜପୁରର ଆର୍ଯ୍ୟନ ବେହେରା ଚାମ୍ପିୟନ ହୋଇଛନ୍ତି। ରାପିଡ୍‌ରେ ଆର୍ଯ୍ୟନ ବେହେରା ରନରଅପ୍ ହୋଇଥିବାବେଳେ ଓମ୍ ଆଦିତ୍ୟ ଖାଡ଼ଙ୍ଗା, ନିଲସୁ ପଟ୍ଟନାୟକ ଓ ଲଭ୍ୟଜ୍ୟୋତି ରାଉତରାୟ ଟପ୍-୫ ଫିନିଶ୍ କରିଥିଲେ। ସେହିପରି ବ୍ଲିଜ୍‌ରେ କେନ୍ଦ୍ରାପଡ଼ାର ଲଭ୍ୟଜ୍ୟୋତି ରାଉତରାୟ ରନରଅପ୍ ହୋଇଥିବାବେଳେ ତପନ ବଡ଼ମୁଣ୍ଡି, ଫକୀର ମାଝି ଓ ଅମ୍ଳାନ ପ୍ରଧାନ ଶୀର୍ଷ ୫ ସ୍ଥାନରେ ରହିଥିଲେ। ଉଭୟ ର୍‌ୟାପିଡ୍ ଓ ବ୍ଲିଜ୍ ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ଆଗାମୀ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଝାଡ଼ଖଣ୍ଡର ରାଞ୍ଚିଠାରେ ଚଳିତ ମାସ ୧୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, କ୍ରୀଡ଼ା ଅଧିକାରୀ ସମରେନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ସଭାପତି ବିଶ୍ୱଜିତ ରାୟ ଓ ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ ଓ ସୂରଜ କୁମାର ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କୃତୀ ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଅନୁପମ ପୁରୁଷ, ଦୀପ୍ତିରାଣୀ ମହିଳା ପ୍ରଥମ

ଭୁବନେଶ୍ୱର, ୧।୩ (ବିଜୟ ରଣା)

କଳିଙ୍ଗ ରନର୍ସ ଟ୍ରଷ୍ଟ ଆନୁକୂଲ୍ୟରେ ନିସମ କନସଲ୍ଟିଂ ସହଯୋଗରେ ନିସମ ଭୁବନେଶ୍ୱର ମାରାଥନ୍‌ର ୭ମ ସଂସ୍କରଣ ରବିବାର ଚନ୍ଦ୍ରଶେଖରପୁରର ଆରଟିଓ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧କିଲୋମିଟର ପୁରୁଷ ବର୍ଗରେ ଅନୁପମ ମହତା, ରଶ୍ମିରଞ୍ଜନ ନାୟକ ଏବଂ ପଙ୍କଜ ସୋରେନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ମହିଳା ବର୍ଗରେ ଦିପ୍ତିରାଣୀ ସାହୁ, ପୂଜା ସିଂ ଓ ନୀତା ପ୍ୟାରେଲାଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିଭଳି ୧୦ କିଲୋମିଟର ପୁରୁଷ ବର୍ଗରେ ପବନ କୁମାର ଯାଦବ, ଦୋଳମଣି ଚିରଗୁଣ, ଦୟାନିଧି ମୁଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳାବର୍ଗରେ ସାକ୍ରା ମୁର୍ମୁ, ପ୍ରଥମ, ଭାବନା ସାହୁ, ଦ୍ୱିତୀୟ ଓ କ୍ଲାଉଡିୟା, ତୃତୀୟ ସ୍ଥାନ ଅଧିକାର କରିଥିଲେ। ୫ କିଲୋମିଟର ବର୍ଗରେ ସାନ୍ତ୍ୱନା ମୂଳକ ପୁରସ୍କାର ସ୍ୱରୂପ ସମସ୍ତ ଧାବକ ଓ ଧାବିକାମାନଙ୍କୁ ପଦକ ପ୍ରଦାନ କରାଯାଇଥିଲା ପାରାଲିମ୍ପିକ ଚାମ୍ପିୟନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ଖୋର୍ଦ୍ଧାର ଏସ୍‌ପି ବିବେକାନନ୍ଦ ଶର୍ମା, ଏବଂ ପୂର୍ବତଟ ରେଳପଥର ଡେପୁଟି ଚିଫ୍ କମର୍ସିଆଲ୍ ମ୍ୟାନେଜର ପ୍ରୀତି ରାଣା, ଆଇଆରଟିଏସ, ଡେପୁଟି ଚିଫ୍ କମର୍ସିଆଲ୍ ମ୍ୟାନେଜର ପ୍ରମୁଖ ଉପସ୍ଥିତ ରହି ବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ, କଳିଙ୍ଗ ରନର୍ସ ଟ୍ରଷ୍ଟର ସ୍ୱାତୀ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ପୁରସ୍କୃତ ଆଥଲେଟ୍।

# ଦ. ଆଫ୍ରିକାର ବିଜୟଧାରା ଜାରି

**ନୂଆଦିଲ୍ଲୀ,୧।୩:** ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଅପରାହ୍ନରେ ଖେଳାଯାଇଥିବା ଏକ ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫ ଉଇକେଟରେ ଜିମ୍ବାୱେକୁ ପରାସ୍ତ କରିଛି। ଜିମ୍ବାୱେ ଦ୍ୱାରା ପ୍ରଦତ୍ତ ୧୫୪ ରନର ଟାର୍ଗେଟକୁ ଦ. ଆଫ୍ରିକା ୧୭.୫ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଚଳିତ ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଦକ୍ଷିଣ ଆଫ୍ରିକା ଅପରାଜେୟ ଭାବେ ସୁପର-୮ ପର୍ଯ୍ୟାୟ ଶେଷ କରିଛି। ମ୍ୟାଚ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ରଜାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଆସନ୍ତା ୪ ତାରିଖରେ ଦକ୍ଷିଣ ଆଫ୍ରିକା ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ଭେଟିବ। ଟସ୍ ଜିତି ବ୍ୟାଟିଂ କରିଥିବା ଜିମ୍ବାୱେ ୨୦ ଓଭରରେ ୭ ଉଇକେଟ ହରାଇ ୧୫୩ ରନ କରିଥିଲା। ଦଳ ପାଇଁ ଅଧିନାୟକ ସିକନ୍ଦର ରଜା ୪୩ ବଲରେ ୭୩ (୮ ଚୌକା ଓ ୪ ଛକା) ଓ କ୍ଲାଇଭ ମାଡାଣ୍ଡେ ୨୦ ବଲରେ ଅପରାଜିତ ୨୬ (୩ ଚୌକା) ରନ କରିଥିଲେ। ଦ. ଆଫ୍ରିକା ପାଇଁ କ୍ୱେନା ମାଫାକା ଓ କର୍ବିନ ବୋଶ୍ଚ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଖୁବ ଶସ୍ତାରେ ଦୁଇ ଓପନର ଅଧିନାୟକ ଏଡେନ ମାରକ୍ରମ (୪) ଓ କ୍ୱିଣ୍ଟନ ଡି କକ୍ (୦)ଙ୍କ ଉଇକେଟ ହରାଇଥିଲା। ଉଭୟଙ୍କୁ ରଜା ପାଭିଲିଅନ ବାଟ ଦେଇଥିଲା। ହେଲେ ରିୟାନ ରିକଲଟନ ୨୨ ବଲରେ ୩୧ (୪ ଛକା), ଡେୱାଲ୍ଡ ବ୍ରେଭିସ ୧୮ ବଲରେ ୪୨ (୨ ଚୌକା ଓ ୪ ଛକା) ଓ ଡେଭିଡ୍ ମିଲର ୨୨(୨ ଲେଖାଏ ଚୌକା ଓ ଛକା) ରନ କରି ଦଳକୁ ଆଗେଇ ନେଇଥିଲେ। ଟ୍ରିଷ୍ଟାନ ଷ୍ଟବ୍ସ (୨୧) ଓ ଜର୍ଜ ଲିଣ୍ଡେ (୩୦ ରନ, ୨ ଚୌକା ଓ ୧ ଛକା) ଅବିଭାଜିତ ଷଷ୍ଠ ଉଇକେଟରେ ୫୩ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଫଳରେ ଦ. ଆଫ୍ରିକା ୧୭.୫ ଓଭରରେ ୫ ଉଇକେଟ ହରାଇ ୧୫୪ ରନ କରି ନେଇଥିଲା। ଜିମ୍ବାୱେ ପାଇଁ ରଜା ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ: ୨୦ ଓଭରରେ ୧୫୩/୭ (ସିକନ୍ଦର ରଜା-୭୩, କ୍ଲାଇଭ ମାଡାଣ୍ଡେ-୨୬*; କ୍ୱେନା ମାଫାକା-୨/୨୧, କର୍ବିନ ବୋଶ୍ଚ-୨/୪୦)। ଦ. ଆଫ୍ରିକା: ୧୭.୫ ଓଭରରେ ୧୫୪/୫(ଡେୱାଲ୍ଡ ବ୍ରେଭିସ-୪୨, ରିୟାନ ରିକଲଟନ-୩୧, ଜର୍ଜ ଲିଣ୍ଡେ-୩୦*; ସିକନ୍ଦର ରଜା-୩/୨୯, ବ୍ରାଡ ଇଭାନ୍ସ-୧/୨୨)।

# ଭାରତୀୟ ଦଳରେ ଓଡ଼ିଶାର ସୁନେଲିତା

ହାଇଦ୍ରାବାଦ, ୧।୩ (ପି.ଟି.)

ମହିଳା ବିଶ୍ୱକପ୍ କ୍ୱାଲିଫାୟର ପାଇଁ ରବିବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଭେଟେରାନ ଗୋଲ୍‌କିପର ତଥା ପୂର୍ବତନ ଅଧିନାୟିକା ସବିତା ପୁନିଆ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯାଇଛନ୍ତି। ମିଡ୍‌ଫିଲ୍ଡର ସାଲିମା ଟେଟେ ଦଳର ନେତୃତ୍ୱ ନେବେ। ଏହି ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ସୁନେଲିତା ଟୋପ୍ପୋଙ୍କୁ ସ୍ଥାନ ମିଳିଛି।

## ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର

ହାଇଦ୍ରାବାଦରେ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ୨୦୨୬ କ୍ୱାଲିଫାୟର୍ସ ମାର୍ଚ୍ଚ ୮ରୁ ୧୪ ପର୍ଯ୍ୟନ୍ତ ହେବ। ୨୦୨୬ ଅଗଷ୍ଟରେ ବେଲଜିୟମ ଓ ନେଦରଲାଣ୍ଡରେ ଖେଳାଯିବାକୁଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ୩ଟି କ୍ୱାଲିଫିକେଶନ ସ୍ଥାନ ପାଇଁ ଆୟୋଜକ ଭାରତ, ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍ସ ଓ ଅଷ୍ଟ୍ରିଆ ପ୍ରତିଯୋଗିତାରେ ଭାଗ ନେବେ। ଦଳଗୁଡ଼ିକୁ ଦୁଇ ବିଭାଗରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରିଆ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ଭାରତ, ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସ ରହିଛନ୍ତି। ଖବର ଅନୁସାରେ ସବିତା ପାରିବାରିକ କାରଣରୁ ଛୁଟିରେ ଅଛନ୍ତି। ଖବର ଅନୁସାରେ ସବିତା ପାରିବାରିକ କାରଣ ଦର୍ଶାଇ ଟୁର୍ନାମେଣ୍ଟ ପୂର୍ବରୁ ଜାତୀୟ କ୍ୟାମ୍ପରେ ଯୋଗଦାନ କରି ନ ଥିଲେ। ତେଣୁ ତାଙ୍କ ନାମ ବିଚାରକୁ ନିଆଯାଇ ନ ଥିଲା। ସାଲିମା ଅଧିନାୟିକା ପଦ ବଜାୟ ରଖିଥିବା ବେଳେ ବଂଶାରି ସୋଲାଙ୍କି ଓ ବିଚୁ ଦେବୀ ଖରିବାମ୍ ଗୋଲ୍ କିପିଂ ଦାୟିତ୍ୱ ନିର୍ବାହ କରିବେ। ଟୁର୍ନାମେଣ୍ଟରେ ଭାରତ ପ୍ରଥମେ ମାର୍ଚ୍ଚ ୮ରେ ଉରୁଗୁଏ ବିପକ୍ଷରେ ଖେଳିବାକୁ ଥିବା ବେଳେ ପରେ ମାର୍ଚ୍ଚ ୯ ଓ ୧୧ରେ ଯଥାକ୍ରମେ ସ୍କଟଲାଣ୍ଡ ଓ ୱେଲ୍ସକୁ ଭେଟିବ।

# ସିନ୍ଧୁ ବର୍ତ୍ତମାନ ସୁରକ୍ଷିତ

**ନୂଆଦିଲ୍ଲୀ, ୧।୩ (ପି.ଟି.):** ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ଏହି ସମୟରେ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ କିପରି ଭୟ ଓ ଆଶଙ୍କା ମଧ୍ୟରେ ଅଟକି ରହିଥିଲେ ତାହା ବର୍ଣ୍ଣନା କରିଛନ୍ତି। ସିନ୍ଧୁଙ୍କ ସହିତ ତାଙ୍କ ଇଣ୍ଡୋନେସୀୟ କୋଚ୍ ଇର୍‌ୱାନସ୍ୟା ଆଦି ପ୍ରତିମା ମଧ୍ୟ ଥିଲେ। ସେମାନେ ବିମାନବନ୍ଦରରେ ଅବତରଣ କରିବାର ମାତ୍ର କିଛି ସମୟ ମଧ୍ୟରେ ବିମାନବନ୍ଦରଠାରୁ ପ୍ରାୟ୧୦୦ମିଟର ଦୂରରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ଏହାର ପ୍ରଭାବରେ ସ୍ଥାନୀୟ ଅଞ୍ଚଳ ଦୋହଲି ଉଠିଥିଲା। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ବର୍ତ୍ତମାନ ସେମାନେ ଏକ ହୋଟେଲରେ ସୁରକ୍ଷିତ ଅଛନ୍ତି। ସିନ୍ଧୁ ଅଲ ଇଂଲଣ୍ଡ ଓପନ ବ୍ୟାଡମିଣ୍ଟନ ଖେଳିବା ଲାଗି ଦୁବାଇରୁ ଲଣ୍ଡନ ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା।

# ଜଗନ୍ନାଥ ଖୁଣ୍ଟିଆଙ୍କୁ 'ଉତ୍କଳଶ୍ରୀ ୨୦୨୬' ଟାଇଟଲ

ଭୁବନେଶ୍ୱର, ୧।୩ (ବିଜୟ ରଣା)

ବଲାଙ୍ଗୀରର ଅନ୍ତର୍ଗତ ଟିଟିଲାଗଡ଼ ହାଇସ୍କୁଲ ଖେଳ ପଡ଼ିଆରେ ୨ୟ ରାଜ୍ୟ ସିନିୟର ପୁରୁଷ, ମହିଳା ଓ ମାଷ୍ଟର୍ସ ବିଭାଗର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସହଯୋଗରେ ସହିଦ ଜିମ୍ନାସିୟମ (ଟିଟିଲାଗଡ଼) ବଲାଙ୍ଗୀର ଜିଲା ସୁନ୍ଦର ସ୍ୱାସ୍ଥ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭୁବନେଶ୍ୱରର ଜଗନ୍ନାଥ ଖୁଣ୍ଟିଆ ଶ୍ରେଷ୍ଠ ବିବେଚିତ ହୋଇ 'ଉତ୍କଳ ଶ୍ରୀ ୨୦୨୬' ଆଖ୍ୟା ଅର୍ଜନ କରିଛନ୍ତି। ଭୁବନେଶ୍ୱର ବଡ଼ି ବିଲ୍ଡିଂ ଆସୋସିଏଶନ ଟିମ୍ ଚାମ୍ପିୟନ ହୋଇଛି। ମହିଳା ବଡ଼ିବିଲ୍ଡିଂ ବିଭାଗରେ ପୁଷ୍ପଲତା ପଣ୍ଡା (ନୟାଗଡ଼), ଅନିତା ମିଶ୍ର (ବରଗଡ଼) ଓ ଅନୁପମା ସ୍ୱାଇଁ (ଭୁବନେଶ୍ୱର) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମାଷ୍ଟର୍ସ ବିଭାଗରେ ପଞ୍ଚାନନ ନାୟକ(ବରଗଡ଼), କାର୍ତ୍ତିକ କୁମାର ମହାପାତ୍ର (ବାଲେଶ୍ୱର) ଓ ପ୍ରମୋଦ ସାହୁ (ବଲାଙ୍ଗୀର) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ତୃତୀୟ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯାଗୀମାନଙ୍କୁ ଆର୍ଥିକ ପୁରସ୍କାର, ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।



ରାଜ୍ୟ ସିନିୟର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟମାନେ।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ ବ୍ରୋଞ୍ଜ



କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶାର ପଦକ ବିଜେତା କରାଟେକା।

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଆନୁକୂଲ୍ୟରେ ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଜାତୀୟ ୨୧ ବର୍ଷରୁ କମ୍ ଓ ସିନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶା ଦଳକୁ ୩ ସ୍ୱର୍ଣ୍ଣ ସହ ମୋଟ ୮ ପଦକ ମିଳିଛି। ଏହା ମଧ୍ୟରେ ୨ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ। ରବିବାର ଅନ୍ତିମ ଦିବସରେ ଅନୁଷ୍ଠିତ ସିନିୟର ମହିଳା ଟିମ୍ କାଟାରେ (ଭାଲେନା ଭାଲେଣ୍ଟିନା, ସୁରୋମିତା ସିହ୍ନା, ଆଲିଶା ସୁବୁଦ୍ଧି, ସୁପ୍ରିୟା ମହାନ୍ତି)

## ଜାତୀୟ କରାଟେ ପ୍ରତିଯୋଗିତା

ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ସିନିୟର ମହିଳା ଟିମ୍ ଫାଇଟିଂ (ଅନୁପମା ସ୍ୱାଇଁ, ସୋନାଲୀ ପାଣିଗ୍ରାହୀ, ଲୋମା ସ୍ୱାଇଁ, ବ୍ରତତୀ ବିଶ୍ୱପ୍ରଭା ପତି, ମୋନାଲି ସାହୁ) ଏବଂ ସିନିୟର ପୁରୁଷ ଟିମ୍ କାଟା (ଯୋଗେଶ ବରିହା, କ୍ରୀଷ୍ଣା ଶିକାରୀ, ମହେଶ ଡୋରା, କାମେଶ ମହାପାତ୍ର)ରେ ଓଡ଼ିଶାକୁ ବ୍ରୋଞ୍ଜ ପଦକ ମିଳିଛି। ଦଳ ସହ ରାଜୀବ କୁମାର ସିଂ ରେଫରି, ଅବିନାଶ ପୁନ୍ଦିର ପ୍ରବନ୍ଧକ ଏବଂ କୋଚ ଭାବେ ଖାରବେଳ ମଲିକ, ଦୀପକ କୁମାର ସାମନ୍ତରା, ସନ୍ତୋଷ ମହାରଣା ଓ ସିନ୍ଧୁ ତନୟା ଖୁଣ୍ଟିଆ (ମହିଳା ପ୍ରବନ୍ଧକ) ଦଳ ସହ ଯାତ୍ରା କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, ସଭାପତି ହରିପ୍ରସାଦ ପଟ୍ଟନାୟକ, ସଞ୍ଜୟ ଦାସ, ବରିଷ୍ଠ ଆଡ୍‌ଭୋକେଟ କାଳି ପ୍ରସାଦ ନନ୍ଦ, ସନତ ନାୟକ, ପ୍ରଶାନ୍ତ ଧଳ, ପ୍ରଦୀପ ସରକାର, ପ୍ରକାଶ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ